RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR
◆VOLUME- 43 ◆ISSUE-42 ◆TUESDAY ◆5 AUGUST 2025 ◆PAGE-12 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୪୨ ◆ମଙ୍ଗଳବାର ◆୫ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



## ଓଭାଲରେ ରୋମାଞ୍ଚକ ଲଢ଼େଇ

### ଶେଷ ଟେଷ୍ଟ ଜିତି ସିରିଜ୍ ବରାବର କଲା ଭାରତ

**ସିରାଜ ପ୍ଲେୟାର ଅଫ୍ ଦି ମ୍ୟାଚ୍**

**ଗିଲ୍ ଓ ରୁଟ୍ ପ୍ଲେୟାର୍ ଅଫ୍ ଦି ସିରିଜ୍**

■ ଓଭାଲ,ଲଣ୍ଡନ, ୪।୮ (ଏଜେନ୍ସି): ଇଂଲଣ୍ଡକୁ ୬ ରନ୍‌ରେ ହରାଇ ଭାରତ ଲଣ୍ଡନର କେନିଂଟନ ଓଭାଲରେ ସୋମବାର ଶେଷ ହୋଇଥିବା ରୋମାଞ୍ଚଭରା ୫ମ ଟେଷ୍ଟରେ ବିଜୟୀ ହୋଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୨-୨ରେ ବରାବର ରହିଛି। ଏହି ସିରିଜ୍‌ର ଲିଡ୍ସରେ ଅନୁଷ୍ଠିତ ପ୍ରଥମ ଓ ଲର୍ଡ୍ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଦ୍ୱିତୀୟ ଓ ଏଠାରେ ଅନୁଷ୍ଠିତ ୫ମ ଟେଷ୍ଟରେ ଭାରତ ବିଜୟୀ ହୋଇଛି। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟର ଫଳାଫଳ ମିଳି ପାରି ନ ଥିଲା। ଶେଷଥର ଲାଗି ଇଂଲଣ୍ଡ ୨୦୧୮ ଘରୋଇ ଟେଷ୍ଟ ସିରିଜ୍‌ରେ ଭାରତକୁ ହରାଇଥିଲା। ଏହି ଟେଷ୍ଟ ବୋଲରଙ୍କ ନିୟନ୍ତ୍ରଣରେ ରହିଥିଲାବେଳେ ଭାରତ ଘରୋଇ ଦଳକୁ ଏହି ଟେଷ୍ଟ ଜିତିବା ଲାଗି ୩୭୪ ରନ୍‌ର ଟାର୍ଗେଟ ଦେଇଥିଲା। ଏହି ଟାର୍ଗେଟକୁ ପିଛା କରି ହ୍ୟାରୀ ବ୍ରୁକ୍ ଓ ଜୋ ରୁଟ୍ ୧୯୫ ରନ୍‌ର ପାର୍ଟନରସିପ୍ ବଳରେ ଦଳକୁ ବିଜୟର ନିକଟବର୍ତ୍ତୀ କରାଇଥିଲେ। କିନ୍ତୁ ଏମାନଙ୍କ ଆଉଟ ପରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୬୭ ରନ୍ କରି ଅଲଆଉଟ ହେବା ଫଳରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ରୋମାଞ୍ଚଭରା ▶ପୃଷ୍ଠା-୭

# ପୁଣି ତେଜିଲା 'ବେଞ୍ଚ' ରାଜନୀତି

### ମହାରାଷ୍ଟ୍ରରେ ଆଉ ଏକ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ରର ଅନୁମତି

**ଓକିଲଙ୍କ କୋର୍ଟକୁ ବଲ୍ ଗଡ଼ାଇଦେଲେ ରାଜସ୍ୱ ମନ୍ତ୍ରୀ**

**ସରକାରଙ୍କ ଆଭିମୁଖ୍ୟ ଦୁର୍ଭାଗ୍ୟଜନକ: ବିଜେଡି**

**ଜିଲ୍ଲା ମଧ୍ୟରେ ଲଢ଼େଇ ଲଗାଉଛନ୍ତି ସରକାର: କଂଗ୍ରେସ**



**ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ୨ ଥର ଚିଠି ଲେଖିଥିଲେ ନବୀନ**

■ ଭୁବନେଶ୍ୱର, ୪।୮ (ସମିସ): ମହାରାଷ୍ଟ୍ରର କୋହ୍ଲାପୁରଠାରେ ଆଉ ଏକ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ଆସନ୍ତା ଅଗଷ୍ଟ ୧୮ ତାରିଖରୁ ଏହି ନୂଆ ବେଞ୍ଚ କାର୍ଯ୍ୟକ୍ଷମ ହେବ। ଏହାକୁ ମିଶାଇ ମହାରାଷ୍ଟ୍ରରେ ହାଇକୋର୍ଟର ବେଞ୍ଚ ସଂଖ୍ୟା ୪ରେ ପହଞ୍ଚିବ। ମହାରାଷ୍ଟ୍ରରେ ନୂଆ ବେଞ୍ଚ ପ୍ରତିଷ୍ଠାକୁ କେନ୍ଦ୍ର ଅନୁମତି ପରେ ପଶ୍ଚିମ ଓଡ଼ିଶାରେ ପୁଣିଥରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜନୀତି ଜୋର୍ ଧରିଛି। ଯଦି ମହାରାଷ୍ଟ୍ରରେ ନୂଆ ବେଞ୍ଚ ପ୍ରତିଷ୍ଠା ପାଇଁ ଅନୁମତି ଦିଆଗଲା, ତେବେ ଓଡ଼ିଶାରେ ଆଉ ଗୋଟାଏ ବେଞ୍ଚ ସ୍ଥାପନ ପାଇଁ କାହିଁକି ସରକାର ନିରବ ରହିଛନ୍ତି ବୋଲି ପଶ୍ଚିମଓଡ଼ିଶାର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରାଜ୍ୟରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। 'ବେଞ୍ଚ' ଦାବିରେ ପଶ୍ଚିମ ଓଡ଼ିଶାରେ ଦୀର୍ଘବର୍ଷ ଧରି ନିରବଚ୍ଛିନ୍ନ ଆନ୍ଦୋଳନ ମଧ୍ୟ ହୋଇଛି। କିନ୍ତୁ ଡିଜିଟାଲ ଯୁଗରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ନ ଥିବା ନେଇ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ଆଧାରରେ ଅତୀତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି କରାଯାଇଛି। ତେବେ ଗତ ନିର୍ବାଚନ ବେଳେ ରାଜ୍ୟରେ କ୍ଷମତାକୁ ଆସିଲେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି। ଏବେ ମହାରାଷ୍ଟ୍ରରେ ନୂଆ ବେଞ୍ଚ ସ୍ଥାପନ ପାଇଁ କେନ୍ଦ୍ରୀୟ ଅନୁମତି ମିଳିବା ପରେ ପଶ୍ଚିମ ଓଡ଼ିଶାରେ ଏହି ଦାବି ଜୋର୍ ଧରିଛି। ଗତକାଲି ବଲାଙ୍ଗୀର ଓକିଲ ସଂଘ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ଉଠାଇଥିବାବେଳ ଆଜି ସମ୍ବଲପୁରରେ ମଧ୍ୟ ଏ ସଂକ୍ରାନ୍ତରେ ଦାବି ହୋଇଛି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ବହୁ ପୁରୁଣା। ଦୀର୍ଘ ଦିନ ଧରି ସ୍ଥାନୀୟ ସାମାଜିକ ସଙ୍ଗଠନ, ଆଇନଜୀବୀ ଏହି ଦାବିକୁ ଦୋହରାଇ ଆସୁଛନ୍ତି। ପ୍ରତି ମାସର ଶେଷ ସପ୍ତାହରେ ଅଦାଲତ ବନ୍ଦ କରି ବେଞ୍ଚ ସ୍ଥାପନ ପାଇଁ ମଧ୍ୟ ଏକ ସମୟରେ ଦାବି କରାଯାଉଥିଲା। ସ୍ଥାନୀୟ ଜନସାଧାରଣ ଓ ଆଇନଜୀବୀଙ୍କ ଦାବିକୁ ଦୃଷ୍ଟିରେ ରଖି ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ସେପ୍ଟେମ୍ବର ୫ ଓ ୨୦୧୯ ଜାନୁଆରୀ ୧୧ ତାରିଖରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ପଶ୍ଚିମ ଓଡ଼ିଶାରେ ବେଞ୍ଚ ସ୍ଥାପନ ପାଇଁ ଅନୁରୋଧ କରିଥିଲେ।

ବିଜେଡି ସାଂସଦମାନେ ଅତୀତରେ ଲୋକସଭା ଓ ରାଜ୍ୟସଭାରେ ମଧ୍ୟ ଏ ସଂକ୍ରାନ୍ତରେ ଦାବି ସହ ସରକାରଙ୍କ ଉତ୍ତର ଲୋଡିଥିଲେ। ମାତ୍ର ଏଯାଏ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ଏବେ ରାଜ୍ୟରେ ବେଞ୍ଚ ଦାବି ପୁଣି ଜୋର ଧରିବା ଆରମ୍ଭ କରିଥିବାବେଳେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସାପ ମରିବନି କି ବାଡ଼ି ଭାଙ୍ଗିବନି ପରି ରକ୍ଷଣାତ୍ମକ ମନ୍ତବ୍ୟ ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ସ୍ଥାୟୀ ବେଞ୍ଚ ଗଠନ ପାଇଁ ବିଭିନ୍ନ ରାଜ୍ୟରେ ଦାବି ହେଉଛି। ଏହା ସପକ୍ଷରେ ଆମେ କାଲି ଥିଲୁ; ଆଜି ମଧ୍ୟ ରହିଛୁ। ଓଡ଼ିଶାରେ ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳରେ ଏହି ବେଞ୍ଚ ପ୍ରତିଷ୍ଠା ପାଇଁ ମଧ୍ୟ ବଡ଼ ଆନ୍ଦୋଳନ ହୋଇଛି। ମାତ୍ର ଏଥିରେ ଯେଉଁ ବ୍ୟବସ୍ଥା ରହିଛି, ସେଥିରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ରାଜ୍ୟପାଳଙ୍କ ମତାମତର ବଡ଼ ଭୂମିକା ରହିଛି। ଯଦି ବେଞ୍ଚ ପ୍ରତିଷ୍ଠା ପାଇଁ ଏକ ସାମଗ୍ରିକ ପ୍ରସ୍ତାବ ଯାଆନ୍ତା, ତାହେଲେ କେନ୍ଦ୍ର ସରକାର ତାହାକୁ ବିଚାର କରନ୍ତେ। ମାତ୍ର ଏଯାଏଁ କେବେବି ଏକ ସାମଗ୍ରିକ ପ୍ରସ୍ତାବ ଯାଇନାହିଁ। ଯେଉଁ ଓକିଲ ସଂଘ ଅଛନ୍ତି, ସେମାନେ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା କଥା ନ କହି ସହମତି ଭିତ୍ତିରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ କଥା ଉଲ୍ଲେଖ କରନ୍ତେ, ତାହେଲେ ବେଞ୍ଚ ପ୍ରତିଷ୍ଠା ଆହୁରି ସୁବିଧା ହୁଅନ୍ତା। ମୁଁ ଏନେଇ ଉଭୟ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର ଓକିଲଙ୍କ ସହ ସମ୍ପର୍କରେ ଅଛି। କେଉଁଠାରେ ବେଞ୍ଚ ପ୍ରତିଷ୍ଠା ହେବ ସେନେଇ ଥରେ ସେମାନଙ୍କ ମଧ୍ୟରେ ସହମତି ଆସିଗଲେ, ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ▶ପୃଷ୍ଠା-୭

**ମହିଳା କର୍ମଚାରୀଙ୍କ ପାଇଁ ନୂଆ ମାର୍ଗଦର୍ଶିକା**

# ସ୍ୱ-ଘୋଷଣାନାମା ଦେଇ କରିପାରିବେ ରାତି ଡ୍ୟୁଟି



**ପୁରୁଷ ଓ ମହିଳାଙ୍କ ମଧ୍ୟରେ ତାରତମ୍ୟ କମିବ: ଶ୍ରମ ମନ୍ତ୍ରୀ**

**ଘୋଷଣାନାମାର ଅର୍ଥ ମହିଳା ନିଜ ସୁରକ୍ଷା ନିଜେ କରିବେ: ପ୍ରମିଳା**

■ ଭୁବନେଶ୍ୱର, ୪।୮ (ସମିସ): ଏଣିକି ରାଜ୍ୟରେ ମହିଳାମାନେ ରାତିରେ ନିଜ କାର୍ଯ୍ୟସ୍ଥଳରେ କାମ କରିବା ପାଇଁ 'ସ୍ୱ-ଘୋଷଣାନାମା' ଦେବେ। ରାତି ସିଫ୍ଟରେ କାମ କରିବାରେ ସେମାନଙ୍କୁ କେହି ବାରଣ କରିବେ ନାହିଁ; ମାତ୍ର ଏଥିପାଇଁ ସେମାନଙ୍କୁ ଘୋଷଣାନାମା ଦେବାକୁ ପଡ଼ିବ। ରାଜ୍ୟ ଶ୍ରମ ବିଭାଗ ଜାରି ହୋଇଥିବା ଏହି ମାର୍ଗଦର୍ଶିକାକୁ ନେଇ ଏବେ ସୃଷ୍ଟି ହୋଇଛି ବିବାଦ। ମହିଳମାନଙ୍କୁ ସୁରକ୍ଷା ଦେବାରେ ସରକାର ଅସମର୍ଥ ହୋଇଛନ୍ତି ଓ ଏଥିପାଇଁ ସେମାନଙ୍କଠାରୁ ସ୍ୱ-ଘୋଷଣାନାମା ନେବା ବ୍ୟବସ୍ଥା କରାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ପୂର୍ବରୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସନ୍ଧ୍ୟା ପରେ ମହିଳାମାନଙ୍କୁ କ୍ୟାମ୍ପସ ମନା ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଯଦିଓ ତାହାକୁ ପରେ ପ୍ରତ୍ୟାହାର କରାଯାଇଛି। ଏବେ ପୁଣି ନିଜ କାର୍ଯ୍ୟସ୍ଥଳରେ ମହିଳାମାନେ ସୁରକ୍ଷିତ ନୁହନ୍ତି ବୋଲି ସରକାର ନିଜେ ସ୍ୱୀକାର କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ଶ୍ରମ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ରାତି ସିଫ୍ଟରେ କାମ କରିବା ପାଇଁ ମହିଳା କର୍ମଚାରୀଙ୍କ ଲିଖିତ ସମ୍ମତି ନେବା ବାଧ୍ୟତାମୂଳକ। ଏହାସହିତ ଗୋଟିଏ ସିଫ୍ଟରେ ଅତି କମରେ ତିନିଜଣ ମହିଳା କର୍ମଚାରୀ ରହିବା ଦରକାର। ଏହାସହିତ ମହିଳାମାନଙ୍କୁ ସେମାନଙ୍କ ବାସସ୍ଥାନ ନିକଟରୁ ଆଣିବା ଓ ଛାଡ଼ିବା ପାଇଁ ଜିପିଏସ ଟ୍ରାକିଂ ସିଷ୍ଟମ୍ ସହିତ ସୁରକ୍ଷିତ ପରିବହନ ସୁବିଧା ▶ପୃଷ୍ଠା-୭

# ପରଲୋକରେ ଦିଶୋମ୍ ଗୁରୁଜୀ



**ଶିବୁ ସୋରେନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ**

**ନବୀନଙ୍କ ଶୋକ**

■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ରାଜ୍ୟସଭା ସାଂସଦ, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍)ର ପ୍ରତିଷ୍ଠାତା ଶିବୁ ସୋରେନଙ୍କ ସୋମବାର ପରଲୋକ ହୋଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ବ୍ରେନ ଷ୍ଟ୍ରୋକ୍ ହେବା ପରେ ତାଙ୍କ ଶରୀରର ବାମ ପାର୍ଶ୍ୱ କାମ କରୁ ନ ଥିଲା। ସେ ଗତ ମାସେ ହେଲା ସେ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ 'ଲାଇଫ ସପୋର୍ଟ ସିଷ୍ଟମ'ରେ ଥିଲେ। ସ୍ନାୟୁ ହୃଦ୍‌ରୋଗ ଏବଂ କିଡ୍‌ନୀ ରୋଗ ବିଶେଷଜ୍ଞଙ୍କ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଥିଲେ। ତେବେ ଆଜି ସକାଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପୂର୍ବରୁ ସୋରେନ ବୃକକ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ମଧୁମେହ ମଧ୍ୟ ଥିଲା। ତାଙ୍କ ହୃତ୍‌ପିଣ୍ଡର ବାଇପାସ୍ ସର୍ଜରୀ ମଧ୍ୟ କରାଯାଇଥିଲା।

ସୋରେନଙ୍କ ପାର୍ଥିବ ଶରୀର ଦିଲ୍ଲୀରୁ ରାଞ୍ଚି ନିଆଯାଇଛି। ରାମଗଡ଼ ନମେରା ଗ୍ରାମରେ ଆସନ୍ତାକାଲି ତାଙ୍କ ଅନ୍ତିମ ସଂସ୍କାର ହେବ। ସୋରେନଙ୍କ ମୃତ୍ୟୁକୁ ନେଇ ଝାଡ଼ଖଣ୍ଡରେ ତିନି ଦିନିଆ ଶୋକ ଘୋଷଣା କରାଯାଇଛି।

ତାଙ୍କ ପରଲୋକ ଖବର ପାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହସ୍ପିଟାଲରେ ପହଞ୍ଚି ▶ପୃଷ୍ଠା-୭

**ସୌମ୍ୟାଶ୍ରୀ ଆତ୍ମଦାହ**

# ନିଜ ଖାତରେ ପଡ଼ିଲା ବିଜେପି ଛାତ୍ର ସଂଗଠନ

**ଘଟଣା ପଛରେ ପୁଲିସର ଷଡ଼ଯନ୍ତ୍ର: ଏବିଭିପି**

**ଆଶା-ଆଶଙ୍କାରେ ଛାତ୍ର ସଂସଦ ନିର୍ବାଚନ**

■ ଭୁବନେଶ୍ୱର, ୪।୮ (ସମିସ): ବହୁ ଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଦୁଇଜଣ କାର୍ଯ୍ୟକର୍ତ୍ତାଙ୍କୁ ବାନ୍ଧିଛି କ୍ରାଇମ୍‌ବ୍ରାଞ୍ଚ। ଷଡ଼ଯନ୍ତ୍ର ଅଭିଯୋଗରେ ଏବିଭିପି ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ଛାତ୍ର ଶୁଭ୍ରସମ୍ବିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳ ଗିରଫ ହୋଇଛନ୍ତି। ସେମାନଙ୍କ ଗିରଫଦାରୀ ଛାତ୍ରୀ ମୃତ୍ୟୁ ଘଟଣାରେ ଏବିଭିପିର ପ୍ରତ୍ୟକ୍ଷ ସମ୍ପୃକ୍ତିକୁ ପଦାରେ ପକାଇ ଦେଇଛି। ଫଳରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଜୋରସୋର୍‌ରେ ପ୍ରସ୍ତୁତି ଆରମ୍ଭ କରିବାକୁ ପ୍ରୟାସ କରୁଥିବା ଏହି ଛାତ୍ର ସଂଗଠନ ପାଇଁ ଶକ୍ତ ଧକ୍କା ଲାଗିଛି। ଛାତ୍ରୀଙ୍କ ଜୀବନକୁ ବାଜି ଲଗାଇ ନିର୍ବାଚନ ପାଇଁ ସଜବାଜ ହେଉଥିବା ଏବିଭିପି ନିଜେ ଖୋଳିଥିବା ଗାତରେ ପଡ଼ିଥିବା ଚର୍ଚ୍ଚା ଜୋର ଧରିଛି। ଏହାସହ ଛାତ୍ର ସଂସଦ ନିର୍ବାଚନର ଭାଗ୍ୟ ଅନ୍ଧାରକୁ ଠେଲି ହୋଇଯାଇଛି।

ଏବିଭିପିର ଦୁଇ କାର୍ଯ୍ୟକର୍ତ୍ତା ଗିରଫ ହେବା ପରେ ଓଡ଼ିଶା ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଉପରେ ଖପ୍ପା ହୋଇଛି ସଂଗଠନ। ଦଳୀୟ ମନୋଭାବ ନେଇ କାର୍ଯ୍ୟ କରିବା ସହ ରାଜନୈତିକ ଗଡ଼ଫାଦରଙ୍କୁ ବଞ୍ଚାଇବାକୁ ପୁଲିସ ପ୍ରୟାସ କରୁଥିବା ଏବିଭିପି ଅଭିଯୋଗ ଆଣିଛି। ଏପରିକି ଘଟଣାରେ ସରକାର ଓ ପ୍ରଶାସନକୁ ଘଟଣା ପାଇଁ ସିଧାସଳଖ ଦାୟୀ କରିଛି। ଗିରଫଦାରୀକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି। ହେଲେ ପୁଲିସକୁ ବ୍ୟବହାର କରି କେଉଁ ରାଜନୈତିକ ଦଳ ଏହି ଷଡ଼ଯନ୍ତ୍ରରେ ଲିପ୍ତ, ସେ ନେଇ ସ୍ପଷ୍ଟ କରିନାହିଁ। ପରୋକ୍ଷରେ ଏହା ଶାସକ ବିଜେପିକୁ ଏବିଭିପିର ନିଶାଣା ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ▶ପୃଷ୍ଠା-୭

## ଆତ୍ମଦାହ ପାଇଁ ପ୍ରବର୍ତ୍ତାଇଥିଲେ ଗିରଫ ଏବିଭିପି ନେତା

**କୋର୍ଟରେ ନୂଆ ପ୍ରମାଣ ଦାଖଲ କଲା କ୍ରାଇମବ୍ରାଞ୍ଚ**

**ଲାଇ୍ ଟେଷ୍ଟିଂ ପାଇଁ ମାଗିଲା ଅନୁମତି**

■ ବାଲେଶ୍ୱର, ୪।୮ (ସମିସ): ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ଗତରାତିରେ କ୍ରାଇମବ୍ରାଞ୍ଚ ୨ ଛାତ୍ରଙ୍କୁ ଗିରଫ କରିବା ପରେ ଘଟଣାରେ ନୂଆ ମୋଡ଼ ଆସିଛି। ଗିରଫଦ୍ୱୟ ହେଲେ, ସୌମ୍ୟାଶ୍ରୀଙ୍କୁ ଆତ୍ମଦାହ ବେଳେ ରକ୍ଷା କରିଥିବା ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳ ଓ ଅନ୍ୟ ଜଣେ ପୂର୍ବତନ ଛାତ୍ର ଶୁଭ୍ରସମ୍ବିତ ନାୟକ। ଦୁହେଁ ଏବିଭିପି ସଂଗଠନ ସହ ଜଡ଼ିତ। ସେମାନଙ୍କ ମଧ୍ୟରୁ ଶୁଭ୍ରସମ୍ବିତ ଏବିଭିପିର ରାଜ୍ୟ ଯୁଗ୍ମ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ରହିଛନ୍ତି। କ୍ରାଇମବ୍ରାଞ୍ଚ ଦୁହିଁଙ୍କୁ ଗତରାତିରେ ବାଲେଶ୍ୱର ଏସ୍‌ଡିଜେଏମ୍ ▶ପୃଷ୍ଠା-୭

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

# ମହିଳା ଡାଟା ଏଣ୍ଟ୍ରି ଅପରେଟର୍‌ଙ୍କୁ ଜେରା

**୩ଜଣଙ୍କୁ ରିମାଣ୍ଡରେ ଆଣି ଅଧିକ ଖୋଳତାଡ଼ କରିବ କ୍ରାଇମବ୍ରାଞ୍ଚ**

**ଉପସଭାପତିଙ୍କ ଅର୍ଥ କାରବାର ତଥ୍ୟ ଦେବାକୁ ୩ ବ୍ୟାଙ୍କକୁ ଚିଠି**

BOARD OF SECONDARY EDUCATION ORISSA
OTET

■ କଟକ, ୪।୮ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଅଧିକ ଅନୁସନ୍ଧାନ ଜାରି ରହିଛି। ଏହି ଘଟଣାରେ ବୋର୍ଡ ଉପସଭାପତି ନୀହାର ରଂଜନ ମହାନ୍ତିଙ୍କ ଗିରଫଦାରୀ ପରେ ଶ୍ରୀ ମହାନ୍ତିଙ୍କ ସହ ଗତ କିଛି ଦିନ ଧରି ବୋର୍ଡ କାର୍ଯ୍ୟାଳୟର ଆଉ କେଉଁମାନେ ଅଧିକ ସମ୍ପର୍କରେ ଥିଲେ, ତାହାର ଖୋଳତାଡ଼ ଜାରି ରହିଛି। ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ବୋର୍ଡ କାର୍ଯ୍ୟାଳୟର ଆଉ ଜଣେ ମହିଳା ଡାଟାଏଣ୍ଟ୍ରି ଅପରେଟରଙ୍କୁ ଜେରା କରାଯାଇଛି। ସମ୍ପୃକ୍ତ ମହିଳା ଡାଟାଏଣ୍ଟ୍ରି ଅପରେଟର୍‌ଙ୍କ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ କି ଭୂମିକା ରହିଥିଲା, ଉପ-ସଭାପତିଙ୍କ ଲାପଟପକୁ ସେ ବ୍ୟବହାର କରିଥିଲେ କି ନାହିଁ; ସେ ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯାଇଛି। ଅପରପକ୍ଷେ, ପ୍ରଶ୍ନପତ୍ର ପ୍ରଘଟ ଘଟଣାର ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ନୀହାର ରଂଜନ ▶ପୃଷ୍ଠା-୭

## ସନ୍ଦେହଘେରରେ ସଭାପତିଙ୍କ ଭୂମିକା

■ ଭୁବନେଶ୍ୱର, ୪।୮ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଉପ-ସଭାପତିଙ୍କ ସମେତ ୮ ଜଣ ଗିରଫ ହୋଇଛନ୍ତି। ଏହି ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଭେଟିଛନ୍ତି। ଲୋକସେବା ଭବନରେ ସୋମବାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଆଲୋଚନା କରିଛନ୍ତି। ▶ପୃଷ୍ଠା-୭

## ହାତବାନ୍ଧି ବସିଛି ଗଣଶିକ୍ଷା ବିଭାଗ

■ ଭୁବନେଶ୍ୱର, ୪।୮ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇଥିବା ଅଧିକାରୀ ଓ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ ବା ପ୍ରଶାସନିକ କାର୍ଯ୍ୟନୁଷ୍ଠାନ ଗ୍ରହଣରେ ଗଣଶିକ୍ଷା ବିଭାଗର ପଛଘୁଞ୍ଚାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଶ୍ନପତ୍ର ପ୍ରଘଟ ହେବା ଜାଣିବା ପରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେବା କଥା। ହେଲେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏପରିକି ଗିରଫ ହୋଇ ଜେଲ ଯାଇଥିବା ସତ୍ତ୍ୱେ ଖୋଦ୍ ବୋର୍ଡ ଉପ-ସଭାପତି ଶ୍ରୀ ମହାନ୍ତିଙ୍କୁ ସରକାର ନିଲମ୍ବନ ମଧ୍ୟ କରାଯାଇ ନାହିଁ। ଅନୁରୂପ ଭାବେ ପରୀକ୍ଷା ପରିଚାଳନାରେ ମୁଖ୍ୟ ଦାୟିତ୍ୱରେ ଥିବା ବୋର୍ଡ ମୁଖିଆ ଶ୍ରୀକାନ୍ତ ତରାଇଙ୍କ ବିରୋଧରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏଣୁ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେଉନାହିଁ ଏବଂ କିଏ ଓ କାହିଁକି ଅଭିଯୁକ୍ତଙ୍କୁ ଘୋଡ଼ାଉଛି ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି।

# ଦୋକାନୀଙ୍କୁ ବୋମାମାଡ଼ କରି ଲୁଟିଲେ ୧୦ ଲକ୍ଷର ଅଳଙ୍କାର



■ ନିଶ୍ଚିନ୍ତକୋଇଲି, ୪।୮ (ସମିସ): ସୋମବାର ବିଳମ୍ବିତ ରାତ୍ରିରେ ନିଶ୍ଚିନ୍ତକୋଇଲି ଥାନା ଅଧୀନ ଅସୁରେଶ୍ୱର ବଜାରରେ ଏକ ବଡ଼ଧରଣର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ବ୍ୟାଙ୍କ ଛକ ରାସ୍ତା ଉପରେ ଜଣେ ଗହଣା ବ୍ୟବସାୟୀଙ୍କୁ ଆକ୍ରମଣ କରିବା ସହ ବୋମାମାଡ଼ କରି ୧୦ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଗହଣା ଲୁଟି ନେଇଛନ୍ତି।

ସୂଚନାନୁଯାୟୀ, ଆଜି ରାତି ପ୍ରାୟ ୯ଟାରେ ଅସୁରେଶ୍ୱର ବଜାରରେ ଥିବା ମହାବୀର ଜୁଏଲାର୍ସର ମାଲିକ ନିରଞ୍ଜନ ସାହୁ ଦୋକାନ ବନ୍ଦ କରି ବାଇକ୍‌ରେ ଘରକୁ ଫେରୁଥିଲେ। ଦୋକାନଠାରୁ ୫ଶହ ମିଟର ଦୂରରେ ହଠାତ୍ ୪ ଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ି ସମ୍ମୁଖକୁ ଚାଲି ଆସିଥିଲେ। ଦୁଇଜଣ ଦୁର୍ବୃତ୍ତ ଶ୍ରୀ ସାହୁଙ୍କୁ ମାଡ଼ିବସି ଆକ୍ରମଣ କରିଥିଲେ। ଅନ୍ୟ ୨ଜଣ ଦୁର୍ବୃତ୍ତ ଲୋକଙ୍କୁ ଭୟଭୀତ କରିବା ପାଇଁ ବଜାର ଉପରକୁ ବୋମାମାଡ଼ କରିଥିଲେ। ବୋମା ବିସ୍ଫୋରଣ ଶବ୍ଦ ଶୁଣି ବଜାରରେ ଥିବା ଅନ୍ୟ ବ୍ୟବସାୟୀମାନେ ଭୟରେ କେହି ବି ଶ୍ରୀ ସାହୁଙ୍କୁ ଉଦ୍ଧାର ପାଇଁ ଆସିପାରି ନଥିଲେ। ▶ପୃଷ୍ଠା-୭

# ବିପଦ ହ୍ରାସ କ୍ଷେତ୍ରରେ ଏନ୍‌ପିଏମ୍ 'ତେଜସ୍'ର ସଫଳତା

ରାଉରକେଲା, ୪।୮ (ସମିସ)



କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ନୂତନ ପ୍ଲେଟ୍ ମିଲ୍ (ଏନପିଏମ)ର ସୁରକ୍ଷା ମଣ୍ଡଳୀ ଦଳ 'ତେଜସ' ପ୍ରାଥମିକ ଡିସ୍କେଲରରୁ ନିର୍ଗତ ଉତ୍ତପ୍ତ ବାଷ୍ପ ସ୍କେଲ୍ ଦ୍ୱାରା ସୃଷ୍ଟି ହେଉଥିବା ବିପଦକୁ ହ୍ରାସ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରିଛି। ଏହି ପଦକ୍ଷେପ, ସକ୍ରିୟ ସୁରକ୍ଷା, ନବସୃଜନ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ କାରଖାନାର ପ୍ରତିବଦ୍ଧତାକୁ ଦୋହରାଇଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟ ଜାନୁଆରୀ ୧୨ ତାରିଖରେ ଆରମ୍ଭ ହୋଇ ଜାନୁଆରୀ ୨୧ ତାରିଖରେ ଶେଷ ହୋଇଥିଲା। ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ ଦୀପକ ସାହୁ, ଇଞ୍ଜିନିୟରିଂ ଆସୋସିଏଟ ଗୋପବନ୍ଧୁ ବେହେରା, ଶୀର୍ଷାନନ୍ଦ ଦାସ ଓ ସୁପ୍ରିୟା ଭୋଇ ତଥା ଫେସିଲିଟେଟର ଏନ୍‌ପିଏମ୍ ବିଭାଗର ସିନିୟର ମ୍ୟାନେଜର ଅଭିଜିତ୍ ପଟ୍ଟନାୟକଙ୍କୁ ନେଇ ଗଠିତ ଏହି ପାଞ୍ଚ ଜଣିଆ 'ତେଜସ' ଦଳ ଡିସ୍କେଲିଂ ଜୋନ୍‌ରେ ଏକ ବିସ୍ତୃତ ସୁରକ୍ଷା ଅଡିଟ୍ କରିଥିଲେ। ଏହାର ଯାଞ୍ଚ ସମୟରେ ଦଳ ୧୦୦ରୁ ଅଧିକ ଅସୁରକ୍ଷିତ ପରିସ୍ଥିତି ଏବଂ କାର୍ଯ୍ୟ ଚିହ୍ନଟ କରିଥିଲା, ଯେଉଁଥିରେ ନିର୍ଗତ ଉତ୍ତପ୍ତ ବାଷ୍ପ ସ୍କେଲ୍ସ ବିପଦକୁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଭାବରେ ଚିହ୍ନଟ କରାଯାଇଥିଲା, ଯାହାର ବିପଦ ସ୍କୋର ୧୬ ରହିଥିଲା। ଏହି ବିଶେଷ ବିପଦମାନଙ୍କରେ ଗୁରୁତର ଆଘାତ, ଅଗ୍ନିକାଣ୍ଡ ଏବଂ ଗୁରୁତ୍ୱପୂର୍ଣ୍ଣ ଉପକରଣଗୁଡିକର କ୍ଷତି ହେବାର ସମ୍ଭାବନା ରହିଥିଲା। ଡିଆଇଏମଏସି (ପରିଭାଷିତ, ମାପ, ବିଶ୍ଳେଷଣ, ଉନ୍ନତି, ନିୟନ୍ତ୍ରଣ) ପଦ୍ଧତି ବ୍ୟବହାର କରି ଏହି ଦଳ ଏହାର ମୂଳ କାରଣଗୁଡିକୁ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରିଥିଲା। ପର୍ଯ୍ୟାପ୍ତ ଚେନ୍ ପରଦା ଅନୁପସ୍ଥିତି, ଖୋଲା କେବୁଲରେ ଅଗ୍ନି ନିରୋଧର ଅଭାବ ଏବଂ ଉଚ୍ଚ-ବିପଦପୂର୍ଣ୍ଣ ଅଞ୍ଚଳରେ ସୁରକ୍ଷା ପ୍ରତିବନ୍ଧକର ଅନୁପସ୍ଥିତି ଭଳି ପ୍ରମୁଖ ଅସୁବିଧା ଗୁଡିକ ଦଳ ଏହାର ଯାଞ୍ଚ ସମୟରେ ଚିହ୍ନଟ କରିଥିଲା। ଏହି ଆହ୍ୱାନଗୁଡ଼ିକର ସଫଳ ମୁକାବିଲା କରିବା ପାଇଁ ଦଳ ଏକ ସୁଦୃଢ଼ ଏବଂ ବହୁମୁଖୀ କାର୍ଯ୍ୟ ଯୋଜନାର କାର୍ଯ୍ୟକାରୀ କରିଥିଲା। ଯେଉଁଥିରେ ଫ୍ଲାଇଂ ସ୍କେଲ୍ ଧାରଣ କରିବା ପାଇଁ ବହୁସ୍ତରୀୟ ଚେନ୍ ପରଦା ସ୍ଥାପନ, ଖୋଲା କେବୁଲ ଏବଂ ମୋଟର କ୍ଷେତ୍ରଗୁଡ଼ିକରେ ଅଗ୍ନି ନିରୋଧୀ, ଅତ୍ୟାବଶ୍ୟକ ଉପକରଣ ପାଇଁ ସୁରକ୍ଷା କବଚ ଓ ବିପଦ ସଚେତନତା ବୃଦ୍ଧି କରିବା ପାଇଁ ଦୃଶ୍ୟ ସତର୍କତା ସାଇନେଜ୍ ନିୟୋଜନ ଅନ୍ତର୍ଭୁକ୍ତ ଥିଲା। କାର୍ଯ୍ୟାନ୍ୱୟନ ପରେ ବିପଦ ସ୍କୋର ୧୬ରୁ ହ୍ରାସ ପାଇ ମାତ୍ର ୪କୁ ପହଞ୍ଚିଥିଲା, ଯାହା କାର୍ଯ୍ୟକ୍ଷେତ୍ରର ସୁରକ୍ଷାରେ ଯଥେଷ୍ଟ ଉନ୍ନତିକୁ ଦର୍ଶାଇଥିଲା। ଏହି ପଦକ୍ଷେପ କେବଳ ୧.୫୬ କୋଟିରୁ ଅଧିକ ମୂଲ୍ୟର ସମ୍ଭାବ୍ୟ ଉତ୍ପାଦନ କ୍ଷତିକୁ ରୋକି ନଥିଲା; ବରଂ ମାସିକ ୨୪ ଘଣ୍ଟା କାର୍ଯ୍ୟ ସମୟ ସଞ୍ଚୟ କରିପାରିଥିଲା। ଅଧିକନ୍ତୁ ଏହା କର୍ମଚାରୀମାନଙ୍କ ମଧ୍ୟରେ ସୁରକ୍ଷା ମନୋବଳ ଏବଂ ଦଳଗତ କାର୍ଯ୍ୟର ଏକ ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବାରେ ବଳିଷ୍ଠ ଅବଦାନ ଥିଲା। ସୂଚନାଯୋଗ୍ୟ, ସେଲ୍‌ଫ, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟରେ ଅନୁଷ୍ଠିତ ୧୬ତମ ସମନ୍ୱିତ ସୁରକ୍ଷା ସର୍କଲ୍ ସମ୍ମିଳନୀରେ 'ତେଜସ୍' ଦଳ ଏହି ଅଭିନବ ପ୍ରକଳ୍ପ ଉପସ୍ଥାପନ କରିବା ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା।

## ଜୁଆ ଆଡ୍ଡାରେ ଚଢ଼ଉ; ୫ ଗିରଫ



**ରାଉରକେଲା, ୪।୮ (ସମିସ):** ଟ୍ରାଫିକ ମାର୍କେଟ ଠାରେ ଚାଲିଥିବା ଜୁଆ ଆଡ୍ଡାରେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ରବିବାର ରାତିରେ ଅତର୍କିତ ଚଢ଼ଉ କରିଥିଲା। ଘଟଣା ସ୍ଥଳରୁ ୫ ଜଣ ଜୁଆଡିଙ୍କୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଥିବାବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ପାନପୋଷ କୋଏଲ ବ୍ୟାଙ୍କ୍ ଅଞ୍ଚଳର ଜଫର ପରୱେଜ୍ (୨୮), ଆନନ୍ଦ ଭବନ ଲେନର ଏମଡି ନୀୟାଜ୍ (୪୨), ଏମଡି ହସନ୍ ଅଲ୍ଲୀ (୨୮), ହସନପୁର ଅଞ୍ଚଳର ଏମଡି ଫିରୋଜ ଅହମଦ ଓରଫ ପପୁ (୨୫) ଓ ଫଟାପାଇପ ଅଞ୍ଚଳର ୟାସିନ ଖାନ (୫୧)। ସେମାନଙ୍କ ଠାରୁ ୧ ଲକ୍ଷ ୩୮ ହଜାର ୪୦ ଟଙ୍କା, ୩ଟି ବାଇକ୍, ୩ଟି ମୋବାଇଲ, ୫୨ଟି ତାସ ଓ ଆସନ ଜବତ କରାଯାଇଛି। ଏହି ଆଡ୍ଡା ବିଗତ ଦିନରୁ ଚାଲିଥିବା ନେଇ ଅଭିଯୋଗ ହୋଇଆସୁଥିବା ବେଳେ ପୁଲିସ ଚଢ଼ଉ କରିଥିବା ଜଣାପଡ଼ିଛି।

## ଅସୁସ୍ଥ ଜର୍ଜ ତିର୍କୀଙ୍କୁ ଭେଟିଲେ ଆର୍‌ଏସ୍‌ପି ଡିଆଇସି



**ରାଉରକେଲା, ୪।୮ (ସମିସ):** ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କୁ ସୋମବାର ରାଉରକେଲା ଇସ୍ପାତ କାରଖାନାର ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା ଭେଟି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

# ଆଇଏନ୍‌ଏସ୍ 'ଅଜୟ', 'ନିସ୍ତାର' ପାଇଁ ଆର୍‌ଏସ୍‌ପିର ଇସ୍ପାତ ଯୋଗାଣ

**ରାଉରକେଲା, ୪।୮ (ସମିସ):** ଗତ ଜୁଲାଇ ମାସରେ ଭାରତର ସର୍ବବୃହତ୍ତ ଇସ୍ପାତ ନିର୍ମାତା ତଥା ମହାରତ୍ନ ପିଏସୟୁ ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍‌ଫ) ଗାର୍ଡେନ୍ ରିଚ୍ ସିପ୍ ବିଲଡର ଆଣ୍ଡ ଇଞ୍ଜିନିୟର୍ସ ଲିମିଟେଡ୍ (ଜିଆରଏସଇ) ଦ୍ୱାରା ଆରମ୍ଭ କରାଯାଇଥିବା ଆଇଏନଏସ 'ଅଜୟ' ଏବଂ ହିନ୍ଦୁସ୍ତାନ ସିପୟାର୍ଡ ଲିମିଟେଡ୍ (ଏଚଏସଏଲ) ଦ୍ୱାରା କମିଶନ କରାଯାଇଥିବା ଆଇଏନଏସ 'ନିସ୍ତାର' ପାଇଁ ଜଟିଳ-ଗ୍ରେଡ୍ ଇସ୍ପାତ ଯୋଗାଣ କରି ସ୍ୱଦେଶୀକରଣରେ ପ୍ରତିରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେଲ୍‌ଫ ସଂରଚନାଗତ ମଜଭୁତି ଏବଂ ଷ୍ଟିଲଥ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରି ଆଇଏନଏସ 'ଅଜୟ' ପାଇଁ ସମ୍ପୂର୍ଣ୍ଣ ପରିମାଣର ସ୍ୱତନ୍ତ୍ର ଡିଏମଆର ଗ୍ରେଡ୍ ଇସ୍ପାତ ପ୍ଲେଟ୍ ଯୋଗାଇଛି। ଜିଆରଏସଇ ଦ୍ୱାରା ସ୍ୱଦେଶୀ ଭାବେ ନିର୍ମିତ ଆଣ୍ଟି-ସବମେରିନ୍ ୱାୟାରଫେୟାର ଶ୍ୟାଲୋ ୱାଟର କ୍ରାଫ୍ଟ (ଏଏସଡବ୍ଲ୍ୟୁ ଏସ୍‌ଡବ୍ଲ୍ୟୁସି) ସିରିଜର ଅଷ୍ଟମ ଏବଂ ଶେଷ ଜାହାଜ। ସେଲ୍‌ଫ ଦ୍ୱାରା ନୂତନ ଭାବରେ କମିଶନ ହୋଇଥିବା ଆଇଏନଏସ 'ନିସ୍ତାର' ପାଇଁ ସମ୍ପୂର୍ଣ୍ଣ ପରିମାଣର ସ୍ୱତନ୍ତ୍ର ଗ୍ରେଡ୍ ପ୍ଲେଟ୍ ମଧ୍ୟ ଯୋଗାଇଛି, ଯାହା ଭାରତର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ଡିଜାଇନ୍ ଏବଂ ନିର୍ମିତ ଡାଇଭିଂ ସପୋର୍ଟ ଜାହାଜ (ଡିଏସ୍‌ଭି)। ଏଚଏସଏଲ ଦ୍ୱାରା ପ୍ରଦାନ କରାଯାଇଥିବା ଆଇଏନଏସ 'ନିସ୍ତାର' ବୁଡ଼ାଜାହାଜ ଉଦ୍ଧାର କାର୍ଯ୍ୟ, ଗଭୀର ସମୁଦ୍ରରେ ଡାଇଭିଂ ଏବଂ ନିରନ୍ତର ପାଟ୍ରୋଲିଂରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଭାରତର ନୌସେନା ଶକ୍ତିକୁ ଆହୁରି ସଶକ୍ତ କରିବା ପାଇଁ ସେଲ୍‌ଫର ପ୍ରତିବଦ୍ଧତା ଜାତୀୟ ପ୍ରତିରକ୍ଷା ଲକ୍ଷ୍ୟ ପ୍ରତି ଏହାର ରଣନୈତିକ ସମର୍ଥନ ଏବଂ ଏକ ଆତ୍ମନିର୍ଭର ଭାରତ ଗଠନରେ ଏହାର ଅନନ୍ୟ ଭୂମିକାକୁ ଦର୍ଶାଉଛି। ପ୍ରତ୍ୟେକ ଟନ୍ ଇସ୍ପାତ ସହିତ ସେଲ୍‌ଫ ଭାରତର ସାମୁଦ୍ରିକ ପ୍ରସ୍ତୁତି ଏବଂ ପ୍ରତିରକ୍ଷା ସ୍ଥିରତାର ମେରୁଦଣ୍ଡ ଗଠନ କରିଚାଲିଛି।




## ଶ୍ରାବଣ ଶେଷ ସୋମବାର

# ଜଳାଭିଷେକ କଲେ ଶତାଧିକ କାଉଡ଼ିଆ



**ରାଉରକେଲା, ୪।୮ (ସମିସ):** ଶ୍ରାବଣ ମାସର ଶେଷ ସୋମବାରରେ ଶତାଧିକ କାଉଡ଼ିଆ ଜଳାଭିଷେକ କରିଛନ୍ତି। ରବିବାର ସନ୍ଧ୍ୟା ସମୟରେ ପଶ୍ଚିମ ଓଡ଼ିଶା ସମେତ ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ଅଞ୍ଚଳର କାଉଡ଼ିଆମାନଙ୍କ ଭିଡ ରାଉରକେଲା ରେଲୱେ ଷ୍ଟେସନ୍‌ଠାରେ ଦେଖିବାକୁ ମିଳିଥିଲା। ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରୁ କାଉଡ଼ିଆ ଦଳ ରାଉରକେଲା ପହଞ୍ଚି ସେଠାରେ ଥିବା ସଙ୍କଟ ମୋଚନ ମନ୍ଦିରରେ ପୂଜା କରିବା ପରେ ବେଦବ୍ୟାସ ବ୍ରାହ୍ମଣୀ ନଦୀ ଘାଟକୁ ଯାଇଥିଲେ। ନଦୀରୁ ପାଣି ଉଠାଇ ପ୍ରଥମେ ବେଦବ୍ୟାସ ମନ୍ଦିର ପ୍ରାଙ୍ଗଣରେ ଥିବା ଚନ୍ଦ୍ରଶେଖର ମନ୍ଦିରରେ ଭଗବାନ ଶିବଙ୍କ ପୂଜା କରିବା ପରେ କାଂସବାହାଲ୍ ସ୍ଥିତ ଘୋଗର୍ ଧାମକୁ ଯାତ୍ରା କରିଥିଲେ। ପାନପୋଷ ଛକରୁ କାଂସବାହାଲ ଛକ ଯାଏଁ ଶତାଧିକ କାଉଡ଼ିଆଙ୍କ ଭିଡ ଦେଖିବାକୁ ମିଳିଥିଲା। ବେଦବ୍ୟାସରୁ କାଂସବାହାଲ୍ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆହାର ସହ ଭଜନର ବ୍ୟବସ୍ଥା କରାଯାଇଥିଲା। ପ୍ରାୟ ୩୦ ହଜାରରୁ ଉଜାର କାଉଡ଼ିଆମାନେ ଜଳାଭିଷେକ କରିଥିଲେ। ଏହି ଅବସରରେ ବେଦବ୍ୟାସ ପୀଠ, ତରକେରା ପୀଠ ଓ ଘୋଗର ଧାମରେ ଶ୍ରଦ୍ଧାଳୁଙ୍କ ମଧ୍ୟ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ପାନପୋଷ, ସିଭିଲ ଟାଉନସିପ, ଏସଟିଆଇ, ଛେଣ୍ଡ, କଳିଙ୍ଗ ବିହାର, ବାସନ୍ତୀ କଲୋନୀ, ଉଦିତନଗର, ପାୱାର ହାଉସ ରୋଡ଼ ସମେତ ସେକ୍ଟର ଅଞ୍ଚଳରେ ଥିବା ଶିବ ମନ୍ଦିରମାନଙ୍କରେ ମଧ୍ୟ କାଉଡିଆମାନେ ଜଳାଭିଷେକ କରିଥିଲେ।

**ବଣାଇଁ:** ବଣାଇଁ ଦେଓଗାଁଠାରେ ଥିବା ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିରରେ ଶ୍ରାବଣ ମାସର ଶେଷ ସୋମବାରରେ କାଉଡିଆ ଭକ୍ତମାନଙ୍କର ଭିଡ଼ ରବିବାର ସନ୍ଧ୍ୟାରୁ ଦେଖିବାକୁ ମିଳିଥିଲା। କାଉଡିଆ ଭକ୍ତମାନଙ୍କ ପାଇଁ ମନ୍ଦିରର ଦ୍ୱାର ଭୋର ୧ ଟା ସମୟରୁ ଖୋଲାଯାଇଥିଲା। ଭକ୍ତମାନେ ଧାଡି ବାନ୍ଧି ଆସି ଶିବଙ୍କୁ ଦର୍ଶନ କରିବା ସହିତ ଜଳାଭିଷେକ କରିଥିଲେ। ଶେଷ ସୋମବାର ହୋଇଥିବାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ବାବା ବାଣେଶ୍ୱରଙ୍କୁ ବ୍ରାହ୍ମଣୀ ନଦୀରୁ ଜଳ ଆଣି ଜଳାଭିଷେକ କରିଥିଲେ। କାଉଡିଆ ଭକ୍ତମାନଙ୍କର ଭିଡକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ଓ ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭକ୍ତମାନଙ୍କ ପାଇଁ ବୋଲବମ କମିଟି ବଣାଇଁଗଡ଼ ତରଫରୁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। ଉନ୍ନୟନ କମିଟି ତରଫରୁ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ବୋଲବମ ଭକ୍ତମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ସୂଚନା ପ୍ରଦାନ କରିଥିଲେ।



## ଶିକ୍ଷକଙ୍କ ବଦଳି ବାତିଲ ଦାବି

# ସ୍କୁଲରେ ତାଲା ପକାଇଲେ ଅଭିଭାବକ



**ବଣାଇଁ, ୪।୮ (ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଅଧୀନସ୍ଥ ଝାରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଅଭିଭାବକମାନେ ତାଲା ପକାଇବା ସହ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠପଢୁଥିବା ବେଳେ ବିଦ୍ୟାଳୟରେ ରହିଛି ୪୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀନିବାସ। ଏହି ସ୍କୁଲରେ ଜଣେ ମାତ୍ର ଶିକ୍ଷକ ରହିଥିବା ବେଳେ ଚାରି ଜଣ ଶିକ୍ଷୟିତ୍ରୀ ଅଛନ୍ତି। କିନ୍ତୁ ଗତ ୧ ତାରିଖ ଦିନ ଏକମାତ୍ର ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ଆଦେଶ ପରେ ଏବେ ପାଠପଢ଼ାରୁ ଆରମ୍ଭ କରି ସୁରକ୍ଷା ଚିନ୍ତାରେ ରହିଛନ୍ତି ଅଭିଭାବକ। ଏହାର ପ୍ରତିବାଦ ସ୍ୱରୂପ ଆଜି ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ବଦଳି ବାତିଲ କରି ଶିକ୍ଷକଙ୍କୁ ଫେରାଇ ଦିଆଯାଉ ବୋଲି ଅଡି ବସିଥିଲେ। ବିଦ୍ୟାଳୟରେ ଚାରିଜଣ ଶିକ୍ଷୟିତ୍ରୀ ପାଠ ପଢ଼ାଇ ପାରନ୍ତି, କିନ୍ତୁ ସୁରକ୍ଷା ପାଇଁ ଶିକ୍ଷକ ଆବଶ୍ୟକ ବୋଲି ସେମାନେ ଯୁକ୍ତି ବାଢ଼ିଥିଲେ। ପୁନଃ ଶିକ୍ଷକ ନଦେବା ଯାଏ ତାଲା ଖୋଲିବୁ ନାହିଁ ବୋଲି ମଧ୍ୟ ସ୍କୁଲ ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ବିଦ୍ୟାଳୟ ସଭାପତି ଡିଲେଶ୍ୱର ସାହୁ, ଉପସଭାପତି ଅନୁଶୟା ସାହୁ, ବେଣୁ କିଷାନ, ରାମଚନ୍ଦ୍ର କିଷାନ, ଆଲମ୍ ଖାନ, କୈଳାସ କିସାନ, ଟିକେଶ୍ୱର କିଷାନ, ଗୌରୀ କିସାନ, ଏଗେନେସ ନାଏକ, ପାୱାର ମୁଣ୍ଡା, ଇଶ୍ୱର ନାଏକ, ବୁଦ୍ଧଦେବ ମୁଣ୍ଡା, ମନୋଜ ସାହୁ, ଗକୁଳ ନାଏକ, ସୁଶାନ୍ତ ନାଏକ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ରହିଥିଲେ। ଖବର ପାଇ ଗୁରୁଣ୍ଡିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବାଙ୍କିରା ପହଞ୍ଚି ଶିକ୍ଷକଙ୍କୁ ଡେପୁଟେସନରେ ବଦଳି କରାଯାଇଥିବା କହିଥିଲେ। ପରେ ଗୁରୁଣ୍ଡିଆ ବିଡିଓ ହାବିଲ ଖାଖା ପହଞ୍ଚି ଅଭିଭାବକମାନଙ୍କୁ ବୁଝାସୁଝା କରିବା ସହ ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୨ଟାରେ ସ୍କୁଲର ତାଲା ଖୋଲିଥିଲା। ପରେ ଛାତ୍ରଛାତ୍ରୀ ସ୍କୁଲ ଭିତରକୁ ପ୍ରବେଶ କରିଥିଲେ।

## ଇସ୍ପାତ ସାହିତ୍ୟ ସଂସଦର କବିତା ଆବୃତ୍ତି ପ୍ରତିଯୋଗିତା



**ରାଉରକେଲା, ୪।୮ (ସମିସ):** ରାଉରକେଲା ସହରର ଅନ୍ୟତମ ପୁରାତନ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ସେକ୍ଟର-୭ ସ୍ଥିତ ସଂସଦ କାର୍ଯ୍ୟାଳୟଠାରେ ସ୍ୱଭାବ ଗଙ୍ଗାଧର ମେହେର ରଚିତ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉଲକେଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ସ୍ୱାଭାବ କବିଙ୍କ ରଚିତ ବିଭିନ୍ନ କବିତାଗୁଡିକୁ ନିଜ ନିଜ ଢ଼ଙ୍ଗରେ ଆବୃତ୍ତି କରିଥିଲେ। ପ୍ରତିଯୋଗିତା ଆରମ୍ଭରେ ସଂସଦର ସାଧାରଣ ସମ୍ପାଦକ ମନୋଜ ନନ୍ଦ ପ୍ରତିଯୋଗିତାର ନିୟମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ବିଚାରକ ଭାବେ ବରିଷ୍ଠ ଶିକ୍ଷାବିତ୍ ତଥା ଲେଖିକା ମଞ୍ଜୁଳା କୁମାରୀ ରଥଙ୍କ ସମେତ କବି ହୀତାରାଣୀ ବେହେରା ଓ ସୁଚିତ୍ରା ଲେଙ୍କା ଏବଂ ପଦ୍ମାରାଣୀ ବେହୁରା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସଂସଦ ପକ୍ଷରୁ ବରିଷ୍ଠ ସଦସ୍ୟ ତ୍ରିଲୋଚନ ମଥାନ, ରଙ୍କନିଧି ସେଠୀ, ଉପେନ୍ଦ୍ର ବସ୍ତିଆ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାର ଶ୍ରେଷ୍ଠ ୭ ଜଣ ପ୍ରତିଯୋଗୀଙ୍କୁ ଚଳିତ ମାସ ୧୦ ତାରିଖ ସନ୍ଧ୍ୟା ୬ଟା ସମୟରେ ଗଙ୍ଗାଧର ମେହେର ଜୟନ୍ତୀ ପାଳନ ଅବସରରେ ପୁରସ୍କୃତ କରାଯିବ ବୋଲି ସୂଚାଯାଇଛି।






# ରେଳଷ୍ଟେସନରୁ ୮୦କେଜି ଗଞ୍ଜେଇ ଜବତ; ୬ ଗିରଫ



ଟିଟିଲାଗଡ,୪।୮(ସମିସ): ଟିଟିଲାଗଡ ଏବଂ ବଙ୍ଗୋମୁଣ୍ଡା ଅବକାରୀ ପୁଲିସ ତଥା ଟିଟିଲାଗଡ଼ ଆରପିଏଫ ଏବଂ ସିଆଇବି ୟୁନିଟ୍ ପକ୍ଷରୁ ମିଳିତ ଚଢ଼ଉ ସହ ଟିଟିଲାଗଡ଼ ରେଳ ଜଙ୍କସନର ବାଇକ୍ ଷ୍ଟାଣ୍ଡ ପରିସରରୁ ୮୦.୪୦୦ କେଜି ଗଞ୍ଜେଇ ସହ ୨ ବାଇକ୍ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ୬ ଜଣଙ୍କୁ ଗିରଫ କରାଯାଇଛି। ଘଟଣାରୁ ପ୍ରକାଶ ଯେ ୬ ଜଣ ବ୍ୟକ୍ତି ଟିଟିଲାଗଡ଼ ରେଳ ଜଙ୍କସନରୁ ନାଗପୁରକୁ ଗଞ୍ଜେଇ ଚାଲାଣ ପାଇଁ ବସିଥିବା ବେଳେ ଅବକାରୀ ବିଭାଗ ଓ ରେଳ ସୁରକ୍ଷା ବଳ କୌଣସି ସୁତ୍ରରୁ ଖବର ପାଇ ସେମାନଙ୍କୁ କାବୁ କରିଥିଲେ।ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୯ ଲକ୍ଷ ୪୪ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ କହିଛି। ଏନେଇ ଅଭିଯୁକ୍ତ ମନମୁଣ୍ଡା ଥାନା ଅନ୍ତର୍ଗତ ତିଲପଙ୍ଗା ଗ୍ରାମର ପ୍ରତାପ କୁମ୍ଭାର, ଜୁନାଗଡ଼ ଥାନା ଅନ୍ତର୍ଗତ ବଲଦିଆମାଲର ଅତୁଲ୍ୟ ମେହେର,ଶମ୍ଭୁପ୍ରସାଦ ମେହେର, ଅଶ୍ୱିନୀ ମେହେର, ପଲାଶ ଗ୍ରାମର କିଶୋର ନାଏକ, ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସରଗାଡ଼ ଗ୍ରାମର ଚନ୍ଦ୍ରମଣି ନାଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।ରେଳ ସୁରକ୍ଷା ବଳ ଆଇଆଇସି ଭଗବାନ ପୁନିଆ, ଅବକାରୀ ବିଭାଗ ଓଆଇସି ଆଶିଷ ବେହେରା, ସୁମିତ ସାହୁ, ଏଏସଆଇ ଭୃଗୁପତି ଦିଗାଲ, କୁମୁଦିନୀ ମଲ୍ଲିକ, ରାମପ୍ରସାଦ ବେହେରା, ଗଗନ ବିହାରୀ ମିଶ୍ର, ଆଶିଷ ପଟେଲ, ରଞ୍ଜନ ମିଶ୍ର, ପ୍ରଫୁଲ୍ଲ ନାଗ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

## କେବେ ହଟିବ ଦାଦନ ଗଡ଼ ଟ୍ୟାଗ୍

# ଚଳିତ ଋତୁ ପାଇଁ ଆରମ୍ଭ ହେଲାଣି ପ୍ରସ୍ତୁତି

ବଲାଙ୍ଗିର,୪।୮(ସମିସ)

ବଲାଙ୍ଗିର ଜିଲ୍ଲା ନାମରୁ କେବେ ହଟିବ ଦାଦନ ଗଡର ଦୁର୍ନାମ। ଦାଦାନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନେକ ଯୋଜନା। କିନ୍ତୁ ଏହି ଯୋଜନା ସତ୍ୱେ ଦାଦନ ସମସ୍ୟା ବର୍ଷକୁ ବର୍ଷ କମିବା ବଦଳରେ ବଢି ବଢି ଚାଲିଛି।ଏଥିପାଇଁ ଦାୟୀ କିଏ! ଆଉ କିଛି ଦିନ ପରେ ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଖାଇ। ନୂଆ ଖାଇବା ପରେ ଆରମ୍ଭ ହେବ ଦାଦନ ଚାଲାଣ।ବଇନା ଦେବା ପାଇଁ ବାହାରରାଜ୍ୟର ମାଲିକ ଓ ସ୍ଥାନୀୟ ସର୍ଦ୍ଦାର ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଏବେଠାରୁ କଣ୍ଟାବାଞ୍ଜି ଅଞ୍ଚଳରେ ଥିବା ହୋଟେଲ ବୁକିଂ ଆରମ୍ଭ ହୋଇସାରିଛି। ମାଲିକମାନେ ଆସି ସର୍ଦ୍ଦାରମାନଙ୍କୁ ଧରି ମୁଣ୍ଡକିଣା ଆରମ୍ଭ କରିବେ। ମୁଣ୍ଡପିଛା ବଇନା ଦେଇ ନିଜ ବ୍ୟବସାୟର ଶୁଭାରମ୍ଭ କରିବାର ଯୋଜନା ରହିଛି। ତେବେ ନୂଆ ସରକାର ଆସିବା ପରେ ଏହାକୁ ରୋକିବାକୁ ବଡ ବଡ ଘୋଷଣା କରିଥିଲେ। ସ୍ୱତନ୍ତ୍ର ଟାସ୍କଫୋର୍ସ ମଧ ଗଠନ କରିଥିଲେ। ଗତ ଦାଦନ ଋତୁରେ ଏହି ଟାସ୍କଫୋର୍ସର ସେହିଭଳି କିଛି ସଫଳତା ଦେଖିବାକୁ ମିଳିନଥିବା ବେଳେ ଚଳିତ ଦାଦନ ଋତୁରେ ଏହି ଟାସ୍କଫୋର୍ସ ସଫଳ ହେବ ନା ଏହା କେବଳ ଲୋକଙ୍କୁ ଭୁଡାଇବା ପାଇଁ ବିଜେପି ସରକାରଙ୍କ ଯୋଜନା ହୋଇ ରହିବ ତାକୁ ନେଇ ପ୍ରଶ୍ନ ଉଠିଛି।

ବର୍ଷ ବର୍ଷ ହେଲା ଦାଦନ ଗଡର ଦୁର୍ନାମ ମୁଣ୍ଡାଇଛି ବଲାଙ୍ଗିର ଜିଲ୍ଲା । ବର୍ଷକୁ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକ ରାଜ୍ୟ ବାହାରକୁ କାମ କରିବା ପାଇଁ ଯାଇଥାନ୍ତି। ଶିଳ୍ପ ବିହୀନ ଜିଲ୍ଲା ହୋଇଥିବାରୁ କାମ ଧନ୍ଦାର ବ୍ୟବସ୍ଥା ନାହିଁ। ଫଳରେ ପେଟପଟଣା ପାଇଁ ଶ୍ରମିକମାନେ ନିଜ ପରିବାକୁ ନେଇ ରାଜ୍ୟ ବାହାରକୁ ଯାଇଥାନ୍ତି। ଏହି ଦାଦନ ଯିବା ପର୍ବ ବିଶେଷ କରି ନୂଆଖାଇ ସମୟରୁ ହିଁ ଆରମ୍ଭ ହୋଇଥାଏ। ନୂଆଖାଇ ସମୟରେ ବାହାର ରାଜ୍ୟର ଇଟାଭାଟି ମାଲିକମାନେ ବଲାଙ୍ଗିରରେ ଭିଡ ଜମାଇଥାନ୍ତି। କଣ୍ଟାବାଞ୍ଜି, ଟିଟିଲାଗଡ ସହରର ବିଭିନ୍ନ ହୋଟେଲ ରହି ସ୍ଥାନୀୟ ଦାଦନ ସର୍ଦ୍ଦାରମାନଙ୍କ ହାତ କରି ଶ୍ରମିକ ମୁଣ୍ଡ କିଣିବା ଆରମ୍ଭ କରିଥାନ୍ତି। ଜିଲ୍ଲାର ବେଲପଡା, ତୁରେକେଲା, ଖପ୍ରାଖୋଲ, ବଙ୍ଗୋମୁଣ୍ଡା, ପାଟଣାଗଡ, ଦେଓଗାଁ ଅଞ୍ଚଳର ଶ୍ରମିକମାନଙ୍କୁ ବଇନା ବା ଅଗ୍ରୀମ ଟଙ୍କା ଦେଇଥାନ୍ତି। ଶ୍ରମିକମାନେ ନୂଆଖାଇ ସାରିବା ପରେ ରାଜ୍ୟ ବାହାରକୁ କାମ କରିଯିବା ପାଇଁ ବାହାରି ଯାଇଥାନ୍ତି। ସେଠାରେ କିଛି ମାସ କରିବେ ପରେ ପୁଣି ନୂଆଖାଇ ପୂର୍ବରୁ ଘରକୁ ଆସିଥାନ୍ତି। ଏହି ପର୍ବ ବଲାଙ୍ଗିର ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ଉକ୍ତ ବ୍ଲକ୍‌ମାନଙ୍କରେ ଥିବା ଦାଦନ ସର୍ଦ୍ଦାର ମାନେ ଏବେ ବେଶ ସକ୍ରୀୟ ହୋଇଥିବା ଜଣାପଡିଛି।ତେବେ ଏହି ଦାଦନ କାରବାକୁ ଶ୍ରମ ବିଭାଗର ମଧ ପରୋକ୍ଷରେ ସମର୍ଥନ ରହିଥିବା ଅଭିଯୋଗ ହୋଇଥାଏ। ବାହାର ରାଜ୍ୟକୁ ନେଇ ଶ୍ରମିକମାନଙ୍କୁ ବିଭିନ୍ନ କମ୍ପାନୀରେ ନିଯୋଜିତ କରିବା ପାଇଁ ନିର୍ଦ୍ଦିଷ୍ଟ କିଛି ଠିକାଦାରଙ୍କ ପାଖରେ ଅନୁମତି ରହିଛି। ଉକ୍ତ ଠିକାଦାର ମାନେ ନେଉଥିବା ଶ୍ରମିକଙ୍କ ଶ୍ରମ କାର୍ଯ୍ୟାଳୟରେ

### ଦାଦନ ଗଡ଼ରେ ସର୍ଦ୍ଦାର ସକ୍ରିୟ

ପଞ୍ଜୀକରଣ କରି ନେବା କଥା। କିନ୍ତୁ ଉକ୍ତ ଠିକାଦାରମାନେ ହାତଗଣତି କିଛି ଶ୍ରମିକଙ୍କ ପଞ୍ଜୀକରଣ କରି ଶହ ଶହ ଶ୍ରମିକ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ସରକାରୀ ତଥ୍ୟ ଅନୁସାରେ ବଲାଙ୍ଗିର ଜିଲ୍ଲାରେ ୨୦୨୩ରେ ୨୧ ହଜାର ୯୨୦, ୨୦୨୪ରେ ୨୩ ହଜାର ୩୧୫, ୨୦୨୫ ରେ ୨୪ ହଜାର ୭ ୯ ୮ ଶ୍ରମିକ ଦାଦାନ ଖଟି ଯିବା ପାଇଁ ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକରଣ କରିଛନ୍ତି। ଏହା ବିଭାଗୀୟ ତଥ୍ୟ କିନ୍ତୁ ବାସ୍ତବିକ ଚିତ୍ର ସଂପୂର୍ଣ୍ଣ ଭିନ୍ନ । ପାଖାପାଖି ୨ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକ ପ୍ରତିବର୍ଷ ବାହାର ରାଜ୍ୟକୁ କାମ କରିବାକୁ ଯାଇଥାନ୍ତି। ଏହା ଗତ କୋଭିଡ ସମୟରେ ସ୍ପଷ୍ଟ ହୋଇସାରିଛି। କୋଭିଡ ସମୟରେ ପଞ୍ଜିକୃତ ହୋଇଥିବା ଶ୍ରମିକଙ୍କ ସାତ ଗୁଣ ଅଧିକ ଶ୍ରମିକ ବଲାଙ୍ଗିରକୁ ଫେରିଥିଲେ। ବେଆଇନ ଭାବେ ଖଟିବାକୁ ଯାଉଥିବା ଶ୍ରମିକମାନେ ଅଧିକ ନିର୍ଯାତନାର ଶୀକାର ହେଉଥିବା ଅଭିଯୋଗ ହୋଇଛି। ବାର୍ଷିକ ପ୍ରାୟ ୩୦ ଶ୍ରମିକଙ୍କ ବାହାର ରାଜ୍ୟରେ ମୃତ୍ୟୁ ହେଉଥିବା ବେଳେ ୧୦ ରୁ ଅଧିକ ଶ୍ରମିକ ନିଖୋଜ ହୋଇଥାନ୍ତି। ବେଆଇନ ଭାବେ ଏମାନେ ଚାଲାଣ ହେଉଥିବାରୁ ସେମାନଙ୍କ ସୂଚନା ଶ୍ରମ ବିଭାଗ କି ପ୍ରଶାସନ ପାଖକୁ ପହଞ୍ଚି ପାରିନଥାଏ। ତେବେ ଶ୍ରମିକମାନଙ୍କ ପାଇଁ କୋଭିଡ ପରେ ନିଜ ଅଞ୍ଚଳରେ କର୍ମସଂସ୍ଥାନ ବ୍ୟବସ୍ଥା କରିବା ପାଇଁ ମନରେଗା ଯୋଜନାକୁ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଗତ ଗୋଟିଏ ବର୍ଷ ହେଲା ଏହି ଯୋଜନାକୁ ପଙ୍ଗୁ କରିଦିଆଯାଇଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଏକ ଶିଳ୍ପବିହୀନ ଜିଲ୍ଲା ହୋଇଥିବାରୁ ଶ୍ରମିକଙ୍କ ପାଇଁ ସେହିଭଳି କର୍ମସଂସ୍ଥାନର କୌଣସି ବ୍ୟବସ୍ଥା ନାହିଁ। ତେବେ ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ବିଜେପି ସରକାର ଗଢିବା ପରେ ପଞ୍ଚାତିରାଜ ମନ୍ତ୍ରୀ ରବି ନାୟକ ଜିଲ୍ଲାରେ ଏକ ବିଡି କାରଖାନା କରିବାକୁ ଉଦ୍ୟମ କରାଯିବ ବୋଲି କହିଥିଲେ। କିନ୍ତୁ ତାହା ଆଜି ବି ବୟାନରେ ସୀମିତ ରହିଛି। ଡବଲ ଇଞ୍ଜିନ ସରକାର ଆସିବା ପରେ ଦାଦନ ସମସ୍ୟାର ସମାଧାନ କରିବା ପାଇଁ ଏକ ଟାସ୍କଫୋର୍ସ ଗଠନ କରାଯାଇଥିଲା । ଯାହାର ଦାୟିତ୍ୱ ପାଟଣାଗଡ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଦିଆଯାଇଥିଲା। ସେ ଏହି ଦାୟିତ୍ୱରେ ରହିବା ପରେ ଚଳିତ ବର୍ଷ ତାଙ୍କ ନିର୍ବାଚନମଣ୍ଡଳିରେ ଅଧିକ ସଂଖ୍ୟକ ଶ୍ରମିକ ଙ୍କ ମୃତ୍ୟୁ ଖବର ସାମ୍ନାକୁ ଆସିଥିଲା। କିଛି ମାସ ପୂର୍ବରୁ ଏକ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂହଦେଓ ଦାଦନକୁ ନେଇ ଏକ ବଡ ବୟାନ ଦେଇଥିଲେ।ଟାସ୍କଫୋର୍ସ ଗଠନ ହେବା ପରେ ଦାଦନ ସମସ୍ୟା ନେଇ ଆଲୋଚନା ହୋଇଛି ଯାହାକି ଆଗାମୀ ଦିନରେ ଦାଦନ ଚାଲାଣକୁ କମାଇବାରେ ସହାୟକ ହେବ ବୋଲି କହିଥିଲେ।ତେବେ କିଛି ଦିନ ଭିତରେ ଦାଦନ ପର୍ବ ପୁଣି ଆରମ୍ଭ ହେବ। ଏହାକୁ ରୋକିବାକୁ ହେଲେ ପ୍ରାରମ୍ଭରୁ ହିଁ ପ୍ରଶାସନ କଡା ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଯେଉଁ ଅଞ୍ଚଳ ଗୁଡିକ ଦାଦନର ହବ ସାଜିଛି ସେହି ଅଞ୍ଚଳରେ ବିଜେପି ଦଳର ବିଧାୟକମାନେ ରହିଛନ୍ତି। ତେବେ ଏହି ଟାସ୍କଫୋର୍ସ ଦାଦନ ରୋକିବାରେ କଣ ପଦକ୍ଷେପ ଗ୍ରହଣ କରିବ ଓ କେତେ ସଫଳ ହେବ ତାହା ଦେଖିବାକୁ ବାକି ରହିଲା। ଅନ୍ୟପକ୍ଷରେ ଦାଦନ ଚାଲାଣ କରିବା ପାଇଁ ସ୍ଥାନୀୟ ସର୍ଦ୍ଦାର ଓ ମାଲିକମାନଙ୍କ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ପ୍ରଶାସନ ମଧ ସେହି ଅନୁସାରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଧବଳେଶ୍ୱର ମନ୍ଦିରରେ ଜଳଲାଗି



ବେଲପଡା,୪।୮(ସମିସ):ଶ୍ରାବଣର ଶେଷ ସୋମବାରରେ ବେଲପଡ଼ାର ବିଭିନ୍ନ ପଡ଼ାର କାଉଡ଼ିଆମାନେ ହରିଶଙ୍କର ମନ୍ଦିରରୁ ଜଳ ନେଇ ବେଲପଡ଼ାସ୍ଥିତ ଧବଳେଶ୍ୱର ମନ୍ଦିରରେ ଜଳଲାଗି କରିଛନ୍ତି।ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ସାମିଲ ହୋଇ।

## ବଙ୍ଗୋମୁଣ୍ଡା ବ୍ଲକ୍‌ରେ ମନରେଗା କାମରେ ଅନିୟମିତତା

# ଫେକ୍ ଏନ୍‌ଏମ୍‌ଏସ କରି ଲକ୍ଷାଧିକ ଟଙ୍କା ଆତ୍ମସାତ

ବଙ୍ଗୋମୁଣ୍ଡା,୪।୮(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଏବେ ମନରେଗା ଯୋଜନା ଗୁଡିକର ଦୁର୍ନୀତି ଘଟଣା ନେଇ ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇପଡ଼ିଛି। ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ପୁନଃ ପୁନଃ ଦୁର୍ନୀତି ଅଭିଯୋଗ ମିଳିଥିଲେ ମଧ୍ୟ କୌଣସି ପ୍ରଭାବଶାଳୀ ତଦନ୍ତ ବା କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଉ ଅଧିକ ଦୁର୍ନୀତି ହେଉଥିବା ଦେଖିବାକୁ ମିଳୁଛି। ଗ୍ରାମବାସୀମାନଙ୍କ ଅନୁସାରେ, ନିଜ ଗାଁର ମାଟିରେ କାମ କରିବା ନାଁରେ ନିଯୁକ୍ତି ହୋଇଥିବା ଶ୍ରମିକମାନଙ୍କ ନାଁରେ ବେପରୋଆ ଭାବେ ଫେକ୍ ମାଷ୍ଟର ରୋଲ ବନାଯାଇ ଲକ୍ଷାଧିକ ଟଙ୍କା ଉଠାଯାଇଛି। କିଛି କାମ ନ ହେବା ସତ୍ତ୍ୱେ ସେମାନେ ରିଭାଇଜ୍ ପ୍ରକଳ୍ପରେ ଏକାଧିକ ଥର କାମ ଦେଖାଇ ଅଧିକ ରାଶି ଅନୁମୋଦନ କରାଯାଇଛି। ବିନା କୌଣସି କାମରେ ଫେକ୍ ଏନ୍‌ଏମ୍‌ଏସ୍ କରି ଅନେକ ଲୋକଙ୍କ ନାଁରେ ମନରେଗା ଟଙ୍କା ଉଠାଇବ ଘଟଣା ସାମ୍ନାକୁ ଆସୁଛି,ଯେଉଁଥିରେ ସେମାନେ କେବେ କାମ କରିନାହାନ୍ତି। ବଙ୍ଗୋମୁଣ୍ଡା ବ୍ଲକ୍ ଅନ୍ତର୍ଗତ ବେଲପଡ଼ା ପଞ୍ଚାୟତର ଅନେକ ସ୍ଥାନରେ ମନରେଗା କାମରେ



ଅନେକ ଅନିୟମିତତା ଓ ଲକ୍ଷାଧିକ ଟଙ୍କାର ଦୁର୍ନୀତିର ଅଭିଯୋଗ ସାମ୍ନାକୁ ଆସୁଛି। ବଙ୍ଗୋମୁଣ୍ଡା ବ୍ଲକ୍ ବେଲପଡ଼ା ପଞ୍ଚାୟତ ଦେଓଗାଁରୁ ତେଲିପଦର୍ ରାସ୍ତା କାମ ନ ହୋଇ ଟଙ୍କା ଆତ୍ମସାତ ହୋଇଥିବା ବେଳେ ଦେଓଗାଁରୁ ବାଗବାହଲ ରାସ୍ତା ବିନା କୌଣସି ସୂଚନା ଫଳକରେ ନିମ୍ନମାନର କାମ ହେଇ ଟଙ୍କା ଆତ୍ମସାତ ହେଇଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଗ୍ରାମବାସୀ। ସ୍ଥାନୀୟ ଲୋକଙ୍କଙ୍କ କହିବା ଅନୁସାରେ ବେଲପଡା ପଞ୍ଚାୟତର ଅନେକ ସ୍ଥାନରେ କାମ ନ ହୋଇ ଟଙ୍କା ଆତ୍ମସାତ ହୋଇଛି ଯେଉଁଥିରେ ବିଭାଗୀୟ ଅଧିକାରୀ ଓ ସରପଞ୍ଚଙ୍କ ମିଳିତ ଉଦ୍ୟମରେ ଦୁର୍ନୀତି ଅନେକ ବର୍ଷରୁ ଚାଲିଆସିଛି ,ସରପଞ୍ଚ ଓ ଗାଁ ସାଥି ମିଳିତ ଭାବେ ଭୁଲ ତଥ୍ୟ ଓ ଫେକ୍ ଏନ୍‌ଏମ୍‌ଏସ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରୁଥିବା ଅଭିଯୋଗ ହେଉଛି। ଏନେଇ ରାଜ୍ୟ ସରକାର ନଜର ଦେଇ ପଦକ୍ଷେପ ନେବାକୁ ଶ୍ରମିକ ମହଲରେ ଦାବି ହେଉଛି।

# ବିଶ୍ୱ ଆଦିବାସୀ ଦିବସକୁ ଛୁଟି ଘୋଷଣା କରାଯାଉ




ବଲାଙ୍ଗିର,୪।୮(ସମିସ): ସ୍ଥାନୀୟ ଗୋଁଣ୍ଡୱାନା ଭବନରେ ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଛି। ସହରରେ ବସବାସ କରୁଥିବା ସମସ୍ତ ଆଦିବାସୀ ସଂପ୍ରଦାୟ ଏକତ୍ରିତ ଭାବରେ ସପରିବାର ମହାସମାରୋହରେ ପାଳନ କରିବା ପାଇଁ ନିସ୍ପତ୍ତି ନିଆଯାଇଛି। ଏଥିପାଇଁ ଦିଲ୍ଲିପ କୁମାର ଭୋଇଙ୍କ ନେତୃତ୍ୱରେ କମିଟୀ ଗଠନ କରାଯାଇ ଦିବସ ପାଳନର ରୂପରେଖ ପ୍ରସ୍ତୁତି ପାଇଁ ଦାୟିତ୍ୱ ଦିଆଯାଇଛି। ଦେଶର ଅନ୍ୟାନ୍ୟ ରାଜ୍ୟରେ ଛୁଟି ହୋଇଥିବା ବେଳେ, ରାଜ୍ୟ ସରକାର ବିଶ୍ୱ ଆଦିବାସୀ ଦିବସକୁ ଛୁଟି ଘୋଷଣା କରିବା ପାଇଁ ଉପସ୍ଥିତ ସମସ୍ତେ ଦାବି କରିଥିଲେ। ଆଦିବାସୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଶିକ୍ଷାକ୍ଷେତ୍ରରେ ଅନୁସୂଚିତ ଜାତି ଓ ଜନଜାତି ଗରିବ ମେଧା ଛାତ୍ରଛାତ୍ରୀ ଅନ୍ୱେଷା ଯୋଜନାରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ିବାର ସୁଯୋଗକୁ ବନ୍ଦ କରିବା ଯୋଜନାକୁ ନାପସନ୍ଦ କରି ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇଦେବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ବୈଠକରେ ବରିଷ୍ଠ ସଭ୍ୟ ଦଇତ ଭୋଇଙ୍କ ସଭାପତିତ୍ୱରେ ଆଦିବାସୀ ନେତା ସତ୍ୟ ନାରାୟଣ ଭୋଇ, ମୀନକେତନ ମାଝୀ, ଦିଲ୍ଲିପ କୁମାର ଭୋଇ, ଡ.କୌତୁକ ପନ୍ଦର, ମଦନ ସିଂ ମାଝୀ, ଯୋଗୀନ୍ଦ୍ର ଦଳପାତି, ରୁଦ୍ରମଣୀ ମାଝୀ,ଶୁଭାଂଶୁ ବାଗ, ମନୋଜ କୁମାର ପୁଟା, ଅଙ୍କିତ ମାଝୀ ପ୍ରମୁଖ ମତାମତ ପ୍ରଦାନ କରିଥିଲେ। ଶେଷରେ ନୃପ ଭୋଇ ଧନ୍ୟବାଦ ଦେଇଥିଲେ।

## ପାଟଣାଗଡ଼ ବ୍ଲକ୍‌ରେ ଭିନ୍ନକ୍ଷମ ଭତ୍ତା ଲୁଟ୍ ଘଟଣା

# ଶହେରୁ ଊର୍ଦ୍ଧ୍ୱ ହାତେଇଛନ୍ତି ନକଲି ଭିନ୍ନକ୍ଷମ ଭତ୍ତା

ପାଟଣାଗଡ଼,୪।୮(ସମିସ)

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ଅଞ୍ଚଳର ଅନେକ ପଞ୍ଚାୟତ ଗୁଡିକରେ ସୁସ୍ଥ ସବଳ ବ୍ୟକ୍ତି ନକଲି ଭିନ୍ନକ୍ଷମ ସାଜି ଭତ୍ତା ଟଙ୍କା ହାତଉଥିବା ଘଟଣାରେ "ସକାଳ'ତଦନ୍ତରେ ଆହୁରି ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଛି। ଏନେଇ "ସକାଳ'ରେ ଗତ ୨୫ ତାରିଖ ଦିନ ପ୍ରଥମେ ପାଟଣାଗଡ଼ ବ୍ଲକ୍‌ରେ ଭିନ୍ନକ୍ଷମ ଭତ୍ତା ଲୁଟ ଖବର ପ୍ରକାଶ ପାଇଥିଲା। ଘଟଣାକୁ ଗୁରୁତ୍ୱ ଦେଇ ପାଟଣାଗଡ଼ ବିଡିଓ ସୁମନ ମିଞ୍ଜ ପାଟଣାଗଡ଼ ଥାନାରେ କେଲେଙ୍କାରୀର ତଦନ୍ତ ପାଇଁ ଥାନାଧିକାରୀ ପାଟଣାଗଡ଼ଙ୍କୁ ଲିଖିତ ଅଭିଯୋଗ କରିଥିଲେ।ପାଟଣାଗଡ଼ ବ୍ଲକ୍‌ର ଦେଉଳଗାଁ ପଞ୍ଚାୟତର ଘୁନଘୁଟିପାଲି ଗ୍ରାମରେ ଚାରିଜଣ ବ୍ୟକ୍ତି ଓ ମହିଳା ସୁସ୍ଥ ସବଳଥାଇ ନକଲି ଭିନ୍ନକ୍ଷମ ଭତ୍ତା ହାତଉଛନ୍ତି।ତଦନ୍ତରେ ଏହି ନକଲି ଭିନ୍ନକ୍ଷମ ତାଲିକା ଆହୁରି ଲମ୍ବିବାରେ ଲାଗିଛି। ଦେଉଳଗାଁ ପଞ୍ଚାୟତର ଘୁନଘୁଟିପାଲି, ଘୁମେର, କଲଙ୍ଗାପାଲି ସହ ଅନ୍ୟଗାଁରେ ମଧ ପନ୍ଦରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଓ ମହିଳା ସୁସ୍ଥସବଳ ଥାଇ ଭିନ୍ନକ୍ଷମ ଭତ୍ତା ହାତଉଛନ୍ତି।ଭିନ୍ନକ୍ଷମ ଭତ୍ତା ହାତଉଥିବା ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକ ମନରେଗା ଯୋଜନାରେ ମାଟିକାମ ମଧ କରୁଥିବା ସୂଚନା ମିଳିଛି। ତେବେ ଜଣେ ଯଦି ମାଟିକାମ କରୁଛି ପୁଣି ସୁସ୍ଥ ସବଳ ତେବେ ଭିନ୍ନକ୍ଷମ ସାର୍ଟିଫିକେଟ କେମିତି ପାଇଲା ଓ ପରେ ସରକାରଙ୍କ ଭିନ୍ନକ୍ଷମ ଭତ୍ତା ଯୋଜନାରେ ସାମିଲ ହେଲା ତାହା ତଦନ୍ତ ସାପେକ୍ଷ। ଅନ୍ୟପଟେ ଏହି ନକଲି ଭିନ୍ନକ୍ଷମ ତାଲିକା ପାଟଣାଗଡ଼ ବ୍ଲକ୍ ସାରା ଲମ୍ବିଥିବା ଅନୁମାନ କରାଯାଉଛି। ତେବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଜୈନିକ ଡାଟା ଏଣ୍ଟ୍ରି ଅପରେଟର ଏହି ଜାଲିଆତିର ମାଷ୍ଟରମାଇଣ୍ଡ ସାଜିଥିବା ଓ ସୁସ୍ଥ ସବଳଙ୍କ ଠାରୁ ପାଞ୍ଚରୁ ଦଶ ହଜାର ଟଙ୍କା ନେଇ ଭିନ୍ନକ୍ଷମ ସାର୍ଟିଫିକେଟ ଯୋଗାଉଥିବା ଖବର ପୂର୍ବରୁ ପ୍ରମାଣ ସହ ପ୍ରକାଶ ପାଇସାରିଛି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଯେ ଏହି ଡାଟାଏଣ୍ଟ୍ରି ଅପରେଟର ଜଣକ ତାଙ୍କ ସମ୍ପର୍କୀୟ ଲୋକଙ୍କୁ ସମ୍ପୂର୍ଣ ସୁସ୍ଥ ଥିଲେ ମଧ ଜାଲିଆତି କରି ଭିନ୍ନକ୍ଷମ ସାର୍ଟିଫିକେଟ ଦେଇ ଭତ୍ତା ହାତଉଥିବା ଜଣାପଡିଛି।ଅପରପକ୍ଷରେ ଏହି ଜାଲିଆତି ଘଟଣାର

### ଘଟଣାରେ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ହେବାକୁ ଯାଉଛି:ସିଡିଏମ୍‌ଓ

ସତ୍ୟତା ଲୋକଲୋଚନକୁ ଆସିସାରିଥିଲେ ମଧ ପାଟଣାଗଡ଼ ବିଡ଼ିଓ କେବଳ ଥାନାରେ ମାମଲା ଦେଇ ଚୁପ ରହିଛନ୍ତି। ତେବେ ଏହି ଯୋଜନାର ହରିଲୁଟ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଜୈନିକ ଡାଟାଏଣ୍ଟ୍ରି ଅପରେଟର ଜିଲ୍ଲା ତଥା ପାଟଣାଗଡ଼ ବ୍ଲକ୍ ଅଞ୍ଚଳର ସୁସ୍ଥସବଳ ବ୍ୟକ୍ତିଙ୍କୁ ଅନ୍ଧ,ବଧିର ଓ ଛୋଟା ଦର୍ଶାଇ ଜାଲିଆତି କରି ଭିନ୍ନକ୍ଷମ ସାର୍ଟିଫିକେଟ ଯୋଗାଇଦେଉଥିବା ପ୍ରମାଣ ସତ୍ତ୍ୱେ ଜିଲ୍ଲା ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନ ନେଇ କାହିଁକି ଚୁପ ରହିଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ସାର୍ଟିଫିକେଟ ମିଳିବା ପୂର୍ବରୁ ଭିନ୍ନକ୍ଷମ ଯାଞ୍ଚ ଦାୟିତ୍ୱରେ ଥିବା ଡାକ୍ତରଙ୍କ ଏହି ଜାଲିଆତିରେ ବଡ଼ ଭୂମିକା ରହିଥିବା ଜଣାପଡିଛି। ପାଟଣାଗଡ଼ ବ୍ଲକ୍‌ର ଭଇଁଷା, ସୁନାମୁଦି, ଖୁଣ୍ଟସମଲେଇ, ଉଲବା ଆଦି ପଞ୍ଚାୟତରେ ମଧ ଅନେକ ନକଲି ଭିନ୍ନକ୍ଷମ ବ୍ୟକ୍ତି ଭତ୍ତା ହାତଉଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି।ପାଟଣାଗଡ଼ ବ୍ଲକ୍‌ରେ ଶହେରୁ ଊର୍ଦ୍ଧ୍ୱ ବ୍ୟକ୍ତି ନକଲି ଭିନ୍ନକ୍ଷମ ଭତ୍ତା ହାତଉଥିବା ଅନୁମାନ କରାଯାଉଛି। ଏ ବିଷୟରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବଲାଙ୍ଗିରଙ୍କୁ ପଚାରିବାରୁ ଏ ଘଟଣାରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ହେବାକୁ ଯାଉଛି ଯାହା ଫୋନରେ କହିହେବନାହିଁ ବୋଲି କହିଛନ୍ତି।ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

# ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର



ବେଲପଡ଼ା,୪।୮(ସମିସ):ବେଲପଡ଼ା ବ୍ଲକ୍ ଧୁମାଭଟା ରାସ୍ତାର ହଟକଟ ଗାଁ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳର ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ବାଇକ୍ ଆରୋହୀ ପୁଇନ୍ତଲା ଥାନା ପିପଲବହାଲ ଗାଁର ସଦାଶିବ ନନ୍ଦ ସେ ଫାଇନାନ୍ସ କମ୍ପାନୀରେ କାମ କରନ୍ତି। ପ୍ରାପ୍ତ ସୂଚନା ମତେ ସୋମବାର ସନ୍ଧ୍ୟାରେ ସଦାଶିବ ଧୁମଭଟା ଗାଁ ପଟରୁ ନିଜ ଘରକୁ ଫେରୁଥିଲେ। ଅପରପକ୍ଷରୁ ହଟକଟ ଗାଁର ପ୍ରତାପ ନାଗ ଯାଉଥିବା ବେଳେ ରାସ୍ତାରେ ମୁହାଁମୁହି ଧକ୍କା ହୋଇଥିଲା। ଫଳରେ ସଦାଶିବ ଗୁରୁତର ଆହତ ହେବାରୁ ଅଗ୍ନିଶମ ବିଭାଗ କର୍ମଚାରୀ ବେଲପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ପ୍ରତାପକୁ ଥାନାକୁ ନେଇଥିବା ସୂଚନା ମିଳିଛି।

## ସନ୍ତାନ ନହେବାରୁ ତଡ଼ା ଖାଇବା ଘଟଣା

# ତାଲୁକ ସମିତିରେ ହାଜର ହେଲେ ପୀଡ଼ିତା

ଟିଟିଲାଗଡ଼,୪।୮(ସମିସ): ଟିଟିଲାଗଡ଼ ଥାନା ଅଞ୍ଚଳର ଜଣେ ମହିଳାଙ୍କ ସନ୍ତାନ ନହେବାରୁ ଶାଶୂ ଘରୁ ତଡା ଖାଇଥିବା ଅଭିଯୋଗ ହୋଇଛି। ତେବେ ବର୍ତ୍ତମାନ ଘଟଣାରେ ନୂଆଁ ମୋଡ଼ ନେଇଛି। ଲୋକଲଜ୍ୟା ପାଇଁ ମୁହଁ ଖୋଲୁନଥିବା ମହିଳା ଜଣକ ପ୍ରକୃତରେ ତାଙ୍କ ଦେଢ଼ଶୂରଙ୍କ ଅତ୍ୟାଚାରର ମଧ

### ଆଇନ ସହାୟତା ଦେବ ବାର୍ ସଂଘ

ଶିକାର ହୋଇଥିବା ଘଟଣା ସମ୍ମୁଖକୁ ଆସିଛି। ମହିଳା ଜଣକ ସଇଁତଲା ଥାନା ଅନ୍ତର୍ଗତ ସାନ୍ତଉପେର ଗ୍ରାମର ଶେଷଦେବ ସାହୁଙ୍କ ପୁଅ ନନ୍ଦିକିଶୋର ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ତାଙ୍କ ଔରସରୁ କୌଣସି ସନ୍ତାନ ଜନ୍ମ ହୋଇନଥିଲା। ଏଭଳି କ୍ଷେତ୍ରରେ ତାଙ୍କୁ ଶାଶୂ ଘର ଲୋକଙ୍କ ପକ୍ଷରୁ ଦୀର୍ଘ ବର୍ଷ ଧରି ନିର୍ଯାତନା ଦିଆଯାଉଥିଲା। ଅନ୍ୟପକ୍ଷରେ ତାଙ୍କ ଦେଢ଼ଶୂର କୁଆଡେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖିବାକୁ ଉଦ୍ୟମ କରିଥିଲେ। ତାଙ୍କ ସହସମ୍ପର୍କ ନରଖିଲେ ଘରୁ ତଡ଼ିଦେବାକୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍ ତାର ଲଗାଇ ମାରି ଦେବାକୁ ଉଦ୍ୟମ କରିଥିଲେ।ଏପରିକି ନିର୍ଯ୍ୟାତନା ସହି ନପାରି ନିଜ ମା ଘରକୁ ଚାଲି ଆସିବା ପରେ ମଧ ଦେଢ଼ଶୂର ମୋବାଇଲରେ ଅଶୀଳ ଭିଡିଓ ପଠାଉଥିବା ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀଙ୍କୁ ଘରୁ ଫେରାର କରି ଦିଆଯାଇ ଅନ୍ୟତ୍ର ବିବାହ କରାଇ ଦିଆଯାଇଥିବା ମହିଳା ଅଭିଯୋଗ କରିଛନ୍ତି। ପୀଡିତା ମହିଳା ଜଣକ ଏନେଇ ଟିଟିଲାଗଡ଼ ଥାନାକୁ ଅଭିଯୋଗ ପାଇଁ ଯାଇଥିବା ବେଳେ ତାଙ୍କ ଅଭିଯୋଗ ପତ୍ରକୁ ଗ୍ରହଣ କରାଯାଇ ନଥିବା କହିଛନ୍ତି। ସୋମବାର ଟିଟିଲାଗଡ଼ ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଏବଂ ଦୌରା ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକଙ୍କ କାର୍ଯ୍ୟାଳୟରେ ଡାକରା ପାଇ ମହିଳା ଜଣକ ଉପସ୍ଥିତ ହୋଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ଟିଟିଲାଗଡ଼ ବାର ସଂଘ ସଭାପତି ସଞ୍ଜୟ ବେହେରା ପୀଡିତାଙ୍କୁ ସାକ୍ଷାତ ସହ ମାଗଣାରେ ସମସ୍ତ ପ୍ରକାର ଆଇନ ସହାୟତା ସହ ନ୍ୟାୟ ପ୍ରଦାନ ପାଇଁ ସେ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ମାମଲା ଲଢ଼ିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।








ଶ୍ରାବଣ ମାସ ଶେଷ ସୋମବାରରେ ସମ୍ବଲପୁର ଝାଡୁଆପଡ଼ାର ଲୋକନାଥ ବାବା ବର୍ଫାନି ବେଶରେ ଦର୍ଶନ ଦେଉଛନ୍ତି

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରସଙ୍ଗ**

# ଯଦି କୋଲ୍‌ହାପୁରକୁ ମିଳିପାରିବ, ପଶ୍ଚିମ ଓଡ଼ିଶାକୁ କାହିଁକି ନୁହେଁ

ସମ୍ବଲପୁର, ୪।୮ (ସମିସ):ଦଶନ୍ଧି ଦଶନ୍ଧି ଧରି ପଶ୍ଚିମାଞ୍ଚଳର ଜନସାଧାରଣ, ବାର୍ ଆସୋସିଏସନ୍‌ର ଆଇନଜୀବୀ, ବିଭିନ୍ନ ସଙ୍ଗଠନମାନେ ନିଜର ହକ୍ ପାଇଁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଆନ୍ଦୋଳନ କରି ଆସୁଛନ୍ତି। ଦାବିର ଆଇନଗତ, ପ୍ରଶାସନିକ ଏବଂ ମାନବିକ ଦୃଷ୍ଟିକୋଣରୁ ଯଦି ଦେଖିବା ଆମର ଦାବି ଯଥାର୍ଥ ଅଟେ। ଆମ ପଶ୍ଚିମ ଓଡ଼ିଶାର ୧୦ରୁ ଊର୍ଦ୍ଧ୍ୱ ଜିଲ୍ଲାର ଜନସାଧାରଣ ନ୍ୟାୟ ପାଇଁ କଟକ ଯିବାକୁ ହେଲେ ୩୦୦ରୁ ୫୦୦ କିମି ଯାତ୍ରା କରିବାକୁ ପଡୁଛି, ଏଥିରେ ଜନସାଧରଣ ଅନେକ ପ୍ରକାର ଖର୍ଚ୍ଚାନ୍ତ ଏବଂ କଷ୍ଟ ଭୋଗୁଛନ୍ତି। ଏହାସହ ଆଇନ କମିଶନ ଏବଂ ଯଶବନ୍ତ ସିଂହ କମିଶନ ପୂର୍ବରୁ ଦୁର୍ଗମ ଅଞ୍ଚଳରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତାକୁ ସ୍ୱୀକାର ମଧ୍ୟ କରିସାରିଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଙ୍କ ରୋହିତ ପୂଜାରୀ କହିଛନ୍ତି ଯେ ଯଦି ମହାରାଷ୍ଟ୍ରର କୋଲ୍‌ହାପୁରକୁ ହାଇକୋର୍ଟ ବେଞ୍ଚ ମିଳିପାରିବ, ତେବେ ପଶ୍ଚିମ ଓଡ଼ିଶାକୁ କାହିଁକି ନୁହେଁ; ପଶ୍ଚିମ ଓଡ଼ିଶାକୁ ଆଉ ନ୍ୟାୟ ପାଇବାରୁ ବଞ୍ଚିତ କରାଯାଇପାରିବ ନାହିଁ। ଙ୍କ ପୂଜାରୀ କହିଛନ୍ତି ଯେ ବିଭିନ୍ନ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ ମହାରାଷ୍ଟ୍ର ରାଜ୍ୟର କୋଲ୍‌ହାପୁର ଠାରେ ଆସନ୍ତା ୧୮ ଅଗଷ୍ଟରୁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ କରିବା। ଏହି ଖବର ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ଏହା ପଶ୍ଚିମ ମହାରାଷ୍ଟ୍ରର ଅନେକ ଜିଲ୍ଲାର ଜନସାଧାରଣଙ୍କ ପାଇଁ ନ୍ୟାୟ ଉପଲବ୍ଧରେ ବେଶ୍ ସହାୟକ ହେବ। କିନ୍ତୁ ଏଠି ଏକ ଗମ୍ଭୀର ପ୍ରଶ୍ନ ମଧ୍ୟ ଉଠୁଛି ଯେ ପଶ୍ଚିମ ଓଡ଼ିଶା ତଥା ସମ୍ବଲପୁରଠାରେ ହାଇକୋର୍ଟ ବେଞ୍ଚ ଯାହାକି ପଶ୍ଚିମ ଓଡ଼ିଶାର ଜନମାନସଙ୍କ ଦୀର୍ଘ ଦିନରୁ ରହିଥିବା ଦାବୀକୁ କାହିଁକି ଅଣଦେଖା କରାଯାଉଛି। ଯଦି ମହାରାଷ୍ଟ୍ରରେ ବିଜେପି ନେତୃତ୍ୱରେ କୋଲ୍‌ହାପୁରର ଦାବି ପୂରଣ ହୋଇପାରିବ, ତେବେ ପଶ୍ଚିମ ଓଡ଼ିଶା ପ୍ରତି ଏହି ଉଦାସୀନତା କାହିଁକି? ଓଡ଼ିଶାରୁ ମାତ୍ର ଦୁଇଜଣ ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗକୁ ଉଠାଇଥିଲେ, ଜଣେ ହେଲେ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏବଂ ଅନ୍ୟଜଣକ ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କେନ୍ଦ୍ର ସରକାରଙ୍କୁ ଅନେକ ଥର ଚିଠି ଲେଖି ପଶ୍ଚିମ ଓଡ଼ିଶାରେ ଏକ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ। କେନ୍ଦ୍ର ସହିତ ରାଜନୈତିକ ଭାବରେ ସମନ୍ୱିତ ନ ହେବା ସତ୍ତ୍ୱେ, ବିଜେଡି ସରକାର ସାମ୍ବିଧାନିକ ଉପାୟରେ ଏହି ଦାବିକୁ ଆଗକୁ ବଢ଼ାଇବା ପାଇଁ ଗମ୍ଭୀର ପ୍ରୟାସ କରିଥିଲେ। ବିଜେପିର ନିର୍ବାଚନୀ ପ୍ରତିଶ୍ରୁତିରେ ମଧ୍ୟ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ କଥା ରହିଥିବାବେଳେ, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କ ଭାବାବେଗକୁ ଏକ ଉପେକ୍ଷା ମନେ ହେଉଛି। କିନ୍ତୁ ବର୍ତ୍ତମାନ ବିଜେପି ଉଭୟ ସରକାରଙ୍କୁ ନିୟନ୍ତ୍ରଣ କରୁଛି, ଯଦି ଏବେ ନୁହେଁ, ତେବେ କେବେ? ପଶ୍ଚିମ ଓଡ଼ିଶା ପାଇଁ ନ୍ୟାୟ ଏକ ଅନୁଗ୍ରହ ନୁହେଁ, ଏହା ଏକ ଅଧିକାର। ଆମେ ଦାବି କରୁଛୁ ସମ୍ବଲପୁରରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରାଯାଉ, କେନ୍ଦ୍ରୀୟ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ପଷ୍ଟ ସମୟସୀମା ଏବଂ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଉ ବେଞ୍ଚ ପ୍ରତିଷ୍ଠା ପାଇଁ, ବର୍ତ୍ତମାନ ଯେହେତୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଜେପି ଦଳର ତେବେ ଏହାପାଇଁ ସେମାନେ ସମ୍ପୂର୍ଣ୍ଣ ଭାବରେ ଉତ୍ତରଦାୟୀ ରହିବେ। ଯଦି ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ନ କରାଯାଏ ତେବେ ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କ ସହ ମିଶି ଆମେ ସମସ୍ତ ପ୍ରକାର ଲଢେଇ ଲଢ଼ିବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଙ୍କ ପୂଜାରୀ କହିଛନ୍ତି।

## ବିଜେପି ନେତା ଓ ଡବଲ ଇଞ୍ଜିନ ସରକାର ଚୁପ୍ କାହିଁକି?

ସମ୍ବଲପୁର : ବମ୍ବେ ହାଇକୋର୍ଟର ୪ର୍ଥ ବେଞ୍ଚ କୋଲ୍‌ହାପୁରରେ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ପୂର୍ବରୁ ନାଗପୁର, ଔରଙ୍ଗାବାଦ ଓ ଗୋଆ ନିକଟରେ ୩ଟି ଥାଇ ଚତୁର୍ଥଟି ହେବା ପାଇଁ ଅନୁମୋଦନ ମିଳିସାରିଛି। ଏହା ଆସନ୍ତା ୧୮ ଅଗଷ୍ଟରେ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। କର୍ଣ୍ଣାଟକ, ମାଡ୍ରାସ, ଆଲାହାବାଦ, ଗୌହାଟୀ, ମଧ୍ୟପ୍ରଦେଶ, କେରଳ ସମେତ ଅନେକ କିଛି ହାଇକୋର୍ଟର ସ୍ଥାୟୀ ବେଞ୍ଚ ଅଛି। ଓଡ଼ିଶାର ପଶ୍ଚିମାଞ୍ଚଳରେ ଏକ ସ୍ଥାୟୀ ବେଞ୍ଚ ନେଇ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦାବି ରହିଆସିଛି। ପୂର୍ବରୁ ବିଜେପି ଦଳ କ୍ଷମତାକୁ ଆସିଲେ ହାଇକୋର୍ଟର ସ୍ଥାୟୀ ବେଞ୍ଚ କରିବେ ବୋଲି ଜନତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଅର୍ଡିନେନ୍ସ କରି କରିଦେବୁ ବୋଲି ଦୃଢ଼ ପ୍ରତଶ୍ରୁତି ଦେଇଥିଲେ। ସେ ପ୍ରତିଶ୍ରୁତି କୁଆଡେ ଗଲା ବୋଲି ଜିଲ୍ଲା କଂଗ୍ରେସ ସଂଯୋଜକ ଦୁର୍ଗା ପାଢ଼ୀ ପ୍ରଶ୍ନ କରିଛନ୍ତି। ୧୩ ମାସର ଡବଲ ଇଞ୍ଜିନ ବିଜେପି ସରକାର ତାର ନିଜ ପ୍ରତିଶ୍ରୁତି ରକ୍ଷାକରୁ। ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ପାଇଁ ଏହା ସମ୍ପୂର୍ଣ୍ଣ ସମ୍ଭବ। ଡବଲ ଇଞ୍ଜିନ ବିଜେପି ସରକାର ଏହା କାର୍ଯ୍ୟକାରୀ କରି ସମ୍ବଲପୁରରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରୁ ବୋଲି ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀ, ଏଆଇସିସି ସମ୍ପାଦକ ଆସଫ ଖାଁ, ପିସିସି ସମ୍ପାଦକ ଦିଲ୍ଲୀପ ଦୁରିଆ, କୁଚିଣ୍ଡା ବିଧାୟକ ପ୍ରାର୍ଥୀ କେଦାର ବରିହା ପ୍ରମୁଖ ପ୍ରେସ ବିବୃତି ମାଧ୍ୟମରେ ଦାବି ଜଣାଇଛନ୍ତି।

## ରେଳବାଇ କର୍ମଚାରୀ ପୁରସ୍କୃତ



ସମ୍ବଲପୁର, ୪।୮ (ସମିସ): ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଚାରମାଲ ଟ୍ରାକ୍ ମେଣ୍ଟେନର-୧ ଅଜିତ କୁମାର ପିଲାଇ, ଲୋଇସିଂହା ଟ୍ରାକ୍ ମେଣ୍ଟେନର-୪ ମନୋଜ ସିକା ଓ ଲକ୍ଷ୍ମଣ କୁମାର ପାତ୍ର, ବରିଷ୍ଠ ମାଲବାହୀ ଟ୍ରେନ୍ ପ୍ରବନ୍ଧକ, ସମ୍ବଲପୁର ସବ୍ୟସାଚୀ ବିଶ୍ୱାସ ଏବଂ ବରିଷ୍ଠ ସହାୟକ ଲୋକୋ ପାଇଲଟ୍, ଟିଟିଲାଗଡ଼ ଅନିଶ ରଞ୍ଜନଙ୍କୁ ନିରାପତ୍ତା ପ୍ରତି ସତର୍କତା ଏବଂ ସୁରକ୍ଷିତ ଟ୍ରେନ୍ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଓ ନିରାପତ୍ତା ନିୟମ ଉପରେ ଭଲ ଭାବରେ ଅବଗତ ହୋଇଥିବାରୁ ପୁରସ୍କୃତ କରାଯାଇଛି। କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ସେମାନଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ଏହି ଅବସରରେ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ) ତତ୍ତ୍ୱଦର୍ଶୀ ସାହୁ, ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଓପି) ବିନାୟକ ବେହେରା, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ତଥା ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସର୍ଟସର୍କିଟ୍‌ରୁ ଜଳିଗଲା କାର୍ ସମ୍ମୁଖଭାଗ

ସମ୍ବଲପୁର, ୪।୮ (ସମିସ):ସମ୍ବଲପୁର ଚର୍ଚ୍ଚ ଛକ ନିକଟରେ ଛିଡ଼ା ହୋଇଥିବା ଏକ କାର୍‌ର ସମ୍ମୁଖ ଭାଗ ଆଜି ସର୍ଟସର୍କିଟ୍ ଯୋଗୁଁ ସମ୍ପୂର୍ଣ୍ଣ ଜଳିପୋଡ଼ି ଯାଇଛି। ସୂଚନାନୁଯାୟୀ, ଜଣେ ବ୍ୟକ୍ତି ପରିବାର ସହ ଟାଟା ଇଣ୍ଡିଗୋ ଇସିଏସ୍ କାର ନଂଓଡି୧୫-ଇ୦୯୫୦ ଯୋଗେ ଭୁବନେଶ୍ୱରରୁ ଆସି ପ୍ରାୟ ୧୨ଟା ସମୟରେ ସମ୍ବଲପୁରରେ ପହଞ୍ଚିଥିଲେ। ସେ ଚର୍ଚ୍ଚ ଛକସ୍ଥିତ ହୋଟେଲ ସଂଗ୍ରାମ ଅପରପାଶ୍ୱର୍ରେ ରାସ୍ତା ଉପରେ ଗାଡ଼ିକୁ ପାର୍କିଂ କରି ବ୍ୟକ୍ତିଗତ କାମରେ ଯାଇଥିଲେ। ପ୍ରାୟ ସାଢ଼େ ୩ଟା ବେଳକୁ ଗାଡ଼ିରୁ ଧୂଆଁ ବାହାରି ସମ୍ମୁଖ ଭାଗରେ ନିଆଁ ଲାଗିଯାଇଥିଲା। ଖବରପାଇଁ ସହକାରୀ ଅଗ୍ନିଶମ ଅଧିକାରୀ ସୁଦାମ କିସକୋ ତୁରନ୍ତ ଦମକଳ ଓ ଆଗ୍ନିକ ଦଳ ସହ ଆସି ନିଆଁ ଲିଭାଇଥିଲେ। ତେବେ, ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ପୋଡ଼ିଯାଇଛି।



## ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବିକଲା ସମ୍ବଲପୁର ଜିଲ୍ଲା କଂଗ୍ରେସ

ସମ୍ବଲପୁର, ୪।୮ (ସମିସ):ବଳଙ୍ଗା ପୀଡ଼ିତା ୧୫ ଦିନ ଧରି ଜୀବନ ସହ ସଂଗ୍ରାମ ପରେ ଶେଷରେ ଆଖି ବୁଜିଛନ୍ତି। ଏତେ ବଡ଼ ଦୁର୍ଘଟଣା ପରେ ବିଜେପି ସରକାର, ପୁଲିସ ପ୍ରଶାସନ କେବଳ ଶୋକବାର୍ତ୍ତା ଦେଇ ନିଜ ଦାୟିତ୍ୱ ସାରିଦେବା ଏବଂ ଅପରାଧୀଙ୍କୁ ଗିରଫ କରି ନପାରିବା ଅତି ଦୁର୍ଭାଗ୍ୟଜନକ ବୋଲି ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ବୈଠକରେ ମତପ୍ରକାଶ ପାଇଛି। ଚାରି ଚାରି ଥର ବୟାନ ଦେଇଥିବା ପୀଡ଼ିତା ଜଣକ ମାନସିକସ୍ତରରେ ସକ୍ଷମ ଥିବା ଏବଂ ସୁସ୍ଥ ହୋଇ ଆସୁଥିବାବେଳେ ଆକସ୍ମିକ ମୃତ୍ୟୁ ରାଜ୍ୟବାସୀଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଏହା ଓଡ଼ିଶାରେ ମହିଳାଙ୍କ ସୁରକ୍ଷା, ସରକାରୀ ବ୍ୟବସ୍ଥା ଓ ନ୍ୟାୟ ପ୍ରକ୍ରିୟାର ବିଶେଷ ଦୁର୍ବଳତାକୁ ପ୍ରକାଶ କରୁଛି। ଏହା ସମ୍ପୂର୍ଣ୍ଣ ଭାବେ ସରକାରୀ ବ୍ୟବସ୍ଥାର ହତ୍ୟା ବୋଲି ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି। ପୁଲିସ ତଦନ୍ତର ବିଭିନ୍ନ ଦିଗକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଇଥିବା କାରଣରୁ ମୁଖ୍ୟମନ୍ତ୍ରୀ ଯେ କି ଗୃହ ବିଭାଗର ଦାୟିତ୍ୱରେ ଅଛନ୍ତି ସେ ତୁରନ୍ତ ଇସ୍ତଫା ଦିଅନ୍ତୁ। ଅପରପକ୍ଷେ ତଦନ୍ତ ବାଟବଣା ନହେବା ପାଇଁ ଉପମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଜିଲ୍ଲା କଂଗ୍ରେସ ଦାବି କରିଛି। ସମ୍ବଲପୁର କଂଗ୍ରେସ ଭବନରେ ଜିଲ୍ଲା ସଂଯୋଜକ ଦୁର୍ଗା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପିସିସି ସମ୍ପାଦକ ଦିଲ୍ଲୀପ ଦୁରିଆ, କୁଚିଣ୍ଡା ବିଧାୟକ ପ୍ରାର୍ଥୀ କେଦାର ବରିହା, କୁଚିଣ୍ଡା ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଅଖିଳ ପ୍ରତାପ ସିଂ, ନେତା ଜିତେନ୍ଦ୍ର ସାହୁ, ନାରୀ ନେତ୍ରୀ ସୂତପା ମିତ୍ର, ପିସିସି ସଭ୍ୟା ସୁରଞ୍ଜିନୀ ବାରିକ, ସୁମନ୍ତ ସ୍ୱାଇଁ, ପ୍ରକାଶ ଶତପଥୀ, ଅରୁଣ ଶିବ ପ୍ରଧାନ, ରବି ରାଉତ, ଜିତେନ ମହାନନ୍ଦ, ଦଶରଥ ଦାସ, ବାବୁ ଖାଁ, ବବିତା ପଟ୍ଟନାୟକ, ଏମ୍‌ଡି ଅକ୍ତର ସମେତ ଅନେକ ନେତା ଓ କର୍ମୀ ଉପସ୍ଥିତ ଥିଲେ। ବଳଙ୍ଗା ଓ ବାଲେଶ୍ୱର ଛାତ୍ରୀ ଘଟଣାର ନ୍ୟାୟିକ ତଦନ୍ତ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ କରାଯାଉ ଓ ସତ୍ୟ ଉନ୍ମୋଚନ ହେଉ ବୋଲି ଜିଲ୍ଲା ସଂଯୋଜକ ଶ୍ରୀ ପାଢ଼ୀ ଦାବି କରିଛନ୍ତି। ବରିଷ୍ଠ ନେତା ଗୋବିନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ଜିଏମ୍‌ୟୁ ରାଜନୀତି ବିଜ୍ଞାନ ବିଭାଗରେ କର୍ମଶାଳା

ସମ୍ବଲପୁର, ୪।୮ (ସମିସ):ଫକୀରମୋହନ ସେନାପତିଙ୍କ 'ରେବତୀ' ଗଳ୍ପ ଉଦାହରଣ ଦେଇ ସାମାଜିକ ରୁଢ଼ିବାଦ ଓ ନାରୀଶିକ୍ଷା ପ୍ରତି ବିରୋଧୀ ମନୋଭାବ ଦର୍ଶାଉଛି। କୁନ୍ତଳା କୁମାରୀ ସାବତଙ୍କୁ ଏକ ନାରୀ ମୁକ୍ତି ଓ ଶିକ୍ଷା ସୂର୍ଯ୍ୟ ଭାବରେ ବର୍ଣ୍ଣନା କରିଥିଲେ ଏବଂ ସାବିତ୍ରୀ ବାଇ ଫୁଲେଙ୍କ ଅବଦାନ ରହିଛି, ଯେଉଁଥିରେ ଗରିବ ଓ ଦଳିତ ନାରୀମାନେ ପାଇଁ ସେ ଶିକ୍ଷା ପ୍ରଚାର କରିଥିଲେ। ସାମାଜିକ ଧାରଣା ଓ ପୁରୁଷ ପ୍ରଭୁତ୍ୱ ଆଧାରିତ ଚିନ୍ତାଧାରା ଫଳରେ ନାରୀଙ୍କୁ ବେଶି ଭାଗ କ୍ଷେତ୍ରରେ ତ୍ରୁଟିପୂର୍ଣ୍ଣ ଭାବେ ଚିତ୍ରଣ କରାଯାଏ। ଏହି ଭାବନାରେ ନାରୀମାନେ କେବଳ ଘର ଓ ପରିବାର ପାଇଁ ଅନୁକୂଳ ଭାବେ ଦେଖାଯାନ୍ତି, ତାଙ୍କ ସ୍ୱାଧୀନ ମନ, ଦୃଢ଼ ମତ ଓ ସମାଜ ଗଠନରେ ତାଙ୍କର ଭୂମିକାକୁ ଅଣଦେଖା କରାଯାଏ। ଏହି ଭୁଲ ଚିନ୍ତାଧାରା ନାରୀଙ୍କ ଅସ୍ତିତ୍ୱକୁ କେବଳ ଏକ ଉପାଦାନ ଭାବେ ବୁଝିଥାଏ, ଯାହା ତାଙ୍କ ସ୍ୱତନ୍ତ୍ରତା ଓ ବିକାଶକୁ ବାଧା ଦେଉଛି। ଏଣୁ ଏପରି ରଢ଼ିବାଦୀ ଭାବନା ଭଙ୍ଗ କରିବା ପାଇଁ ଶିକ୍ଷା ଏବଂ ସାମାଜିକ ଜାଗୃତି ଅତ୍ୟନ୍ତ ଆବଶ୍ୟକ ବୋଲି ବକ୍ତାଦ୍ୱୟ ଆହ୍ୱାନ ଦେଇଛନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ରାଜନୀତି ବିଜ୍ଞାନ ବିଭାଗ ଅଧୀନସ୍ଥ ସାମାଜିକ ଲିଙ୍ଗ ଅଧ୍ୟୟନ କେନ୍ଦ୍ର ପକ୍ଷରୁ 'ଭାରତରେ ସାମାଜିକ ଲିଙ୍ଗ ଓ ରାଜନୀତି' ଶୀର୍ଷକ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଏବଂ ଶୈଳବାଳା ମହିଳା କଲେଜର ସହଯୋଗୀ ପ୍ରଫେସର ଡଃ ମୌସୁମୀ ପଟ୍ଟନାୟକ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରି ଭାରତର ରାଜନୈତିକ ବ୍ୟବସ୍ଥାରେ ସାମାଜିକ ଲିଙ୍ଗ ଭୂମିକାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। କର୍ମଶାଳାରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଓ ରାଜନୀତି ବିଜ୍ଞାନ ବିଭାଗର ସଂଯୋଜକ ଡଃ କେଶବ ଚନ୍ଦ୍ର ରଥ ଉପସ୍ଥିତ ଥିଲେ। ସାମାଜିକ ଲିଙ୍ଗ ଅଧ୍ୟୟନ କେନ୍ଦ୍ର ସଂଯୋଜିକା ଡଃ ବନିତା ମହାନନ୍ଦିଆ କର୍ମଶାଳା ସଂଚାଳନ କରିଥିଲେ।

## ସମସ୍ୟା ଘେରରେ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

### ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣା

ରେଢ଼ାଖୋଲ,୪।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବଡବାହାଲ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଦିନ ବିଦ୍ୟାଳୟ ପରିଚାଳନା କମିଟି ଅଭିଭାବକ ଗ୍ରାମବାସୀ ମିଳିତ ଭାବରେ ସ୍କୁଲର ବିଭିନ୍ନ ସମସ୍ୟାକୁ ନେଇ ସ୍କୁଲର ମୁଖ୍ୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସି ରହିଥିଲେ। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ମୋଟ ୧୮୧ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଥି ମଧ୍ୟରେ ବିଦ୍ୟାଳୟରେ ଏକ ବର୍ଷ ହୋଇ ଗଲାଣି ବିଭିନ୍ନ ସମସ୍ୟା ଦେଖା ଦେଇଛି। ଛାତ୍ରଛାତ୍ରୀଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନାହିଁ, ମଧ୍ୟାହ୍ନ ଭୋଜନରେ ଦିଆଯାଉଥିଲା ଭାତରେ ପୋକ ବାହାରୁଛି , ଭଲରେ ଗୋଟିଏ ଶୌଚାଳୟ ନ ଥିବାରୁ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଗ୍ରାମବାସୀ ବାରମ୍ବାର ପ୍ରଶାସନଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନି। ଶେଷରେ ବାଧ ହୋଇ ଆଜି ପରିଚାଳନା କମିଟି, ଅଭିଭାବକ ଏବଂ ଗ୍ରାମବାସୀ ବିଦ୍ୟାଳୟର ମୁଖ୍ୟ ଗେଟ୍ ରେ ତାଲା ପକାଇ ଧାରଣାରେ ବସି ରହିଥିଲେ। ଖବର ପାଇ ରେଢ଼ାଖୋଲ ପୁଲିସ ଓ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି ଏବଂ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ସ୍କୁଲ କମିଟି ଓ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଡାକି ଖାତା ପତ୍ର ଯାଞ୍ଚ କରିବା ସହ ଖାତା ପତ୍ରରେ ଭୁଲ୍ ଥିବା ଦେଖି ତାଗିତ କରିଥିଲେ। ଆଗାମୀ ୭ ଦିନ ଭିତରେ ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ସ୍ଥଗିତ ହୋଇଥିଲା। ଏଥିରେ ବିଦ୍ୟାଳୟରେ ପାଠପଢ଼ା ସ୍ୱାଭାବିକ ହୋଇଥିଲା। ପ୍ରଦୀପ କୁମାର ସାହୁ, କୃପାସିନ୍ଧୁ ସାହୁ, ରମାକାନ୍ତ ପ୍ରଧାନ, ଉମାକାନ୍ତ ସାହୁ, କରୁଣା କର ଦେହୁରୀ, ବୈଶାଖି ପୋଢ ପ୍ରମୁଖ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ରହିଥିଲେ।



## ଫାଇଲେରିଆ ସାମୂହିକ ଔଷଧ ସେବନ ସଚେତନତା କର୍ମଶାଳା

ସମ୍ବଲପୁର, ୪।୮ (ସମିସ): ସମ୍ବଲପୁର ଜିଲ୍ଲା ଧନକଉଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚ୍‌ସି) ଅଧିନସ୍ଥ ଅଞ୍ଚଳରେ ଫାଇଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ। ଏହି ଅଞ୍ଚଳରେ ୪୫ ଜଣ ପଜିଟିଭ ରହିଛନ୍ତି। ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୨୮ ଓ ୨୯ର ଗେଙ୍ଗୁଟିପାଲିରେ ୩୨ ଜଣ ଏବଂ ସଂକର୍ମାରେ ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ଧନୁପାଲି ୟୁପିଏଚ୍‌ସି ଅନ୍ତର୍ଗତ ଅଞ୍ଚଳରେ ୨ ଜଣ ଏବଂ କ୍ଷେତରାଜପୁର ୟୁପିଏଚ୍‌ସି ଅଞ୍ଚଳରେ ଜଣେ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ମୋଟ ୪୮ ଜଣ ପଜିଟିଭ ରହିଛନ୍ତି। ସେହିପରି ଗ୍ରାମାଞ୍ଚଳରେ ମାନେଶ୍ୱର ବ୍ଲକର ସାହାସପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ଭିକମପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଞ୍ଚଳରେ ମୋଟ ୧୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସମ୍ବଲପୁର ଜିଲ୍ଲାରେ ଅଧିକାଂଶ ବ୍ଲକ ଫାଇଲେରିଆ ପ୍ରବଣ ଥିବାବେଳେ ଗତ ୨୦୨୨-୨୩, ୨୦୨୩-୨୪ ଓ ୨୦୨୪-୨୫ ଫାଇଲେରିଆ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ପରେ ଫାଇଲେରିଆ ଆକ୍ରାନ୍ତ ସଂଖ୍ୟାରେ ହ୍ରାସ ଘଟିଥିବା ଜଣାପଡ଼ିଛି। ଏହାସହ ଚଳିତ ବର୍ଷ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସାମ୍ନାରେ ଔଷଧ ଖୁଆଇବା ଉପରେ ଗୁରୁତ୍ୱାରୋପ କରାଯାଉଛି। ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଅଇଁଠାପାଲିଠାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ପୂର୍ବାହ୍ଣରେ ଫାଇଲେରିଆ ରୋଗ ନିରାକରଣ ଅଭିଯାନରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ନେଇ ସଚେତନତା ଓ ଅଭିମୁଖିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଅଗଷ୍ଟ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୂହିକ ଔଷଧ ସେବନ (ଏମ୍‌ଡିଏ) ସମ୍ବନ୍ଧିତ ବିସ୍ତୃତ ବିବରଣୀ ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ବ୍ଲକ ଅଧିକାରୀ ଓ କର୍ମଚାରୀ, ଏନଜିଓ କର୍ମକର୍ତ୍ତା, ସାମ୍ବାଦିକ ଏବଂ ସ୍ୱେଚ୍ଛାସେବୀଙ୍କୁ ସଚେତନ କରାଯାଇଥିଲା। ଜିଲ୍ଲାରେ ଲିମ୍ଫାଟିକ ଫାଇଲେରିଆ ନିରାକରଣ ପାଇଁ ବ୍ୟାପକ ଔଷଧ ସେବନ (ଏମ୍‌ଡିଏ) ଅଭିଯାନରେ ଫାଲେରିଆ ପ୍ରତିରୋଧକ ଡି.ଇ.ସି, ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ୍ ଔଷଧ ସେବନ କରାଯିବ। କେବଳ ଆଶା କର୍ମୀ / ଅଙ୍ଗନବାଡ଼ି କର୍ମୀ କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଏହି ବଟିକା ଖାଇବା ନିମନ୍ତେ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମ ସହରାଞ୍ଚଳ ସମେତ ପଞ୍ଚାୟତ ଓ ଗ୍ରାମସ୍ତରରେ ଆୟୋଜନ କରାଯିବ। ଯେଉଁଥିପାଇଁ ନିର୍ଦ୍ଧାରିତ ସ୍ଥଳ / ବୁଥ୍, ଘରେ-ଘରେ ପହଞ୍ଚିବା ଜରିଆ ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଔଷଧ ସେବନ କରାଯିବ। ଜିଲ୍ଲାର ସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ରରେ ରୋଗୀ ଓ ସହଯୋଗୀଙ୍କ ପାଇଁ ମଧ୍ୟ ଏହି ସୁବିଧା ରହିବ। ବିଶେଷ ସ୍ଥାନଗୁଡ଼ିକ ଯେପରିକି ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ଶିଳ୍ପ ପ୍ରତିଷ୍ଠାନ, କାରାଗାର ଆଦିରେ ଔଷଧ ସେବନ ସକାଶେ ସ୍ୱତନ୍ତ୍ର ଦଳ ଯାଇ ଔଷଧ ଖୁଆଇବେ। ଚଳିତବର୍ଷ ସାମୁହିକ ଔଷଧ ସେବନକୁ ଶତପ୍ରତିଶତ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି।



## ମୁକ୍ତେଶ୍ୱର ଧାମରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼

ଜମନକିରା,୪।୮ (ସମିସ): ଜମନକିରା ବ୍ଲକ୍ ଅନ୍ତର୍ଗତ ପଶ୍ଚିମାଭିମୁଖି ପ୍ରସିଦ୍ଧ ଶିବ ମନ୍ଦିର ମୁକ୍ତେଶ୍ୱର ଧାମରେ ଶ୍ରାବଣ ଶେଷ ସୋମବାର କାଉଡ଼ିଆ ସହ ଲକ୍ଷାଧିକ ଭକ୍ତ ଯୋଗ ଦେଇ ଥିଲେ। ଭୋର ୨ଟା ରୁ ମନ୍ଦିର କବାଟ ଖୋଲା ଯାଇଥିଲା। ମନ୍ଦିର ପୂଜା କାର୍ଯ୍ୟରେ ଅଲେଖ ମହାପାତ୍ର ଓ ତାଙ୍କ ପରିବାର ସାହାଯ୍ୟ କରିଥିଲେ। ପ୍ରଶାସନ ପକ୍ଷରୁ ଭିଡ଼କୁ ଆଖି ଆଗରେ ରଖି ଆଇଆଇସି ପଦ୍ମାଲୟା ସାହୁ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ଶହ ଶହ ଦୋକାନ ବଜାର ଲାଗି ଥିବା ବେଳେ ଅନେକ ସ୍ଥାନରେ ଖାଦ୍ୟ ବଣ୍ଟନ କରାଯାଉଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ପିକେ କାମ୍ବାପାନ, ମାନ ଭଞ୍ଜନ ମେହେର,ଅଶୋକ ମେହେର,ରାଜ କୁମାର କେଡିଆ, ନରେଶ ଅଗ୍ରୱାଲ, ରମେଶ ସାହୁ, ଆଦି ପ୍ରସାଦ ମହାକୁଡ, ସାଲେକରାମ ପଧାନ, ଅମରେଶର ସ୍ୱାଇ, ଜେଇ କୁମାର ପଲସିଆ, ରିଙ୍କୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**● ଚାଉରପୁର ବ୍ରିଜ୍‌ରୁ ଡେଇଁ ନିଖୋଜ**

## ସୁବର୍ଣ୍ଣପୁରରୁ ମୃତଦେହ ଉଦ୍ଧାର

ସମ୍ବଲପୁର,୪।୮ (ସମିସ):ଗତ ମାସ ୨୯ ଚାଉରପୁରସ୍ଥିତ ମହାନଦୀର ଦ୍ୱିତୀୟ ବ୍ରିଜ ଉପରୁ ଜଣେ ବ୍ୟକ୍ତି ଡେଇଁ ନିଖୋଜ ଥିଲେ। ତାଙ୍କ ମୃତଦେହ ସୁବର୍ଣ୍ଣପୁର ଜିଲ୍ଲା ହିକୁଡି ଫାଣ୍ଡି ଅନ୍ତର୍ଗତ ବଢିଲା ଗାଁ ନିକଟ ମହାନଦୀରୁ ରବିବାର ଠାବ କରାଯାଇଛି। ସେ ହେଲେ ପଟ୍ଟନାୟକପଡ଼ାର ଦୁର୍ଗାଶଙ୍କର ପ୍ରଧାନ(୫୯)। ସେ ପୂର୍ତ୍ତ ବିଭାଗରେ କାର୍ଯ୍ୟରତ ଥିଲେ। ୩ ମାସରୁ ଅଧିକ ସମୟ ହେଲା ତାଙ୍କ ମୁହଁରେ ଏକ ଆବୁ ବାହାରିଥିଲା। ଏଥିପାଇଁ ଏହାକୁ ନେଇ ସେ ଲଜ୍ଜିତ ଅନୁଭବ କରୁଥିଲେ। କର୍କଟ ହୋଇଥିବା ନେଇ ମଧ୍ୟ ତାଙ୍କ ମନରେ ଆଶଙ୍କା ରହିଥିଲା। ଏହି ଘଟଣାକୁ ନେଇ ମାନସିକ ଭାବରେ ଭାରାକ୍ରାନ୍ତ ହୋଇପଡ଼ିଥିଲେ। ତେଣୁ ସମ୍ଭବତଃ ଏହି କାରଣ ପାଇଁ ଚାଉରପୁର ବ୍ରିଜରୁ ନଦୀକୁ ଡେଇଁ ପଡ଼ିଥିବା ଆଶଙ୍କା କରାଯାଉଥିବା ଟାଉନ ଥାନା ଅଧିକାରୀ ସୁବ୍ରତ ମେହେର କହିଛନ୍ତି। ଶବକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଦୁର୍ଗାଶଙ୍କରଙ୍କ ପରିବାରରେ ପତ୍ନୀ ଏବଂ ବିବାହିତ ଝିଅ, ପୁଅ ଅଛନ୍ତି।








## ବାଇକ୍-ଭ୍ୟାନ୍ ଧକ୍କା

**କୁଆଁଗୋଲା, ୪।୮ (ସମିସ):** ଯାଜପୁର ଠାରୁ କୁଆଁଗୋଲା ୨୦ନଂ ଜାତୀୟ ରାଜପଥର ଥାଲକୁଡ଼ି ଛକ ନିକଟରେ ମଟର ସାଇକଲ ସହ ଟାଟା ଏସି ମୁହାଁମୁହିଁ ଧକ୍କା ହୋଇଛି। ଘଟଣା ସ୍ଥଳରେ ମଟର ସାଇକଲ ଆରୋହୀ ଗୁରୁତର ହୋଇପଡ଼ିଛି। ଅପରାହ୍ନରେ ନିଯାମପୁର ପଞ୍ଚାୟତ ଅନ୍ତର୍ଗତ ନଛିଦ୍ରପୁର ଗ୍ରାମର ବୈକୁଣ୍ଠ ବିଶ୍ୱାଳଙ୍କ ପୁଅ କାର୍ତ୍ତିକ ବିଶ୍ୱାଳ ନିଜ ଗ୍ରାମରୁ ମଙ୍ଗଳପୁର ବଜାର ଯାଉଥିବା ସମୟରେ ଥାଲକୁଡ଼ି ଛକଠାରେ ମଙ୍ଗଳପୁର ବଜାର ପଟରୁ କୁଆଁଗୋଲାକୁ ସିମେଣ୍ଟ ଓ ଚିପ୍ସ ନେଇ ଯାଉଥିବା ଏକ ଟାଟାଏସି ମୁହାଁମୁହିଁ କାର୍ତ୍ତିକଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କାର୍ତ୍ତିକ ଗୁରୁତର ହୋଇ ପଡ଼ିଥିଲେ ଏପରି ପରିସ୍ଥିତିରେ ଟାଟା ଏସି ଡ୍ରାଇଭର ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକେ ଉତ୍ତେଜିତ ହେବାରୁ ଟାଟା ଏସି ମାଲିକ ବାଇକ ଆରୋହିଙ୍କୁ କଟକ ମେଡ଼ିକାଲ ନେବାର ସୂଚନା ମିଳିଛି। ଘଟଣାସ୍ଥଳରେ ମଙ୍ଗଳପୁର ପୁଲିସ ପହଞ୍ଚି ୨ଟି ଗାଡ଼ିକୁ ଜବତ କରି ଥାନାକୁ ଆଣିଛି। ଏ ସମ୍ପର୍କରେ ମଙ୍ଗଳପୁର ଥାନା ଏସଆଇ ବିଭୂତି ମହାପାତ୍ର କହିଛନ୍ତି ଏତଲା ହୋଇନାହିଁ। ଗାଡ଼ି ଜବତ ହୋଇଛି। ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଅଦୃଶ୍ୟ ସୁରକ୍ଷାରେ କୁସୁନପୁର ବେଆଇନ କ୍ରସର

# କିଡ୍‌ନୀ ରୋଗରେ ଆତଙ୍କିତ ଗ୍ରାମବାସୀ



**କବାଟବନ୍ଧ, ୪।୮ (ସମିସ)**

ଧର୍ମଶାଳା ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ଜେନାପୁର ଥାନା କୁସୁନପୁର ନିକଟରେ ଦିନରାତି ବେଧଡ଼କ ଚାଲୁଥିବା ବେଆଇନ କ୍ରସର ଗୁଡ଼ିକୁ କିଏ ସୁରକ୍ଷା ଦେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାହାଡ଼ ପାଦ ଦେଶରେ ଜନବସତି ନିକଟରେ ଗଢ଼ି ଉଠିଥିବା ଏହି କ୍ରସର ଗୁଡ଼ିକ ନିର୍ବାଚନ ସମୟ ପରଠାରୁ କିଛି ଦିନ ପାଇଁ ସାମୟିକ ଭାବେ ବନ୍ଦ ରହିବା ପରେ ଏବେ ଏହା ଦିନରାତି ଚାଲୁଥିବା ଦେଖିବାକୁ ମିଳିଛି। ଜେନାପୁର ଥାନା ଅଧୀନ ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯାଇଥିବା କ୍ରସର ଗୁଡ଼ିକ କୌଣସି ମତେ ତଞ୍ଚକତା କରି କାଗଜପତ୍ର ହାତେଇ ନେଇଛନ୍ତି। ମାତ୍ର କ୍ରସର ଚଳାଇବା ପାଇଁ ରହିଥିବା ବିଭିନ୍ନ ମାନଦଣ୍ଡ କିମ୍ବା ସରକାରୀ ନୀତି ନିୟମକୁ ପୂରଣ କରିନାହାଁନ୍ତି। ଯାହା ଦ୍ୱାରା ସ୍ଥାନୀୟ ଜନସାଧାରଣ ପ୍ରଭାବିତ ହେବା ସହିତ ରୋଗଗ୍ରସ୍ତ ହୋଇ ମୃତ୍ୟୁ ମୁଖରେ ପଡ଼ୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ରହିଥିବା ଜଳ ଉତ୍ସ ଗୁଡ଼ିକ ସମ୍ପୂର୍ଣ୍ଣ ପ୍ରଦୂଷିତ ହୋଇଥିବା ଜଣାପଡ଼ିଛି। ଉକ୍ତ କ୍ରସର ଅଞ୍ଚଳରେ ରହିଥିବା ଜଳାଶୟ ଗୁଡିକରେ ଏକ ଆବରଣ ସୃଷ୍ଟି ହୋଇଛି। ପରିସ୍ଥିତି ଏଭଳି ହେଲାଣି କି କୁସୁନପୁର କ୍ରସର ନିକଟରେ ରହିଥିବା ଆଦିବାସୀ ଗାଁ ବଲାଙ୍ଗିଆରେ ଏବେ ଘରେ ଘରେ କିଡ୍‌ନୀ ରୋଗୀ। ପରିବେଶ ପ୍ରଦୂଷଣ ଏବଂ ଦୂଷିତ ଜଳ ଏହାର ମୁଖ୍ୟ କାରଣ। ବଲାଙ୍ଗିଆ ଗାଁରେ ଗତ ଅପ୍ରେଲ ୨୫ ତାରିଖରେ କ୍ରୋନିକ କିଡ୍‌ନୀ କ୍ୟାମ୍ପରେ ୯୨ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସେଥିମଧ୍ୟରୁ ୧୮ ଜଣ କିଡ୍‌ନୀ ରୋଗରେ ପୀଡ଼ିତ ଥିବା ରିପୋର୍ଟ କହୁଛି। ଏହା ପରେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗୁ ନାହିଁ କିମ୍ବା ଏଥିପ୍ରତି ତତ୍ପରତା ପ୍ରକାଶ କରୁନାହାଁନ୍ତି। କ୍ରସର ପରିଚାଳନା ପାଇଁ ପ୍ରଦୂଷଣ ବିଭାଗ ହେଉ କିମ୍ବା ତହସିଲ ଏବଂ ଲଘୁଖଣିଜ ସମ୍ପଦ ବିଭାଗ କିମ୍ବା ପୁଲିସ ଏଥିପ୍ରତି ଆଦୌ ସଚେତନ ହେଉନାହାଁନ୍ତି। ବେଆଇନ ଚାଲୁଥିବା ଏହି କ୍ରସର ଗୁଡିକ ଆଖିବୁଜି ସବୁ ନିୟମ କାନୁନକୁ ଦଳିମକଚି ଦେଉଥିବା ବେଳେ ପ୍ରଶାସନ ପକ୍ଷରୁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। ଅନ୍ୟ ପକ୍ଷରେ କାହା ସୁରକ୍ଷାରେ ଏହା ଚାଲୁଛି ତଥା ବେଆଇନ କ୍ରସର ଚଳାଇବାକୁ କିଏ ସୁରକ୍ଷା ଦେଉଛି ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ବେଆଇନ ଚାଲୁଥିବା ଏହି କ୍ରସର ଗୁଡ଼ିକରୁ ଏକତ୍ରିତ କରି ମାସିକିଆ ଟଙ୍କା ଆଦାୟ କରି କାର୍ଯ୍ୟାନୁଷ୍ଠାନ ନ ହେବା ପାଇଁ ଅଘୋଷିତ ଚୁକ୍ତି ହୋଇଥିବା ଶୁଣିବାକୁ ମିଳୁଛି। ଯଦି ଏହି କଥା ସତ୍ୟ, ତେବେ ଏହା ଭିତରେ ଏକ ରାକେଟ କାମ କରୁଥିବା ସ୍ପଷ୍ଟ ପ୍ରମାଣିତ ହେଉଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବା ସହିତ ମାସିକିଆ ମ୍ୟାନେଜ ହୋଇଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଲୋକ ଲୋଚନକୁ ଆସିପାରନ୍ତେ।

## ବୁଲା ଗୋରୁଗାଈଙ୍କୁ ଲାଗିଲା ରେଡିୟମ୍




**ଯାଜପୁର, ୪।୮ (ସମିସ):** ରାତି ଅନ୍ଧାରରେ ରାସ୍ତାରେ ବୁଲୁଥିବା ଗାଈ ଗୋରୁଙ୍କ ଯୋଗୁଁ ହେଉଛି ଅନେକ ଦୁର୍ଘଟଣା। ଏହି ଦୁର୍ଘଟଣା ଯୋଗୁଁ ଏନେକଙ୍କ ପ୍ରଣାହାନି ହେଉଥିବା ଦେଖିବାକୁ ମିଳୁଛି। ପଥଚାରୀଙ୍କ ସୁରକ୍ଷା ଓ ଦୁର୍ଘଟଣା ରୋକିବା ପାଇଁ ଯାଜପୁରର ଅଗ୍ରଣୀ ସମାଜସେବା ଅନୁଷ୍ଠାନ ମାନବସେବା ଫାଉଣ୍ଡେସନ ଆରମ୍ଭ କରିଛି ଭିନ୍ନପ୍ରୟାସ। ଯାଜପୁର ସହରରେ ରାସ୍ତା ବୁଲା ଗାଇଗୋରୁଙ୍କୁ ରେଡିୟମ ବେଲ୍ଟ ପିନ୍ଧାଇ ଆରମ୍ଭ କରିଛି ପଥଚାରୀଙ୍କ ସୁରକ୍ଷା। ଯାହା ଫଳରେ ଗାଡିଚାଳକ ମାନେ ଦୂରରୁ ରାସ୍ତାରେ ଥିବା ଗାଇଗୋରୁଙ୍କୁ ଦେଖିପାରି ନିଜ ଗାଡ଼ିର ଗତି କମାଇ ଦୁର୍ଘଟଣାରୁ ବଞ୍ଚିତ ହେବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡ. ସୁବ୍ରତ ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ସମାଜସେବୀଙ୍କ ଏଭଳି ପ୍ରୟାସର ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ବିରଜାପୁର ପଞ୍ଚାୟତର ସରପଞ୍ଚ ନିରାକାର ସାହୁ ଯୋଗ ଦେଇ ଅନୁଷ୍ଠାନର ଏଭଳି ଉଦ୍ୟମକୁ ସାଧୁବାଦ ଜଣାଇବା ସହ ରାସ୍ତାରେ ଗାଇଗୋରୁ ମାନଙ୍କୁ ଏଭଳି ନ ଛାଡ଼ିବାକୁ ସ୍ଥାନୀୟ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସଭାପତି ତାପସ ଚନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସରୋଜ କୁମାର ରାଉତରାୟ, ଜ୍ଞାନ ରଞ୍ଜନ ସାହୁ, ମାନସ ରଞ୍ଜନ ନାୟକଙ୍କ ସମେତ ସମସ୍ତ ସଭ୍ୟ ଯୋଗ ଦେଇ ଗାଇଗୋରୁ ମାନଙ୍କୁ ରେଡିୟମ ବେଲ୍ଟ ପିନ୍ଧାଇଥିଲେ। ଆଗାମୀ ଦିନରେ ଏହାକୁ ରାଜ୍ୟବ୍ୟାପୀ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ଶିଳ୍ପୀ ମହାସଂଘ

## ୬ରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା

**ଯାଜପୁର, ୪।୮ (ସମିସ):** ପୂର୍ବ ସରକାର ରାଜ୍ୟର କାରିଗରମାନଙ୍କ ପାଇଁ ଅନେକ ଯୋଜନା କରିଥିବା ବେଳେ ଏବେ ସେହି ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାର ପଛାଉଥିବା ଦେଖିବାକୁ ମିଳିଛି। ତେଣୁ ଏହାର ପ୍ରତିବାଦରେ ଆସନ୍ତା ୬ ତାରିଖରେ ରାଜ୍ୟ ବ୍ୟାପୀ ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ନିଷ୍ପତି ହୋଇଥିବା ବେଳେ ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ହେବାକୁ ଥିବା ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ପୂର୍ବ ସରକାର ସମୟରୁ ଲାଗୁ କରାଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ଦାବି କରାଯିବ। ଏହି ଯୋଜନା ଅଧୀନରେ ରାଜ୍ୟର ୧୫୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ପରିତାପର ବିଷୟ ଜଣେ ହେଲେ ବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ଯୋଜନାରେ କିନ୍ତୁ ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଓ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ନିୟମ ରହିଛି। ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି। ଠିକ୍ ସେହିଭଳି ଓଡ଼ିଶା ଶିଳ୍ପୀ ମହାସଂଘର ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଏହି ପରିଷଦ ରାଜ୍ୟ ସରକାର ଏବଂ କାରିଗର ଓ ବୁଣାକାରଙ୍କ ମଧ୍ୟରେ ସମ୍ପର୍କର ସେତୁ ପାଲଟିଥିବା ବେଳେ ପୂର୍ବ ସରକାରରେ ନିପୁଣ ଶିଳ୍ପୀ /ବୁଣାକାରଙ୍କ ଦରମା ବୃଦ୍ଧି, ପ୍ରଶିକ୍ଷାର୍ଥୀଙ୍କ ଭତ୍ତା ବୃଦ୍ଧି, ଦେଢଶହରୁ ଉର୍ଦ୍ଧ୍ୱ ହସ୍ତଶିଳ୍ପ ଗ୍ରାମ ବା ପୁଞ୍ଜର ଚିହ୍ନଟ ପାଇଁ ସାଇନ ବୋର୍ଡ ବ୍ୟବସ୍ଥା, ଶିଳ୍ପୀ ଓ ବୁଣାକାରଙ୍କ ପାଇଁ କର୍ମଶାଳା, ଉତ୍କଳିକା ମାଧ୍ୟମରେ ସାହାଣ ପଥର ଯୋଗାଣ ଓ ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ପ୍ରତିଷ୍ଠା ଆଦି ଅନେକ ନିଷ୍ପତି ନେଇପାରିଥିଲା। ଏହି ପରିଷଦର ପରିଚାଳନା ବୋର୍ଡରେ ହସ୍ତଶିଳ୍ପୀ ଓ ବୁଣାକାର ରହିବାର ବ୍ୟବସ୍ଥା ଥିବାରୁ ଏହା ସକ୍ରିୟ ହେବା ଅତ୍ୟନ୍ତ ଜରୁରୀ ଅଟେ। ଆସନ୍ତା ୬ରୁ ଆରମ୍ଭ ହେବାକୁ ଥିବା ଏହି ପ୍ରତିବାଦ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ୬ ତାରିଖ ଦିନ ମହାସଂଘ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟର ସମସ୍ତ ଶିଳ୍ପୀ ଓ ବୁଣାକାରଙ୍କୁ ଓଡ଼ିଶା ଶିଳ୍ପୀ ମହାସଂଘ ସମ୍ପାଦକ ପ୍ରିୟରଞ୍ଜନ କର ନିବେଦନ କରିଛନ୍ତି।

## ଖାଲଖମାରେ ଭର୍ତ୍ତି ବୁଦ୍ଧଲିଙ୍ଗ ଭଗବାନପୁର ରାସ୍ତା

**ଧର୍ମଶାଳା, ୪।୮ (ସମିସ):** ଧର୍ମଶାଳା ବ୍ଲକ କୋତପୁର ପଞ୍ଚାୟତ ବୁଦ୍ଧଲିଙ୍ଗ ଛକରୁ ଭଗବାନପୁରକୁ ସଂଯୋଗ କରୁଥିବା ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତା ମରାମତି ଅଭାବରୁ ଖାଲଖମାରେ ପରିଣତ ହୋଇଛି। ଏହି ରାସ୍ତା ଦେଇ ଯାତାୟତ କରୁଥିବା ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଥାଉକି ବରୁହାଁ-ବାଲିଚନ୍ଦ୍ରପୁର ରାସ୍ତାର ଚତର ପଡ଼ିଆ ନିକଟରୁ ବାହାରିଥିବା ଏହି ରାସ୍ତା ଗୋକର୍ଣ୍ଣେଶ୍ୱର-ବନମାଳିପୁର ନଦୀବନ୍ଧ ରାସ୍ତାର ବୁଦ୍ଧଲିଙ୍ଗ ଛକ ନିକଟରେ ସଂଯୋଗ ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏହାକୁ ୬ବର୍ଷ ପୂର୍ବେ ଢଳେଇ କରାଯାଇଥିଲା। ୭ଶହ ମିଟର ଲମ୍ବର ଏହି ରାସ୍ତା ନିର୍ମାଣରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫୦ଲକ୍ଷରୁ ଅଧିକ ଟଙ୍କା ବ୍ୟୟ କରାଯାଇଥିଲା। ଏଥିରେ ଏକାଧିକ କଲଭର୍ଟ ଓ କଂକ୍ରିଟ୍ ୱାଲ ନିର୍ମାଣ ହୋଇଥିଲା। ତେବେ ଏହା ଏକ ବନ୍ୟାପ୍ରବଣ ଅଞ୍ଚଳ ହୋଇଥିବାରୁ ପ୍ରତିବର୍ଷ ରାସ୍ତା ଉପରେ କେଲୁଅ ନଦୀର



ବନ୍ୟାଜଳ ପ୍ରବାହିତ ହୋଇଥାଏ। ସେହିପରି ୨୦୨୦ରେ ହୋଇଥିବା ବନ୍ୟାରେ ଏହି ରାସ୍ତା ୧ସପ୍ତାହ ଧରି ବନ୍ୟାଜଳରେ ବୁଡ଼ି ରହିଥିଲା। ଫଳରେ ଅନେକ ସ୍ଥାନରେ ରାସ୍ତା ଭାଙ୍ଗିରୁଜି ଯିବା ସହ ଧୋଇ ହୋଇ ଯାଇଥିଲା। ୫ବର୍ଷ ହେଲା ରାସ୍ତାରେ ଅନେକ ଖାଲଖମା ସୃଷ୍ଟି ହୋଇଥିଲେ ମଧ୍ୟ ଏହାକୁ ମରାମତି କରାଯାଉନାହିଁ। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଉକ୍ତ ରାସ୍ତାର ଅବସ୍ଥା ସୁଧୁରି ପାରୁନାହିଁ। ଏହି ରାସ୍ତା ଦେଇ ପ୍ରତ୍ୟେହ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ବଜ୍ରଗିରି କଲେଜକୁ ଯାଇଥାନ୍ତି। ସେହିପରି ଲୋକମାନେ ବୁଦ୍ଧଲିଙ୍ଗ ମନ୍ଦିର ଓ ନିକଟସ୍ଥ ଛକକୁ ବହୁ କଷ୍ଟରେ ଯାତାୟତ କରିଥାନ୍ତି। ରାସ୍ତାଟି କମ୍ ଉଚ୍ଚର ହୋଇଥିବାରୁ ପ୍ରତ୍ୟେକ ବର୍ଷ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହୋଇ ରାସ୍ତା ନଷ୍ଟ କରୁଛି। ରାସ୍ତାକୁ ଅଧିକ ଉଚ୍ଚ ଓ ମଜବୁତ କରିବା ପାଇଁ ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଜେନା ଓ ଯୁବନେତା ଅମୀୟ କୁମାର ପରିଡ଼ା ଦାବି କରିଛନ୍ତି।

### ଦାନଗଦି ବ୍ଲକରେ ଉନ୍ନୟନ କାର୍ଯ୍ୟ ବନ୍ଦ

## ପିସି ନ ଦେଲେ ବିଲ୍ ପାସ ହେଉନି

**ଦାନଗଦି, ୪।୮ (ସମିସ):** ଦାନଗଦି ବ୍ଲକରେ ପିସି କାରବାର ଏବେ ଖୁଲମ ଖୋଲା ବଢ଼ି ଚାଲିଛି। ଯାହାକି ଉନ୍ନୟନ ମୂଳକ କାମ ଏକ ପ୍ରକାର ଠପ ହେବାକୁ ବସିଛି। କାମ ସରିବାର ୨/୩ ମାସ ବିତିଯାଇଥିଲେ ମଧ୍ୟ ବିଲ ନ ପାଇ ଠିକାଦାର ମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି, ଫଳରେ ଠିକାଦାର ମାନେ କାମ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ସେମାନଙ୍କ କହିବା ଅନୁଯାୟୀ ରୋଡ୍ କାମ ପାଇଁ ୮/୯ ପ୍ରତିଶତ ପିସି ଦବାକୁ ପଡୁଥିବା ବେଳେ ବିଲଡିଂ କାମ ପାଇଁ ୫/୬ ପ୍ରତିଶତ ପିସି ଦବାକୁ ପଡୁଛି। ଅନ୍ୟପଟେ ମେଟେରିଆଲ ରେଟ୍ ଦିନକୁ ଦିନ ବଢ଼ିବାରେ ଲାଗିଛି। କାମ ଶେଷ କରି ଜେଇ ବିଲ୍ ପାସ କରିବା ପରେ ବଡ଼ବାବୁଙ୍କ ଟେବୁଲକୁ ବିଲ ପଠାଇଥାନ୍ତି। ଦାୟିତ୍ୱରେ ଥିବା ବଡ଼ ବାବୁ ପିସି ହିସାବ କରି ଟୋଟାଲ ୱାର୍କ ଭାଲ୍ୟୁର ରୋଡ୍ କାମରେ ୯ ପ୍ରତିଶତ ଓ ବିଲଡିଂ କାମରେ ୬ ପ୍ରତିଶତ ପିସି ଦାବି କରୁଛନ୍ତି। ପିସି ଟଙ୍କା ଆଗ ପୈଠ ନ କଲେ ଫାଇଲ ଅଟକି ରହୁଛି ବୋଲି ଶାସକ ଦଳର ଜଣେ ସରପଞ୍ଚ ଓ ତାଙ୍କ ସହିତ କିଛି ଠିକାଦାର ଅଭିଯୋଗ କରିଛନ୍ତି।

**ଠିକାଦାର ବଡ଼ ବାବୁ ମୁହାଁମୁହିଁ**

ତେବେ ଟୋଟାଲ ୱାର୍କ ଭାଲ୍ୟୁ ଉପରେ ପିସି ନ ଲଗାଇ ପେମେଣ୍ଟ ଭାଲ୍ୟୁ ଉପରେ ପିସି ଦେବାକୁ ଠିକାଦାର ମାନେ କହୁଥିବା ବେଳେ ବଡ଼ ବାବୁ କିନ୍ତୁ ନ ଛୋଡ଼ ବନ୍ଧା। ଟଙ୍କା ନେଣଦେଣକୁ ନେଇ ବିବାଦ ଲାଗିରହିବା ଫଳରେ ବିଲ୍ ସେମିତି ପଡ଼ିରହୁଛି। ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି।



ବରୁଣେଶ୍ୱରଙ୍କୁ ଜଳଲାଗି ପାଇଁ କାଉଡ଼ିଆଙ୍କ ଯାତ୍ରା

## ସ୍ୱୟଂ ସହାୟକ ଗୋଷ୍ଠୀରେ ବିବାଦ; ଥାନାରେ ମାମଲା

**ପାଣିକୋଇଲି, ୪।୮ (ସମିସ):** ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ଟଙ୍କା ନେଣଦେଣକୁ ନେଇ ବିବାଦ ସହ ଗୋଷ୍ଠୀରୁ ସଭାପତି ଓ ସମ୍ପାଦିକା ବେଆଇନ ଭାବେ ବାହର କରିଥିବା ଅଭିଯୋଗ ଥାନାରେ ପହଞ୍ଚିଛି। ପ୍ରକାଶ ଯେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତ ଓଚିନ୍ଦା ଗ୍ରାମେର ନିମେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ୨ ବର୍ଷ ଏହାର ସଦସ୍ୟ ଥିବା ବାପି ଜେନାଙ୍କ ସ୍ତ୍ରୀ ଝିଲି ମଳିକଙ୍କ ଅଭିଯୋଗ ମୁତାବକ ତାଙ୍କର ପୂର୍ବ ଲୋନ ପଇଠ କରିବା ପାଇଁ ସଭାପତି ପ୍ରଭାତି ମଳିକ ଓ ସମ୍ପାଦିକା ଲକ୍ଷ୍ମୀପ୍ରିୟା ରାଉତ ତାଙ୍କ ଠାରୁ ୪, ୨୭୦ଟଙ୍କା ନେଇଥିଲେ। ଋଣ ସୁଝିବା ପରେ ପୁଣି ୫ ଲକ୍ଷ ଟଙ୍କା ଋଣ ଆଣିଥିଲେ। ମାତ୍ର ଝିଲିକୁ ଡାକିନଥିଲେ। ଏନେଇ ଝିଲି ପଚାରିବାରୁ ତାଙ୍କୁ ଗୋଷ୍ଠୀରୁ ବାହାର କରିଦେଇଥିବା ସଭାପତି, ସମ୍ପାଦିକା କହିଥିଲେ। ଏନେଇ ସେ ପାଣିକୋଇଲି ଭାରତୀୟ ଷ୍ଟେଟ୍‌ବ୍ୟାଙ୍କରେ ମ୍ୟାନେଜର ଓ ଫିଲଡ ଅଫିସରଙ୍କୁ ପଚାରିବାରୁ ସେ ବ୍ଲକକୁ ଯିବାକୁ କହିଥିଲେ। ବ୍ଲକରେ ଯାଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଏହା ହେବା ସମ୍ଭବ ନୁହେଁ ବେଆଇନ ଭାବେ କାହିଁକି ନାମ କଟାଯାଇଛି, କିଏ କାଟିଲା, ସେ ନେଇ ଆଇନର ଆଶ୍ରୟ ନେବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷେ ସେହି ଗୋଷ୍ଠୀର ଆଉ ଜଣେ ସଦସ୍ୟ ପ୍ରଫୁଲ୍ଲ ମଳିକଙ୍କ ସ୍ତ୍ରୀ ବନିତା ଯେନା ମଧ୍ୟ ତାଙ୍କ ଭାଗ ଟଙ୍କା ତାଙ୍କୁ ନ ଦେଇ ଗାଳିଗୁଲଜ କରିଥିବାର ଅଭିଯୋଗ ସଭାପତି ଓ ସମ୍ପାଦିକାଙ୍କ ନାମରେ କରିଛନ୍ତି। ୨ଟି ଅଭିଯୋଗ ଥାନାରେ କରାଯିବା ପରେ ପୁଲିସ ଘଟଣାର ତଦନ୍ତ କରୁଛି।

### ଗରିମା ହରାଉଛି ମହତାବ ହାଇସ୍କୁଲ

# ଦୀର୍ଘଦିନ ଧରି ରହିଥିବା ଶିକ୍ଷକଙ୍କ ବଦଳି ହେଉନି

**ମଙ୍ଗଳପୁର, ୪।୮ (ସମିସ)**

ସରକାର ଶିକ୍ଷା ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ ବହୁ ଯୋଜନା କାର୍ଯ୍ୟକାରି କରୁଛନ୍ତି। ମାତ୍ର ସରକାରୀ ନିର୍ଦ୍ଦେଶକୁ ମାନୁ ନାହାଁନ୍ତି ଶିକ୍ଷା ବିଭାଗର କିଛି ଅଧିକାରୀ। ଅଧିକାରୀମାନେ ସରକାରୀ ନିର୍ଦ୍ଦେଶକୁ ଠିକ ଭାବେ କାର୍ଯ୍ୟକାରୀ ନକରି ପ୍ରିୟାପ୍ରିତି ପୋଷଣ କରୁଥିବା ନେଇ ଏବେ ଶିକ୍ଷାବିତ ମାନେ ଅଭିଯୋଗ କରିଛନ୍ତି। ଏମିତି ଏକ ଅଭିଯୋଗ ଆସିଛି ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ଷେତ୍ରରେ। ନିୟମ ଅନୁଯାଇ ଜଣେ ଶିକ୍ଷକ ଗୋଟିଏ ବିଦ୍ୟାଳୟରେ ୩ ବର୍ଷ କାର୍ଯ୍ୟ କରିବା ପରେ ତାଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଅନ୍ୟତ୍ର ବଦଳି କରାଯିବା କଥା। ମାତ୍ର ବିଭାଗୀୟ ଅଧିକାରୀମାନେ ଏସବୁକୁ ଦୃଷ୍ଟି ନଦେଇ ଅନେକ ସମୟରେ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଚାପ ଓ ଅଧିକାଂଶ ସମୟରେ ବିଭାଗୀୟ ଅଧିକାରୀ ମାନେ ପ୍ରିୟାପ୍ରିତି ପୋଷଣ ଆଳରେ ସମ୍ପୃକ୍ତ ରହି ସରକାରୀ ନିୟମର ଉଲ୍ଲଙ୍ଘନ କରୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ମହତାବ ଉଚ୍ଚ ବିଦ୍ୟାଳୟରେ କିଛି ଶିକ୍ଷକ ଦୀର୍ଘଦିନ ଧରି ରହିଆସିଥିବା ବେଳେ ସେମାନଙ୍କର ନିୟମ ଅନୁଯାଇ ବଦଳି ନହେବାର କାରଣ କ'ଣ ବୋଲି ଏବେ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ସେହିପରି ଦୀର୍ଘଦିନ ଧରି ଗୋଟିଏ ବିଦ୍ୟାଳୟରେ ରହିଆସିଥିବା ଶିକ୍ଷକ ମାନେ ନିୟମିତ ଭାବେ ପାଠ ନ ପଢ଼ାଇବା, ବିଦ୍ୟାଳୟ ଚାଲୁଥିବା ସମୟରେ ବାହାରେ ବୁଲିବା, ନିୟମିତ ସମୟ ଅନୁଯାଇ ବିଦ୍ୟାଳୟକୁ ନଆସିବା, ବିଦ୍ୟାଳୟର ବିଭିନ୍ନ ସମସ୍ୟାରେ ମୁଣ୍ଡ ପୂରାଇବା ଭଳି ଘଟଣାକୁ ନେଇ ଏବେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ବେଆଇନ କାର୍ଯ୍ୟ କରିବାରେ ପ୍ରଧାନ ଶିକ୍ଷକଙ୍କୁ ଉକ୍ତ ଶିକ୍ଷକ ମାନେ ସହଯୋଗ କରୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ମଙ୍ଗଳପୁର ବଜାରରେ ବହୁ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ରହିଥିଲେ ମଧ୍ୟ ମହତାବ ଉଚ୍ଚ ବିଦ୍ୟାଳୟର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଦୀର୍ଘଦିନ ଧରି ଏହି ବିଦ୍ୟାଳୟରେ ରହିଆସିଥିବା ଶିକ୍ଷକ ମାନଙ୍କୁ ଅନ୍ୟତ୍ର ବଦଳି କରାଗଲେ ବିଦ୍ୟାଳୟର ଗରିମା ରକ୍ଷା ହୋଇପାରିବ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏଥିପ୍ରତି ଯାଜପୁର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ଗଛ କଟା ମାମଲାର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

**ମଙ୍ଗଳପୁର:** ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଗଛ କାଟିବାକୁ ନେଇ ଏବେ ପରିବେଶବିତମାନେ ଚିନ୍ତା ପ୍ରକଟ କରିଛନ୍ତି। ସରକାର ଇକୋ କ୍ଲବ ମାଧ୍ୟମରେ ବିଦ୍ୟାଳୟ ମାନଙ୍କରେ ବୃକ୍ଷରୋପଣ କରିବା ପାଇଁ ଅର୍ଥ ଯୋଗେଇ ଦେଉଥିବା ବେଳେ ମହତାବ ହାଇସ୍କୁଲରେ ଥିବା ପୁରାତନ ଗଛକୁ ଦିନ ଦ୍ୱିପ୍ରହରରେ କାଟିଦେବା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। କୌଣସି କାରଣ ନ ଥାଇ ଏହି ବିରାଟ ଗଛକୁ କ'ଣ ପାଇଁ କଟାଗଲା ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରିଚନ୍ତି। ତେବେ ଅଭିଯୋଗ ପରେ ଶିକ୍ଷା ବିଭାଗ ଏହା ଉପରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ଯୋଗାଯୋଗ ସମ୍ଭବ ହୋଇନଥିଲା।

### ଶ୍ରୀହୀନ ପାଲଟିଛି ଶିଶୁ ଉଦ୍ୟାନ

## ଅନାବନା ଗଛ ଲତାରେ ପରିପୂର୍ଣ୍ଣ ପଡ଼ିଆ

**ଧର୍ମଶାଳା, ୪।୮ (ସମିସ):** ଧର୍ମଶାଳା ବ୍ଲକ ଜାରକାଠାରେ ୨୦୧୫ ମସିହା ଠାରୁ ଏକ ଶିଶୁ ଉଦ୍ୟାନ ରହିଛି। ଶିଶୁମାନଙ୍କ ଶାରୀରିକ ବିକାଶ ତଥା ଆମୋଦ ପ୍ରମୋଦ ନିମନ୍ତେ ତତ୍କାଳୀନ ସାଂସଦ କଳ୍ପତରୁ ଦାସଙ୍କ ପ୍ରଚେଷ୍ଟାରେ ଏହାକୁ ନିର୍ମାଣ କରାଯାଇ 'କଳ୍ପତରୁ ଦାସ ଶିଶୁ ଉଦ୍ୟାନ' ନାମରେ ନାମିତ କରାଯାଇଥିଲା। ଉକ୍ତ ଉଦ୍ୟାନରେ ଶିଶୁମାନଙ୍କ ଖେଳକୁଦ ନିମନ୍ତେ ବିଭିନ୍ନ କିସମର ଦୋଳି ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟାୟାମ ଉପକରଣ ସ୍ଥାପନ କରାଯାଇଥିଲା। ପାର୍କ ଚାରିପାଖରେ ବିଦ୍ୟୁତ୍ ଆଲୋକରେ ଝଲସୁ ଥିଲା। ସନ୍ଧ୍ୟା ହେଲେ ପିଲା ଓ ସେମାନଙ୍କ ଅଭିଭାବକ ମାନଙ୍କ ଭିଡ ଜମେ। ପିଲାମାନେ ବିଭିନ୍ନ ଦୋଳି ଖେଳି ଖୁସି ମନାଉଥିବା ବେଳେ ମାଆମାନେ ପାର୍କ ଭିତରେ ଚାରିପଟ ଚାଲି ଚାଲି ବ୍ୟାୟାମ କରନ୍ତି। ବର୍ତ୍ତମାନ ଫୁଲ ବଗିଚାଟି ଶୋଭାବର୍ଦ୍ଧନ ହରାଇଛି। ଅନାବନା ଗଛ ଲତାରେ ପରିପୂର୍ଣ୍ଣ ଏବେ ବଗିଚା।



ଆଦୌ ସଫା କରାଯାଉନାହିଁ। ଯାହା ଫଳରେ ଏହା ବିଭିନ୍ନ ସରୀସୃପଙ୍କ ଆଶ୍ରୟ ସ୍ଥଳ ପାଲଟିଛି। ୧୦ ବର୍ଷ ତଳୁ ଲାଗିଥିବା ଉପକରଣ ଗୁଡିକ ଭାଙ୍ଗିରୁଜି ଗଲାଣି। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବ ଓ ବ୍ଲକ ପ୍ରଶାସନର ଅଣଦେଖା ଯୋଗୁଁ ଏହି ଶିଶୁ ଉଦ୍ୟାନଟି ସମ୍ପ୍ରତି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ତେବେ ଶିଶୁ ମାନଙ୍କ ଅବସର ବିନୋଦନ ପାଇଁ ଜାରକା ଠାରେ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନଥିବାରୁ ବାଧ ହୋଇ ସେମାନଙ୍କ ଅବିଭାବକ ମାନେ ସେଠାକୁ ନେଉଛନ୍ତି।

କିନ୍ତୁ ଗତ କିଛି ବର୍ଷ ହେଲା ଶିଶୁ ଉଦ୍ୟାନରେ ଶିଶୁ କମ୍ ଓ ଯୁବକ ଓ ବରିଷ୍ଠ ନାଗରିକଙ୍କୁ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଛି। ଶିଶୁମାନେ କେବଳ ଦୋଳି ଖେଳି ଫେରୁଥିବା ବେଳେ ଯୁବକ ଓ ବରିଷ୍ଠ ନାଗରିକଙ୍କ କବଜାରେ ଏବେ ଏହି ଉଦ୍ୟାନ ରହିଛି। ସକାଳେ ଓ ସନ୍ଧ୍ୟାରେ ଚଲାବୁଲା କରିବା ସହ ବ୍ୟାୟାମ ଉପକରଣ ଗୁଡ଼ିକୁ ବ୍ୟବହାର କରିଥାନ୍ତି। ଶିଶୁ ମାନଙ୍କ ଆସିବା ପୂର୍ବ ପରି ଆଉ ଦେଖିବାକୁ ମିଳୁନାହିଁ। ସେହିପରି ମଧ୍ୟାହ୍ନରେ ପାର୍କ ବନ୍ଦ୍ ଥିବା ସତ୍ତ୍ୱେ ତା' ମଧ୍ୟରେ କଲେଜ ଛାତ୍ରଛାତ୍ରୀଙ୍କ ଆସର ଜମୁଛି। ସନ୍ଧ୍ୟା ସମୟରେ ବହୁ ସଂଖ୍ୟାରେ ଶିଶୁ ଓ ମହିଳା ମାନେ ଏଠାକୁ ଆସୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ କୌଣସି ଶୌଚାଳୟ ଉପଲବ୍ଧ ନାହିଁ କି ପାନୀୟ ଜଳ ବ୍ୟବସ୍ଥା ନାହିଁ। ମଝିରେ କେବଳ ହାଇମାକ୍ସ ଲାଇଟ୍‌ଟି ଜଳୁଛି। ପାର୍କ ଚାରି ପଟ ଲାଗିଥିବା ଆଲୋକ ଗୁଡ଼ିକ ଦୀର୍ଘ ଦିନ ଧରି ଆଉ ଜଳୁ ନାହିଁ। ପଞ୍ଚାୟତ ସମିତି ଅଧିନରେ ଥିଲେ ମଧ୍ୟ ବର୍ଷ ବର୍ଷ ଧରି ଏହାର ରକ୍ଷଣାବେକ୍ଷଣ ଦିଗରେ କୌଣସି ଦୃଷ୍ଟି ଦିଆଯାଉ ନାହିଁ।

## ଏରସମା ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୦୯ଟି ଅଭିଯୋଗର ଶୁଣାଣିକଲେ ପ୍ରଶାସନ

**ଜଗତସିଂହପୁର/ଏରସମା, ୪।୮ (ସମିସ)**



ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ଉଚ୍ଚପଦସ୍ଥ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ୧୦୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୮୮ଟି ଓ ଗୋଷ୍ଠୀଗତ /ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୨୧ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ୍ କାର୍ଡ ସମ୍ବନ୍ଧୀୟ ୬ଟି, ଆବାସ ଯୋଜନା ସମ୍ପର୍କୀୟ ୧୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୨ଟି, ପୁଲିସ୍ ସହାୟତା ପାଇବା ପାଇଁ ୨ଟି, ଭତ୍ତା ପାଇବା ପାଇଁ ୧୭ଟି ଓ ଅନ୍ୟାନ୍ୟ ୨୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ (ଜଗତସିଂହପୁର) ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଏରସମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାଶରଥି ଜେନା, ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

# କର୍କଟ ପୀଡ଼ିତାଙ୍କୁ ସହାୟତା



**ଜଗତସିଂହପୁର, ୪।୮ (ସମିସ):** ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ କେନ୍ଦାଳ ଗ୍ରାମର ଆର୍ତ୍ତ ଦାସଙ୍କ ପତ୍ନୀ ବାସନ୍ତୀ ଦାସ କର୍କଟ ରୋଗର ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। କିଛିଦିନ ଧରି ସେ ଅଧିକ ଅସୁସ୍ଥ ହୋଇପଡ଼ିଛନ୍ତି। କର୍କଟ ରୋଗ ଚିହ୍ନଟ ପରେ ପରିବାର ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। ସେପଟେ ଚିକିତ୍ସା ପାଇଁ ଅର୍ଥ ନାହିଁ। ସ୍ୱାମୀଙ୍କ ରୋଜଗାରରେ ପରିବାର କୌଣସିମତେ ଚଳିଯାଉଥିଲେ। ତେବେ ବାସନ୍ତୀ ରୋଗରେ ପୀଡ଼ିତ ହେବା ଯୋଗୁଁ ଆର୍ତ୍ତ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଏ ସମ୍ପର୍କରେ ଖବର ପାଇବା ପରେ ଆଶୀର୍ବାଦ ସେବା ସଂଗଠନ ସଭାପତି ଜଗନ୍ନାଥ ବେହେରା, ଦୀପ୍ତିରଞ୍ଜନ ବିଶ୍ୱାଳ, ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ଆର୍ତ୍ତଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ବାସନ୍ତୀଙ୍କ ଆରୋଗ୍ୟ କାମନା କରିଛନ୍ତି।

## ବିଭିନ୍ନ ସ୍ଥାନରେ ଅବସରକାଳୀନ ସମ୍ବର୍ଦ୍ଧନା



**କୁଜଙ୍ଗ, ୪।୮ (ସମିସ):** କୁଜଙ୍ଗ ବ୍ଲକ ପୋତାନଇ ପଞ୍ଚାୟତ ରେପୁରୁପାଟଣା ସରକାରୀ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଝିନାମୟୀ ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକାରୀ ପ୍ରଧାନଶିକ୍ଷକ କ୍ଷୀରୋଦ ଦାସଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ନେତା କେଶବ ଦଳାଇଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ କୁଜଙ୍ଗ ଏବିଓ ମନୋରଞ୍ଜନ ମଙ୍ଗରାଜ ଯୋଗଦେଇ ଝିନ୍ନା ଦିଦି ଜଣେ ଆଦର୍ଶ, ଛାତ୍ର ଅନୁରାଗୀ ଓ ଉତ୍ସର୍ଗୀକୃତ ଶିକ୍ଷୟିତ୍ରୀ ଥିଲେ। ଯାହା ଯୁବ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପ୍ରେରଣା ଯୋଗାଇବ। ସ୍କୁଲକୁ ନିଜ ଘର ମନେ କରିବା, କବିତା ଲେଖିବା, ହସ ହସ ମୁହଁ ପିଲାଙ୍କ ସହ ହଜିଯିବା ତାଙ୍କ ନିଷ୍ଠା, ସେବା ଓ ରଚନାତ୍ମକ କାର୍ଯ୍ୟର ପରିଚୟ। ସମ୍ମାନିତ ଅତିଥି ରୂପେ ଅନ୍ୟତମ ଏବିଓ ପ୍ରତୀମା ସୂତାର, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ବୋରିଖୀ ହାଇସ୍କୁଲ୍ ପ୍ରଧାନଶିକ୍ଷକ ମଞ୍ଜୁଲତା ସାମନ୍ତରାୟ, ପରିଚାଳନା ସମିତି ସଭାପତି ମାନସ ସାହୁ, ଶିକ୍ଷକ ନେତା ସୁଧିରଞ୍ଜନ ମହାପାତ୍ର, ସିଆରସିସି ଲୋକନାଥ ବେହେରା, ଶତ୍ରୁଘ୍ନ ପ୍ରଧାନ, ଅପର୍ଣ୍ଣା ପଣ୍ଡା, ସୁମିତ୍ରା ପାଣିଗ୍ରାହୀ, ସମାଜସେବୀ ସଞ୍ଜୟ ସ୍ୱାଇଁ, ପୁରାତନ ଛାତ୍ର ସୁଶାନ୍ତ ଦାସ, ସୁମନ୍ତ ବେହେରା ପ୍ରମୁଖ ଯୋଗଦେଇ ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସର ଜୀବନ କୁଶଳ ମାନସୀ ଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ରଞ୍ଜିତା ବେହେରା, ପ୍ରସନ୍ନ ନାୟକ, ବିଶ୍ୱରଞ୍ଜନ ନାୟକଙ୍କ ସହ ସମସ୍ତ ଗ୍ରାମବାସୀ, ପରିଚାଳନା କମିଟି ସଦସ୍ୟ ଓ ପୁରାତନ ଛାତ୍ର ପରିଚାଳନାରେ ସହାୟତା କରିଥିଲେ। ଏ ଅବସରରେ କୃତୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ସହ ବହୁ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



**କୁଜଙ୍ଗ:** କୁଜଙ୍ଗ ବ୍ଲକ ଦାରଦିଆ ପୋତାନଇ ୟୁପି ସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ ଦଳାଇଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବ୍ରଜକିଶୋର ମହାରାଜ, ମୁଖ୍ୟବକ୍ତା ଏରସମାର ପ୍ରାକ୍ତନ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଗୋପବନ୍ଧୁ ନାୟକ ଯୋଗଦେଇ ବିଦ୍ୟାଳୟର ଗୌରବମୟ ପରମ୍ପରା ସମ୍ପର୍କରେ ଆଲୋଚନା କରିବା ସହ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଦଳାଇ ଏହି ପରମ୍ପରାର ଉପଯୁକ୍ତ ବାହକ ସହ ସାଧୁତା, ସେବା ଓ ଛାତ୍ର ବତ୍ସଳତା ଏକ ଉଦାହରଣୀୟ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ ପ୍ରଫୁଲ୍ଲ ମହାପାତ୍ର, ସମିତି ସଭ୍ୟ ସତ୍ୟବାନ ମୁଦୁଲି, ପ୍ରାକ୍ତନ ଶିକ୍ଷକ ନିରଞ୍ଜନ ନାୟକ, ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ବୈଷ୍ଣବ ସ୍ୱାଇଁ, ଶିକ୍ଷକ ନେତା ସୁବାସ ସେନାପତି, ହିରଣ୍ୟ ଦାସ, ପ୍ରଶାନ୍ତ ରାଉତ, ରମେଶ ସାହୁ, ସ୍କୁଲ କମିଟି ସଭାପତି ବିକାଶ ଚୌଧୁରୀ ପ୍ରମୁଖ ଯୋଗଦେଇ ପ୍ରଦୀପ ଦଳାଇଙ୍କ ବୃତ୍ତିଗତ ଜୀବନ ପ୍ରେରଣାପ୍ରଦ ବୋଲି କହିଥିଲେ। ଶିକ୍ଷକ ନେତା କେଶବ ଦଳାଇଙ୍କ ସଂଯୋଜନାରେ ପ୍ରଣତୀ ମଞ୍ଜରୀ ନାୟକ ସ୍ୱାଗତ ଭାଷଣ, ସୁଲୋଚନା ସ୍ୱାଇଁ ମାନପତ୍ର ପାଠ କରିଥିବାବେଳେ ଯୁଧିଷ୍ଠିର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ମାନପତ୍ର, ଅଙ୍ଗବସ୍ତ୍ର ଅନ୍ୟାନ୍ୟ ଉପହାର ପ୍ରଦାନ ପୂର୍ବକ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଦସ୍ୟ, ବହୁ ଗ୍ରାମବାସୀ ଓ ସ୍ଥାନୀୟ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥଲେ।



**ତିର୍ତ୍ତୋଲ:** ତିର୍ତ୍ତୋଲସ୍ଥ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ପ୍ରତୀମା ଆଚାର୍ଯ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏ ଉପଲକ୍ଷେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ କର, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କିରଣବାଳା ବିଶ୍ୱାଳ, ପୂର୍ବତନ ଶିକ୍ଷା କର୍ମଚାରୀ ପରୀକ୍ଷିତ ନନ୍ଦ ଯୋଗଦେଇ ଶ୍ରୀମତୀ ଆଚାର୍ଯ୍ୟଙ୍କ ସମୟାନୁବର୍ତ୍ତିତା, ଛାତ୍ର ବତ୍ସଳତା ଆଦି ଗୁଣର ପ୍ରଶଂସା କରି ତାଙ୍କ ଅବସରକାଳୀନ ଜୀବନ ନିରୋଗ ଓ ସୁଖପ୍ରଦ ହେଉ କାମନା କରିଥିଲେ। ପରେ ଅତିଥି, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରୀ ଶିକ୍ଷୟିତ୍ରୀ ଶ୍ରୀମତୀ ଆଚାର୍ଯ୍ୟଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ସୁନନ୍ଦା ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରସନ୍ନ ବିଶ୍ୱାଳ, ସମ୍ବିଧା ବେହେରା, ଭାଗ୍ୟରଶ୍ମୀ ପ୍ରଧାନ, ଶୁଭଦର୍ଶିନୀ ଖଟୁଆ, ତ୍ରିବିକ୍ରମ ସ୍ୱାଇଁ, ଗୁରୁଚରଣ ସ୍ୱାଇଁ, ନିକୁଞ୍ଜ ମହାନ୍ତ. ପୂର୍ବତନ ଛାତ୍ରୀ ପରିଷଦ ସଦସ୍ୟା ମାମିନା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଧାୟକଙ୍କୁ ରାଜସ୍ୱ ଅମଲା ସଂଘର ଦାବିପତ୍ର ପ୍ରଦାନ



**ବାଲିକୁଦା, ୪।୮ (ସମିସ):** ରାଜସ୍ୱ ଆମଲା ସଙ୍ଘ ଜଗତସିଂହପୁର ଶାଖା ପକ୍ଷରୁ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନାଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଶା ରାଜସ୍ୱ ସଙ୍ଘ କର୍ମଚାରୀଙ୍କୁ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସୁବିଧା ମିଳୁ ନ ଥିବାରୁ ରାଜ୍ୟ ସରକାରଙ୍କୁ ପୂର୍ବରୁ ବିଭିନ୍ନ ଢଙ୍ଗରେ କଳା ବ୍ୟାଚ ପିନ୍ଧି ପ୍ରତିବାଦ କରିବା ସହ କାର୍ଯ୍ୟରୁ ସମୂହ ଛୁଟି ନେଇ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଥିଲେ। ରାଜ୍ୟ ସରକାରଙ୍କୁ ଜିଲ୍ଲା ସ୍ତରରେ କାର୍ଯ୍ୟ କରୁଥିବା ଅମଲାଙ୍କୁ ସମାନ କାମ ପାଇଁ ସମାନ ସୁବିଧା ସହ ଆବଶ୍ୟକତା ମୁତାବକ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଜିଲ୍ଲା ସ୍ତରରେ ଅନେକ ସରକାରୀ କାର୍ଯ୍ୟାଳୟରେ ପଦବୀ ଖାଲି ପଡ଼ିଥିବା କାରଣରୁ କାର୍ଯ୍ୟ କରିବାରେ ସମସ୍ୟା ହେଉଥିବାବେଳେ ସାଧାରଣ ଜନତାଙ୍କ ଚାହିଦା ପୂରଣ ସହ ସରକାରଙ୍କ ଅତ୍ୟଧିକ କାର୍ଯ୍ୟ ଦାୟିତ୍ୱ ସମ୍ପାଦନ କରିବାରେ କଷ୍ଟ ଅନୁଭବ ହେଉଛି। ପୂର୍ବରୁ ରାଜସ୍ୱ ମନ୍ତ୍ରୀ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ମଧ୍ୟ ନିରାଶ କରିଥିବା ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏପରିକି ରାଜ୍ୟ ସରକାର ୧୦ ତାରିଖ ମଧ୍ୟରେ ସମସ୍ୟାର ସମାଧାନ ନ କଲେ ୧୧ ତାରିଖଠାରୁ ଜିଲ୍ଲା ସ୍ତରରେ କାର୍ଯ୍ୟ କରୁଥିବା ସମସ୍ତ ଅମଲା ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ଏଣୁ ବିଧାୟକ ରାଜ୍ୟ ସରକାରଙ୍କୁ ଜିଲ୍ଲା ସ୍ତରରେ କାର୍ଯ୍ୟ କରୁଥିବା ଅମଲାଙ୍କ ସମସ୍ୟା ସମ୍ପର୍କରେ ଦାବି ଉପସ୍ଥାପନା କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଗ୍ରହଣ କରି ବିଧାୟକ ଶ୍ରୀ ଜେନା ନିଶ୍ଚିତ ଭାବେ ଚଳିତ ବିଧାନସଭା ଅଧିବେଶନରେ ଏହି ସମସ୍ୟାକୁ ପ୍ରମୁଖ ସମସ୍ୟା ଭାବେ ଉପସ୍ଥାପନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଂଘର ସଦସ୍ୟ ଶୁଭେନ୍ଦୁ ରାଉତ, ଆଶୁତୋଷ ସ୍ୱାଇଁ, ନୃସିଂହ ବାରିକ, ଜଗନ୍ନାଥ ଜେନା, ମୁକୁନ୍ଦ ଚରଣ ସ୍ୱାଇଁ, ବିନ୍ଦୁପ୍ରଭା ସାହୁ, ମଧୁସ୍ମିତା ପୁହାଣ, ଆଶିଷ ଗୋଛାୟତ, ସନ୍ଦୀପ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ।

## ମେଗା ମାର୍ଟରେ ଗଣ୍ଡଗୋଳ

**ଏରସମା, ୪।୮ (ଇମିସ):** ଏରସମା ଥାନା ଅଧୀନ ଏରସମା ସଦର ମହକୁମାସ୍ଥ ମେଗା ମାର୍ଟ ମଲ୍ ମାଲିକ ଦିନେଶ କୁମାର ପୂର୍ବ କର୍ମଚାରୀ ଦୁର୍ବ୍ୟବହାର ଓ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପରେ କର୍ମଚାରୀ ଜଣକ ପାଲଟା ଅଭିଯୋଗ କରିଛନ୍ତି। ବକେୟା ଦରମା ମାଗିବାରୁ ମଲ୍ ମାଲିକ ବ୍ୟାଟ୍‌ରେ ପିଟିଥିବା କର୍ମଚାରୀ ଅଭିଯୋଗ କରିଛନ୍ତି। ଦୁଇ ଅଭିଯୋଗକୁ ଭିତ୍ତି କରି ପୃଥକ୍ ମାମଲା ରୁଜୁ କରାଯାଇଛି। ମଲ୍‌ରେ ଥିବା ସିସିଟିଭି କ୍ୟାମେରାରୁ ଜଣାପଡ଼ିଛି ଯେ କର୍ମଚାରୀ ମାଲିକଙ୍କୁ ଦୁର୍ବ୍ୟବହାର କରୁଥିବାର ଜଣାପଡୁଥିବାବେଳେ ମାଲିକଙ୍କ ସହ ଠେଲାପେଲା ହେଉଥିବା ମଧ୍ୟ ଜଣାପଡୁଛି। ତୁରନ୍ତ ସିସି କ୍ୟାମେରା ଆଧାରରେ ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡଦେବାକୁ ସାଧାରଣରେ ଦାବି ହେଉଛି।

# ଆଧ୍ୟାତ୍ମିକ ପତ୍ରିକା 'ଗୀତା ଜ୍ଞାନାଞ୍ଜନ' ଲୋକାର୍ପିତ



**ତିର୍ତ୍ତୋଲ, ୪।୮ (ସମିସ):** ଜିଲ୍ଲାର ଏକ ଅଗ୍ରଣୀ ଆଧ୍ୟାତ୍ମିକ ଓ ସାମାଜିକ ସେବା ଅନୁଷ୍ଠାନ, ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଗୀତା ଜ୍ଞାନାଞ୍ଜନ ଆଧ୍ୟାତ୍ମିକ ତ୍ରୟମାସିକ ପତ୍ରିକାର ପଞ୍ଚମ ବାର୍ଷିକ ଦ୍ୱାଦଶ ସଂଖ୍ୟାର ଲୋକାର୍ପଣ ଉତ୍ସବ ଅରିଲୋସ୍ଥ ଶିଶୁଅନନ୍ତ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଯୋଗଦେଇ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ କହିଲେ, ଗୀତାର ବାଣୀ ମାନବ ସମାଜର ସମସ୍ତ କଲ୍ୟାଣ ସାଧନ ନିମନ୍ତେ ଉଦ୍ଦିଷ୍ଟ। ଆମକୁ ଗ୍ଲାନି ଓ ବିଷାଦ ମୁକ୍ତ କରି ଭଗବତପ୍ରାପ୍ତି କରିବା ନିମନ୍ତେ ଏଥିରେ ମାର୍ଗଦର୍ଶନ କରାଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷା ସେହମୟୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ଡଃ ସିଦ୍ଧେଶ୍ୱର ପଣ୍ଡା ପରିଚାଳନା କରିଥିଲେ। ପ୍ରାରମ୍ଭରେ ଉପଦେଷ୍ଟା ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ ବେଦପାଠ କରିଥିଲେ। ଅତିଥି ଭାବେ ପୂର୍ବତନ ସାଂସଦ ଡଃ କୁଳମଣି ସାମଲ, ଓଡ଼ିଶା ବିଧାନସଭାର ପ୍ରାକ୍ତନ ସଚିବ ଦାଶରଥି ଶତପଥୀ, ଡାକ୍ତର ସରୋଜ ଷଡ଼ଙ୍ଗୀ, ବିଶିଷ୍ଟ ଶିଳ୍ପପତି କୈଳାସ ଚନ୍ଦ୍ର ମହାରଣା, ଡଃ ଦେବଦତ୍ତ ସାମନ୍ତରାୟ, ସାମ୍ବାଦିକ ଅଭିନନ୍ଦନ ଦାସ ପ୍ରମୁଖ ଯୋଗଦେଇ ଗୀତା ଜ୍ଞାନାଞ୍ଜନ ପତ୍ରିକା ଓ ବ୍ୟାସ ଫାଉଣ୍ଡେସନ ବିଭିନ୍ନ ପ୍ରକାରର ସେବାମୂଳକ କାର୍ଯ୍ୟକ୍ରମ ପ୍ରଶଂସନୀୟ ବୋଲି ମତ ପ୍ରକାଶ କରିଥିଲେ। ଏ ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବର୍ଷୀୟାନ ଗାୟକ ଶେଖର ଜଗନ୍ନାଥ ବେହେରାଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ରଶ୍ମିତା ନାୟକ ଓ କର୍ମକର୍ତ୍ତା ସମାଜସେବୀ ଅକ୍ଷୟ ସାହୁ, କୋଷାଧ୍ୟକ୍ଷ ଶରତ ଦାଶ, କୋଷାଧ୍ୟକ୍ଷ ରଞ୍ଜନ ପ୍ରଧାନ, ଯଶୋବନ୍ତ ରାଉତ, ଆଇନଜୀବୀ ବୀରକିଶୋର ପାତ୍ର, ନଗେନ୍ଦ୍ର ନାଥ ସ୍ୱାଇଁ, ବିପିନ ବିହାରୀ ମାଝୀ, ପ୍ରୀତିମୟୀ ଆଚାର୍ଯ୍ୟଙ୍କ ସମେତ ଅନନ୍ତ ବଳିଆ ଟ୍ରଷ୍ଟ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ ଜବତ, ଜଣେ ଗିରଫ



**ପାରାଦୀପ, ୪।୮ (ସମିସ):** ପାରାଦୀପ ଲକ୍ ଥାନା ଅଞ୍ଚଳରୁ ପୁଲିସ ଜଣେ ଚୋରାମଦ ବେପାରୀକୁ ଗିରଫ କରିଛି। ତା' ନିକଟରୁ ୫୦ଟି ଆସ୍କାଫର୍ଟି ବଟଲ ଜବତ କରାଯାଇଛି। ଗିରଫ ବେପାରୀ ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁର ନଟବର ସ୍ୱାଇଁଙ୍କ ପୁଅ କ୍ଷୀରୋଦ ସ୍ୱାଇଁ (୫୮) ବୋଲି ଜଣାପଡ଼ିଛି। ଏନେଇ ଥାନାରେ କ୍ଷୀରୋଦ ନାମରେ ଏକ ମାମଲା ରୁଜୁ ହେବା ସହିତ କୋର୍ଟ ଚାଲାଣ କରାଯାଇଛି।

## ମା' ପାଇଁ ଗଛଟିଏ ଅଭିଯାନ




**ନାଉଗାଁ, ୪।୮ (ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖ ପଡ଼ିଆରେ ଉତ୍କଳ ସୁପୁତ୍ର ଚାରିଟେବୁଲ ଟ୍ରଷ୍ଟ ସଭାପତି ଆଶୁତୋଷ ଲେଙ୍କାଙ୍କ ନେତୃତ୍ୱରେ ମା' ପାଇଁ ଗଛଟିଏ ଅଭିଯାନରେ ଆମ୍ବ, ପିଜୁଳି, ଜାମୁ ଆଦି ବୃକ୍ଷ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚାରିଟେବୁଲ ଟ୍ରଷ୍ଟ ଉପସଭାପତି ପ୍ରଦୀପ ରାଉତ, ସମ୍ପାଦକ ବିଶ୍ୱରଞ୍ଜନ ରାଉଳ, କୋଷାଧ୍ୟକ୍ଷ ନିହାର ବେହେରା, ପରିଚାଳକ ଅଚ୍ୟୁତ ମୁଦୁଲି ଯୋଗ ଦେଇଥିଲେ। ଆଗାମୀ ଦିନରେ ନାଉଗାଁ ବ୍ଲକରେ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୃକ୍ଷରୋପଣ କରାଯିବ ବୋଲି ଟ୍ରଷ୍ଟର ସଭାପତି ଆଶୁତୋଷ ଲେଙ୍କା ପ୍ରକାଶ କରିଛନ୍ତି।

## ନୂଆଗଡ଼ ପଞ୍ଚାୟତରେ ତାଳମଞ୍ଜି ରୋପଣ




**ପାରାଦ୍ୱୀପ, ୪।୮ (ସମିସ):** ପାରାଦ୍ୱୀପ ଉପକଣ୍ଠ କୁଜଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତର ଭୂତମୁଣ୍ଡାଇ ପୋଲଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ପ୍ରାୟ ୧୫ କିମି ଦୀର୍ଘ ମହାନଦୀ ଅବବାହିକାରେ ଆଜି ତାଳମଞ୍ଜି ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମ ନୂଆଗଡ଼ ପଞ୍ଚାୟତ ଲୋକଙ୍କ ସମେତ ପାରାଦୀପ ଲାଫିଙ୍ଗ୍ କ୍ଲବ୍, ଭୁବନେଶ୍ୱରସ୍ଥ ପିପୁଲ୍ ଟ୍ରଷ୍ଟ ଓ ଫ୍ରେଣ୍ଡସ୍ ଅଫ୍ ଏନଭାର୍ଣ୍ଣମେଣ୍ଟ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ସକାଳ ୯ଟାରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ତାଳମଞ୍ଜି ରୋପଣ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ହୋଇଥିଲା। ୧୨ଟାରୁ ୧ଟା ପର୍ଯ୍ୟନ୍ତ ପରିବେଶ ସଚେତନତା ସମ୍ପର୍କରେ ଏକ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସମାଜସେବୀ ସୁଶାନ୍ତ ପଟ୍ଟନାୟକ ସଂଯୋଜନା କରିଥିବାବେଳେ ଦେବେନ୍ଦ୍ର ରାଉତ, ନୂଆଗଡ଼ ସରପଞ୍ଚ ପରିଚାଳନା କରିଥିଲେ।

# ଐତିହ୍ୟ ପଦଯାତ୍ରାର ସପ୍ତମ ସଂସ୍କରଣରେ ପରାହାଟ ଗ୍ରାମ ଭଗବତୀ ପୀଠ

**ଜଗତସିଂହପୁର, ୪।୮ (ସମିସ)**

ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ସପ୍ତମ ସଂସ୍କରଣରେ ଐତିହ୍ୟାନୁରାଗୀ ବନ୍ଧୁ ବାଲିକୁଦା ବ୍ଲକ ଅନ୍ତର୍ଗତ ପରାହାଟ ଗ୍ରାମର ଐତିହାସିକ ତଥା ଆଧ୍ୟାତ୍ମିକ ଶକ୍ତିପୀଠ ଭଗବତୀ ମନ୍ଦିରଠାରେ ଏକତ୍ରିତ ହୋଇଥିଲେ। ପୂର୍ବ ୬ଟି ସଂସ୍କରଣ ଭଳି 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ସପ୍ତମ ସଂସ୍କରଣ ମଧ୍ୟ ଖୁବ୍ ସୁନ୍ଦର ଓ ଚିତ୍ତାକର୍ଷକ ଭାବେ ସମ୍ପନ୍ନ ହୋଇଥିଲା। ବନ୍ଧୁମାନେ ପରାହାଟ ଗ୍ରାମର ଭଗବତୀ ମନ୍ଦିର ପରିଦର୍ଶନ କରିବା ସହିତ ଧନିଷ ଗ୍ରାମଠାରେ ଥିବା ପଞ୍ଚୁପାଣ୍ଡବ ମହାଦେବ ମନ୍ଦିର ପରିଦର୍ଶନର ସୁଯୋଗ ପାଇଥିଲେ ଐତିହ୍ୟାନୁଗ୍ରାହୀ ବନ୍ଧୁ ଦେବୀ ଭଗବତୀଙ୍କ ପୀଠରେ ପହଞ୍ଚି ନବମ ଶତାବ୍ଦୀର ଦଶଭୁଜା ଦୁର୍ଗା ମା' ଭଗବତୀଙ୍କ ଦର୍ଶନ ପୂର୍ବକ ନୈବେଦ୍ୟ ଅର୍ପଣ କରିଥିଲେ। ଭଗବତୀ ପୀଠରେ ଥିବା ପାର୍ଶ୍ୱ ଦେବଦେବୀ ଓ ପ୍ରାଚୀନ ମନ୍ଦିରର ଭଗ୍ନାବଶେଷ ବୁଲି ଦେଖିଥିଲେ। ପରେ ଭଗବତୀ ପୀଠର ଅନତୀ ଦୂରେ ଥିବା ଧନିଷ ଗ୍ରାମର ପଞ୍ଚୁପାଣ୍ଡବ ମନ୍ଦିରରେ ଐତିହ୍ୟାନୁରାଗୀ ବନ୍ଧୁ ପହଞ୍ଚିଥିଲେ। ଏହି ପଞ୍ଚୁପାଣ୍ଡବ ମନ୍ଦିରଟି ୧୦ମରୁ ୧୧ଶ ଶତାବ୍ଦୀର ପଞ୍ଚ ଆୟତନ ଶୈଳୀରେ ନିର୍ମିତ ମନ୍ଦିର। ଏହି ମନ୍ଦିରଟି ଉଭୟ ପଥର ଓ ଇଟା ଦ୍ୱାରା ନିର୍ମିତ। ଏହି ମନ୍ଦିର ପରିସରରେ ପାର୍ଶ୍ୱ ଦେବଦେବୀ ରୂପେ ଗଣେଶ, କାର୍ତ୍ତିକେୟ, ମହିଷାମର୍ଦ୍ଦିନୀ ଦୁର୍ଗା ଓ ଖୁବ୍ ସୁନ୍ଦର ବିଷ୍ଣୁଙ୍କ ବିରଳ ପ୍ରତୀମା ଦେଖିବାକୁ ମିଳେ।

'ଜଗତସିଂହପୁର ଐତିହ୍ୟ ଯାତ୍ରା'ର ଆବାହକ ଶ୍ରୀକାନ୍ତ ସିଂହଙ୍କ କହିବାନୁସାରେ ଏଭଳି ଇଟା ନିର୍ମିତ କେତେକ ପ୍ରାଚୀନ ମନ୍ଦିର ଯାହା ପ୍ରାଚୀ ଉପତ୍ୟକାରେ ସାଧାରଣତଃ ଦେଖିବାକୁ ମିଳିଥାଏ। ଜଗତସିଂହପୁର ଜିଲ୍ଲାର ଏହା ଇଟା ନିର୍ମିତ ବିରଳ ପ୍ରାଚୀନ ମନ୍ଦିର। ଭଗବତୀଙ୍କ ପୂଜକ ରବୀନ୍ଦ୍ର କୁମାର ପଣ୍ଡାଙ୍କ ସହ ଆଲୋଚନାରୁ ଜଣାଯାଏ ଯେ, ଲୋକକଥା ଅନୁଯାୟୀ ଏହି ମନ୍ଦିର ଦୁଇଟି ରାଜା ବିଶ୍ୱମ୍ବରଙ୍କ ଶାସନ କାଳରେ ନିର୍ମିତ। ଯିଏକି ଅନତି ଦୂରରେ ଥିବା କୁଣ୍ଡେଶ୍ୱର ଗ୍ରାମର ପ୍ରସିଦ୍ଧ ତ୍ରିଲୋଚନେଶ୍ୱର ମନ୍ଦିର ନିର୍ମାଣ କରିଥିଲେ। ଏ ସମସ୍ତ ପୀଠର ପରିଦର୍ଶନ ସାରି ଐତିହ୍ୟାନୁଗ୍ରାହୀ ଜୟବଡ଼ସ୍ଥ ଜଗନ୍ନାଥଙ୍କ ମନ୍ଦିରରେ ମହାପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମରେ 'କଟକ ଐତିହ୍ୟ ପଦଯାତ୍ରା'ର ପ୍ରମୁଖ ସଦସ୍ୟ ହିତେଶ ସେଠ, ତ୍ରିଲୋଚନ ସ୍ୱାଇଁ, ସମ୍ବିତ ସିଂହ, ଦେବାଶିଷ ପାତ୍ର, ହୃଦାନନ୍ଦ ବେହେରା ପ୍ରମୁଖ ସାମିଲ ଥିଲେ।

## ବଡ଼ମା'ଙ୍କ ଜନ୍ମଦିବସ

**ଏରସମା, ୪।୮ (ସମିସ):** ଏରସମା ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀ ବଡ଼ମା'ଙ୍କ ୧୩୨ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ପ୍ରଭାତରେ ଯାଜକ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବଡ଼ମା'ଙ୍କ ଜନ୍ମ ଲଗ୍ନ ହୁଳହୁଳି ଧ୍ୱନିରେ ଘୋଷଣା ହୋଇଥିଲା। ମଧ୍ୟାହ୍ନରେ ନିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସତସଙ୍ଗ କରାଯାଇଥିଲା। ମୁଖ୍ୟବକ୍ତା ସମୀକ୍ଷ ରଞ୍ଜନ ଦାସଙ୍କ ସହିତ ନିଖିଳେଶ୍ୱର ଗିରି, ଅମଳେନ୍ଦୁ ମାଇତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରବୀନ୍ଦ୍ର ସ୍ୱାଇଁ, ବାବାଜୀ ସ୍ୱାଇଁ, ରମାକାନ୍ତ ଦାଶ, ଅମୂଲ୍ୟ ବେହେରା, ମହେଶ୍ୱର ସ୍ୱାଇଁ, ରବୀନ୍ଦ୍ର ମହାନ୍ତି, ବିକ୍ରମ ସ୍ୱାଇଁ ପ୍ରମୁଖ ପରିଚାଳରେ ସହଯୋଗ କରିଥିଲେ।





# ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ଠକେଇ | ପୁଣି ଲୁଟିନେଲେ କୋଟିଏ

ଭୁବନେଶ୍ୱର, ୪।୮ (ସମିସ)

ରାଜଧାନୀ ନୁହେଁ ସାରା ରାଜ୍ୟରେ ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ବଢ଼ୁଛି ସାଇବର ଠକେଇ। ରାତାରାତି କୋଟିପତି ହେବା ଆଶାରେ ଏକାଧିକ ବ୍ୟକ୍ତି ଅର୍ଥ ବିନିଯୋଗ କରୁଛନ୍ତି। ଠକ ଚତୁରତାର ସହ ପ୍ରଥମେ କିଛି ଟଙ୍କା ଦେଇ ଲୋକଙ୍କ ବିଶ୍ୱାସ ଜିଣୁଛନ୍ତି। ପରେ ଲୋକ ଲକ୍ଷାଧିକ ଟଙ୍କା ଲଗାଇବା ପରେ ଠକ ଆକାଉଣ୍ଟ ବ୍ଲକ କରି ଚମ୍ପଟ ମାରୁଛନ୍ତି। ଏହିଭଳି ରାଜ୍ୟରେ ଦିନକୁ ଦିନ ଅନ୍‌ଲାଇନ୍ ଟ୍ରେଡିଂ ଠକେଇ ବଢ଼ିଛି। ଗତ ଦେଢ ମାସରେ ରାଜ୍ୟର ବିଭିନ୍ନ ପୁଲିସ ଜିଲ୍ଲାରୁ ୨ଶହ କୋଟିରୁ ଊର୍ଦ୍ଧ୍ୱ ଠକେଇ ହୋଇଥିବା ସୂଚନା ମିଳିଛି। ସର୍ବାଧିକ ଠକେଇ ଭୁବନେଶ୍ୱର, କଟକରେ ହୋଇଥିବା ବେଳେ ଏହା ପରେ ବାଲେଶ୍ୱର, ବ୍ରହ୍ମପୁର, ବଲାଙ୍ଗୀର, ସମ୍ବଲପୁର ଏବଂ କନ୍ଧମାଳ ରହିଛି। ପୁଲିସ ଲୋକଙ୍କୁ ସଚେତନ କଲେ ମଧ୍ୟ ଲୋକ ସଚେତନ ହେବା ବଦଳରେ ଅଧିକରୁ ଅଧିକ ସାଇବର ଠକାମିର ଶିକାର ହେଉଛନ୍ତି। ଏହିଭଳି ଆଉ ଜଣେ ବ୍ୟକ୍ତି କୋଟିଏ ଟଙ୍କାର ସାଇବର ଠକେଇର ଶିକାର ହୋଇଛନ୍ତି। ଠକାମିର ଶିକାର ହୋଇଥିବା ବିନୋଦ ଶେଖର ପଣ୍ଡା ସାଇବର ଥାନାରେ ଅଭିଯୋଗ କରିଛନ୍ତି। କୋଟିଏ ଟଙ୍କା ହୋଇଥିବାରୁ ତାଙ୍କୁ କ୍ରାଇମ୍‌ବ୍ରାଞ୍ଚ ନିକଟରେ ଅଭିଯୋଗ କରିବାକୁ ପରାମର୍ଶ



ଦିଆଯାଇଛି। ଅଭିଯୋଗ ଆଧାରରେ ପୁଲିସ ଠକେଇ ଟଙ୍କା ଯାଇଥିବା ଆକାଉଣ୍ଟକୁ ବ୍ଲକ କରାଯାଇଥିଲେ ମଧ୍ୟ ଠକ ଉକ୍ତ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଛନ୍ତି।

ଅଭିଯୋଗ ଅନୁସାରେ, ବିନୋଦ ଶେଖର ନିକଟକୁ ଏକ ଅଜଣା ଫୋନ୍ ନମ୍ବରରୁ ମେସେଜ୍ ଆସିଥିଲା। ଯେଉଁଥିରେ ଅନ୍‌ଲାଇନ୍ ଟ୍ରେଡିଂ କରି ଲକ୍ଷପତି ହେବାକୁ କୁହାଯାଇଥିଲା। ଏପରିକି ଟଙ୍କା ଦୁଇଗୁଣା କରିନଦେଲେ ଫେରସ୍ତ କରିବାକୁ ମଧ୍ୟ ଗ୍ୟାରେଣ୍ଟ ଦେଇଥିଲେ। ଏଭଳି ମେସେଜ୍ ଦେଖି ଲୋଭରେ ପଡ଼ିଯାଇଥିଲେ ବିନୋଦ ଶେଖର। ସେ ଦିଆଯାଇଥିବା ଫୋନ୍ ନମ୍ବରକୁ କଲ୍ କରି ବୁଝିଥିଲେ। ଠକ ତାଙ୍କୁ ଏକାଧିକ ଲିଙ୍କ୍ ପଠାଇ ପ୍ରଥମେ ଜଏନ୍ କରିବାକୁ କହିଥିଲେ। ବିନୋଦ ନିଜର ବ୍ୟକ୍ତିଗତ ତଥ୍ୟ ଦେଇ ଏଥିରେ ଯୋଡ଼ି ହୋଇଥିଲେ। ଏହାପରେ ଠକ ତାଙ୍କୁ ଟଙ୍କା ଲଗାଇବା ପାଇଁ କହିଥିଲେ। ଏପରିକି କିଭଳି ଟଙ୍କା ଲଗାଇବା ସେଥିଲାଗି ଏକ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ିଥିଲେ। ସେଥିରେ ରାଜୁ ନାମକ ବ୍ୟକ୍ତି ତାଙ୍କୁ ଟଙ୍କା ଲଗାଇବା ପାଇଁ ଗାଇଡ୍ କରିଥିଲେ। ସେ ତାଙ୍କ କହିବା ଅନୁସାରେ ଏକ ଆପ୍ ଡାଉନ୍‌ଲୋଡ୍ କରି ସେଥିରେ ନିଜର ବ୍ୟକ୍ତିଗତ ତଥ୍ୟ ଦେଇ ସାମିଲ ହୋଇଥିଲେ। ସେଥିରେ ସେ ଇ-ୱାଲେଟ୍ ମାଧ୍ୟମରେ ଟଙ୍କା ଲଗାଇବାକୁ କହିଥିଲେ। ପ୍ରଥମେ ବିନୋଦ ଶେଖର ୫ ହଜାର ଟଙ୍କା ଲଗାଇଥିଲେ। ଏଥିସହ ଠକ ତାଙ୍କୁ କିଛି ଟ୍ୟାକ୍ସ କରିବା ପାଇଁ ଦେଇଥିଲେ। ଏହାକୁ କରିବା ପରେ ସାଇବର ଠକ ତାଙ୍କ ଆକାଉଣ୍ଟକୁ ୭ ହଜାର ଟଙ୍କା ଦେଇଥିଲେ। ଏହାପରେ ପୁଣି ସେ ୧୦ ହଜାର ଟଙ୍କା ଲଗାଇବା ପରେ ଠକ ତାଙ୍କୁ ୧୪ ହଜାର ଟଙ୍କା ଦେଇଥିଲେ। ଏହାପରେ ଟ୍ରେଡିଂ ଗୁରୁ ସାଜିଥିବା ରାଜୁ ତାଙ୍କୁ ବଡ଼ ଆମାଉଣ୍ଟ ଲଗାଇବାକୁ କହିଥିଲେ। ରାଜୁ କଥାରେ ପଡ଼ି ସେ ୧ଲକ୍ଷ ଲଗାଇଥିଲେ। ପରେ ତାଙ୍କୁ ସାଇବର ଠକ ଦେଢ ଲକ୍ଷ ଫାଇଦା ଦେଇଥିଲେ। ଏହାପରେ ବିଶ୍ୱାସ ହେବା ପରେ ସେ ୫୦ ଲକ୍ଷ ଏବଂ ପରେ ବାକି ୫୦ ଲକ୍ଷ ଲଗାଇଥିଲେ। ଟଙ୍କା ଲଗାଇବା ପରେ ଦୁଇ ଗୁଣା ହୋଇଥିବା ଇ-ୱାଲେଟ୍‌ରେ ଦେଖାଇଥିଲା। ଏହାକୁ ବିନୋଦ ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ଶେଷରେ ଠକ ବିନୋଦଙ୍କ ଆକାଉଣ୍ଟକୁ ବ୍ଲକ କରି ଦେଇଥିଲେ। ବିନୋଦ ଟ୍ରେଡିଂ ଗୁରୁ ରାଜୁ ଏବଂ ଅନ୍ୟ ଫୋନ୍ ନମ୍ବରକୁ କଲ୍ କରିଥିଲେ ମଧ୍ୟ ତାହା ବନ୍ଦ ଥିଲା। ଶେଷରେ ଠକାମିର ଶିକାର ହୋଇଥିବା ଜାଣି ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ନିର୍ମାଣାଧୀନ କୋଠାରୁ ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୪।୮ (ସମିସ): ନିର୍ମାଣାଧୀନ କୋଠାରୁ ମୋବାଇଲ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁରୁଣା ଷ୍ଟେସନ ବଜାର ମୋଚି ସାହିର ନାଗୁ ଓରଫ୍ ଏନ୍ ନାଗେଶ (୨୧)।

ପୁଲିସ ସୂଚନା ଅନୁସାରେ, ଗତ ଶନିବାର ଶେଖ୍ ଅମିର ଅଲ୍ଲୀ ଓ ତାଙ୍କ ବନ୍ଧୁମାନେ ପୁରୁଣା ଷ୍ଟେସନ ବଜାର ଅଞ୍ଚଳରେ ଥିବା ନିର୍ମାଣାଧୀନ କୋଠାରେ ଶୋଇଥିଲେ। ସେହି ସମୟରେ ନାଗୁ ସେମାନଙ୍କଠାରୁ ୪ଟି ମୋବାଇଲ୍ ଫୋନ୍ ଓ ୫ ହଜାର ଟଙ୍କା ଚୋରି କରି ନେଇଥିଲା। ଅମିର ପାଦ ଶବ୍ଦ ଶୁଣି ପିଛା କରିଥିଲେ ମଧ୍ୟ ଧରି ପାରି ନ ଥିଲେ। ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜରୁ ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ଆଜି ସକାଳେ ପୁରୁଣା ଷ୍ଟେସନ ବଜାରରେ ଚୋରି ମୋବାଇଲ ଫୋନ ବିକ୍ରି କରୁଥିବା ବେଳେ ନାଗୁକୁ ଗିରଫ କରିବା ସହ ୪ଟି ମୋବାଇଲ ଜବତ କରିଥିଲା। ନାଗୁ ଜଣେ ଅଭ୍ୟାସଗତ ଅପରାଧି ହୋଇଥିବାବେଳେ ତା' ନାମରେ ପୂର୍ବରୁ ଚୋରି ଓ ହିଂସାତ୍ମକ ଅପରାଧିକ ମାମଲା ରହିଛି।

## ମୋବାଇଲ୍ ଚୋରକୁ ଧରିଲେ ଲୋକେ

ଝାଁଳା, ୪।୮ (ସମିସ): ବାଇକ୍‌ରେ ୨ଟି ଚୋର ଜଟଣୀ ଗେଟ୍ ନିକଟରେ ଏକ ଗାଡ଼ିରୁ ମୋବାଇଲ୍ ଫୋନ ଚୋରି କରୁଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ଇନ୍‌ଫୋସିଟି ଥାନା ପୋଲିସକୁ ହସ୍ତାନ୍ତର କରିଛନ୍ତି। ସୂଚନା ଥାଉକି କଟକର ଚାଉଳିଆଗଞ୍ଜ ଥାନାର ମାଲ୍ ଗୋଦାମ୍ ରୋଡ୍ କନ୍ଦରପୁରୁ ଅଞ୍ଚଳର ସୂର୍ଯ୍ୟମଣି ଦାସ୍, ପିତା ସୁବଳ ଦାସ୍ ଅପରାହ୍ଣ ୪ଟା ସମୟରେ ମୋବାଇଲ୍ ଚୋରି କରୁଥିବା ବେଳେ ଧରାପଡ଼ିଯାଇଥିଲେ। ସୂର୍ଯ୍ୟମଣିକୁ କାବୁ କଲା ପରେ ତାଙ୍କ ସାଥିରେ ଥିବା ରାଜୁ ଉକ୍ତ ସ୍ଥାନରୁ ଦୌଡି ଖସି ପଳାଇ ଯାଇଥିଲା ତା ଠାରୁ ତିନୋଟି ଦାମୀ ମୋବାଇଲ ଜବତ କରି ସ୍ଥାନୀୟ ଲୋକେ ମୋବାଇଲ୍ ସହିତ ଚୋରକୁ ଧରିଥିଲେ।

## ଦୁର୍ଘଟଣା ପରେ ଆକ୍ରମଣ; ଜଣେ ଗିରଫ



ଭୁବନେଶ୍ୱର, ୪।୮ (ସମିସ): ଦୁର୍ଘଟଣା ପରେ କାର ଚାଳକଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ନୂଆପଲ୍ଲୀ ବେହେରା ସାହିର ଗୈରାଙ୍ଗ ଚରଣ ବେହେରା (୩୧) ଓ ଭୋଇ ସାହିର ବିଶ୍ୱରଞ୍ଜନ ଭୋଇ (୩୨)।

ପୁଲିସ ସୂଚନା ଅନୁସାରେ, ଗତ ମାସ ୨୭ ତାରିଖ ଦିନ ଆକାଶ କୁମାର ଶତପଥୀ କାର ଯୋଗେ ବେହେରା ସାହି ଦେଇ ଯାଉଥିବାବେଳେ ଜଣେ ସାଇକେଲ ଆରୋହୀଙ୍କ ସହିତ ଏକ ସାମାନ୍ୟ ଦୁର୍ଘଟଣା ଘଟିଥିଲା। କିଛି ସମୟ ପରେ ଗୈରାଙ୍ଗ ଓ ବିଶ୍ୱରଞ୍ଜନ ବାଇକରେ ଆସି କସ୍ତୁରବା ସ୍କୁଲ ଗଳିରେ ତାଙ୍କ କାରକୁ ଅଟକାଇଥିଲେ। ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତାଙ୍କ କାରକୁ ପଥର ଫିଙ୍ଗି କାଚ ଝରକା ଭାଙ୍ଗିଦେଇଥିଲେ। ଏହା ପରେ ଆକାଶଙ୍କୁ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ

ଏହାପରେ ପୁଲିସ ପହଞ୍ଚି ଆହତ ଆକାଶଙ୍କୁ ଉଦ୍ଧାର କରିବା ସହ ନିଜ ଆଡୁ ମାମଲା ରୁଜୁ କରିଥିଲା। କର୍ପୋରେଟର ବନ୍ଦିତା ପାଲ ଓ ସ୍ଥାନୀୟ ସାକ୍ଷୀ ମାନଙ୍କ ଦ୍ୱାରା ଆକ୍ରମଣରେ ସମ୍ପୃକ୍ତ ଗୈରାଙ୍ଗ ଓ ବିଶ୍ୱରଞ୍ଜନକୁ ଚିହ୍ନଟ କରିଥିଲେ। ଆକାଶ ବାହାର ଲୋକ ହୋଇଥିବାରୁ ଭୟଭୀତ ହୋଇଥିଲେ ମଧ୍ୟ ପରେ ଘଟଣାର ବିସ୍ତୃତ ବିବରଣୀ ଦେଇଥିଲେ। ଆଜି ନୂଆପଲ୍ଲୀ ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବ୍ରାଉନ୍‌ସୁଗର ଜବତ; ଦୁଇ ଗିରଫ




ଭୁବନେଶ୍ୱର, ୪।୮ (ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସାଲିଆ ସାହିର ପି ଗୋପି କିଶାନ ରାଓ (୩୫) ଓ ଗୌରବ ବିଶ୍ୱାଳ ଓରଫ୍ କାହ୍ନା (୨୦)।

ପୁଲିସ ସୂଚନା ଅନୁଯାୟୀ, ହାତିଆଶୁଣୀ ପଡ଼ିଆରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ମୈତ୍ରୀ ବିହାର ଥାନା ପୁଲିସ ଖବର ପାଇଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରି ଗୋପି ଓ କାହ୍ନାକୁ ଅଟକ ରଖିଥିଲା। ତଲାସୀ ବେଳେ ସେମାନଙ୍କ ହେପାଜତରୁ ୧୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରାଯାଇଥିଲା। ଏଥିସହିତ ଏକ ହଜାର ଟଙ୍କା, ମୋବାଇଲ ଫୋନ ଓ ଅପରାଧରେ ବ୍ୟବହୃତ ସ୍କୁଟି ଜବତ କରିଥିଲା ପୁଲିସ। ସେମାନେ ବାଲେଶ୍ୱରରୁ ବ୍ରାଉନସୁଗର ସଂଗ୍ରହ କରି ଆଣି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ମୈତ୍ରୀ ବିହାର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ମଦଭର୍ତ୍ତି କାର୍ ଜବତ; ଦୁଇ ଗିରଫ

ଭୁବନେଶ୍ୱର, ୪।୮ (ସମିସ): ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପିଚୁ ପଡ଼ିଆ ବସ୍ତିର ଆଲୋକ ନାଏକ (୨୪) ଓ କେଶବ ନାୟକ (୨୧)।




ପୁଲିସ ସୂଚନା ଅନୁସାରେ, ଗତକାଲି ରାତିରେ କ୍ୟାପିଟାଲ ହସ୍ପିଟାଲ ପଛପାଖରେ ଥିବା ଖେଳ ପଡ଼ିଆରେ ବେଆଇନ ଦେଶୀ ମଦ ବୋଝେଇ କାରରେ ସ୍ଥାନୀୟ ଅଞ୍ଚଳରେ ମଦ ବିକ୍ରି ହେଉଥିବା ନେଇ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରି ଆଲୋକ ଓ କେଶବକୁ ଗିରଫ କରିଥିଲା। ଗାଡ଼ିର ତଲାସି ସମୟରେ ୮ଟି ଜରିମୁଣିରେ ଥିବା ମୋଟ ୪୦୦ ଲିଟର ଦେଶୀମଦ ଜବତ କରିଥିଲା। ତାରିଣୀ ବସ୍ତିର କାଳିଆ ନାୟକ ଓ ସାହିଲ ନାୟକଙ୍କ ନିର୍ଦ୍ଦେଶରେ ଆଠଗଡ଼ରୁ ମଦ ଆଣି ଏଠି ବିକ୍ରି କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ କ୍ୟାପିଟାଲ ଥାନା ପୁଲିସ ଏକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ଭୁବନେଶ୍ୱର, ୪।୮ (ସମିସ): ଦାମ୍ପତ୍ୟ ଜୀବନର ଦୁଃଖଦ ପରିସମାପ୍ତି। ବିବାହ କଲେ, ବିବାହର କିଛି ଦିନ ପରେ ଆସିଥିଲା ଝଡ଼। ସଂସାର ରଥ ଆଗକୁ ବଢ଼ିବା ବଦଳରେ ହୋଇଥିବା ଝଗଡ଼ା। ଯୌତୁକ ପାଇଁ ପତ୍ନୀଙ୍କୁ ଦିଆଯାଇଥିଲା ଅକଥନୀୟ ନିର୍ଯାତନା। ଶେଷରେ ନବବଧୂକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଘର ଭିତରୁ ନବ ବଧୂର ଝୁଲନ୍ତା ମୃତଦେହ ଜବତ କରାଯାଇଛି। ଏଭଳି ଘଟଣା ମଞ୍ଚେଶ୍ୱର ଥାନା ବରିମୁଣ୍ଡ ଅଞ୍ଚଳରେ ଦେଖିବାକୁ ମିଳିଛି। ପୁଲିସ ଘର ଭିତରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଥାନାରେ ଅଭିଯୋଗ ପରେ ସ୍ୱାମୀଙ୍କୁ ଗିରଫ କଲା ମଞ୍ଚେଶ୍ୱର ଥାନା ପୁଲିସ। ଏପରିକି ଶାଶୂ, ଶ୍ୱଶୁର ଓ ନଣନ୍ଦଙ୍କୁ ତଦନ୍ତ ପରିସରଭୁକ୍ତ କରିଛି ପୁଲିସ।

ଉଭୟ ଭଲ ପାଇ ପ୍ରେମ ବିବାହ କରିଥିଲେ। ବିବାହର ୯ ବର୍ଷ ପରେ ଉଜୁଡି ଗଲା ସଂସାର। କାହା ପାଇଁ ଅସୁମାରୀ ଖୁସି ତ ଆଉ କାହା ପାଇଁ ବିରହର ବେଦନା। ଠିକ ସେହି ଖୁସି ଟିକକ ପାଇବା ପାଇଁ ପରିବାର ବିରୋଧ ସତ୍ତ୍ୱେ ପ୍ରେମ ବିବାହ କରିଥିଲେ ଯାଜପୁର ଜିଲ୍ଲା ବିଂଝାରପୁରର ୨୭ ବର୍ଷୀୟ ରଶ୍ମିତା ସ୍ୱାଇଁ। ମଞ୍ଚେଶ୍ୱର ଥାନା ବରିମୁଣ୍ଡ ବିଶ୍ୱନାଥ ସ୍ୱାଇଁଙ୍କ ସହ କରିଥିଲେ ପ୍ରେମ ବିବାହ। କୋର୍ଟରେ ବିବାହ କରିବା ପରେ ବେଦୀରେ ବସି ବିବାହ କରିଥିଲେ। ୯ ବର୍ଷ ତଳେ ସଂସାର ଗଢିବା ପାଇଁ ମୁଣ୍ଡରେ ସିନ୍ଦୂର ହାତରେ ଶଙ୍ଖା ପିନ୍ଧିଥିବା ମହିଳାଙ୍କର ଗତକାଲି ମିଳିଛି ଝୁଲନ୍ତା ମୃତଦେହ। ବନ୍ଦ ଘରେ ବେକରେ ଶାଢ଼ି ଲଗାଇ ଝୁଲିପଡ଼ିଛନ୍ତି ରଶ୍ମିତା। ଆଉ ଝିଅର ମୃତ୍ୟୁ ପରେ ପରିବାର ଆଣିଛି ହତ୍ୟା ଓ ଯୌତୁକ ଜନିତ ହତ୍ୟାର ଭଳି ସଙ୍ଗିନ ଅଭିଯୋଗ। ମଞ୍ଚେଶ୍ୱର ଥାନା ପୋଲିସ ପାରିପାର୍ଶ୍ୱିକ ପରିସ୍ଥିତି ଯାଞ୍ଚ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ପ୍ରାୟତଃ ସ୍ପଷ୍ଟ ହୋଇପାରିବ ବୋଲି ସୂଚନା ଦେଇଛି ପୁଲିସ। ବ୍ୟବଚ୍ଛେଦ ପରେ ଶାଶୁ ଘର ଲୋକେ ମୃତଦେହ ନନେଲେ, ବାପ ଘର ଗାଁରେ ଅନ୍ତେଷ୍ଟି କ୍ରିୟା କରାଯିବ ବୋଲି କହିଛନ୍ତି ମୃତକଙ୍କ ସମ୍ପର୍କୀୟ। ପରକୀୟା ପ୍ରୀତି, ନିଶା, ଘରୋଇ ହିଂସା ପାଇଁ ଉଜୁଡି ଯାଉଛି ସଂସାର। ବଢୁଛି ଦାମ୍ପତ୍ୟ କଳହ। ଏସବୁକୁ ରୋକିବା ପାଇଁ ସମାଜରେ ଜନ ସହଭାଗିତାର ଆବଶ୍ୟକତା ଥିବା କହିଛନ୍ତି ବୁଦ୍ଧିଜୀବୀ।

## ଜନପଥରୁ ହଟିବ ବାଉଁଶ; ଲାଗିବ ଲୁହାବାଡ଼

ଭୁବନେଶ୍ୱର, ୪।୮ (ସମିସ): ବାଣୀବିହାରରୁ ମାଷ୍ଟରକ୍ୟାଣ୍ଟିନ୍ ଯାଏଁ ଜନଥରେ ଲାଗିଥିବା ବାଉଁଶବାଡ଼ ହଟିବ। ଏହା ବଦଳରେ ଲୁହା ବ୍ୟାରିକେଡ୍ ଲାଗିବ। ସ୍ମାର୍ଟ ଜନପଥର ମେଡିଆନର ପୁନରୁଦ୍ଧାର କରାଯିବ। ଏନେଇ ସ୍ମାର୍ଟସିଟି ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ କାମ ଖୁବଶୀଘ୍ର ଆରମ୍ଭ ହେବ ବୋଲି ସ୍ମାର୍ଟସିଟି ଜେନେରାଲ୍ ମ୍ୟାନେଜର ପୁରନ୍ଦର ନନ୍ଦ କହିଛନ୍ତି। ଏନେଇ ଗତ କର୍ପୋରେସନ ବୈଠକରେ ଆଲୋଚନା

**ସ୍ମାର୍ଟସିଟିର ଟେଣ୍ଡର ଆହ୍ୱାନ ପରେ ୯ ଆବେଦନକାରୀ**

ହୋଇଥିବାବେଳେ ଟେଣ୍ଡର ଲାଗି ୯ଟି ସଂସ୍ଥା ଆବେଦନ କରିଛନ୍ତି। ଅଗଷ୍ଟ ଦ୍ୱିତୀୟ ସପ୍ତାହରୁ ତୃତୀୟ ସପ୍ତାହ ମଧ୍ୟରେ ଟେଣ୍ଡର ଖୋଲାଯିବା ସହ ସଂସ୍ଥା ଚୟନ କରାଯିବ। ଏହାସହ ଓଏଫଡିସିକୁ ହର୍ଟିକଲ୍‌ଚର ଲାଗି ଅନୁରୋଧ କରାଯାଇଛି।

ଜନପଥର ମେଡିଆନକୁ ଶାସ୍ତ୍ରୀ ନଗର, ଇଞ୍ଜିନିୟରିଂ ଛକ ଓ ସଚିବାଳୟ ଛକ ଭଳି ମେଡିଆନ କରାଯିବାକୁ ବ୍ୟବସ୍ଥା କରାଯାଇଥିବା ବେଳେ ଏନେଇ ସମସ୍ତ ପ୍ରକ୍ରିୟା ଚୁଡ଼ାନ୍ତ ପ୍ରକ୍ରିୟାରେ ଥିବା ଶ୍ରୀ ନନ୍ଦ କହିଛନ୍ତି।

ସୂଚନାଯୋଗ୍ୟ, ମାଷ୍ଟରକ୍ୟାଣ୍ଟିନରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତାରେ ଥିବା ମେଡିଆନର ନବକଳେବର ହେବ। ବାଉଁଶ ବାଡ ହଟିବା ସହ ଷ୍ଟିଲ୍ ଗ୍ରିଲ୍ ଲାଗିବ। ସେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାରର ଫୁଲଗଛ



ଲାଗିବ। ସ୍ମାର୍ଟସିଟି ପକ୍ଷରୁ ଏଥିପାଇଁ ଟେଣ୍ଡର୍ ଆହ୍ୱାନ କରାଯାଇଥିବାବେଳେ ଏଥିପାଇଁ ପ୍ରାୟ ୬୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପୂର୍ବରୁ ଜନପଥ ରାସ୍ତାର ମେଡିଆନରେ ଲୁହା ଗ୍ରିଲ୍ ଲାଗିଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏସବୁ କଳଙ୍କି ଲାଗି ନଷ୍ଟ ହୋଇଯାଇଥିଲା।

୨୦୧୬ ମସିହାରେ ଭୁବନେଶ୍ୱର ସ୍ମାର୍ଟସିଟିର ମାନ୍ୟତା ପାଇବା ପରେ ପରୀକ୍ଷାମୂଳକ ଭାବେ ପ୍ରଥମ ରାସ୍ତା ଭାବେ ଜନପଥର ବିକାଶ ପାଇଁ ପରିକଳ୍ପନା କରାଯାଇଥିଲା। ସେହି ଅନୁସାରେ ସବୁଠୁ ଅଧିକ ବିକାଶ ଜନପଥ ରାସ୍ତାର କରାଯାଇଥିଲା। ପ୍ରଶସ୍ତ ରାସ୍ତା ସାଙ୍ଗକୁ ପାଦଚଲା ରାସ୍ତା, ପଥପ୍ରାନ୍ତ ବିଶ୍ରାମସ୍ଥଳୀ, ପାର୍କିଂ, ଆଲୋକୀକରଣ ଆଦି କରାଯାଇଥିଲା। ଏହି ବିକାଶକ୍ରମରେ ଜନପଥ ରାସ୍ତାର ମେଡିଆନକୁ ଚଉଡା କରାଯାଇଥିଲା। ମାଟି ପକାଇ ସେ ସୌନ୍ଦର୍ଯ୍ୟୀକରଣ ଗଛ ସବୁ ଲଗାଯାଇଥିଲା। ଗଛକୁ ସୁରକ୍ଷା ପାଇଁ ମେଡିଆନର ଦୁଇପାର୍ଶ୍ୱରେ ପ୍ରାୟ ୩.୫ କିମି ଧରି ବିଭିନ୍ନ ଡିଜାଇନର ବାଉଁଶର ବାଡ ଲଗାଯାଇଥିଲା। ସରକାର ଏ ବାବଦରେ ପ୍ରାୟ କୋଟିକୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସସିଏଲ୍) ଏହି କାମ କରିଥିଲା। ଜନପଥ ରାସ୍ତାର ବିକାଶ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ବିଏସସିଏଲ୍ ପାଖରେ ୨୦୨୬ ଜାନୁଆରି ପର୍ଯ୍ୟନ୍ତ ରହିଛି। କିନ୍ତୁ ଜନପଥର ମେଡିଆନରେ ଲାଗିଥିବା ବାଉଁଶ ବାଡ ଭୂଷୁଡ଼ି ପଡ଼ିବାରୁ ଏହାକୁ ବଦଳାଇବା ସହ ସ୍ଥାୟୀ ବାଡ ଲଗାଇବାକୁ ନିଷ୍ପତ୍ତି ହୋଇଥିବା ଅଧିକାରୀ କହିଛନ୍ତି।

ଲୁହା ବାଡର ଡିଜାଇନ୍ ସ୍ଥିର ହୋଇସାରିଛି। ଏଥିସହ ସେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ପ୍ରଜାତିର ଗଛ ସବୁ ଲାଗିବ। ଏଥିପାଇଁ ୬୦ ଲକ୍ଷ ଟଙ୍କା ବଜେଟ୍ ହୋଇଛି। ଏନେଇ ଟେଣ୍ଡର ବି ଆହ୍ୱାନ କରାଯାଇଥିଲା। କିନ୍ତୁ ଏହି ଟେଣ୍ଡରରେ କେହି ଅଂଶଗ୍ରହଣ କରିନଥିଲେ। ଏଣୁ ଦ୍ୱିତୀୟ ଥର ପୁଣି ଟେଣ୍ଡର ଆହ୍ୱାନ କରାଯାଇଛି। ଟେଣ୍ଡର ଚୂଡାନ୍ତ ପରେ ପରେ କାମ ଆରମ୍ଭ କରାଯିବ ବୋଲି ସ୍ମାର୍ଟସିଟି କର୍ତ୍ତୃପକ୍ଷ କହିଛନ୍ତି।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ ଉଦୟନାଥ ମହାପାତ୍ର
ଉମରକୋଟ
ଆବିର୍ଭାବ: ୦୫.୦୧.୧୯୪୭ / ତିରୋଧାନ: ୨୯.୦୭.୨୦୨୩
ଆଜି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ଖୁସି, ଇଶାନ, ଲିପନ ଓ ମହାପାତ୍ର ପରିବାରବର୍ଗ

## ଭାଙ୍ଗିଲା ୪ ସରକାରୀ କ୍ୱାର୍ଟର୍ସ

ଭୁବନେଶ୍ୱର, ୪।୮ (ସମିସ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସହରରେ ଉଚ୍ଛେଦ କାର୍ଯ୍ୟକୁ ଜୋରଦାର କରାଯାଉଛି। ସୋମବାର ଉଚ୍ଛେଦକାରୀ ଦଳ ୟୁନିଟ୍-୫ ରାଜୀବ ଭବନ ନିକଟରେ ଥିବା ପ୍ଲଟ ନମ୍ବର ୧୨୨(ପିଟି), ୧୨୩(ପିଟି), ୧୩୯(ପିଟି) ଓ ଖାତା ନମ୍ବର ୬ ଓ ୪ ଉପରେ ଥିବା ନିର୍ମାଣକୁ ଭାଙ୍ଗି ମାଟିରେ ମିଶାଇଛନ୍ତି। ଏହି ଜମିରେ ସରକାରୀ କ୍ୱାର୍ଟର୍ସ (ଭି/୧, ୨ଆର-୧୦, ୨ଆର-୧୧, ୨ଆର-୧୨) ଉଚ୍ଛେଦ କରାଯାଇଥିବାବେଳେ ଏକ ୨ଶହ ଫୁଟର ପାଚେରି ଭଙ୍ଗାଯାଇଛି। ପ୍ରାୟତଃ ୧୦ ହଜାର ବର୍ଗଫୁଟର ସରକାରୀ ଜମି ଜବରଦଖଲମୁକ୍ତ ହୋଇଥିବାବେଳେ ଏହି ଅଞ୍ଚଳରେ ଥିବା କେଶରୀନଗର ଖାଲିବସ୍ତିକୁ ଜବରଦଖଲମୁକ୍ତ କରାଯାଇପାରି ନାହିଁ। ବସ୍ତି ଲୋକ ଏବେଯାଏଁ ଥଇଥାନ ହୋଇ ନ ଥିବାରୁ ଉତ୍ତେଜନାକୁ ଦୃଷ୍ଟିରେ ରଖି ଉଚ୍ଛେଦକୁ ସ୍ଥଗିତ ରଖାଯାଇଥିବା ବିଡିଏ ଉଚ୍ଛେଦକାରୀ ଦଳ କହିଛି। କେଶରୀ ନଗର ଖାଲ ବସ୍ତିରେ ରାଜୀବ ଆବାସ ଯୋଜନା (ଆରଏୱାଇ)ରେ ସାମିଲ ଥିବା ୩୧ଟି ଘର ରହିଛି। ଫଳରେ ସେମାନଙ୍କୁ ବିନା ଥଇଥାନରେ ଉଚ୍ଛେଦ କରାଯାଇପାରୁ ନାହିଁ। ତେଣୁ ଆସନ୍ତା ସପ୍ତାହକ ମଧ୍ୟରେ ସମ୍ପୃକ୍ତ ୩୧ପରିବାରଙ୍କୁ ଅନ୍ୟତ୍ର ଥଇଥାନ କରାଯିବ ଓ ପରେ ଉଚ୍ଛେଦ କରାଯିବ ବୋଲି ନିର୍ଦ୍ଦେଶ ଥିବା ବିଡିଏ ଉଚ୍ଛେଦକାରୀ ଦଳର ବରିଷ୍ଠ ଅଧିକାରୀ କହିଛନ୍ତି। ସୋମବାର ଉଚ୍ଛେଦରେ ଗୋଟିଏ ଜେସିବିର ବ୍ୟବହାର କରାଯାଇଥିଲା। ବିଡିଏ ଉଚ୍ଛେଦ ଅଧିକାରୀ ଦେବରାଜ ସେଠୀ, ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ସମେତ ଜିଏ ସହକାରୀ ନିର୍ଦ୍ଦେଶକ ଅମୀୟ କୁମାର ଦାସ ଓ ବିଡିଏ ଉଚ୍ଛେଦକାରୀ ଦଳ ୧, ୨, ୩ ଓ ୪ ଉପସ୍ଥିତ ଥିଲେ। ବିନା ପୁଲିସ୍ ଫୋର୍ସରେ ଏହି ଉଚ୍ଛେଦ କରାଯାଇଥିବା ବିଡିଏ ସୂଚନା ଦେଇଛି। ଉଚ୍ଛେଦ ଶେଷ ହେବା ପରେ ଏଠାରେ ପ୍ରାୟ ଏକ ଏକରର ସରକାରୀ ଜମି ବାହାରିବ। ଯେଉଁଠାରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ ନୂତନ କାର୍ଯ୍ୟାଳୟର ନିର୍ମାଣ କରାଯିବ।

**ସପ୍ତାହ ଭିତରେ ଥଇଥାନ**
**୧ ଏକର ଜମିରେ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ନିର୍ମାଣ ହେବ**



ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୰ ଚାରୁଲତା ପଟ୍ଟନାୟକ
ଆବିର୍ଭାବ : ୦୭.୦୨.୧୯୪୪
ତିରୋଧାନ : ୨୫.୦୭.୨୦୨୫
"ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ପରୋପକାର ଓ ଭଲ ପାଇବା ଆମେ କେବେ ବି ଭୁଲି ପାରିବୁ ନାହିଁ। ଆପଣଙ୍କ ପୁଣ୍ୟ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।"
ଶୋକସନ୍ତପ୍ତ : ପୁତ୍ର : ଅଶ୍ୱିନ କୁମାର ପଟ୍ଟନାୟକ, ବୋହୂ : ସୂଦୀପା ରାଣୀ ପଟ୍ଟନାୟକ,
ନାତି : ଅଭିନବ ପଟ୍ଟନାୟକ, ନାତୁଣୀ : ଆଦ୍ୟାଶା ରାଣୀ ପଟ୍ଟନାୟକ ଏବଂ ପରିବାର ବର୍ଗ

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ପ୍ରଶାସନ ପକ୍ଷରୁ ୧୭୫ଟି ଅଭିଯୋଗ ଶୁଣାଣି

କେନ୍ଦ୍ରାପଡ଼ା,୪।୮ (ସମିସ)





ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ମ୍ୟୁନିସିପାଲଟି ଟାଉନ ହଲ୍‌ଠାରେ ଅନୁଷ୍ଠିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ୧୭୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏହି ଅଭିଯୋଗ ମଧ୍ୟରେ ୧୫୫ଟି ବ୍ୟକ୍ତିଗତ ଓ ୨୦ଟି ସାମୂହିକ ଅଭିଯୋଗ ଥିଲା। ରେଡ୍‌କ୍ରସରୁ ଜଣଙ୍କୁ ୩ ହଜାର ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୪ ଜଣଙ୍କୁ ୭୦ ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଆଜି ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ପଞ୍ଜିକୃତ ହୋଇଥିବା ଅଭିଯୋଗକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ୧୧ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ, ୧୮ ତାରିଖରେ ରାଜକନିକା ବ୍ଲକ୍ କାର୍ଯ୍ୟାଳୟ ଓ ୨୫ ତାରିଖରେ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ବଳଦେବଜୀଉଙ୍କ ଝୁଲଣ ଯାତ୍ରା ଆରମ୍ଭ



କେନ୍ଦ୍ରାପଡ଼ା,୪।୮ (ସମିସ): ତୁଳସୀକ୍ଷେତ୍ରର କ୍ଷେତ୍ରାଧିପତି ପ୍ରଭୁ ବଳଦେବଜୀଉଙ୍କ ଝୁଲଣ ଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି। ଏଥର ଏହି ଝୁଲଣ ଯାତ୍ରା ୬ ଦିନ ଧରି ଚାଲିବ । ଶ୍ରାବଣ ମାସ ଶୁକ୍ଳ ପକ୍ଷ ଷୋଳ ଦିନ ଥିବାରୁ ଦଶମୀରୁ ପୂର୍ଣ୍ଣିମା ୬ ଦିନ ବ୍ୟାପୀ ଝୁଲଣ ଯାତ୍ରା ଜାରି ରହିବ। ଶ୍ରୀଜୀଉଙ୍କ ସନ୍ଧ୍ୟା ଆଳତି ସମ୍ପନ୍ନ ପରେ ବାସୁଦେବ ମନ୍ଦିରରୁ ଚଳନ୍ତି ପ୍ରତୀମା ରାଧାକୃଷ୍ଣଙ୍କୁ ଭଣ୍ଡାର ଗୃହରୁ ଆସିଥିବା ଗହଣା ଓ ନୂତନ ବସ୍ତ୍ର ପିନ୍ଧା ଯାଇ ସେବକଙ୍କ ଦ୍ୱାରା ବିଜେ କରାଯାଇଥିଲା। କୁଞ୍ଜ ଘରେ ରାଧାକୃଷ୍ଣ ଦିବ୍ୟ ଲୀଳା ଭକ୍ତଙ୍କୁ ବିମୋହିତ କରିଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସାଙ୍ଗକୁ ଚମ୍ପୁ ଛାନ୍ଦ ଲୋକ କଳା ପରିବେଷଣ କରାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଦଶିପୁର ପଞ୍ଚାୟତରେ ମିନି ଧାନମଣ୍ଡି ଖୋଲିବାକୁ ଦାବି

କେନ୍ଦ୍ରାପଡ଼ା,୪।୮ (ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ନଦୀନାଳ ଘେରା ଦଶିପୁର ପଞ୍ଚାୟତରେ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକ ମିନି ଧାନମଣ୍ଡି ଖୋଲିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଜିଲ୍ଲା ସଦର ମହକୁମାସ୍ଥ ପୌରସଂସ୍ଥା ଟାଉନହଲ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିରରେ ଦାବି କରାଯାଇଛି। ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଆଳି ବ୍ଲକର ଦଶିପୁର ପଞ୍ଚାୟତ ହେଉଛି ଏକ ନଦୀନାଳ ଘେରା ପଞ୍ଚାୟତ। ପୂର୍ବରୁ ସେମାନେ ଦେମାଳ ପଞ୍ଚାୟତ ଅଧୀନରେ ଥିବାରୁ ଦେମାଳ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ରହିଥିଲେ। ସେତେବେଳେ ସେମାନେ ଦେମାଳ ସମିତି ମଣ୍ଡିରେ ଧାନ ବିକିବା ସୁବିଧା ପାଉ ନ ଥିବାବେଳେ ଏବେ ମଧ୍ୟ ସେମାନେ ଏହି ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି । କାରଣ ନଦୀନାଳ ପାରି ହୋଇ ସେମାନଙ୍କ ଧାନ ଦେମାଳ ସମବାୟ ସମିତିକୁ ଆଣି ବିକ୍ରି କରିବା ପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ସେମାନଙ୍କ ଧାନ ବିକ୍ରି ହୋଇପାରୁ ନ ଥିବାରୁ ବାଧହୋଇ ସେମାନେ ବ୍ୟବସାୟୀଙ୍କୁ ଅଦର ଦରରେ ଧାନ ବିକ୍ରି କରି ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ କରିଛନ୍ତି। ତେଣୁ ଚଳିତ ବର୍ଷ ଦଶିପୁର ପଞ୍ଚାୟତରେ ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏକ ମିନି ଧାନମଣ୍ଡି ଦଶିପୁରରେ ଖୋଲାଯିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ବିବେକାନନ୍ଦ ଦାଶ, ସରପଞ୍ଚ ପ୍ରଦ୍ୟୁତ ମହାନ୍ତି, କେଶବ ମଲିକ, ଅକ୍ଷୟ ସାହୁ, ତ୍ରିଲୋଚନ ମଲିକ, ପ୍ରମୋଦ ମଲିକ, କିଶୋର ମଲିକ, ଶାନ୍ତନୁ ମଲିକ, ସତ୍ୟବ୍ରତ ବରଜ, ରଞ୍ଜନ ଦାଶ, ସରୋଜ ମଲିକ ପ୍ରମୁଖ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ ଦାବି କରିଛନ୍ତି।

## ସଦାନନ୍ଦପୁରରେ ଶ୍ରାବଣୀ ଯଜ୍ଞ



ପଞ୍ଚୁପାଣ୍ଡବ,୪।୮ (ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମ ଚନ୍ଦ୍ରଶେଖର ମହାଦେବଙ୍କ ନିକଟରେ ଯଜ୍ଞ ଓ ମହାଭିଷେକ ଅନୁଷ୍ଠିତ ହୋଇଯାଇଛି। ଏହି ମହାଦେବଙ୍କ ସପ୍ତମ ବାର୍ଷିକ ଶ୍ରାବଣୀ ଓ ମହାଅଭିଷେକ ଦୁଇଦିନ ଧରି ଚାଲିଥିଲା। ଦୁଇଦିନ ଧରି ପ୍ରତି ସନ୍ଧ୍ୟାରେ ଭଜନ କୀର୍ତ୍ତନ ହେଉଥିବାବେଳେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। କ୍ଷେତ୍ରବାସୀ ପଣ୍ଡାଙ୍କ ପ୍ରଚେଷ୍ଟାରେ ଶରତ ଚନ୍ଦ୍ର ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ସରୋଜ କୁମାର ପଣ୍ଡା, ସ୍ମୃତିକାନ୍ତ ପାଢ଼ୀ ଓ ଅଜେନ୍ଦ୍ର ପଣ୍ଡା ପ୍ରମୁଖ ପୂଜାରେ ସୁଯୋଗ କରିଥିଲେ। ଦୁର୍ଗା ନାରାୟଣ ପଣ୍ଡା ପୂଜକ ଭାବେ ପୂଜା କରୁଥିବାବେଳେ ସ୍ଥାନୀୟ ଗ୍ରାମର ଗ୍ରାମବାସୀମାନେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର



ଡେରାବିଶ, ୪।୮ (ସମିସ): କଟକ-ଚାନ୍ଦବାଲି ରାଜପଥର ଚାନ୍ଦୋଳ ବସ୍‌ଷ୍ଟାଣ୍ଡ ନିକଟରେ ଆଜି ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇ ନିଶ୍ଚିନ୍ତକୋଇଲି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ, କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ୍ ଅନ୍ତର୍ଗତ ପାର୍ସାଇଲୋ ଗ୍ରାମର ସେକ୍ ଯାହିଦ୍ (୪୦) କୌଣସି କାମରେ କେନ୍ଦ୍ରାପଡ଼ା ଅଭିମୁଖେ ବାଇକ୍‌ରେ ଯାଉଥିଲେ। ଚାନ୍ଦୋଳ ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ସାଇକଲ ଆରୋହୀଙ୍କ ସହିତ ଧକ୍କା ହୋଇ ବାଇକ୍ ସହିତ ରାସ୍ତାରେ ଖସିପଡ଼ିଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

## ପାଲା ଗାୟକ ପ୍ରଶାନ୍ତ ନାଥଶର୍ମାଙ୍କ ପରଲୋକ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୪।୮ (ସମିସ): ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ତରଡ଼ିପାଳର ଯୁବ ପାଲା ଗାୟକ ଜ୍ଞାନରତ୍ନ ପ୍ରଶାନ୍ତ ନାଥଶର୍ମାଙ୍କ ପରଲୋକ ହୋଇଯାଇଛି। ସେ ଯକୃତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ



ବେସରକାରୀ ଡାକ୍ତରଖାନାରେ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ଶର୍ମା ଓଡ଼ିଶାର ଜଣେ ଆଗଧାଡ଼ିର ପାଲା ଗାୟକ ଭାବେ ପାଲା, ସାହିତ୍ୟ, ଜଗନ୍ନାଥ ସଂସ୍କୃତିରେ ଅଗାଧ ପାଣ୍ଡିତ୍ୟ ପାଇଁ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଗାୟକରତ୍ନ ହରି ନାଥଙ୍କ ପରେ ସେ ତରଡିପାଳ ଗ୍ରାମର ଏକମାତ୍ର ପାଲା ଗାୟକ ରୂପେ ପାଲା ସଂସ୍କୃତି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଅକାଳ ବିୟୋଗରେ ସମଗ୍ର ପାଲା ଜଗତ ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ



କେନ୍ଦ୍ରାପଡ଼ା,୪।୮ (ସମିସ)

ଜାତୀୟ ଶିକ୍ଷାନୀତି-୨୦୨୦ର ୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ବିଦ୍ୟାଳୟରେ ଅଧ୍ୟୟନରତ ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ନିମନ୍ତେ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବଳଦେବ ହାଇସ୍କୁଲ ପରିସରରେ ଚଷମା ବଣ୍ଟନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ରାଜଲକ୍ଷ୍ମୀ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭସ୍ମିତା ତ୍ରିପାଠୀ ମୁଖ୍ୟଅତିଥି ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ ବିଶିଷ୍ଟ ଅତିଥି ଓ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବଳଦେବ ପ୍ରସାଦ ଜେନା, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ରଞ୍ଜନ କୁମାର ରାଉତ, ବଳଦେବ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରୁବିନା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନାରେ ବିଦ୍ୟାଳୟରେ ଅଧ୍ୟୟନରତ ଦୃଷ୍ଟିବାଧିତ ଓ ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ଦୃଷ୍ଟିଶକ୍ତି ବୃଦ୍ଧି ନିମନ୍ତେ ନିଆଯାଉଥିବା ପଦକ୍ଷେପ ଓ ଯୋଜନା ଛାତ୍ରଛାତ୍ରୀଙ୍କ ପାଇଁ ବହୁମୂଲ୍ୟ ଯୋଜନା ଭାବେ ଲୋକାଭିମୁଖୀ ହୋଇପାରିଛି। ପୂର୍ବରୁ ଅନୁଷ୍ଠିତ ଚକ୍ଷୁ ପରୀକ୍ଷା ଶିବିରରେ ଚକ୍ଷୁ ପରୀକ୍ଷା କରିବା ପରେ ଚଷମା ପାଇବାକୁ ଯୋଗ୍ୟ ବିବେଚିତ ବିଭିନ୍ନ କ୍ଲଷ୍ଟର ଅଧୀନରେ ଥିବା ବିଦ୍ୟାଳୟରୁ ୧୬୦ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଆଜିର ଏହି ଶିବିରରେ ଅତିଥିମାନେ ଚଷମା ପ୍ରଦାନ କରିଥିଲେ। ଶେଷରେ ମଣ୍ଡଳ ସ୍ୱତନ୍ତ୍ର ଶିକ୍ଷକ ହିମାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷା ସ୍ୱେଚ୍ଛାସେବୀ ଆଶିଷ କୁମାର ସ୍ୱାଇଁ, ଅଭିଜିତ ଥାଟୋଇ ଓ କୀର୍ତ୍ତିଲତା ଉପାଧ୍ୟାୟ ପ୍ରମୁଖ ସହଯୋଗ କରିଥିଲେ।

## ଅଗ୍ନିବିପନ୍ନ ପରିବାରକୁ କଂଗ୍ରେସର ସହାୟତା

ପଟ୍ଟାମୁଣ୍ଡାଇ,୪।୮ (ସମିସ): ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ ସୁଜୁନପୁର ଗ୍ରାମର ସୁଦର୍ଶନ ମଲ୍ଲିକ, ସୁମନ୍ତ କୁମାର ମଲ୍ଲିକଙ୍କ ଘର ନିକଟରେ ଆକସ୍ମିକ ଅଗ୍ନିକାଣ୍ଡଯୋଗୁଁ ସମ୍ପୂର୍ଣ୍ଣଭାବେ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ରାଜନଗର ବିଧାନସଭା



ନିର୍ବାଚନମଣ୍ଡଳୀ କଂଗ୍ରେସ ଯୁବ ନେତା ପ୍ରଶାନ୍ତ କୁମାର ରାଉତ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କଂଗ୍ରେସ ନେତା ଶ୍ରୀ ରାଉତ ବିପନ୍ନ ପରିବାରକୁ ସମସ୍ତ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ତାଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଧନେଶ୍ୱର ଦାସ, ବରିଷ୍ଠ ନେତା ଅଭୟ ସେଠୀ, ଯୁବ ନେତା ସୌମ୍ୟରଞ୍ଜନ ମହାପାତ୍ର, ରାମେଶ୍ୱର ଶତପଥୀ, ସୁଶୀଲ କୁମାର ପ୍ରଧାନ, ନରେଶ ଦାସ, ପ୍ରକାଶ ମହାନ୍ତି, ତ୍ରିଲୋଚନ ମଲ୍ଲିକ, ସୁରେନ୍ଦ୍ର ଖଟୁଆ, ଗୋଲେଖ ବିଶ୍ୱାଳ, ନିରଞ୍ଜନ ବିଶ୍ୱାଳ, ଅରୁଣ ଖଟୁଆ, ଲକ୍ଷ୍ମୀକାନ୍ତ ଜେନା, ପ୍ରକାଶ ଖଟୁଆ, ଭୀମ ଖଟୁଆ, ଅଶୋକ ମଲିକ, ସଞ୍ଜୟ ଖଟୁଆ, ଶୈଳେଶ ସ୍ୱାଇଁ ପ୍ରମୁଖ ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିବା ସହିତ ସରକାରୀ ସହାୟତା ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି।




## ସମାଜସେବୀଙ୍କ ସଫଳ ପ୍ରୟାସ; ଅନ୍‌ଲାଇନ୍ ତାଲିକାରେ ସଂଶୋଧନ ହେଲା ରୁକ୍ମିଣୀଙ୍କ ବୟସ

ମହାକାଳପଡ଼ା,୪।୮ (ସମିସ): ମହାକାଳପଡ଼ା ବ୍ଲକ୍ ଖରିନାସୀ ପଞ୍ଚାୟତ ହରିଆବାଙ୍କର ଅପାଠୁଆ ବୃଦ୍ଧା ରୁକ୍ମଣୀ ପ୍ରଧାନଙ୍କ ବୟସ ଅନଲାଇନ ଭୋଟର ତାଲିକାରେ ତ୍ରୁଟି ରହିଥିଲା। ମହାକାଳପଡ଼ାର ସମାଜସେବୀ ହରେକୃଷ୍ଣ ପାତ୍ର ଏହାର ସଂଶୋଧନ କରିବାକୁ ପ୍ରଶାସନ ନିକଟରେ ଅଭିଯୋଗ କରିବା ସହ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ରୁକ୍ମଣୀଙ୍କ ଆଧାର କାର୍ଡ ଓ ଭୋଟର ପରିଚୟପତ୍ରରେ ୧୯୪୫ ମସିହା ରହିଛି। ଅର୍ଥାତ ତାଙ୍କ ବୟସ ୮୦ ହୋଇଥିବାରୁ ସେ ୮୦ ବର୍ଷୀୟା ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଆବେଦନ କରିଥିଲେ। ଅନଲାଇନ ଭୋଟର ଲିଷ୍ଟରେ ରୁକ୍ମଣୀଙ୍କ ବୟସ ୬୪ ଦର୍ଶାଉଥିବାରୁ ବର୍ଦ୍ଧିତ ଟଙ୍କା ଭତ୍ତା ପାଇଁ ଆବେଦନ ହୋଇପାରୁ ନ ଥିଲା। ସେ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତ୍ରୁଟି ସଂଶୋଧନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ରୁକ୍ମଣୀଙ୍କ ଆଧାରକାର୍ଡ ଓ ଭୋଟର ପରିଚୟ ପତ୍ର ଯାଞ୍ଚ କରିଥିଲା। ଅନଲାଇନ ଭୋଟର ଲିଷ୍ଟରେ ତ୍ରୁଟି ରହିଥିବା ଜାଣି ତୁରନ୍ତ ସଂଶୋଧନ କରିଛନ୍ତି। ଫଳରେ ବୃଦ୍ଧା ରୁକ୍ମଣୀ ୮୦ ପରବର୍ତ୍ତୀ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ପାଇବା ପାଇଁ ଯୋଗ୍ୟ ହୋଇପାରିଛନ୍ତି। ସମାଜସେବୀଙ୍କ ପ୍ରଚେଷ୍ଟା ପାଇଁ ଜଣେ ଗରିବ, ଅସହାୟ ଓ ଅପାଠୁଆ ବୃଦ୍ଧାଙ୍କ ସମସ୍ୟା ଲାଘବ ହୋଇପାରିଥିବା ଗ୍ରାମବାସୀ କହିଛନ୍ତି।

## ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବକଙ୍କୁ ବଞ୍ଚାଇଲେ ଚାଷୀ

ଡେରାବିଶ, ୪।୮ (ସମିସ): କଟକ-ଚାନ୍ଦବାଲି ରାଜରାସ୍ତାର କେନ୍ଦ୍ରାପଡ଼ା ସଦର ଥାନା ଚଣ୍ଡିବଜାର



ନିକଟସ୍ଥ ରାମଚଣ୍ଡୀ ଛକରେ ଥିବା ଏକ ପାନଦୋକାନ କ୍ୟାବିନରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଯୁବକଙ୍କୁ ନିକଟସ୍ଥ ଗ୍ରାମର ଜଣେ ଚାଷୀ ବଞ୍ଚାଇଛନ୍ତି। ଆଜି ପୂର୍ବାହ୍ନରେ ଆଳି ଅଞ୍ଚଳର ଅଭିରାମ ଜେନା (୫୨) ବସ୍‌ରୁ ଓହ୍ଲାଇ ରାମଚଣ୍ଡୀ ଛକରେ ବନ୍ଦ ଅବସ୍ଥାରେ ରହିଥିବା ଏକ ପାନ ଓ ଜଳଖିଆ ଦୋକାନ ବେଞ୍ଚରେ ବସିଥିଲେ। ସେ କିଛି ସମୟ ବସିଲା ପରେ ତାଙ୍କର କ'ଣ ହେଲା କେଜାଣି ସେ ତାଙ୍କ ପାଖରେ ରଖିଥିବା ଏକ ଗାମୁଛାରେ କ୍ୟାବିନର ଉପର ସେଣିରେ ରଶି ଲଗାଇ ଦେଇଥିଲେ। ଏହି ସମୟରେ କିଛି ଚାଷୀ ସେମାନଙ୍କ ବିଲକୁ ଯାଉଥିବାବେଳେ ଘଟଣାଟିକୁ ଦେଖି ଦୌଡ଼ି ଆସି ଜଣେ ତାଙ୍କୁ ଟେକି ଧରିବା ସହିତ ଅନ୍ୟଜଣେ ପାଖରେ ରଖିଥିବା ଏକ ଦା' ସାହାଯ୍ୟରେ ଗାମୁଛାକୁ କାଟି ଦେଇଥିଲେ। ସେତେବେଳକୁ ଅଭିରାମ ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଡକାଇ ତୁରନ୍ତ କେନ୍ଦ୍ରାପଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

# ଭିତରକନିକାରେ ଜନ୍ମନେଲେ କୁମ୍ଭୀର ଶାବକ



ରାଜନଗର, ୪।୮ (ସମିସ)

ଭିତରକନିକା ଜାତୀୟ ଉଦ୍ୟାନର ନଦୀ, ନାଳରେ ଜନ୍ମ ନେଇଛନ୍ତି କୁମ୍ଭୀର ଶାବକ। ଗତ ୧ ସପ୍ତାହ ମଧ୍ୟରେ ଭିତରକନିକା ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ମଧ୍ୟରେ ପ୍ରବାହିତ ନଦୀ, ନାଳରେ ଏହି ବଉଳା କୁମ୍ଭୀର ଶାବକ ଜନ୍ମ ଗ୍ରହଣ କରିଛନ୍ତି। ଚଳିତବର୍ଷ ଭିତରକନିକାରେ ୧୧୬ଟି କୁମ୍ଭୀର ବସା ଚିହ୍ନଟ ହୋଇଥିଲା। ସେଥିମଧ୍ୟରୁ କନିକା ରେଞ୍ଜରେ ୧୦୪ଟି କୁମ୍ଭୀର ବସା ଚିହ୍ନଟ ହୋଇଥିବାବେଳେ ରାଜନଗର ରେଞ୍ଜରେ ୧୦ଟି, ଗହୀରମଥା ରେଞ୍ଜରେ ଗୋଟିଏ ଓ ମହାକାଳପଡା ରେଞ୍ଜରେ ଗୋଟିଏ କୁମ୍ଭୀର ବସା ଚିହ୍ନଟ ହୋଇଥିଲା। ମାଆ କୁମ୍ଭୀର ଅନ୍ତଃସତ୍ତ୍ୱା ହେବା ପରେ ଅଣ୍ଡା ଦେବାକୁ ନିରାପଦ ସ୍ଥାନ ଖୋଜିଥାଏ। ନାଳଠୁ ଉଚ୍ଚା ସ୍ଥାନରେ ବସା କରିଥାଏ। ଖରଖରି ପତ୍ର ଓ କାଠିକୁଟ ସଂଗ୍ରହ କରି ୨ ଫୁଟ ଉଚ୍ଚର ଗଦା କରିଥାଏ। ଗଦା ଉପରେ କୁମ୍ଭୀର ଅଣ୍ଡା ଦେବା ପରେ ତା' ଉପରେ ପୁଣି ଖରଖରି ପତ୍ର ଓ କାଠିକୁଟା ଘୋଡ଼ାଇ ଦେଇଥାଏ। ପ୍ରତ୍ୟେକ କୁମ୍ଭୀର ୪୦ରୁ ୬୦ଟି ଅଣ୍ଡା ଦେଇଥାଏ । ଅଣ୍ଡା ଦେବାର ୭୫ ଦିନ ମଧ୍ୟରେ ଛୁଆ ବାହାରିଥାଏ। କୁମ୍ଭୀର ଅଣ୍ଡା ଦେବା ପରେ ବସା ଉପରେ, ବସା ପାଖରେ କିମ୍ବା ୫/୧୦ ଫୁଟ ଦୂରତାରେ ବସାକୁ ଜଗି ରହିଥାଏ। ସେହି ୧୧୬ଟି ବସା ମଧ୍ୟରୁ ଜୁଆର ମାଡ଼ରେ ନଷ୍ଟ ହୋଇଯାଇଥିବା ଗୋଟିଏ ବସାରୁ ୪୦ଟି କୁମ୍ଭୀର ଅଣ୍ଡା ସଂଗ୍ରହ କରାଯାଇ ଡାଙ୍ଗମାଳସ୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ରଖାଯାଇଥିଲା। ୪୦ଟି କୁମ୍ଭୀର ଅଣ୍ଡାରୁ ୨୫ଟି କୁମ୍ଭୀର ଶାବକ ଜନ୍ମ ନେଇଛନ୍ତି। ଅର୍ଥାତ ନଷ୍ଟ ହୋଇଯାଇଥିବା କୁମ୍ଭୀର ବସାରୁ ସଂଗୃହୀତ ୬୨ ପ୍ରତିଶତ ଅଣ୍ଡାରୁ କୁମ୍ଭୀର ସାବକ ଜନ୍ମ ଗ୍ରହଣ କରିଛନ୍ତି। କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଥିବା କୁଣ୍ଡରେ କୁମ୍ଭୀର ସାବକଙ୍କୁ ଯତ୍ନ ସହକାରେ ରଖାଯାଇଛି। ଅନ୍ୟ ୧୧୫ଟି କୁମ୍ଭୀର ବସାରୁ କୁମ୍ଭୀର ଶାବକ ବାହାରି ସୂର୍ଯ୍ୟାଲୋକ ଦେଖିଛନ୍ତି। ପ୍ରତ୍ୟେକ ମାଆ କୁମ୍ଭୀର ୪୦ରୁ ୬୦ଟି ଅଣ୍ଡା ଦେଇଥାଏ। ସେଥିମଧ୍ୟରୁ ୫୦ରୁ ୬୦ ପ୍ରତିଶତରୁ ଅଧିକ ଅଣ୍ଡାରୁ ଛୁଆ ବାହାରିଥାଏ।



# ସମସ୍ୟାରେ ମହୁଲିଆ ଓ କଙ୍କଡ଼ାବେଡ଼ା ଅଙ୍ଗନବାଡ଼ି କେନ୍ଦ୍ର

## ଛାତରୁ ଖସୁଛି କଂକ୍ରିଟ ଖଣ୍ଡ



ବେତନଟୀ ୪।୮(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ସୁଖିଲାହାର ମହୁଲିଆ ଅଙ୍ଗନବାଡ଼ି କେନ୍ଦ୍ର ଛାତରୁ ସିମେଣ୍ଟ ଖଣ୍ଡ ଖସୁଥିବାରୁ ଶିଶୁ ଓ ଗର୍ଭବତୀଙ୍କ ପାଇଁ ବିପଦ ଦେଖାଦେଇଛି। ସୂଚନା ଅନୁସାରେ, ମହୁଲିଆ ଅଙ୍ଗନବାଡ଼ି କେନ୍‌ରଦର ଭିତ୍ତିଭୂମି ବିବର୍ଯ୍ୟସ୍ତ ହେବା ସହିତ ଛାତରେ ଫାଟ ଦେଖାଦେଇଛି। ଫଳରେ ସେଥିରୁ ସିମେଣ୍ଟର ଖଣ୍ଡ ଖସି ପଡୁଛି। ତେଣୁ ଯେକୌଣସି ସମୟରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏ ନେଇ ଅଭିଭାବକ ଓ ଅଙ୍ଗନବାଡ଼ି କର୍ମୀ ବାରମ୍ବାର ବିଭାଗୀୟଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ମରାମତି ହୋଇନାହିଁ। ଜଣେ ଗର୍ଭବତୀ ନିଜର ନାମ ଗୋପନ ରଖି କହିଛନ୍ତି ଯେ, ଛାତରୁ ସିମେଣ୍ଟ ଖଣ୍ଡ ଖସୁଥିବାରୁ ଆମେ ଏଠାକୁ ଆସିବାକୁ ଭୟକରୁଛୁ। କାରଣ ଯେକୌଣସି ସମୟରେ ଅଘଟଣ ଘଟିବା ଆଶଙ୍କା ରହିଛି। ଏହି ଅଙ୍ଗନବାଡ଼ି କେନ୍ଦ୍ର ଗର୍ଭବତୀ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟି ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବେଳେ ଏଭଳି ଅବ୍ୟବସ୍ଥା ସରକାରୀ ଯୋଜନାର ଉଦ୍ଦେଶ୍ୟକୁ ବିଫଳ କରୁଛି। ଗ୍ରାମବାସୀ ଓ ସ୍ଥାନୀୟ ନେତାମାନେ ତୁରନ୍ତ ଏହି ଅଙ୍ଗନବାଡ଼ିର ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଏବଂ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାକୁ ଜିଲା ପ୍ରଶାସନ ଓ ମହିଳା ଓ ଶିଶୁ ବିକାଶ ବିଭାଗ ନିକଟରେ ଦାବି କରିଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଏକ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି।

## ବର୍ଷା ହେଲେ ଶିଶୁଙ୍କୁ ଛାଡୁନାହାନ୍ତି ଅଭିଭାବକ

ରାଇରଙ୍ଗପୁର, ୪।୮(ସମିସ): ବାମନଘାଟି ଉପଖଣ୍ଡ ବିଜାତଳା ବ୍ଲକର ଚଢେଇପାହାଡି ପଞ୍ଚାୟତ କଙ୍କଡାବେଡା ଅଙ୍ଗନବାଡି କେନ୍ଦ୍ର ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏହି କେନ୍ଦ୍ରର ଛାତରୁ ପାଣି ଗଳୁ ଥିବାରୁ ବର୍ଷାହେଲେ ଶିଶୁଙ୍କୁ ଛାଡିବାକୁ ଅଭିଭାବକ ନାରାଜ ହେଉଛନ୍ତି। ଏହି କେନ୍ଦ୍ର ନିମନ୍ତେ ଥିବା ଶ୍ରେଣୀଗୃହ ଏବେ ଶିଶୁଙ୍କ ପାଇଁ ଘର ନ ଥିବାରୁ ଗୋଟିଏ ଘରେ ସମସ୍ତ ଶିଶୁ ଅତି ଦୟନୀୟ ଅବସ୍ଥାରେ ପାଠ ପଢୁଛନ୍ତି। ସାମାନ୍ୟ ବର୍ଷା ହେଲେ ଶ୍ରେଣୀଗୃହ ଭିତରେ ପାଣି ପଶିଯାଉଥିବାରୁ ଶିଶୁମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ବିକଳ୍ପ ବ୍ୟବସ୍ଥା କରାଯାଉ ନ ଥିବାରୁ କେନ୍ଦ୍ରର କର୍ମୀ ଜଣକ ବାଧ୍ୟହୋଇ ଶିଶୁଙ୍କୁ ବିପଦସଂକୁଳ ଅବସ୍ଥାରେ ଶିକ୍ଷାଦାନ କରୁଛନ୍ତି।



ବିପଦ ସାଜିଛି। ଅସରାଏ ବର୍ଷା ହେଲେ ଘର ଭିତରେ ପାଣି ଭର୍ତ୍ତି ହୋଇଯାଉଛି। ଏପରି ସମସ୍ୟାକୁ ନେଇ ଅଚଳାବସ୍ଥା ଦେଖିବାକୁ ମିଳିଛି। ଏଠାରେ ଆବଶ୍ୟକ ତେଣୁ ସାଧାରଣ ବର୍ଷା ହେଲେ ବି କୌଣସି ପିଲା କେନ୍ଦ୍ରକୁ ଆସୁନାହାନ୍ତି। ତୁରନ୍ତ ଅଙ୍ଗନବାଡ଼ି କେନ୍ଦ୍ରର ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଭତ୍ତାରୁ ବଞ୍ଚିତ ସୁରୁ ସର୍ଦ୍ଦାର

ରାଇରଙ୍ଗପୁର, ୪।୮(ସମିସ): ସରକାରୀ ଅଧିକାରୀଙ୍କ ଅବହେଳା ଯୋଗୁଁ ଭତ୍ତା ପାଇବାରୁ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜାମଦା ବ୍ଲକ ଅଧୀନ କଇଁପୁର ଗ୍ରାମର ସୁରୁ ସର୍ଦ୍ଦାରଙ୍କ ପରିବାରରେ। ସୁରୁ ସର୍ଦ୍ଦାର



ବହୁବାର ବାର୍ଦ୍ଧକ୍ୟ ଭତ୍ତା ପାଇଁ ବ୍ଲକଦୌଡ଼ି ନୟାନ୍ତ ହେବା ଫଳରେ ଗତ ଜୁଲାଇ ୧ ତାରିଖ ରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ସେ ଚିଠିକୁ ଭିତ୍ତିକରି ଜାମଦା ବିଡିଓଙ୍କୁ ନୋଟିସ ଯୋଗେ ଜିଲ୍ଲାପାଳଙ୍କୁ ଦର୍ଶାଇଛନ୍ତି। ଆଧାର କାର୍ଡରେ ୬୪ ବର୍ଷରୁ ଅଧିକ ହୋଇଥବା ବେଳେ ଭୋଟର କାର୍ଡରେ ୫୩ ବର୍ଷ ହୋଇଛି। କିନ୍ତୁ ଅଭିଯୋଗକାରୀଙ୍କ ପାଖରେ ଥିବା ଭୋଟର କାର୍ଡରେ ୬୪ ବର୍ଷ ହୋଇଛି। ଏସ ମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ଭୋଟର କାର୍ଡ ଅନଲାଇନରେ ୫୩ ବର୍ଷ ଆସୁଛି ଏବଂ ଭୋଟର କାର୍ଡର ବୟସ ଆଧାର ଅନୁଯାଇ ସଂଶୋଧନ ପାଇଁ କଇଁପୁର ବିଏଲଓଙ୍କୁ ଜଣାଇଛନ୍ତି। ତେବେ କେଉଁ ସରକାରୀ ବାବୁଙ୍କ ଏଭଳି କାର୍ଯ୍ୟ ପାଇଁ ସେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ୟୁଏସ୍‌ଆଇ ସଂଗଠନର ରାଜ୍ୟ ସମ୍ପାଦକ ପ୍ରଶ୍ନ କୁମାର ଶତପଥୀ ଓ ମେଘାଚ୍ଛନ୍ନ ସାହିତ୍ୟ ସଂସଦର ସଭାପତି ବିକାଶ ନାୟକ ପ୍ରଶାସନଙ୍କୁ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି।

## ଅଘୋଷିତ ବିଦ୍ୟୁତ କାଟକୁ ନେଇ ବଢୁଛି ଅସନ୍ତୋଷ

ପୁରୁଣିଆ, ୪।୮ (ସମିସ): ବୈଶିଙ୍ଗା ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ପୁରୁଣିଆ, ବଙ୍ଗାଳିଡାହି ଓ ବାଛୁରୀପଡ଼ା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଭାଗ ତରଫରୁ କୌଣସି ପୂର୍ବ ସୂଚନା ଦିଆ ନ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ଧୁତ କାଟ ହେଉଥିବାରୁ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠା ଓ ଘୋରେଇ ଗ୍ରାହକମାନେ ଅସୁବିଧାରେ ପଡୁଛନ୍ତି। ପ୍ରବଳ ଗରମ ସମୟରେ ଘଣ୍ଟାଘଣ୍ଟା ବିଦ୍ୟୁତ କାଟ କାରଣରୁ ବିଭିନ୍ନ ବିଦ୍ୟାଳୟର ଛୋଟଛୋଟ ପିଲାମାନେ ଗରମରେ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ବିଦ୍ୟୁତ କାଟକୁ ନେଇ ଫୋନ କଲେ ବିଭାଗୀୟଅଧିକାରୀମାନେ ଫୋନ କଲ ଉଠାଉନାହାଁନ୍ତି। ଯଦି କେତେବେଳେ ଉଠଉଛନ୍ତି ତେବେ କିଛି ଉତ୍ତର ଦେଉନାହାଁନ୍ତି। ତାର ଛିଣ୍ଡିଲେ କିମ୍ବ ଅନ୍ୟ କୌଣସି ଜରୁରି କାମରେ ମଧ୍ୟ ଯୋଗାଯୋଗ କରିବା ସମ୍ଭବ ହେଉନାହିଁ। ଫଳରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଥିବାବେଳେ ଆଗାମୀ ଦିନରେ ଜନ ଆନ୍ଦୋଳନକୁ ଏଡାଇ ଦେଇ ହେବନାହିଁ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବଡସାହି, ୪।୮(ସମିସ): ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ରସାୟନ ବିଭାଗର ଡେମୋନଷ୍ଟ୍ରେଟର ସତ୍ୟନାରାୟଣ ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ରଞ୍ଜନ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ଡ. ଜୀବନ କୁମାର ପଣ୍ଡିତ, ଫକୀର ଚରଣ ସାହୁ, ଡ. ରମେଶ କୁମାର ବେହେରା ଅଧ୍ୟାପକ ଶୈଳେନ୍ଦ୍ର ବେହେରା, ପ୍ରଦ୍ୟୁମ୍ନ ସାତୁଆ, ସୁକାନ୍ତ କୁମାର ଦାସ, ଅନ୍ତର୍ଯ୍ୟାମୀ ବେରିହା, ଶ୍ରବଣ କୁମାର ମହାପାତ୍ର, ଗୁଲୁ ସରେନ, ଅଧ୍ୟାପିକା ସଂଧ୍ୟାରାଣୀ ଦାସ ଓ ବରିଷ୍ଠ କିରାଣୀ ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଶ୍ରୀ ରାଉତଙ୍କ ଗୁଣଗାନ କରିଥିଲେ। ତାଙ୍କର କର୍ତବ୍ୟନିଷ୍ଠା, ସଚ୍ଚୋଟତା, ସମାୟାନୁବର୍ତ୍ତିତା ଓ ସେବା ମନୋବୃତ୍ତି ପାଇଁ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ଗହଣରେ ବେଶ ପରିଚିତ ଥିଲେ। ଶେଷରେ ଅତିଥିମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅଧ୍ୟାପକ ନିରଞ୍ଜନ ହେମ୍ବ୍ରମ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ବେତନଟୀ ଓ ବୈଶିଙ୍ଗାରେ ବିଏସ୍‌ଏନ୍‌ଏଲ୍ ୪-ଜି ସେବା ପ୍ରହସନ

ବେତନଟୀ, ୪।୮ (ସମିସ): ବେତନଟୀ ଓ ବୈଶିଙ୍ଗା ଅଞ୍ଚଳରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ର ସେବା ନୈରାଶ୍ୟଜନକ ସ୍ତରକୁ ଖସି ଆସିଥିବା ଅଭିଯୋଗ ହେଉଛି। ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ଏହି ନେଟୱର୍କ ବ୍ୟବହାର କରିବାକୁ ବାଧ୍ୟ କରାଯାଇଥିବା ବେଳେ ପ୍ରାୟ ୧୦ ହଜାରରୁ ଅଧିକ ଉପଭୋକ୍ତା ଏହାର ସଂଯୋଗ ନେଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭଏସ୍ କଲ୍ ବେଳେ ସଂଯୋଗ ସ୍ଥାପନ କରିବାରେ ଅସୁବିଧା ହେଉଛି। ଏପରିକି କଥାବାର୍ତ୍ତା ମଝିରେ ଲାଇନ୍ କଟିଯାଉଥିବା ଅଭିଯୋଗ ମିଳୁଛି। ଏହାଦ୍ୱାରା ଅନେକ ଉପଭୋକ୍ତା ବାରମ୍ବାର ଅସୁବିଧାରେ ପଡ଼ି ଘରୋଇ ମୋବାଇଲ ସେବା ପ୍ରଦାନକାରୀ ସଂସ୍ଥାଙ୍କ ସଂଯୋଗ ନେଇଛନ୍ତି। ସେହିପରି ବୈଶିଙ୍ଗାରେ ୧୯୯୫ ମସିହାରେ ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜ ଓ କାର୍ଯ୍ୟାଳୟ ସ୍ଥାପିତ ହୋଇଥିଲା। କିନ୍ତୁ ଏଠାରେ କର୍ମଚାରୀଙ୍କ ଅଭାବ, ଜେନେରେଟର ନ ଥିବା ଏବଂ ତିନି ବର୍ଷ ତଳେ ବ୍ୟାଟେରୀ ଚୋରି ହେବାପରେ ବିଦ୍ୟୁତ୍ ଅଭାବରେ ସେବା ବିଚ୍ଛିନ୍ନ ହେଉଛି। ସେହିପରି ବେଲାଣପୁରାରେ ଥିବା ବିଏସ୍‌ଏନ୍‌ଏଲ୍ ଟାୱାର ସମ୍ପୂର୍ଣ୍ଣ ବନ୍ଦ ରହୁଥିବା ଯୋଗୁଁ ପାଟଳୀପୁରା, ପ୍ରତିମାଦେଇପୁର, ନାଖରା, ଦାରିହା, ସିଙ୍ଗଲାମୁଣ୍ଡଳି, ଶାଳଗାଁ, ନଡପୁର ଆଦି ଅଞ୍ଚଳର ସୁଧାକର ଦାଶ, ସନ୍ତୋଷ କୁମାର ଖଣ୍ଡା, ଈଶ୍ୱର ସାମଲ ପ୍ରମୁଖ ସେବାର ଅଭାବ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବେତନଟୀର ଜୟନ୍ତ କିଶୋର ନନ୍ଦ ଗୋସ୍ୱାମୀ, ଧରଣୀଧର ମହାନ୍ତି ଓ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ଅଭିଯୋଗ କରିଛନ୍ତି ଯେ, ୪-ଜି ଇଣ୍ଟରନେଟ ନାମରେ ବିଏସ୍‌ଏନ୍‌ଏଲ୍ ମାତ୍ର ୨-ଜି ଗତି ଯୋଗାଇ ଉପଭୋକ୍ତାଙ୍କୁ ଠକୁଛି। ଏନେଇ ବୈଶିଙ୍ଗା ଥାନାର ଅଧିକାରୀ ବାରିଣୀ ଦାସ କହିଛନ୍ତି, ବିଏସ୍‌ଏନ୍‌ଏଲ୍‌ର ନେଟୱର୍କ ଅଧିକାଂଶ ସମୟ ଅଚଳ ରହୁଥିବା ବେଳେ ଡିଜିଟାଲ ସେବା ଉପରେ ନିର୍ଭରଶୀଳତା ଯୋଗୁଁ ପୁଲିସକୁ ତ୍ୱରିତ ସେବା ଯୋଗାଇ ଦେବାରେ ଅସୁବିଧା ହେଉଛି। ଅନ୍ୟପକ୍ଷରେ, ବିଏସ୍‌ଏନ୍‌ଏଲ୍‌ର ସହକାରୀ ମହାପ୍ରବନ୍ଧକ ବାବୁଲାଲ ମୁର୍ମୁ କହିଛନ୍ତି, ବର୍ତ୍ତମାନ ସିଷ୍ଟମରେ ଉନ୍ନତିକରଣ ଚାଲିଛି। ପୁରୁଣା ମାଇକ୍ରୋୱେଭ ବ୍ୟବସ୍ଥାକୁ ଓପଟିକ ଫାଇବର କେବୁଲ ଦ୍ୱାରା ପ୍ରତିସ୍ଥାପନ କରାଯାଉଛି, ଯାହା ହାଇସ୍ପିଡ ଇଣ୍ଟରନେଟ ସେବା ଯୋଗାଇବ ବୋଲି କହିଛନ୍ତି।

## ୧୦ ବର୍ଷ ପରେ ବି ମାର୍କେଟ କମ୍ପ୍ଲେକ୍ସ ନିଲାମ ନୋହିଲା



ଗୋରୁମହିଷାଣୀ, ୪।୮(ସମିସ): ରାଇରଙ୍ଗପୁର ବ୍ଲକ ଅଧୀନ କୁଲେଇଶିଳା ପଞ୍ଚାୟତର ବଜାର ବନ୍ଧ ପାଖରେ ନିର୍ମାଣ ହୋଇଛି ମାର୍କେଟ କମ୍ପ୍ଲେକ୍ସ; ହେଲେ ଆଜକୁ ୧୦ ବର୍ଷରୁ ଅଧିକ ସମୟ ହେଲା ନିଲାମ ହୋଇପାରୁନାହିଁ କି କାହାକୁ ବଣ୍ଟନ କରାଯାଇନାହିଁ। ଫଳରେ ସରକାରଙ୍କ ୧୦ଲକ୍ଷରୁ ଅଧିକ ଅର୍ଥ ଟଙ୍କା ବିନିମୟରେ ୧୦ଟି ମାର୍କେଟ କମ୍ପ୍ଲେକ୍ସ ଏବେ ପଡ଼ିରହିଛି। ଏଥିପ୍ରତି ପ୍ରଶାସନିକ ଅଧିକାରୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ବର୍ତ୍ତମାନ ସେ ଗୁଡ଼ିକରୁ କିଛି ଅସାଧୁ ଲୋକଙ୍କ ଅକ୍ତିଆରରେ ରହିଥିବା ବେଳେ କେତେଗୁଡ଼ିକରେ ଛେଳି ଗୋରୁଙ୍କ ଆଶ୍ରୟସ୍ଥଳ ପାଲଟିଛି। ରାଇରଙ୍ଗପୁର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରକୁ ଲୋକେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟକାରୀ ହେଲାନାହିଁ। ଶୀଘ୍ର ନିଲାମ ହୋଇପାରିଲେ ୧୦ଟି ପରିବାରର ଗୁଜୁରାଣ ମେଣ୍ଟାଇ ହୋଇପାରିବ। ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ମନଇଚ୍ଛା ଭଡ଼ା ନେଉଛନ୍ତି ଘରୋଇ ବସ୍

ଶୁକ୍ଳି/ରରୁଆଁ, ୪।୮ (ସମିସ): ସରକାରଙ୍କ ଦ୍ୱାରା ଏକ ନିର୍ଦ୍ଧାରିତ ବସ୍‌ଭଡ଼ା କିଲୋମିଟର ପ୍ରତି ଧାର୍ଯ୍ୟ କରାଯାଇଛି। ଘରୋଇ ବସ୍ ସରକାରଙ୍କ ଧାର୍ଯ୍ୟ ଭଡ଼ାକୁ ନ ମାନି ମନଇଚ୍ଛା ଭଡ଼ା ନେଉଛନ୍ତି। ଯଦ୍ୱାରା ରାଜ୍ୟରେ ପ୍ରତିଦିନ ଲକ୍ଷାଧିକ ଯାତ୍ରୀ ଦୀର୍ଘଦିନରୁ ଶୋଷିତ ହୋଇ ଚାଲିଛନ୍ତି। ସରକାର ଅଡିନାରୀ ବସ ପାଇଁ ୮୯ ପଇସା, ଏକ୍ସପ୍ରେସ ବସ ପାଇଁ ୯୩ ପଇସା, ଡିଲକ୍ସ ବସ୍ ପାଇଁ ୧ ଟଙ୍କା ୨୯ ପଇସା, ଏସି ଡିଲକ୍ସ ପାଇଁ ୧ଟଙ୍କା ୫୭ ପଇସା, ସୁପର ପ୍ରିମିୟମ ବସ ପାଇଁ ୨ଟଙ୍କା ୪୪ ପଇସା କିଲୋମିଟର ପ୍ରତି ଧାର୍ଯ୍ୟ କରାଯାଇଛି। ମାତ୍ର ରରୁଆଁରୁ ସିଙ୍ଗଡ଼ା ଛକ ୧୩ କିଲୋମିଟରକୁ ୩୦ଟଙ୍କା ଭଡ଼ା, ରରୁଆଁରୁ ଯଶିପୁରକୁ ୨୨ କିଲୋମିଟରକୁ ୪୦ଟଙ୍କା, ରରୁଆଁରୁ ବାରିପଦା ୧୨୦ କିଲୋମିଟର ୧୮୦ ଟଙ୍କା, ରରୁଆଁରୁ ଚମ୍ପୁଆ ୩୨ କିଲୋମିଟରକୁ ୫୦ ଟଙ୍କା ଭଡ଼ା ଅଡିନାରୀ ବସରେ ନିଆଯାଉଛି। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ସ୍ୱତନ୍ତ୍ର ସିଟ୍ ବ୍ୟବସ୍ଥା ମଧ୍ୟ ନାହିଁ। ଏଣୁ ଆଞ୍ଚଳିକ ପରିବହନ ଅଧିକାରୀ ଏହାକୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ବେତନଟୀ-ଦହିକୋଟି-ମେର୍ଦ୍ଧା ରାସ୍ତା ମରଣଯନ୍ତା

## ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ଦାୟୀକଲେ ଗ୍ରାମବାସୀ



ବେତନଟୀ, ୪।୮(ସମିସ): ବେତନଟୀ-ବଙ୍ଗଳା ଛକରୁ ଦହିକୋଟି ଦେଇ ମେର୍ଦ୍ଧା ପର୍ଯ୍ୟନ୍ତ ଯାଇଥିବା ୧୫କିମି ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ସାଧାରଣ ଲୋକ, ଆମ୍ବୁଲାନ୍ସ, ଦମକଳ, ଯାତ୍ରୀବାହୀ ଗାଡ଼ି ଓ ବାଇକ୍ ଆଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳା ଏବଂ ଠିକାଦାରଙ୍କ ଅନିୟମିତତା ଯୋଗୁଁ ରାସ୍ତା ଅବସ୍ଥା ଏଭଳି ହୋଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ୨୦୨୧ରେ ନିର୍ମିତ ଏହି ରାସ୍ତାର ଶୁଭାରମ୍ଭ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ କରିଥିଲେ। ଚୁକ୍ତି ଅନୁଯାୟୀ, ୨୦୨୩ ଜୁଲାଇ ସୁଦ୍ଧା ନିର୍ମାଣ ଶେଷହେବା ସହ ପାଞ୍ଚ ବର୍ଷ ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାଦାରଙ୍କ ଉପରେ ଥିଲା। କିନ୍ତୁ ୨୦୨୫ ମଧ୍ୟଭାଗରେ ହିଁ ଏହି ରାସ୍ତାର ଅବସ୍ଥା ଖରାପ। ରାସ୍ତାରେ ଖାଲଖମା, ଅନୁପଯୁକ୍ତ ହମ୍ପସ୍ ଓ ପିଚ୍ ଉଠିଯାଇ ହୋଇଥିବା ବିରାଟ ବିରାଟ ଖାଲଖମା ଯୋଗୁଁ ଜରୁରୀ ସେବା ଓ ଛାତ୍ରଛାତ୍ରୀଙ୍କ ଯାତାୟାତରେ ଅନେକ ଅସୁବିଧା ହେଉଛି। ୫ଟି ପଞ୍ଚାୟତର ୧.୫ ଲକ୍ଷରୁ ଅଧିକ ଲୋକ ଓ ସ୍କୁଲ-କଲେଜ ଛାତ୍ରଛାତ୍ରୀ ଏହି ରାସ୍ତା ପରିସ୍ଥିତି ଯୋଗୁଁ ନିୟମିତ ଦୁର୍ଘଟଣାର ଶିକାର ହେଉଛନ୍ତି। ଗ୍ରାମବାସୀ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି। ଏହି ରାସ୍ତା ୩୫ରୁ ଅଧିକ ଗାଁକୁ ସଂଯୋଗ କରୁଥିବା ଜୀବନରେଖା ହେଲେ ମଧ୍ୟ ବିଭାଗୀୟ ଅବହେଳା ଓ ଅନିୟମିତତା ଯୋଗୁଁ ଏହା ଏବେ ମରଣଯନ୍ତାରେ ପରିଣତ ହୋଇଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଗୁରୁତର ଦୁର୍ଘଟଣାର ଆଶଙ୍କା ରହିଛି। ଗ୍ରାମବାସୀ ଓ ସ୍ଥାନୀୟ ନେତୃବୃନ୍ଦ ଏହାର ସମାଧାନ ପାଇଁ ଚେଷ୍ଟା ଜାରି ରଖିଛନ୍ତି।

## ଯୁବ ରେଡ଼କ୍ରସ ପକ୍ଷରୁ ଛାତ୍ରୀ ସମ୍ବର୍ଦ୍ଧିତ



ମୋରଡା, ୪।୮(ସମିସ): ଗଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟର ତୃତୀୟ ବର୍ଷ ଓଡ଼ିଆ ସମ୍ମାନ ଛାତ୍ରୀ ସନ୍ଧ୍ୟାରାଣୀ ବେହେରା ଯୁବ ରେଡ଼କ୍ରସରେ ତାଙ୍କର ସାମଗ୍ରିକ କୃତୀ ପାଇଁ ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଗତ ଏକତାରିଖରେଅନୁଷ୍ଠିତହୋଇଥିବାଯୁବରେଡ଼କ୍ରସଜିଲ୍ଲାକାର୍ଯ୍ୟକାରିଣୀଅଧିବେଶନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଅଧ୍ୟକ୍ଷା ଡ. ଆଲବରଟିନା ତିର୍କୀ ଓ ମୁଖ୍ୟଅତିଥି ଉପଜିଲ୍ଲାପାଳ ଶ୍ରଦ୍ଧା ସୁମନ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷ ଜୁଲାଇ ଶେଷ ସପ୍ତାହରେ କଟକ ଜିଲ୍ଲା ଅଡଶପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାମାଜିକ ଗଣମାଧ୍ୟମ ଜରିଆରେ ସମାଜସେବା ଶୀର୍ଷକ କର୍ମଶାଳାରେ ମଧ୍ୟ ସେ ତାଙ୍କର କୃତି ପାଇଁ ପ୍ରାକ୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ।

## ଝରାଡ଼ିହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




ବହଳଦା, ୪।୮(ସମିସ): ଝରାଡିହି ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତି ରଞ୍ଜନ ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବହଳଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭଶ୍ରୀ ସିଂ, ମୁଖ୍ୟବକ୍ତା ଭାବରେ ପୂର୍ବତନ ପ୍ରଧାନଶିକ୍ଷକ ତଥା ଆଲୁମନି କମିଟିର ସଭାପତି ଚିତ୍ତରଞ୍ଜନ ମଣ୍ଡଳ ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଅମୀୟ କୁମାର ଦାଶ, ଓସ୍ତାର ରାଜ୍ୟ ଉପ ସଭାପତି ଜ୍ଞାନରଞ୍ଜନ ପାଣିଗ୍ରାହୀ, ଜାରିତାଣ୍ଡୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜକିଶୋର ମହାନ୍ତ, ଟ୍ରଷ୍ଟି ସଦସ୍ୟା ରେଖା ରାଣୀ ସିଂ, ପୁରାତନ ଛାତ୍ର ସଂସଦ ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ, ଏସଏମସି କମିଟିର ଅଧ୍ୟକ୍ଷ ବୃହସ୍ପତି ବେହେରା ପ୍ରମୁଖ ବିଦ୍ୟାଳୟର ସ୍ମୃତିଚାରଣ କରିଥିଲେ। ଶିକ୍ଷୟିତ୍ରୀ ଦେବକୀ ଗୋପାଲ ସ୍ୱାଗତ ଅଭିଭାଷଣ ଓ ବରିଷ୍ଠ ଶିକ୍ଷୟିତ୍ରୀ ଦେଓଲା ମାଝୀ ପରିଚୟ ଦେଇଥିଲେ। ଜେଆରସି କାଉନସେଲର ମିତା ହାଁସଦା ଧନ୍ୟବାଦ ଦେଇଥିଲେ। ମଞ୍ଚାସୀନ ଅତିଥିଙ୍କୁ ଅଧ୍ୟକ୍ଷ ଶ୍ରୀ ପାଣି 'ମା ପାଇଁ ଗଛଟିଏ' ଆଧାରରେ ଫୁଲଗଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ଠାକୁରମୁଣ୍ଡା ରେଞ୍ଜ ଅଫିସରେ ଚାରାରୋପଣ



ମହୁଲଡିହା, ୪।୮ (ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ କାର୍ଯ୍ୟାଳୟ ପରସରରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଆଧାରରେ ଚାରାରୋପଣ କରାଯାଇଛି। ନୂତନ ବନଖଣ୍ଡ ଅଧିକାରୀ ଭାବେ ବୈଦ୍ୟନାଥ ମାଝୀ ଯୋଗଦାନ କରିବା ପରେ ୩ ତାରିଖରେ ପ୍ରଥମ ଠାକୁରମୁଣ୍ଡା ଗସ୍ତରେ ଆସିଥିବା ବେଳେ ବନ କର୍ମଚାରୀ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ ଚାରାରୋପଣ ଶୁଭାରମ୍ଭ କରିଥିଲେ। ଡିଏଫଓ ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ସାମୂହିକ ଭାବରେ ସବୁ ସ୍ତରରେ ଚାରାରୋପଣ ପାଇଁ ସରକାର ଚିଠି କରିଥିବା ସୂଚନା ଦେଇଥିଲେ। ସମାଜସେବୀ ବସନ୍ତ କୁମାର ପଇବର୍ତ୍ତୀ ଯୋଗଦେଇ ଚାରାରୋପଣ କରିଥିଲେ। ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ବନପାଳ ବିଦ୍ୟାଧର ମହାନ୍ତ, ପ୍ରଦୀପ କୁମାର ହାଇବ୍ରୁ ଉପସ୍ଥିତ ଥିଲେ।

## ଇଲେକ୍ଟ୍ରୋ ହୋମିଓପାଥି ଡାକ୍ତର ସଙ୍ଘର ସମୀକ୍ଷା ବୈଠକ



ସାରସକଣା, ୪।୮ (ସମିସ): ଝାରପୋଖରିଆ ପୁରୁଷୋତ୍ତମ ଇଲେକ୍ଟ୍ରୋ ହୋମିଓପାଥି ପ୍ରତିଷ୍ଠାନ ପରିସରରେ ଇଲେକ୍ଟ୍ରୋ ହୋମିଓପାଥି ଡାକ୍ତର ସଙ୍ଘର ସଭାପତି ଡା. ସରୋଜ ନାୟକଙ୍କ ସଭାପତିତ୍ୱରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଅପହଞ୍ଚ ଇଲାକାରେ ମାଗଣା ଚିକିତ୍ସା ଶିବିର ଆୟୋଜନ ଓ ବରିଷ୍ଠ ନାଗରିକଙ୍କ ପାଇଁ ତାଙ୍କ ନିଜଘରେ ମୁକ୍ତ ଚିକିତ୍ସାସେବା ଯୋଗାଇବା ପାଇଁ ବ୍ୟବସ୍ଥା କରିବା ପାଇଁ ନିଷ୍ପତି ଗ୍ରହଣ କରାଗଲା। ବୈଠକରେ ସାରସକଣାର ପୂର୍ବତନ ବିଧାୟକ ଡା. ବୁଦ୍ଧାନ ମୁର୍ମୁ ମୁଖ୍ୟଅତିଥି ଓ ଡା. ଚୂଡ଼ାମଣି ପାତ୍ର ମୁଖ୍ୟବକ୍ତା ଭାବେ ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡା. ଫକିର ଦାସ, ଡା. ଗୋପାଳ ସାହୁ, ଡା. ଗାନ୍ଧୀ ସେନାପତି ଅତିଥିଭାବେ ଯୋଗଦେଇଥିଲେ। ସଙ୍ଘର ସମ୍ପାଦକ କୁଳବଲ୍ଲହବ ପାତ୍ର ବିବରଣୀ ପାଠ କରିଥିଲେ।

## ରୋଟାରୀ କ୍ଲବର ନବମ ଅଧିଷ୍ଠାନ ଉତ୍ସବ

ରାଇରଙ୍ଗପୁର, ୪।୮ (ସମିସ): ରାଇରଙ୍ଗପୁର ରୋଟାରୀ କ୍ଲବ ରୟାଲର ନବମ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆରଟିଏନ୍ ଇନ୍ଦ୍ରଜିତ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଆରଟିଏନ ଜ୍ୟୋତି ରଞ୍ଜନ ସାହୁ, ବିଶେଷ ଅତିଥି ଇଂ ଜେ. ସୌଭାଗ୍ୟରଶ୍ମି ସାହୁ, କ୍ଲବ୍ ସଭାପତି ଆରଟିଏନ ବାସୁଦେବ ପାଲ, ସମ୍ପାଦକ ଆରଟିଏନ ପ୍ରତ୍ୟୁଷ ପରିଡ଼ା, ସ୍ୱତନ୍ତ୍ର ଅତିଥି ଭଦ୍ରକର ଆରଟିଏନ ଅମ୍ବିକା ସ୍ୱାଇଁ, କରଞ୍ଜିଆର ଆରଟିଏନ୍ ଜୟନ୍ତ ମହାନ୍ତ, ଜଳେଶ୍ୱରର ଆରଟିଏନ ସୁକୁମାର ରଣା, ଆରଟିଏନ ଅନିଲ ସାହା, ଭୁବନେଶ୍ୱରର ପିପି ଆରଟିଏନ ସୋନାଲି ରଥ, ଆରଟିଏନ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ଆରଟିଏନ ନିରଜ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଆରଟିଏନ ବିକାଶ ଭୁତ ମଞ୍ଚ ପରିଚାଳନା ଏବଂ ଉପସଭାପତି କାଳି ପ୍ରସନ୍ନ ମହାନ୍ତି ଅତିଥି ପରିଚୟ, ବାର୍ଷିକ ବିବରଣୀ ଓ ସଭାପତି ବାସୁଦେବ ପାଲ ନିଜ ବକ୍ତବ୍ୟ ରଖିଥିଲେ। ୨୦୨୫-୨୦୨୬ ପାଇଁ ସଭାପତି ଭାବେ ଆରଟିଏନ ଅରବିନ୍ଦ ବାଗାଡିଆ ଏବଂ ସମ୍ପାଦକ ଭାବେ ଆରଟିଏନ ରାମବତାର ପାଡିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମାଟି କାନ୍ଥପଡ଼ି ୨ଟି ଛେଳି ମୃତ

ଶୁଳିଆପଦା, ୪।୮ (ସମିସ): ଶୁଳିଆପଦା ବ୍ଲକ କଣ୍ଟିସାହି ପଞ୍ଚାୟତ ଅଧୀନ ଶୁଳିଆପଦା ଗ୍ରାମର ଗୋପାଳ ଚନ୍ଦ୍ର ସାହୁଙ୍କ ଘର କାନ୍ଥ ପଡ଼ିଯିବାରୁ ୨ଟି ଛେଳିର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଟି ବର୍ତ୍ତିଯାଇଛନ୍ତି। ଅପରାହ୍ଣରେ ବର୍ଷାରେ ଶ୍ରୀ ସାହୁଙ୍କ ଭଉଣୀ ଘରେ ଥିବାବେଳେ ପ୍ରଚଣ୍ଡ ଶବ୍ଦ ସହିତ ମାଟି କାନ୍ଥ ଖସିପଡ଼ିଥିଲା। ସୌଭାଗ୍ୟବଶତଃ ତାଙ୍କ ଭଉଣୀ ସୁରକ୍ଷିତ ଥିବା ବେଳେ ଗୋଟିଏ ଛେଳି ଦୌଡ଼ି ପଳାଇଥିଲା ଏବଂ ୨ଟି କାନ୍ଥ ତଳେ ଚାପି ହୋଇ ମରିଯାଇଥିଲେ। ଉକ୍ତ ପରିବାରଟି ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ପୁରୁଣା ବସ୍‌ଷ୍ଟାଣ୍ଡରେ ନୂତନ ଆହାର କେନ୍ଦ୍ର ଉଦ୍‌ଘାଟିତ



ବ୍ରହ୍ମପୁର,୪।୮ (ସମିସ): ବ୍ରହ୍ମପୁର ମହାନଗର ନିଗମ(ବିଇଏମ୍‌ସି) ପକ୍ଷରୁ ସୋମବାର ପୁରୁଣା ବସ୍‌ଷ୍ଟାଣ୍ଡ ଠାରେ ନୂତନ ଆହାର କେନ୍ଦ୍ର ଉଦ୍‌ଦଘାଟିତ ହୋଇଯାଇଛି। ମେୟର ସଂଘମିତ୍ରା ଦଲେଇ, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଓ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ପ୍ରମୁଖ ଯୋଗଦେଇ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ବହୁତଳ ପାର୍କିଂ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପୂର୍ବରୁ ଏଠାରେ ଥିବା ଆହାର କେନ୍ଦ୍ରକୁ ଉଚ୍ଛେଦ କରାଯାଇଥିଲା। ପାର୍କିଂ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କମ୍ପ୍ଲେକ୍ସର ତଳ ମହଲାରେ ଆହର କେନ୍ଦ୍ର ଖୋଲାଯାଇଛି। କେନ୍ଦ୍ରରେ ଯୋଗାଣ ହେଉଥିବା ଖାଦ୍ୟର ମାନକୁ ପରଖିବା ସହ କେନ୍ଦ୍ରର ପରିମଳ ଓ ପରିବେଶ ଉପରେ ଧ୍ୟାନ ଦେବାକୁ କର୍ମଚରୀମାନଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆହାରକେନ୍ଦ୍ରରେ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟକୁ ବିଧାୟକ କେ. ଅନୀଲ କୁମାର ନିଜେ ସେବନ କରି ଖାଦ୍ୟର ଗୁଣବତ୍ତାକୁ ପରଖିଥିଲେ। ଏହା ଖୋଲିବା ପରେ ବସଷ୍ଟାଣ୍ଡକୁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ଓ ପଥଚାରୀ ବେଶ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଛି।

## ଚୋରି ଅଭିଯୋଗରେ ଜଣେ ଗିରଫ

ବ୍ରହ୍ମପୁର,୪।୮ (ସମିସ): ରନ୍ଧା କାର୍ଯ୍ୟରେ ବ୍ୟବହୃତ ହଣ୍ଡାର ଘୋଡ଼ଣୀ ଚୋରି ଅଭିଯୋଗରେ ସାମୁଦ୍ରିକ ଥାନା ପୁଲିସ ଆନ୍ଧ୍ର ପ୍ରଦେଶର କାଭିଟି ଅଞ୍ଚଳର କେ. ହେମନ୍ତ (୨୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ଜୁଲାଇ ୨୭ ରାତି ୧୧ଟାରେ ପାଟିସୁନାପୁର ହନୁମାନ ମନ୍ଦିର ନିକଟରେ ଦୁଇଟି ହଣ୍ଡା ଘୋଡ଼ଣୀ ଚୋରି ହୋଇଥିଲା। ଏନେଇ ମାରି ହରିଶ୍ଚନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତକୁ ଗିରଫ କରିଛି।

## ଦେଶୀମଦ ବିକ୍ରି ଅଭିଯୋଗରେ ୨ ଗିରଫ

ବ୍ରହ୍ମପୁର,୪।୮ (ସମିସ): ସହରର ପୃଥକ ପୃଥକ ସ୍ଥାନରେ ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିବା ଅଭିଯୋଗରେ ୨ଜଣ ଯୁବକଙ୍କୁ ଟାଉନ ଥାନା ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ପୁଲିସ ୧୧୦ଲିଟର





ଦେଶୀମଦ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗାନ୍ଧୀନଗର ୭ମ ଲାଇନର ପି. ସନ୍ତୋଷ(୨୯) ଓ ବିଜିପୁର ସାନବାଉରୀ ସାହିର ଶଙ୍କର ଦାସ(୨୯)। ସୂଚନା ପ୍ରକାରେ, ଗାନ୍ଧୀନଗର ଅଞ୍ଚଳର ୭ମ ଲାଇନରେ ସନ୍ତୋଷଙ୍କ ଘରେ ଚଢ଼ଉ କରି ପୁଲିସ ୬୦ଲିଟର ଦେଶୀମଦ ଜବତ କରିଥିଲା। ଅନୁରୂପ ଭାବେ ବିଜିପୁର ଅଞ୍ଚଳରେ ପୁଲିସ ଶଙ୍କର ଦାସଙ୍କ ଘରେ ଚଢଉ କରି ସେଠାରୁ ୫୦ଲିଟର ମଦ ଜବତ କରିଥିଲା। ଏନେଇ ଥାନାରେ ୨ଟି ପୃଥକ ପୃଥକ ମାମଲା ରୁଜୁ ହୋଇଥିବା ବେଳେ ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ମାଡ଼ ମାରି ଟଙ୍କା ଓ ବାଇକ୍ ଲୁଟ୍; ଦୁର୍ଦ୍ଦାନ୍ତ ଶିବା ଗିରଫ

ବ୍ରହ୍ମପୁର/ଦିଗପହଣ୍ଡି,୪।୮ (ସମିସ): ସ୍ଥାନୀୟ ବନ୍ଥପଲ୍ଲୀ ଗ୍ରାମର ଧର୍ମପଦ ଭୂୟାଁ ନାମକ ଜଣେ ଯୁବକଙ୍କୁ ଆକ୍ରମଣ କରି ଟଙ୍କା ଓ ତାଙ୍କ ମୋଟର ସାଇକଲ ଲୁଟ ଅଭିଯୋଗରେ ଦିଗପହଣ୍ଡି ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁର ଗ୍ରାମର ଦୁର୍ଦ୍ଦାନ୍ତ ଶିବା ରେଡ୍ଡୀ (୨୭)। ଗତ ୩୧ତାରିଖ ରାତିରେ ଧର୍ମପଦ ସିଦ୍ଧେଶ୍ୱରରୁ କାମ ସାରି ଘରକୁ ଫେରୁଥିବା ବେଳେ ବନ୍ଥପଲ୍ଲୀ ଛକ ନିକଟରେ ଛିଡ଼ା ହୋଇ କଥା ହେଉଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ଗୋଟିଏ ବାଇକରେ ଆସି ଧର୍ମପଦକୁ



ଲୁହାରେ ଆକ୍ରମଣ କରି ସେ ଧରିଥିବା ୧୩ହଜାର ଟଙ୍କା ଓ କେଟିଏମ ବାଇକ୍ ଛଡ଼ାଇ ନେଇଥିଲେ। ଧର୍ମପଦ ଗତକାଲି ରାତିରେ ଅଭିଯୋଗ କରିବା ପରେ ପୁଲିସ ଚଢ଼ଉ କରି ଶିବା ରେଡ୍ଡୀକୁ ଗିରଫ କରିଛି। ବର୍ତ୍ତମାନ ଏହି ଘଟଣାରେ ଅନ୍ୟ ଦୁଇଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ତଦନ୍ତରୁ ଜଣାପଡ଼ିଛି। ସେମାନଙ୍କ ଧରିବା ଲାଗି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଏସଆଇ ଜ୍ୟୋତି ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

### ସମାନ ସ୍ଥାନରେ ସମଦୃଶ୍ୟ, ସାକ୍ଷୀ ଅଢ଼େଇ ବର୍ଷ

# ଗୋଟିଏ ସିଲିଣ୍ଡରରୁ ଦୁଇ ନବଜାତକଙ୍କୁ ଅକ୍ସିଜେନ୍

ବ୍ରହ୍ମପୁର,୪।୮ (ସମିସ)

ଏମ୍‌କେସିଜି ମେଡିକାଲ ଦିନକୁ ଦିନ ତାର ଗରିମା ହରାଉଛି। କେତେବେଳେ ଏଠାରେ କ'ଣ ଘଟୁଛି କର୍ତ୍ତୃପକ୍ଷ ଜାଣୁନାହାନ୍ତି। ଅଢ଼େଇ ବର୍ଷ ପରେ ପୁଣି ସମାନ ସ୍ଥାନରେ ସମଦୃଶ୍ୟ ଦେଖିବାକୁ ମିଳିଛି। ସୋମବାର ପୂର୍ବ ଥର ପରି ସୁପର ସ୍ପେସିଆଲିଟି କୋଠା ପରିସରରେ ଗୋଟିଏ ଅକ୍ସିଜେନ୍ ସିଲିଣ୍ଡରରୁ ଦୁଇ ନବଜାତ ଶିଶୁଙ୍କୁ ଅକ୍ସିଜେନ୍ ପ୍ରଦାନ କରାଯାଉଥିବା ଦୃଶ୍ୟ ସମସ୍ତଙ୍କୁ ଆନ୍ଦୋଳିତ କରିଛି। ଏମ୍‌କେସିଜି ମେଡିକାଲରେ ବିକଳ ଚିତ୍ର ସମସ୍ତଙ୍କୁ ଚକିତ କରିଛି। ଏନେଇ ବିଶେଷଜ୍ଞ ଡାକ୍ତରମାନେ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଗୋଟିଏ ଅକ୍ସିଜେନ୍ ସିଲିଣ୍ଡରରେ ୨ଜଣ ନବ ଜନ୍ମିତ ଶିଶୁଙ୍କ ନାକରେ ଅକ୍ସିଜେନ୍ ଟ୍ୟୁବ୍ ଲଗାଇବା ସହ ଜଣେ ଆଟେଣ୍ଡାଣ୍ଟ ସିଲିଣ୍ଡରକୁ ୩ଶହ ମିଟର ପର୍ଯ୍ୟନ୍ତ ଟାଣି ଟାଣି ନେଉଥିଲେ। ପଛରେ ଶିଶୁ ମାନଙ୍କୁ ତାଙ୍କ ମା' ଓ ସମ୍ପର୍କୀୟମାନେ ନିଜ କୋଳରେ ଧରି ଚାଲି ଚାଲି ଯାଉଥିଲେ। ଏସ୍‌ଏନ୍‌ସିୟୁ (ସ୍ପେଶାଲ୍ ନ୍ୟୁ-ବର୍ଣ୍ଣ କେୟାର ୟୁନିଟ୍)ରୁ ଉକ୍ତ ୨ଶିଶୁଙ୍କ ଇକୋ କରିବା ପାଇଁ

- ■ ରାସ୍ତା ମଝିରେ ଗଡ଼ିଲା ସିଲିଣ୍ଡର, ଭାଇରାଲ ହେଲା ଦୃଶ୍ୟ
- ■ ଶିଶୁବିଭାଗ ଡାକ୍ତରଙ୍କ ନିଷ୍ପତ୍ତିରେ ଅସୁରକ୍ଷିତ ଶିଶୁ
- ■ ପୁନର୍ବାର ଏଭଳି ନ କରିବାକୁ ଅଧୀକ୍ଷକଙ୍କ ନିର୍ଦ୍ଦେଶ

ଏହିପରି କଦର୍ଯ୍ୟ ଅବସ୍ଥାରେ ନିଆଯାଇଥିଲା। ଏହିପରି ଚିକିତ୍ସା କୌଶଳ ଏବଂ ପଦ୍ଧତିକୁ ଦେଖି ରୋଗୀଙ୍କ ଜୀବନ ସହ ଖେଳୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏନେଇ ଏକ ଫଟୋ ଭାଇରାଲ ପରେ ବିଭିନ୍ନ ସ୍ଥାନର ଡାକ୍ତରମାନେ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏମକସେିଜି ମେଡ଼ିକାଲ ଚିକିତ୍ସା ପଦ୍ଧତିକୁ ନେଇ ମଧ୍ୟ ଚିନ୍ତିତ ହୋଇଯାଇଛନ୍ତି।

ସୂଚନା ଯୋଗ୍ୟ ଯେ ମେଡ଼ିକାଲର ଶିଶୁ ରୋଗ ବିଭାଗ ଏସ୍‌ଏନ୍‌ସିୟୁ(ସ୍ପେଶାଲ୍ ନ୍ୟୁ ବର୍ଣ୍ଣ କେୟାର ୟୁନିଟ୍)ରେ କିଛିଦିନ ହେବ ପାତ୍ରପୁର ବ୍ଲକ ପଦାଦିଗି ଗ୍ରାମର କୌଶଲ୍ୟା ସାହୁଙ୍କ ୮ ଦିନର ଶିଶୁ ପୁତ୍ର ଓ ଗଜପତି ଜିଲ୍ଲା ନୂଆଗଡ ବ୍ଲକ ବଦପଦା ଗ୍ରାମର ପଦ୍ମାଳୟା ବେହେରାଙ୍କ ୧୪ ଦିନର ଶିଶୁ କନ୍ୟାଙ୍କ



ଚିକିତ୍ସା ଜାରି ରହିଛି। ଉଭୟ ଶିଶୁଙ୍କ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ମେଡ଼ିକାଲ ପରିସରରେ ଥିବା ସୁପର ସ୍ପେସିଆଲିଟି କୋଠାକୁ ଇକୋ ପାଇଁ ନିଆଯାଇଥିଲା। ୱାର୍ଡରେ ଥିବା ଆଟେଣ୍ଡାଣ୍ଟ ଗୋଟିଏ ଭର୍ତ୍ତି ଅକ୍ସିଜେନ୍ ସିଲିଣ୍ଡରରୁ ଉଭୟ ଶିଶୁଙ୍କୁ ଅକ୍ସିଜେନ୍ ଲଗାଇ ସିଲିଣ୍ଡର ଧରି ଆଟେଣ୍ଡାଣ୍ଟ ଜଣକ ଆଗେ ଆଗେ ଯାଉଥିବା ବେଳେ ୨ଜଣ ମା' ଓ ସମ୍ପର୍କୀୟ ଶିଶୁଙ୍କୁ କୋଳେଇ ପଛରେ ଯାଉଥିଲେ। ଏହି ସମୟରେ ଶିଶୁ ବିଭାଗର ଜଣେ ଡ଼ାକ୍ତର ମଧ୍ୟ ଉଭୟ ଶିଶୁଙ୍କ ନିକଟରେ ରହିଥିଲେ। ପରେ ଶିଶୁମାନେ ହୃଦରୋଗ ବିଭାଗରେ ପହଞ୍ଚିବା ଇକୋ ପରୀକ୍ଷା କରିଥିଲେ। ଏଭଳି ଗୁରୁତର ଶିଶୁଙ୍କୁ ଏଭଳି ଭାବେ ଅନ୍ୟ ସ୍ଥାନକୁ ନେବା ଏବଂ ଗୋଟିଏ ସିଲିଣ୍ଡରରୁ ୨ଜଣଙ୍କୁ ଅକ୍ସିଜେନ୍ ଯୋଗାଇବା ଘଟଣାର ଭିଡ଼ିଓ ମୋବାଇଲ୍‌ରୁ ମୋବାଇଲ୍ ଘୁରି ବୁଲୁଛି। ମେଡ଼ିକାଲରେ ଆଟେଣ୍ଡାଣ୍ଟ ଅଭାବ ସହ ଅକ୍ସିଜେନ୍ ସିଲିଣ୍ଡରରୁ ଏଭଳି ଗୋଟିଏ ଥରରେ ଏକାଧିକ ଶିଶୁଙ୍କୁ ଅଣାଯାଉଥିବା ସାଥିରେ ଆସିଥିବା କର୍ମଚାରୀ ଓ ଡ଼ାକ୍ତର କହିଛନ୍ତି। ଅନ୍ୟପକ୍ଷରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଆଧାର କରି କେଉଁ ରୋଗୀଙ୍କୁ କେତେ ପରିମାଣର ଅକ୍ସିଜେନ ଆବଶ୍ୟକ ରହିଛି। ତାହା ଡ଼ାକ୍ତର ସ୍ଥିର କରିଛନ୍ତି। ଏଭଳି ଭାବେ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ପ୍ରତ୍ୟେକ ରୋଗୀଙ୍କ ଅକ୍ସିଜେନ ପରିମାଣ ଭିନ୍ନ ଭିନ୍ନ ରହିଥାଏ। ତେବେ ଉଭୟ ନବଜାତ ଶିଶୁଙ୍କ ଅକ୍ସିଜେନ ଗ୍ରହଣ ପରିମାଣ ସମାନ ରହିଥିଲା ନା ନାହିଁ। ସେହିପରି ଗୋଟିଏ ଅକ୍ସିଜେନ୍ ସିଲିଣ୍ଡରରୁ ଦୁଇଜଣ ଶିଶୁଙ୍କୁ ଅକ୍ସିଜେନ୍ ପ୍ରଦାନ କେତେ ଯୁକ୍ତିଯୁକ୍ତ। ଶିଶୁବିଭାଗ ଡାକ୍ତରଙ୍କ ଏଭଳି ନିଷ୍ପତିରୁ ଉଭୟ ଶିଶୁ କେତେ ସୁରକ୍ଷିତ ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ଏ ନେଇ ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ କହିଛନ୍ତି ଯେ, ଉଭୟ ଶିଶୁଙ୍କ ଅକ୍ସିଜେଲ ଫ୍ଲୋ' ସମାନ ରହିଥିଲା। କିନ୍ତୁ ଗୋଟିଏ ଅକ୍ସିଜେନ୍ ସିଲିଣ୍ଡରରୁ ଏକାଧିକ ରୋଗୀଙ୍କୁ ଅକ୍ସିଜେନ ପ୍ରଦାନ କରିବାକୁ ବାରଣ କରିବା ସହ ଶିଶୁ ବିଭାଗକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଏଭଳି କାର୍ଯ୍ୟ ଏଭଳି କାର୍ଯ୍ୟ ପୁର୍ନଃବାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡ଼ା. ଶତପଥୀ କହିଛନ୍ତି। ଏହା ସହ ମେଡ଼ିକାଲ ଶିଶୁ ବିଭାଗରେ ଯଥେଷ୍ଟ ପରିମାଣର ଅକ୍ସିଜେନ୍ ସିଲିଣ୍ଡର ରହିଥିବା କହିଛନ୍ତି। ତେବେ ଏତେ ପରିମାଣରେ ସିଲିଣ୍ଡର ମହଜୁଦ ଥାଇ ସୁଦ୍ଧା ଏଭଳି ଅଭାବନୀୟ ଚିତ୍ର ଦେଖିବାକୁ ମିଳିବା ଦୁର୍ଭାଗ୍ୟଜନକ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି।

## ସ୍ୱାମୀ ପରିତ୍ୟକ୍ତାଙ୍କୁ ଦୁଷ୍କର୍ମ ଓ ଗର୍ଭପାତ ଅଭିଯୋଗ; ଯୁବକ ଗିରଫ

ବ୍ରହ୍ମପୁର,୪।୮ (ସମିସ)



ବିବାହର ପ୍ରତିଶ୍ରୁତି ଦେଇ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଦୁଷ୍କର୍କ ଓ ଗର୍ଭପାତ କରିବା ଅଭିଯୋଗରେ ଗୋଷାଣୀନୂଆଗାଁ ଥାନା ପୁଲିସ ଜଣେ ବିବାହିତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ଶିଙ୍ଘାଞ୍ଚଳର ରାଜେଶ କୁମାର ମାଝୀ ଓରଫ ରିଙ୍କୁ(୩୬) ବୋଲି ଏସ୍‌ଆଇ ରଶ୍ମିତା ସାମଲ ସୂଚନା ଦେଇଛନ୍ତି। ପୁଲିସ ଉଭୟଙ୍କ ଡାକ୍ତରୀ ପରୀକ୍ଷା ସହ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି।

ସୂଚନାଯୋଗ୍ୟ ଯେ, ଲାଞ୍ଜିପଲ୍ଲୀ ଅଞ୍ଚଳର ସ୍ୱାମୀ ପରିତ୍ୟକ୍ତା ମହିଳା(୩୫) ତାଙ୍କ ୧୦ବର୍ଷର ଝିଅ ସହ ରୁହନ୍ତି। କିଛି ମାସ ପୂର୍ବେ ଅଭିଯୁକ୍ତ ରିଙ୍କୁଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ବର୍ତ୍ତମାନ ରିଙ୍କୁର ଦୁଇଟି ସନ୍ତାନ ରହିଛି। ଏହା ସତ୍ତ୍ୱେ ସେ ସମ୍ପୃକ୍ତ ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଗତ ଜୁଲାଇ ୧୫ରେ ସେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏପରିକି ମିଥ୍ୟା ପ୍ରତିଶ୍ରୁତି ଦେଇ ଅନେକଥର ଦୁଷ୍କର୍ମ ସହିତ ଗର୍ଭପାତ ମଧ୍ୟ କରାଇଥିଲେ। ପୀନିତା ମହିଳାଙ୍କ ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ପୀଡ଼ିତାଙ୍କୁ ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଥିଲେ ବୋଲି ସେ ଏତଲାରେ ଦର୍ଶାଇଛନ୍ତି।

## ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ଅବିନାଶ କୁମାରଙ୍କ ଦାୟିତ୍ୱ ଗ୍ରହଣ



ବ୍ରହ୍ମପୁର,୪।୮ (ସମିସ): ୨୦୨୩ ବ୍ୟାଚର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ଆଇଏଏସ୍) ଅବିନାଶ କୁମାର ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ରହ୍ମପୁର ଉପଖଣ୍ଡର ସର୍ବାଙ୍ଗୀନ ବିକାଶ ସହିତ ସମସ୍ୟାର ତ୍ୱରିତ ସମାଧାନକୁ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସେ ତାଙ୍କ ପ୍ରାଥମିକ ପ୍ରତିକ୍ରିୟାରେ କହିଛନ୍ତି। ସେହିଭଳି ଅଟକି ଥିବା ରାଜସ୍ୱ ସମସ୍ୟା ଗୁଡ଼ିକର ମଧ୍ୟ ସମାଧାନ କରାଯିବାକୁ ପ୍ରାଥମିକତା ଦିଆଯିବ ବୋଲି ଉପଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି। ପ୍ରଶାସନିକ ସେବା କ୍ଷେତ୍ରରେ ଏହା ତାଙ୍କ ପ୍ରଥମ ପୋଷ୍ଟି ହୋଇଥିବାରୁ ବେଶ ଖୁସିବ୍ୟକ୍ତ କରିଛନ୍ତି।

## ପୁଲିସକୁ ଧମକ ଦେଇ ଯୁବକ ଗିରଫ

ଭଞ୍ଜନଗର,୪।୮ (ସମିସ): ସ୍ଥାନୀୟ ପୁଲିସ ରବିବାର ରାତିରେ ଏହି ଥାନା ଅନ୍ତର୍ଗତ ତୁଳସୀପଲ୍ଲି ରାସ୍ତାରେ ପେଟ୍ରୋଲିଂ କରୁଥିବାବେଳେ ଜଣେ ଯୁବକ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖି

ପିସ୍ତଲ, ୨ଟି ଗୁଳି ଓ ମାଗାଜିନ୍ ଜବତ





ତାକୁ ଅଟକାଇଥିଲେ। ଆଉ ତାର ଗତିବିଧି ସନ୍ଦେହଜନକ ହେବାରୁ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ତଲାସୀ କରିବା ବେଳେ ତା' ପାଖରୁ ଗୋଟିଏ ମାଉଜର, ୨ ରାଉଣ୍ଡ ଗୁଳି ଓ ଗୋଟିଏ ମାଗାଜିନ ମିଳିଥିଲା। ପରେ ସଂପୃକ୍ତ ଯୁବକଙ୍କୁ ଥାନାକୁ ଆଣି ପଚାରାଉଚୁରା କରିବାବେଳେ ଯୁବକଙ୍କ ନାମ ସୌମ୍ୟରଞ୍ଜନ ବେହେରା(୩୩) ଓ ଘର ତୁଳସିପଲ୍ଲି ବୋଲି ଜଣାପଡିଥିଲା। ସୌମ୍ୟରଞ୍ଜନକୁ ଗିରଫ କରିବାସହ ଏକ ମାମଲା ରୁଜୁ କରି କୋର୍ଟ ଚାଲଣ କରାଯାଇଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ତେବେ କାହିଁକି ଯୁବକ ଜଣକ ରାତିରେ ପିସ୍ତଲ ଧରି ବୁଲୁଥିଲେ ପୁଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଜେନା ସୂଚନା ଦେଇଛନ୍ତି।

### ଗୋପାଳପୁର ଥାନା ଇଲାକାରେ ଚୋର ଗ୍ୟାଙ୍ଗ ସକ୍ରିୟ

## ତାଲା ବନ୍ଦ ଘରୁ ୯ ଲକ୍ଷ ଟଙ୍କା ଓ ସୁନା ଲୁଟ୍

ବ୍ରହ୍ମପୁର,୪।୮ (ସମିସ)

ସହର ଓ ଉପକଣ୍ଠରେ ଏବେ ମାତିଛନ୍ତି ଚୋର ଗ୍ୟାଙ୍ଗ। ଦିନତମାମ ସାହି ଓ ଗଳିକନ୍ଦି ବୁଲି ତାଲାବନ୍ଦ ଘରକୁ ଚିହ୍ନଟ କରୁଛନ୍ତି। ପରେ କଳାକନା ବୁଲାଉଛନ୍ତି। ଏଭଳି ଘଟଣା ଘଟିଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ଥିତ ଜଗନ୍ନାଥ ବିହାର ପ୍ରଥମ ଲାଇନ୍‌ରେ। ଏଠାରେ ରହୁଥିବା ସସ୍ମିତା ପଣ୍ଡାଙ୍କ ଘରେ ଦୁର୍ବୃତ୍ତମାନେ କଳାକାନ ବୁଲାଇଛନ୍ତି। ୯ଲକ୍ଷ ଟଙ୍କାର ଅଳଙ୍କାର ଓ ନଗଦ ଟଙ୍କା ଚୋରି କରି ନେଇଥିବା ସେ ଗୋପାଳପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସସ୍ମିତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେତୁ ସେ ଗତ ୨୮ ତାରିଖରୁ ଦିନକୁ ୩ରୁ ୪ଘଣ୍ଟା ଲେଖାଏଁ ଚିକିତ୍ସା ପାଇଁ ମେଡ଼ିକାଲ ଯାଉଥିଲେ। ରେକି କରି ଜାଣିବା ପରେ ଦୁର୍ବୃତ୍ତମାନେ ସସ୍ମିତାଙ୍କ ଘରେ କଳାକନା ବୁଲାଇଛନ୍ତି। ସସ୍ମିତା ମେଡ଼ିକାଲରୁ ଫେରି ତାଙ୍କ ଘର ତାଲା ଓ ଆଲମିରା ଭାଙ୍ଗି ଦୁର୍ବୃତ୍ତ ଗୋଟିଏ ହାର, ୨ଟି ମଙ୍ଗଳସୂତ୍ର, କାନ ମୁଦି ୧୦ ଯୋଡ଼ା ଏବଂ ୪ଟି ମୁଦି ଓ ନଗଦ ୩୫ଶହ ଟଙ୍କା ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ।

## ଆନ୍ଧ୍ର ଗ୍ରାନାଇଟ୍ ଖଣିରେ ବିସ୍ଫୋରଣ ଘଟଣା

## ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

ଦିଗପହଣ୍ଡି, ୪।୮(ସମିସ): ଆନ୍ଧ୍ରପ୍ରଦେଶ ବପଟଲ ଜିଲ୍ଲା ବାଲିକୁରବା ସତ୍ୟକ୍ରିଷ୍ଣା ଗ୍ରାନାଇଟ ପଥର ଖାଦାନରେ ରବିବାର ଘଟିଥିବା ମର୍ମନ୍ତୁଦ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ବାଙ୍ଗରଡାର ବନମାଳୀ ବେହେରା (୨୨) ଏବଂ ଚଷାନିମଖଣ୍ଡିର ଦଣ୍ଡପାଣି ବାଡତ୍ୟା (୪୮)ଙ୍କ ମୃତଦେହ ସୋମବାର ଗ୍ରାମକୁ ଫେରିଛି। ସେମାନଙ୍କ ମରଶରୀର ଭିଟାମାଟିକୁ ଫେରିଲା ପରେ ସମଗ୍ର ଗାଁ ଦାଣ୍ଡ କାନ୍ଦ ବୋବାଳିରେ ଫାଟି ପଡିଥିଲା। ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଜିଲ୍ଲା ଓ ବ୍ଲକ ପ୍ରଶାସନିକ ଅଧିକାରୀ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ମରଶରୀର ଦିଗପହଣ୍ଡି ମେଡିକାଲରେ ପହଞ୍ଚିବା ପରେ ତହସିଲ ପ୍ରଶାସନ ଶବକୁ ଚିହ୍ନଟ କରି ଭିଟାମାଟିକୁ ପଠାଇଥିଲା। ଦଣ୍ଡପାଣି ଓ ବନମାଳୀଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଗାଁ ଶ୍ମଶାନକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା। ଏହି ସମୟରେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ଡିଭିଜନ ଲେବର କମିଶନ ଅଧିକାରୀ ବାବୁଚରଣ ପାତ୍ର, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ଅତିରିକ୍ତ ତହସିଲଦାର ଆଶିଷ କୁମାର ନାୟକ, ବିଡ଼ିଓ ଅନାମିକା ପାଣ୍ଡେ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ପୂର୍ବତନ ସରପଞ୍ଚ ଦିଲ୍ଲୀପ ସେଠୀ, ଜିଲ୍ଲା ସରପଞ୍ଚ ସଂଘ ସଭାପତି ମନୋରଞ୍ଜନ ଗୌଡ଼, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ବିଜୟ କୁମାର ସ୍ୱାଇଁ, କାହ୍ନୁ ପତି, ବିଜେପି ରାଜ୍ୟ ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ରଥ, ଟୁନା ଚୌଧୁରୀ, ଦୟାନିଧି ନାହାକ, ଦିଗପହଣ୍ଡି ଥାନା ଅଧିକାରୀ ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର, ରାଜସ୍ୱ ନୀରିକ୍ଷକ ମନୋଜ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ରାଧାକାନ୍ତ ମହାଙ୍କୁଡ, ଚଷାନିମଖଣ୍ଡି ସରପଞ୍ଚ ପ୍ରତିନିଧି ରବିଚନ୍ଦ୍ର ଗୌଡ଼ଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସୁନା ସଫା ଆଳରେ ଲୁଟିନେଲେ ୫ ତୋଳା

ବ୍ରହ୍ମପୁର,୪।୮ (ସମିସ): ସଫା କରିବା ଆଳରେ ୫ଭରି ସୁନା ଅଳଙ୍କାର ଲୁଟି ନେଇଛି ଦୁର୍ବୃତ୍ତ। ସିସି ଟିଭିରେ କଏଦ ହୋଇଛି ଲୁଟ୍‌ର ସମ୍ପୂର୍ଣ୍ଣ ଦୃଶ୍ୟ। ଏଭଳି ଘଟଣା ଘଟିଛି ବ୍ରହ୍ମପୁର ବଡ଼ ବଜାର ଥାନା ଅଞ୍ଚଳରେ। ଶ୍ରୀରାମନଗର ଶାନ୍ତି ମାର୍ଗ ତୃତୀୟ ଲାଇନରେ ରହୁଥିବା ପୁଷ୍ପା ପଣ୍ଡାଙ୍କ ଘରକୁ ୨ତାରିଖ ସକାଳ ୧୧ଟା ସମୟରେ ହିନ୍ଦୀ ଓ ତେଲୁଗୁ ଭାଷା କହୁଥିବା ୨ଜଣ ଯୁବକ ସୁନା ସଫା କରିବାକୁ ଆସିଥିଲେ। ଏହିକ୍ରମରେ ପୁଷ୍ପା ନିଜ ନାତିର



ରୁପା ଚେନ୍ ସଫା କରିବାକୁ ଦେଲେ। ସେମାନେ ସଫା କରି ତୁରନ୍ତ ଦେଇଦେଲେ। ପରେ ପୁଷ୍ପା ପିନ୍ଧିଥିବା ସୁନାର ୪ଟି ଚୁଡ଼ି (୫ତୋଳା)କୁ ଜୋରଜବରଦସ୍ତ ଛଡ଼ାଇ ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ପୁଷ୍ପା ପାଟି କରିବାରୁ ସ୍ଥାନୀୟ ଲୋକେ ଆସି ରୁଣ୍ଡ ହୋଇଥିଲେ। ଲୋକେ ଆସିବା ବେଳକୁ ଲୁଟେରାମାନେ ଫେରାର ହୋଇସାରିଥିଲେ। ପୁଷ୍ପା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରୁଛି।

# ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରୀ ହେବ 'ଶାରୀରିକ ଶିକ୍ଷା ରେକର୍ଡ'

ବ୍ରହ୍ମପୁର,୪।୮ (ସମିସ)

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କିମ୍ବା ବହୁ ନିୟମ ଗଞ୍ଜାମ ଜିଲ୍ଲାରେ ପ୍ରଥମେ କାର୍ଯ୍ୟକାରୀ ହୋଇଥିବା ନଜିର ରହିଛି। ପରବର୍ତ୍ତୀ ସମୟରେ ଏହାକୁ ସାରା ରାଜ୍ୟରେ ଲାଗୁ କରାଯାଇଥାଏ। ସେହିପରି ଗଞ୍ଜାମ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ଏକ ନୂତନ ପଦକ୍ଷେପ ହାତକୁ ନିଆଯାଇଛି। ଏଣିକି ଜିଲ୍ଲାର ସମସ୍ତ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ରଖିବାକୁ ନିର୍ଦ୍ଦେଶ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ଦିଆଯାଇଛି। ଗତବର୍ଷ ସେପ୍ଟେମ୍ବର ୧୧ରେ ଅନୁଷ୍ଠିତ ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନର କାର୍ଯ୍ୟକାରିଣୀ କମିଟି ବୈଠକରେ ଏହି ନିଷ୍ପତ୍ତିକୁ ଅନୁମୋଦନ ମିଳିଛି। ଷଷ୍ଠରୁ ୮ମ ଶ୍ରେଣୀକୁ ଜୁନିଅର ଓ ନବମରୁ ଦ୍ୱାଦଶ ପିଲାଙ୍କୁ ବରିଷ୍ଠ ବର୍ଗରେ ରଖାଯାଇଛି। ପିଲାଙ୍କ ସମସ୍ତ ଉନ୍ନତିମୂଳକ ତଥ୍ୟ ଶ୍ରେଣୀ ଅନୁଯାୟୀ ଏହି ରେକର୍ଡରେ ଉପଲବ୍ଧ କରିବାକୁ କର୍ତ୍ତୃପକ୍ଷ ନିଷ୍ପତି କରିଛନ୍ତି। ଗଞ୍ଜାମ ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିକୁ ଗୁରୁତ୍ୱ ପ୍ରଦାନ କରିବା ଲକ୍ଷ୍ୟ ନେଇ 'ଶାରୀରିକ ଶିକ୍ଷା ରେକର୍ଡ' ବୁକ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥିବା ଜିଲ୍ଲା ଶାରୀରିକ ଶିକ୍ଷାଧିକରୀ ଭାଗୀରଥି ସ୍ୱାଇଁ କହିଛନ୍ତି। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାର ପ୍ରାୟ ସମସ୍ତ ବିଦ୍ୟାଳୟକୁ ଏହି ରେକର୍ଡ ପ୍ରସ୍ତୁତ କରି ପ୍ରଠାଇବାକୁ ବ୍ଲକ୍

**କ୍ରୀଡ଼ା ପ୍ରତିଯୋଗୀ ତଥ୍ୟ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ**

ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ପ୍ରତିଯୋଗୀତାରେ ଜିଲ୍ଲାସ୍ତରକୁ ଚୟନ ହୋଇଥିବା ପ୍ରତିଯୋଗୀ ତଥା ଖେଳାଳୀ ସମ୍ପର୍କିତ ସମସ୍ତ ତଥ୍ୟ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ରହିଛି। ପୂର୍ବ ବର୍ଷର ପ୍ରଦର୍ଶନକୁ ମଧ୍ୟ ଏହି ରେକର୍ଡରେ ଉଲ୍ଲେଖ କରିବାକୁ କୁହାଯାଇଛି। ପରିଦର୍ଶନ ସମୟରେ ବ୍ଲକ ଅଧିନସ୍ଥ ବିଦ୍ୟାଳୟକୁ ଯାଇ ରେକର୍ଡକୁ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି। ସେହିପରି ପ୍ରତି ବ୍ଲକକୁ ୪ଟି ଜୋନରେ ବିଭକ୍ତ କରାଯିବ। ପ୍ରାଥମିକଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିଭକ୍ତ କରାଯିବ। ଉକ୍ତ ଛାତ୍ରଛାତ୍ରୀଙ୍କୁ କ୍ରୀଡା ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରାଯିବ। ବିଦ୍ୟାଳୟ ମାନଙ୍କରେ ରହିଥିବା ଭିତ୍ତିଭୂମି ଅନୁଯାୟୀ ଇଣ୍ଡୋର ଓ ଆଉଟଡୋର କ୍ରୀଡା ଖେଳାଯିବ। ଅନ୍ତଃଶ୍ରେଣୀ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇ ଉକ୍ତ ପ୍ରତିଯୋଗୀତାରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି କରାଯିବ ସହ ଉକ୍ତ ଖେଳାଳିଙ୍କୁ ଚୟନ କରାଯିବ। ଚିହ୍ନଟ ହୋଇଥିବା ନୂତନ ପ୍ରତିଭାଙ୍କୁ ଜୋନ ସ୍ତରରୁ ଆରମ୍ଭ କରି ବ୍ଲକ, ଜିଲ୍ଲା ଓ ଜାତୀୟ ସ୍ତର ପର୍ଯ୍ୟନ୍ତ ଖେଳିବାକୁ ସୁଯୋଗ ପ୍ରଦାନ କରାଯିବ ବୋଲି ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ପକ୍ଷରୁ ନିଷ୍ପତି ହୋଇଛି। ଗଞ୍ଜାମ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ୱେଲ୍‌ଡିଂ ଦୋକାନରୁ ଚୋରି

ବ୍ରହ୍ମପୁର,୪।୮ (ସମିସ): ଗୋଦାବରିଶନଗର ୪ର୍ଥ ଲାଇନରେ ଥିବା ରାମକ୍ରିଷ୍ଣା ଆଚାରୀଙ୍କ ୱେଲଡିଂ ଦୋକାନରୁ ଚୋରି ହୋଇଛି। କୌଣସି ଦୁର୍ବୃତ୍ତ ଦୋକାନର ତାଲା ଭାଙ୍ଗି ୱେଲଡିଂ ମେସିନ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛି। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବିଦ୍ୟୁତ୍ ଖୁଣ୍ଟରେ ପିଟିଦେଲା କାର୍; ୨ ଗୁରୁତର

ଖଲ୍ଲିକୋଟ,୪।୮ (ସମିସ): ଖଲ୍ଲିକୋଟ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିକଟରେ ସୋମବାର ସକାଳେ ବିଦ୍ୟୁତ୍ ଖୁଣ୍ଟକୁ ଏକ କାର୍ ଧକ୍କା ଦେବାରୁ ଚାଳକ ସହ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସୋମବାର ଭୋର ପ୍ରାୟ ୪ ଟାରେ କାର୍ (ନଂ. ଓଡ଼ି୦୭ଏଜେଡ୍-୮୬୧୫) କୋଦଳା ପଟୁ ଖଲ୍ଲିକୋଟ ଅଭିମୁଖେ ଆସୁଥିବାବେଳେ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ଖୁଣ୍ଟଟି ବଙ୍କିଯିବା ସହ କାର୍ ଆଗ ଚୁର୍‌ମାର୍ ହୋଇଯାଇଥିଲା ଓ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା। ଆହତ ମାନେ ହେଲେ ପୁରୁଷୋତ୍ତମପୁର ଅରଖପୁର ଗ୍ରାମର କାହ୍ନୁ ଚରଣ ନାୟକ ଓ ଖଲ୍ଲିକୋଟ ଖୋଜାପଲ୍ଲୀ ଗ୍ରାମର ଜୟରାମ ସ୍ୱାଇଁ। ଉଭୟଙ୍କୁ ଖଲ୍ଲିକୋଟ ମେଡ଼ିକାଲରେ ଭର୍ତ୍ତି କରାଯାଇଥିବାବେଳେ ଜୟରାମ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି।

# ଶ୍ରୀକ୍ଷେତ୍ର ସିଟି

୪/୮/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୩,୯୬,୩୯୯/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



# ଝୁଲଣ କୁଞ୍ଜରେ ରାଧାକୃଷ୍ଣ









ପୁରୀ,୪।୮ (ସମିସ)

ଆକାଶରେ ମେଘ ଖଣ୍ଡର ଅପରୂପ ଶୋଭା। ଅନ୍ୟପଟେ ମହୋଦଧିର ନୀଳ ଜଳରାଶି ଦେଇ ଶିରିଶିରି ବହୁଛି ମନ୍ଦ ମଳୟ। ଏମିତି ଏକ ମନଲୋଭା ପରିବେଶରେ ଶ୍ରୀକ୍ଷେତ୍ରର ମଠ, ମନ୍ଦିର ହୋଇପଡ଼ିଛି ଉତ୍ସବମୁଖର। ଝୁଲଣ କୁଞ୍ଜର ଗହଳଲତା ଭିତରେ ମିଳିତ ହେଉଛନ୍ତି ରସରାଜ ଶ୍ରୀକୃଷ୍ଣ ଆଉ ରାସେଶ୍ୱରୀ ଶ୍ରୀରାଧା। ଶ୍ରାବଣ ବାରିଧାରାରେ ଅନୁଷ୍ଠିତ ହେଉଛି ରାଧାକୃଷ୍ଣଙ୍କ ବର୍ଷାକାଳୀନ ରାସୋତ୍ସବ ଝୁଲଣ ଯାତ୍ରା। ପୁରୀର ବିଭିନ୍ନ ମଠ, ମନ୍ଦିରରେ ଆରମ୍ଭ ହୋଇଛି ଏହି ଯାତ୍ରା। ଆଧ୍ୟାତ୍ମିକ ପରିବେଶରେ ବିଭୋର ହୋଇପଡୁଛନ୍ତି ବୈଷ୍ଣବ ଭକ୍ତ। ଝୁଲଣ କୁଞ୍ଜରେ ବସି ଦୋଳି ଖେଳୁଛନ୍ତି ରାଧାକୃଷ୍ଣ। ବିଶେଷକରି ଶ୍ରୀକ୍ଷେତ୍ରର ଜଗନ୍ନାଥ ବଲ୍ଲଭ ମଠ, ନେବଳ ଦାସ ମଠ, ମଣିରାମ ମଠ, ରାଧାବଲ୍ଲଭ, ଶ୍ୟାମକୁଞ୍ଜ ପ୍ରଭୃତି ମଠରେ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ଜରି, ଜମ୍ବୁରା, ଶୋଳ ଓ ବିଭିନ୍ନ ରଙ୍ଗୀନ କାଗଜରେ ଝଲସୁଛି ଝୁଲଣ କୁଞ୍ଜ। ସୋମବାରଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଥିବାବେଳେ ମଠଗୁଡ଼ିକରେ କେଉଁଠି ୭ଦିନ ତ ଆଉ କେଉଁଠି ୫ଦିନ ଧରି ଅନୁଷ୍ଠିତ ହେବ। ୫ଦିନ ଝୁଲଣ ଯାତ୍ରା ହେବାକୁ ଥିବା ମଠରେ ଦିନକ ପରେ ଝୁଲଣ ଯାତ୍ରା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

## ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ

ପୁରୀ,୪।୮ (ସମିସ): ପବିତ୍ର ଶ୍ରାବଣ ଶୁକ୍ଳ ଦଶମୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ଝୁଲଣ ଯାତ୍ରା। ମହାପ୍ରଭୁଙ୍କ ଏହି ଝୁଲଣ ଯାତ୍ରା ଗହ୍ମାପୂର୍ଣ୍ଣିମା ପରଦିନ ପର୍ଯ୍ୟନ୍ତ ଅର୍ଥାତ୍ ଭାଦ୍ରବ କୃଷ୍ଣ ପ୍ରତିପଦ ପର୍ଯ୍ୟନ୍ତ ଚାଲିବ। ତେବେ ଝୁଲଣ ଯାତ୍ରାର ପ୍ରଥମ ଦିନ ଏହାକୁ ଦେଖିବା ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ସୋମବାର ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ତିନିବାଡ଼ରେ ମଇଲମ ହୋଇଥିଲା। ଠାକୁର ସର୍ବାଙ୍ଗ ହୋଇ ବେଶ ବଢ଼ିବା ପରେ ଦକ୍ଷିଣୀ ଘରକୁ ଶ୍ରୀଦେବୀ, ଭୂଦେବୀ ବିଜେ କରିଥିଲେ। ବେଶ ସମୟରେ ଠାକୁରଙ୍କୁ ତିନିଖଣ୍ଡ ଆଜ୍ଞାମାଳ ଲାଗି କରାଯାଇଥିଲା। ମହାପ୍ରଭୁଙ୍କ ଉତ୍ତର ଭୂଜରେ ୨ ଖଣ୍ଡ ଏବଂ ଦକ୍ଷିଣ ଭୂଜରେ ୧ ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା। ଦକ୍ଷିଣୀ ଘର ଭୋଗ ଏବଂ ବାହାର ଦେଉଳି ସରିବା ପରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ। ତିନିବାଡ଼ରେ କର୍ପୂର ଆଳତି ଏବଂ ସନ୍ଧ୍ୟା ଆଳତି ବଢ଼ିଥିଲା। ଏହାପରେ ପୂଜାପଣ୍ଡା ମହାପ୍ରଭୁଙ୍କ ଦକ୍ଷିଣ ଭୂଜର ଆଜ୍ଞାମାଳ ଆଣି ମଦନମୋହନଙ୍କୁ ଏବଂ ଉତ୍ତର ଭୂଜର ଆଜ୍ଞାମାଳ ଶ୍ରୀଦେବୀ, ଭୂଦେବୀଙ୍କୁ ପ୍ରଦାନ କରିଥିଲେ। ଛାମୁ ଦିହୁଡ଼ି ସହିତ ମହାଜନ ସେବକ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ଝୁଲଣ ମଣ୍ଡପ ଦୋଳିକୁ ବିଜେ କରାଇଥିଲେ। ଝୁଲଣ ମଣ୍ଡପରେ ଝୁଲଣ ନୀତି ସମ୍ପନ୍ନ ହୋଇ ଶ୍ରୀମନ୍ଦିରରେ ଚନ୍ଦନ ଲାଗି ବଢ଼ିବା ପରେ ମଦନମୋହନ ଦକ୍ଷିଣୀ ଘରକୁ ଏବଂ ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିବା ପରେ ପହୁଡ଼ ହୋଇଥିଲା।

● ଶ୍ରୀମନ୍ଦିର ଘଣ୍ଟ ନିଯୋଗର ବୈଠକ

## ମୁଖ୍ୟ ପ୍ରଶାସକଙ୍କୁ ସାକ୍ଷାତ୍ କରିବେ ପ୍ରତିନିଧି

ପୁରୀ,୪।୮ (ସମିସ): ଶ୍ରୀମନ୍ଦିର ଘଣ୍ଟ ସେବାୟତ ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ବଳିଆପଣ୍ଡାସ୍ଥିତ ବାବା ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଯୋଗର ସଭାପତି ବରିଷ୍ଠ ସେବାୟତ ଗୌରହରି ପ୍ରଧାନ ସଭାପତିତ୍ୱ କରିଥିଲେ। ବୈଠକରେ ମୁଖ୍ୟତଃ ନିଯୋଗର ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନୀତି ସମ୍ପାଦନ ସମୟରେ ଥିବା ସମସ୍ୟାକୁ କିପରି ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇ ସମାଧାନ କରାଯିବ ସେ ନେଇ ନିଷ୍ପତ୍ତି ହୋଇଥିଲା। ସଭା ପ୍ରାରମ୍ଭରେ ନିଯୋଗ ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି ନିଯୋଗର ବାର୍ଷିକ ବିବରଣୀ ପାଠ କରିବା ସହ ଆୟବ୍ୟୟର ହିସାବ ଦେଇଥିଲେ। ପରେ ସମସ୍ତ ସଦସ୍ୟଙ୍କ ମଧ୍ୟରେ ଗତ ଦୁଇ ବର୍ଷର ରଥ ପୁରସ୍କାର ଅର୍ଥ ବଣ୍ଟନ କରାଯାଇଥିଲା। ନିଯୋଗ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯାଇଥିଲା। ବୈଠକରେ ଶ୍ରୀମନ୍ଦିର ଛତାର, ଓଲାର ଏବଂ ତରାଶ ସେବାୟତ ନିଯୋଗ, କାହାଳିଆ ସେବାୟତ ନିଯୋଗ ଏବଂ ବଜନ୍ତିରୀ ସେବାୟତ ନିଯୋଗ ସାମିଲ ହୋଇଥିଲେ। ତେବେ ଚାରି ନିଯୋଗର ଗୃହ ନ ଥିବାରୁ ସେବାୟତମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଚାରି ନିଯୋଗକୁ ଗୃହ ଯୋଗାଇଦେବାକୁ ଆଲୋଚନା ହୋଇଥିଲା। ଏ ନେଇ ମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚାରି ନିଯୋଗର ଏକ ପ୍ରତିନିଧି ଦଳ ସାକ୍ଷାତ୍ କରି ଆଲୋଚନା କରିବା ନେଇ ସ୍ଥିର କରାଯାଇଛି। ସେହିଭଳି ଚାରି ନିଯୋଗ ମିଶି ଶ୍ରୀମନ୍ଦିର ବିଜେ ମହାନିଯୋଗ କରିବା ନେଇ ପ୍ରସ୍ତାବ ଦିଆଯାଇଥିଲା, ଯାହାକୁ ସମସ୍ତ ନିଯୋଗର ସଦସ୍ୟମାନେ ସହମତି ପ୍ରକାଶ କରିଛନ୍ତି। ଏହି ବୈଠକରେ ଜଗନ୍ନାଥ ମହାପାତ୍ର, ତୀର୍ଥବାସୀ ମହାପାତ୍ର, ଶଙ୍କର ପ୍ରଧାନ, ଶୁଧାଂଶୁ ଶେଖର ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି, ଦାମୋଦର ପଣ୍ଡା, ପ୍ରଦୀପ୍ତ କୁମାର ମହାନ୍ତି, ଘନଶ୍ୟାମ ମହାନ୍ତି, ଲକ୍ଷ୍ମୀ ନୃସିଂହ ପଣ୍ଡା, ଗୋପାଳ ମହାପାତ୍ର, ଶରତ ଚନ୍ଦ୍ର ମହନ୍ତି, ପବିତ୍ର ଜେନା, ଦୁର୍ଗା ପଣ୍ଡାଙ୍କ ସହ ଚାରି ନିଯୋଗର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ପରିଚାଳନାରେ ରାକେଶ ମହାନ୍ତି, ରାଜେଶ ମହାନ୍ତି, ନୃସିଂହ ପ୍ରଧାନ, ସର୍ବେଶ୍ୱର ପ୍ରଧାନ, ଜଗା ପ୍ରଧାନ, ମାନସ ମହାନ୍ତି, ଅନିଲ ମହାନ୍ତି ଓ ଅଜିତ୍ ମହାନ୍ତି ସହଯୋଗ କରିଥିଲେ।

## ବନ୍ଧୁତ୍ୱ ଦିବସରେ ବୃକ୍ଷରୋପଣ

ପୁରୀ,୪।୮ (ସମିସ): ବନ୍ଧୁତ୍ୱ ଦିବସ ଅବସରରେ ହୋପ୍ ଇଜ୍ ଲାଇଫ୍ ଅନୁଷ୍ଠାନ ତରଫରୁ ଡେଲ୍ଟା କଲୋନୀ ପରିସରରେ ବୃକ୍ଷରୋପଣ କରାଯାଇଛି। ଅନୁଷ୍ଠାନର ସଦସ୍ୟମାନେ ୧୨୦ଟି ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ତରଫରୁ ଆଶିଷ ଦାସ, ଦିବାକର ଦଳେଇ, ସସ୍ମିତା ଘୋଷ, ମାନସ ମହାନ୍ତି, ସୁଶାନ୍ତ ମହାପାତ୍ର, ସୁନୀତା ମିଶ୍ର, ରଜନୀକାନ୍ତ ପଟ୍ଟନାୟକ, ସନ୍ଧ୍ୟାରାଣୀ କାଠୁଆ, ସନ୍ତୋଷୀ ବିଶ୍ୱାଳ, ଚିନ୍ମୟୀ ନନ୍ଦ, ପ୍ରଶାନ୍ତ ଜେନା, ଅରକ୍ଷିତ ବେହେରା, ନିରଞ୍ଜନ ବେହେରା, ଶତ୍ରୁଘ୍ନ ପୁହାଣ, ସୁଶାନ୍ତ ନାୟକ, ବିଦୁ ମଙ୍ଗରାଜ, ମାନସ ବାରିକ ଓ ସୁରେଶ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।



## ଭାଗବତ ଟୁଙ୍ଗି ପ୍ରତିଷ୍ଠା

ପୁରୀ,୪।୮ (ସମିସ): ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ରାଜ୍ୟ ବାହାରେ ନବମ ଭାଗବତ ଟୁଙ୍ଗି ପ୍ରତିଷ୍ଠା ହୋଇଛି। ଭାଗବତ ଭାଷ୍ୟକାର ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଏକ ଦଳ ଉତ୍ତର ପ୍ରଦେଶରେ ପହଞ୍ଚିବା ପରେ ଫୈଜାଲବାଦ ରାଜପଥର ସିଲ୍‌ଭର ଲେନ୍‌ସ୍ଥିତ ବାବୁ ବନାରସ ଦାସ ବିଶ୍ୱବିଦ୍ୟାଳୟ ସମ୍ମୁଖ ଭାଗରେ ଏହି ଟୁଙ୍ଗି ପ୍ରତିଷ୍ଠା କରାଯାଇଛି। ବିଶିଷ୍ଟ ସଂସ୍କୃତି ପ୍ରଚାରକ ମହେଶ ପ୍ରସାଦ ମିଶ୍ରଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଛି। ଏଥିରେ ମହେଶ ପାଣ୍ଡେ, ନବୀନ ଶୁକ୍ଳା, ପାୟଲ ମିଶ୍ର, ସୁଲୋଚନା ମିଶ୍ର, ଯୁବ ସଂଗଠକ ପ୍ରଶାନ୍ତ ତ୍ରିପାଠୀ ସମେତ ଅନେକ ପ୍ରବାସୀ ଓଡ଼ିଆ ଯୋଗଦେଇଥିଲେ। ଏହି ଅବସରରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଓ ଶ୍ରୀମଦ୍ ଭଗବତ ଗୀତା ମହେଶ ପ୍ରସାଦ ମିଶ୍ରଙ୍କୁ ଅର୍ପଣ କରାଯାଇଥିଲା। ସୂଚନାଥାଉ କି, ପୂର୍ବରୁ ହିମାଚଳ ପ୍ରଦେଶ, ଜାମ୍ମୁ, ପଞ୍ଜାବ, ଦିଲ୍ଲୀ, ହରିଆଣା, ରାଜସ୍ଥାନ, ଗୁଜରାଟ, ଛତିଶଗଡ଼ରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା ହୋଇଛି।

● ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

## ୧୧୯ ଅଭିଯୋଗରୁ ୮୧ ବ୍ୟକ୍ତିଗତ

ପୁରୀ,୪।୮ (ସମିସ): ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟରଞ୍ଜନ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ୍ ୧୧୯ଟି ଅଭିଯୋଗ ମିଳିଥିଲା। ସେଥିରୁ ୮୧ଟି ବ୍ୟକ୍ତିଗତ, ୩୦ଟି ଗ୍ରାମ ସମ୍ବନ୍ଧୀୟ ଓ ୮ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ୪ଜଣଙ୍କୁ ରେଡ୍‌କ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୯ ହଜାର ଟଙ୍କାର ଚିକିତ୍ସା ସହାୟତା ମଞ୍ଜୁର କରାଯାଇଥିଲା। ତତ୍‌କ୍ଷଣାତ୍ ୫ଟିର ସମାଧାନ କରାଯାଇ ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଡିଆଇବି ଅତିରିକ୍ତ ଏସ୍‌ପି ଦେବୀ ପ୍ରସାଦ ପ୍ରତାପ, ସିଡିଏମ୍‌ଓ ଡା. ଅକ୍ଷୟ ଶତପଥୀ, ଡିଏସ୍‌ପି ତାରା ଜସ୍ମିନ ଗୁରିଆ, ସଦର ବିଡିଓ ସମ୍ବିତ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଅଗଷ୍ଟ ୧୧ରେ ବ୍ରହ୍ମଗିରି ବ୍ଲକ୍ ସମ୍ମିଳନୀ କକ୍ଷରେ, ୧୮ରେ ସତ୍ୟବାଦୀ ବ୍ଲକ୍ ସମ୍ମିଳନୀ କକ୍ଷରେ ଓ ଅଗଷ୍ଟ ୨୫ରେ ଅସ୍ତରଙ୍ଗ ବ୍ଲକ୍ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟାରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ।

ଶ୍ରାବଣ ଶେଷ ସୋମବାର

## ଶ୍ରୀଲୋକନାଥଙ୍କୁ ଜଳଲାଗି କଲେ ୧୯,୬୦୦ କାଉଡ଼ିଆ

ପୁରୀ,୪।୮ (ସମିସ)



ଶ୍ରାବଣ ମାସ ଚତୁର୍ଥ ବା ଶେଷ ସୋମବାର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଜ୍ୟର ବିଭିନ୍ନ ନଦୀରୁ ଜଳ ଆଣି ୧୯,୬୦୦ କାଉଡ଼ିଆ ଶ୍ରୀଲୋକନାଥଙ୍କୁ ଜଳଲାଗି କରିଛନ୍ତି। ମନ୍ଦିର ଦ୍ୱାର ଫିଟାଯିବା ପରେ ଜଳଲାଗି ପାଇଁ କାଉଡ଼ିଆଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ବାବା ଲୋକନାଥଙ୍କ ଦର୍ଶନ ପରେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି।

ରବିବାରଠାରୁ ଶ୍ରୀକ୍ଷେତ୍ରକୁ ବୋଲ୍‌ବମ୍ ଭକ୍ତଙ୍କ ଆଗମନ ଜୋର୍ ଧରିଥିଲା। ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ଭକ୍ତମାନେ ବାଟମଙ୍ଗଳା, ଅଠରନଳା ଦେଇ ପୁରୀକୁ ପ୍ରବେଶ କରିଥିଲେ। ସେହିପରି ପୁରୀ ବାଇପାସ୍ ମଙ୍ଗଳାଘାଟ ଛକ ଦେଇ ଅନେକ କାଉଡ଼ିଆ ଲୋକନାଥ ପୀଠକୁ ଯାଇଥିଲେ। ସନ୍ଧ୍ୟା ପରଠାରୁ ବ୍ୟାରିକେଡ୍‌ରେ ଲାଇନ୍ ଲଗାଇଥିଲେ କାଉଡ଼ିଆ। ରାତି ୧୦ଟା ବେଳକୁ ହଜାର ହଜାର ସଂଖ୍ୟାରେ ବୋଲ୍‌ବମ୍ ଭକ୍ତ ଧାଡ଼ି ଲଗାଇ ଦେଇଥିଲେ। ଶୃଙ୍ଖଳିତ ଜଳଲାଗି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାତି ୧୨ଟା ୫ରେ ଦ୍ୱାର ଫିଟାଯାଇଥିଲା। ମଙ୍ଗଳଆଳତି ଓ ଅବକାଶ ପରେ ରାତି ୧୨ଟା ୩୦ରୁ ଜଳଲାଗି ଆରମ୍ଭ ହୋଇ ସୋମବାର ଅପରାହ୍ନ ପ୍ରାୟ ୨ଟା ପର୍ଯ୍ୟନ୍ତ ଜାରି ରହିଥିଲା। ବ୍ୟାରିକେଡ୍ ଦେଇ ପାର୍ବତୀ ସାଗର କଡ଼େ କଡ଼େ ଯାଇଥିଲେ। ରୋଷଘର ଦୁଆରମୁହଁରେ ପ୍ରବେଶ କରି ନାଟାମ୍ବର ମନ୍ଦିର ପଛପଟେ ଯାଇ ଲକ୍ଷ୍ମୀଙ୍କ ଦ୍ୱାରରେ ସ୍ଥାପିତ ପ୍ରଭୁ ଶ୍ରୀଲୋକନାଥଙ୍କ ଲିଙ୍ଗରେ ପାଣି ଢାଳିଥିଲେ। ଏହାପରେ ସିଂହଦ୍ୱାର ଦେଇ ବାହାରକୁ ବାହାରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୁଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା।

## ହୋଟେଲରେ ବରିଷ୍ଠ ସେବାୟତଙ୍କ ପୁଅର ଉନ୍ମତ୍ତକାଣ୍ଡ

ପୁରୀ,୪।୮ (ସମିସ): ସିଟି ରୋଡ୍‌ସ୍ଥିତ ଏକ ହୋଟେଲରେ ଜଣେ ଯୁବକ ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ହୋଟେଲର ନାଇଟ୍ ମ୍ୟାନେଜର ତ୍ରିଲୋଚନ ବାରିକ, ସୁରକ୍ଷା କର୍ମୀ ପ୍ରସନ୍ନ ମାଛୁଆଙ୍କ ସମେତ ଅନ୍ୟ ୪ ଜଣ କର୍ମଚାରୀଙ୍କୁ ସମ୍ପୃକ୍ତ ଯୁବକ ଆକ୍ରମଣ କରିଛନ୍ତି। ସବୁଠୁ ସାଂଘାତିକ ହେଉଛି ଜଣେ ବରିଷ୍ଠ ସେବାୟତଙ୍କ ବଡ଼ ପୁଅ ଏହି ଆକ୍ରମଣ କରିଥିବା ଗୁରୁତର ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଦୁଇ ଜଣ ଯୁବକ ରବିବାର ବିଳମ୍ବିତ ରାତିରେ ହୋଟେଲ ଭିତରେ ପଶି ଏହି ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ସମସ୍ତ ଘଟଣା

### ଥାନାକୁ ନେଇ ଛାଡ଼ିଦେଲା ପୁଲିସ

ହୋଟେଲ ସିସିଟିଭି କ୍ୟାମେରାରେ କଏଦ୍ ହୋଇଛି। ସମ୍ପୃକ୍ତ ଯୁବକଦ୍ୱୟ ପ୍ରାୟ ୨୦ ମିନିଟ୍ ଧରି ବିନା କାରଣରେ ହୋଟେଲ ନାଇଟ୍ ମ୍ୟାନେଜରଙ୍କ ସହ ପ୍ରତିବାଦ କରିଥିବା ଅନ୍ୟ ୪ କର୍ମଚାରୀଙ୍କୁ ମାଡ଼ ମାରିଥିବା ସମୁଦ୍ରକୂଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ତାଙ୍କୁ ଥାନାକୁ ନେଇ ଛାଡ଼ିଦେଇଛି। ଏହି ଘଟଣା ପରେ ହୋଟେଲ କର୍ମଚାରୀ ଓ ପର୍ଯ୍ୟଟକ ନିଜକୁ ଅସୁରକ୍ଷିତ ମନେ କରିଛନ୍ତି। ପୁରୀ ଏକ ପର୍ଯ୍ୟଟନ ସହର ହୋଇଥିବାବେଳେ ଅଧିକାଂଶ ପର୍ଯ୍ୟଟକ ହୋଟେଲରେ ହିଁ ଅବସ୍ଥାନ କରିଥା'ନ୍ତି। ଯଦି ହୋଟେଲ ଭିତରେ ପଶି ଦୁର୍ବୃତ୍ତ ଏଭଳି କାଣ୍ଡ କରିବେ ତେବେ ପର୍ଯ୍ୟଟନ ଶିଳ୍ପ ବିଶେଷ ଭାବେ ପ୍ରଭାବିତ ହେବ। କୌଣସି ପୂର୍ବ ଶତ୍ରୁତା ନ ଥାଇ ମଧ୍ୟ ସିଟି ରୋଡ୍‌ର ଏହି ହୋଟେଲରେ ଏଭଳି ଅଭାବନୀୟ ଘଟଣା ଘଟିଛି। ହେଲେ ଆଶ୍ଚର୍ଯ୍ୟର ବିଷୟ ସମୁଦ୍ରକୂଳ ଥାନା ପୁଲିସ ସମ୍ପୃକ୍ତ ଦୁଇ ଯୁବକଙ୍କୁ ଛାଡ଼ି ଦେଇଛି।

## ପ୍ରଭୁଶ୍ରୀ ଇଂଲିଶ ମିଡିୟମ ସ୍କୁଲ ଛାତ୍ରଙ୍କ ସଫଳତା

ପୁରୀ,୪।୮ (ସମିସ): ପୁରୀ ସଦର ବ୍ଲକ୍ ମାଳତୀପାଟପୁର ମାଳିବାଲିଆସ୍ଥିତ ପ୍ରଭୁଶ୍ରୀ ଇଂଲିଶ ମିଡିୟମ ସ୍କୁଲର ଦୁଇଜଣ ଛାତ୍ର ସଫଳତା ପାଇଛନ୍ତି। ଭାରତ ବୈଷୟିକ ଦକ୍ଷତା ବିକାଶ ପରିଷଦ ଦ୍ୱାରା ଆୟୋଜିତ ଆର୍ଯ୍ୟଭଟ୍ଟ ଜାତୀୟ ଗଣିତ ପ୍ରତିଯୋଗିତା-୨୦୨୫ରେ ବିଦ୍ୟାଳୟର ଛାତ୍ର ଅଭିଜ୍ଞାନ ପଟ୍ଟନାୟକ ସର୍ବଭାରତୀୟସ୍ତରରେ ୧୫୮ ର୍ୟାଙ୍କ ରଖିଛନ୍ତି। ଏହି ଜାତୀୟସ୍ତରୀୟ ପରୀକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ, ଯାହା ଛାତ୍ରଛାତ୍ରୀଙ୍କ ଗାଣିତ୍ୟିକ ଦକ୍ଷତା ଏବଂ ବିଶ୍ଳେଷଣାତ୍ମକ ଚିନ୍ତାଧାରାକୁ ପ୍ରତିପାଦିତ କରିଥାଏ। ସେହିପରି ଶିଶୁ ସମାଚାରର ଅଷ୍ଟାଦଶ ସ୍ୱନକ୍ଷତ୍ର ସମାରୋହ ଓ ଶିଶୁ ପ୍ରତିଭା ମହୋତ୍ସବ ଅବସରରେ ଆୟୋଜିତ ଚେସ୍ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଭାଗ ନେଇ ବିଦ୍ୟାଳୟର ଆଶୀର୍ବାଦ ସୁବୁଦ୍ଧି ଚତୁର୍ଥ ସ୍ଥାନ ଅଧିକାର କରି ତାଙ୍କ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ଆଶୀର୍ବାଦଙ୍କର ଚମତ୍କାର ପ୍ରଦର୍ଶନ ବିଦ୍ୟାଳୟ ପାଇଁ ଗୌରବ ଆଣିପାରିଛି।



## ପ୍ରତିଷ୍ଠା ଦିବସରେ ସିପିଏସ୍‌ରେ ରକ୍ତଦାନ ଶିବିର

ପୁରୀ,୪।୮ (ସମିସ): ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍(ସିପିଏସ୍)ରେ କଲେଜର ପୂର୍ବତନ ଚେୟାରମ୍ୟାନ୍ ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ୭୪ତମ ଜନ୍ମବାର୍ଷିକୀ ଏବଂ କଲେଜର ୩୯ତମ ପ୍ରତିଷ୍ଠା ଦିବସ ଅବସରରେ ସୋମବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ୬୧ ଜଣ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ରକ୍ତଦାନ କରିଥିଲେ। ପରେ ଆୟୋଜିତ ସଭାରେ ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ପୁଷ୍କର ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବଂଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିଚାରଣ କରିବା ସହିତ ସେ ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟନିଷ୍ଠ, ପରିଶ୍ରମୀ ଓ ଉଚ୍ଚକୋଟିର ମଣିଷ ଥିଲେ ବୋଲି କହିଥିଲେ। ସ୍ୱର୍ଗତ ମିଶ୍ର ପରିଶ୍ରମ ଦ୍ୱାରା କିପରି ସଫଳତାର ଶୀର୍ଷରେ ପହଞ୍ଚି ପାରିଥିଲେ ଏବଂ ପରିଶ୍ରମ ଦ୍ୱାରା କେହି ବି ନିଜର ସ୍ୱପ୍ନ ସାକାର କରିପାରିବ ବୋଲି ସେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ସମାଜସେବୀ ପ୍ରଦୀପ କୁମାର ମହାନ୍ତି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ପୁରୀ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡା. ଦୀପକ କୁମାର ସାହୁ ଓ କଲେଜ ଅଧ୍ୟକ୍ଷ ଡ. ମିଶ୍ର କହିଥିଲେ ଯେ ସ୍ୱର୍ଗତ ମିଶ୍ର ଏକାଧାରାରେ ସାହିତ୍ୟିକ, ସାମ୍ବାଦିକ, ଆଇନଜୀବୀ, ସମାଜସେବୀ, ସଂଗଠକ ଓ ଶିକ୍ଷାବିତ୍ ଥିଲେ। ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଧର୍ମ ଧର୍ମ ମଧ୍ୟରେ ଭେଦଭାବ ଭଳି କଦର୍ଯ୍ୟ ଚିନ୍ତାଧାରାକୁ ଦୂର କରିବାକୁ ସେ ବହୁତ ସ୍କୁଲ ଓ କଲେଜ ପ୍ରତିଷ୍ଠା କରିଥିଲେ। କଲେଜର ଚେୟାରପର୍ସନ ଅନିମା ଦାସ କଲେଜର ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଗତ ମିଶ୍ରଙ୍କ ପରି ଜଣେ କର୍ତ୍ତବ୍ୟନିଷ୍ଠ ଓ ପରୋପକାରୀ ବ୍ୟକ୍ତି ହୋଇ ସମସ୍ତଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। ରକ୍ତଦାନ ଶିବିର ଓ ସଭା କାର୍ଯ୍ୟକୁ ଅଧ୍ୟାପକ ଓ ଅଧ୍ୟାପିକା ସୁନୀତା ମିଶ୍ର, ଅସିତ୍ ଷଡ଼ଙ୍ଗୀ, ତୃପ୍ତି ରଞ୍ଜନ ପାଢ଼ୀ, ସଞ୍ଚୟିତା ମଣ୍ଡଳ ପରିଚାଳନା କରିଥିବାବେଳେ ଅନୁପ ପାତ୍ର, ବିଶ୍ୱଜିତ୍ ପାଇକରାୟ, ବିଦ୍ୟୁସ୍ମିତା ପ୍ରଧାନ ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପରିଚାଳନାରେ ସହାୟତା କରିଥିଲେ। ଅଧ୍ୟାପିକା ସଞ୍ଚୟିତା ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।



## ଝୁଲଣ କୁଞ୍ଜରେ ବିରାଜିଲେ ଠାକୁର



ବ୍ରହ୍ମଗିରି,୪।୮ (ସମିସ): ଶ୍ରାବଣ ମାସର ଦଶମୀ ଅର୍ଥାତ୍ ସୋମବାରଠାରୁ ଅଲାରନାଥଙ୍କ ମନ୍ଦିରରେ ଆରମ୍ଭ ହୋଇଛି ଝୁଲଣ ଯାତ୍ରା। ଏହି ଯାତ୍ରା ୫ ଦିନ ଧରି ଚାଲିବ ବୋଲି ସେବାୟତମାନେ କହିଛନ୍ତି। ଶରତ ରାସର ପୂର୍ବାଭାବ ଏହି ଝୁଲଣ ଯାତ୍ରା ହେଉଛି ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣଙ୍କ ବିଳାସମୟ ଦୋଳିଖେଳ। ଭଜନ କୀର୍ତ୍ତନରେ ଗୁଞ୍ଜରିତ ହୋଇଉଠୁଛି ଅଲାରନାଥଙ୍କ ପୀଠ। ଏଥିପାଇଁ ସନ୍ଧ୍ୟା ପୂର୍ବରୁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ହୋଇଥିଲା। ଏହି ଝୁଲଣ ଯାତ୍ରା ପାଇଁ ମନ୍ଦିର ପରିସର ଚଳଚଞ୍ଚଳ ହୋଇପଡ଼ିଛି। ଝୁଲଣ କୁଞ୍ଜ ପରିସରକୁ ଜମ୍ବୁରା ରଙ୍ଗିନ କାଗଜରେ ଆକର୍ଷଣୀୟ ସଜେଇ ଦିଆଯାଇଛି। ଏଥିସହ ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଛି କୁଞ୍ଜ ପରିସର। ଏହି ସୁସଜ୍ଜିତ କୁଞ୍ଜରେ ଗୋପୀମାନଙ୍କ ଗହଣରେ ରାଧା-କୃଷ୍ଣ ଦୋଳିରେ ଝୁଲୁଛନ୍ତି। ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ପ୍ରତ୍ୟହ ନିତ୍ୟ ଆଳତି ପରେ ଠାକୁରଙ୍କ ପାଇଁ ଝୁଲଣ ଆଳତି ଏବଂ ସ୍ୱତନ୍ତ୍ର ଭୋଗ ଲାଗି କରାଯାଏ। ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଝୁଲଣ ଯାତ୍ରା ଦେଖିବା ଲାଗି ଆସୁଥିବା ଦେଖିବାକୁ ମିଳିଛି।

## ସାକ୍ଷୀଗୋପାଳରେ ପାରମ୍ପରିକ ଝୁଲଣ ଯାତ୍ରା



ସୋମବାର ପବିତ୍ର ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ପରମ୍ପରା କ୍ରମେ ସାକ୍ଷୀଗୋପାଳ ମନ୍ଦିରରେ ଠାକୁରଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ରଙ୍ଗବେରଙ୍ଗ ଜରି ଜମ୍ବୁରା, କାଗଜ, ଶୋଲ, କଦମ୍ବ, ପଦ୍ମଫୁଲ, ସେବତୀ ଫୁଲହାର, ଝାଲର, କୃଷ୍ଣ, ବଳରାମ, ରୋହିଣୀ, ଯଶୋଦା, ଗୋପୀ-ଗୋପାଳ, ସଖୀମାନେ ଶୋଭାପାଉଛନ୍ତି। ଶୁଆ, ଶାରୀ, ବଣି, ପାରା, ବଗ, ମୟୁର ଝୁଲଣ କୁଞ୍ଜରେ ଶୋଭା ପାଉଛନ୍ତି। ଆକର୍ଷଣୀୟ ଆଲୋକମାଳାରେ ଝୁଲଣ କୁଞ୍ଜ ସହ ଝୂଲଣ ମଣ୍ଡପ ସଜ୍ଜିତ କରାଯାଇଛି। ଝୁଲଣ ମଣ୍ଡପ ସମ୍ମୁଖରେ ଭୀମ ଓ ଦୁଃଶାସନଙ୍କ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି। ଝୁଲଣ ସାଜସଜ୍ଜା ସହିତ ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ ପରିବେଷଣ ଆକର୍ଷିଣୀୟ ହୋଇଛି। ଠାକୁରଙ୍କ ଚଳନ୍ତି ପ୍ରତିମା ଶ୍ରୀଶ୍ରୀମଦନମୋହନ ଦେବ ଭିତର କୁଞ୍ଜରେ ବିଜେ କରିବା ପରେ ଠାକୁରଙ୍କୁ ଟାହିଆ ଲାଗି, ଯାତଭୋଗ, ଆଳତି ଅନୁଷ୍ଠିତ ହୋଇଥିଲା।





### ଶ୍ରାବଣ ଶ୍ରୀଲିଙ୍ଗରାଜ ପୀଠରେ କାଉଡ଼ିଆଙ୍କ ଭିଡ଼

# ଶେଷ ସୋମବାରରେ ୨୫ ହଜାର ଜଳଲାଗି

ଭୁବନେଶ୍ୱର, ୪।୮ (ସମିସ)

ଶ୍ରାବଣ ମାସର ଶେଷ ସୋମବାର। ରାଜ୍ୟର ସବୁ ଶୈବ ପୀଠରେ କାଉଡ଼ିଆଙ୍କ ପ୍ରବଳ ଭିଡ଼। ମହାଦେବଙ୍କୁ ଜଳଲାଗି କରିଛନ୍ତି ଶ୍ରଦ୍ଧାଳୁ। ସେହିକ୍ରମରେ ଶେଷ





**■ ହର ହର ମହାଦେବ ଧ୍ୱନୀରେ ପ୍ରକମ୍ପିତ ହେଲା ଏକାମ୍ରକ୍ଷେତ୍ର**

ସୋମବାର ଥିବାରୁ ପ୍ରଭୁ ଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଶେଷ ସୋମବାର ମୋଟ ୨୫ ହଜାର କାଉଡ଼ିଆ ଶ୍ରୀ ଲିଙ୍ଗରାଜଙ୍କ ପୀଠରେ ଜଳଲାଗି କରିଥିବା ଜଣାପଡ଼ିଛି। ଏଥିପାଇଁ ମନ୍ଦିର ପ୍ରଶାସନ ଓ ଏଏସ୍‌ଆଇ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ରବିବାର ରାତି ୩ଟାରେ ମନ୍ଦିର ପହଡ଼ ଖୋଲିବାପରେ ସାଢେ ୩ଟାରେ ଶ୍ରୀଲିଙ୍ଗରାଜଙ୍କ ମଙ୍ଗଳଆଳତି ଓ ଅବକାଶ ନୀତି ସମ୍ପାଦନ ପରେ ଭୋଗ ୪ଟାରେ ଶ୍ରଦ୍ଧାଳୁଙ୍କ ଲାଗି ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାରିକେଡ଼୍‌ର ବ୍ୟବସ୍ଥା କରାଯିବା ସହ ଏକ ସ୍ୱତନ୍ତ୍ର ଧାଡ଼ିରେ କାଉଡ଼ିଆମାନେ ଛିଡ଼ା ହୋଇ କିଭଳି ଶୃଙ୍ଖଳିତ ଭାବରେ ଜଳଲାଗି କରିବେ ସେଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଥିଲା। କାଉଡ଼ିଆ ଶ୍ରୀଲିଙ୍ଗରାଜଙ୍କ ନିକଟରେ ଜଳ ଲାଗି କରିବାକୁ ଗଙ୍ଗାଯମୁନା ମନ୍ଦିର ରାସ୍ତା ଦେଇ ଲିଙ୍ଗରାଜ ପ୍ଲାଜା ଭିତରେ ପଶି ସିଂହଦ୍ୱାର ପାଖରୁ ଆଡକାଠ ନିକଟକୁ ଯାଇଥିଲେ। ଗର୍ଭଗୃହ ମଧ୍ୟକୁ ପ୍ରବେଶ ନିଷେଧ ଥିବା ବେଳେ ଆଡ଼କାଠ ନିକଟରେ ରହିଥିବା ଲୋଧାରେ ପାଣି ଢାଳି ନିଜର ମାନସିକ ମନାସିଥିଲେ। କାଉଡ଼ିଆମାନେ ଜଳଲାଗି କରିବା ପରେ ଲିଙ୍ଗରାଜଙ୍କ ଦର୍ଶନ କରିଥିଲେ। ରାଜଧାନୀର ସମସ୍ତ ଶିବ ମନ୍ଦିରରେ ବଡ଼ି ଭୋରୁ ଭକ୍ତଙ୍କ ସମାଗମ ହୋଇଥିଲା। ଜଳଲାଗି ସରିବା ପରେ ଉତ୍ତରଦ୍ୱାର ଦେଇ ମନ୍ଦିର ବାହାରକୁ ପ୍ରସ୍ଥାନ କରିଥିଲେ ଶ୍ରଦ୍ଧାଳୁ। ଶ୍ରୀଲିଙ୍ଗରାଜ ମନ୍ଦିର ସହ ମେଘେଶ୍ୱର ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ତେବେ କାଉଡ଼ିଆଙ୍କ ପାଇଁ ମନ୍ଦିର ନିକଟରେ ଅସ୍ଥାୟୀ ରହଣିସ୍ଥଳର ବ୍ୟବସ୍ଥା ହୋଇଥିବା ବେଳେ ସହରର ରାସ୍ତାକଡ଼ରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଅନ୍ନଦାନ ସେବା ପ୍ରଦାନ କରାଯାଇଥିଲା।





ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଶ୍ରାଦ୍ଧ ଦିବସରେ ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି

## ଶ୍ରାଦ୍ଧଦିବସରେ ନନ୍ଦିନୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୪।୮ (ସମିସ): ଉତ୍କଳ ସମ୍ମିଳନୀ ପକ୍ଷରୁ ରାଜ୍ୟର ପ୍ରଥମ ଏବଂ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରପୁତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ଶାଖ ଉପଦେଷ୍ଟା ନିମାଇଁ ଚରଣ ଦାସ, ଶାଖା ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ବରପୁତ୍ରୀଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ପିଲାଦିନରୁ ୟୁନିଅନ ଜ୍ୟାକ ପତାକା ଓହ୍ଲାଇ ସାହାସିକତାର ପରିଚୟ ଦେଇଥିଲେ ନନ୍ଦିନୀ ଦେବୀ। ସେହିପରି ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସର୍ବ ପ୍ରଥମେ ଉତ୍କଳ ଦିବସ ସରକାରୀ ଭାବେ ପାଳିତ ହେବା ସହ ଭୂ-ସଂସ୍କାର ଓ ଯୌତୁକ ନିରୋଧ ଆଇନ୍ ପ୍ରଣୟନ କରି ସେ ଗ୍ରାମାଞ୍ଚଳରୁ ମହାଜନି କାରବାର ବନ୍ଦ କରିବାକୁ ମଧ୍ୟ ପଦକ୍ଷେପ ଗ୍ରହଣ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମିଳନୀର କର୍ମକର୍ତ୍ତା ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ସଦସ୍ୟ ଯୋଗଦେଇ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ସାମ୍ବାଦିକଙ୍କ ସୁରକ୍ଷା ଦାବିରେ ସ୍ମାରକପତ୍ର

ବାଲିପାଟଣା, ୪।୮ (ସମିସ): ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସରକାରଙ୍କ ଠାରେ ବାରମ୍ବାର ଦାବି କରାଗଲେ ମଧ୍ୟ ବିହିତ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଯେଉଁ ସାମ୍ବାଦିକମାନେ ନିର୍ଭୀକ ଭାବରେ ଖବର ପ୍ରସାରଣ ପାଇଁ ଚେଷ୍ଟା କରୁଛନ୍ତି, ସେମାନଙ୍କ ସ୍ୱରକୁ ନୀରବ କରିବାକୁ ଅସାମାଜିକ ବ୍ୟକ୍ତିମାନେ ପ୍ରୟାସ କରୁଛନ୍ତି। ନିକଟରେ ବାଣପୁର ଠାରେ ସାମ୍ବାଦିକ ଦିଲ୍ଲୀପ ସ୍ୱାଇଁଙ୍କ ଉପରେ ଆକ୍ରମଣକୁ ବାଲିପାଟଣା ପ୍ରେସ କ୍ଲବ ତରଫରୁ ଦୃଢ଼ ନିନ୍ଦା କରାଯିବା ସହିତ ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଗିରଫ ଦାବି କରି ବିଡିଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ଦେବୀ ପ୍ରସନ୍ନ ପଟ୍ଟନାୟକ ପାଇବେ ଗଙ୍ଗାଧର ମେହେର ସମ୍ମାନ

ଭୁବନେଶ୍ୱର, ୪।୮ (ସମିସ): ଗଙ୍ଗାଧର ମେହେର ଜୟନ୍ତୀ ପାଳନ ପାଇଁ ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର ମେହେର ଅଧ୍ୟକ୍ଷତା କରିଥିବା ବେଳେ ସର୍ବସମ୍ମତି କ୍ରମେ ଚଳିତ ବର୍ଷର ସମ୍ମାନ ଜନକ ଗଙ୍ଗାଧର ମେହେର ସମ୍ମାନ ବରିଷ୍ଠ ତଥା ଭାଷାବିତ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ। ସେହିଭଳି ଗଙ୍ଗାଧର ମେହେର ପ୍ରତିଭା ସମ୍ମାନ ଡ. ସୁଜିତ କୁମାର କୃଷେଠଙ୍କୁ ପ୍ରଦାନ କରାଯିବ। ଆସନ୍ତା ୯ ତାରିଖ ଦିନ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ। ଏହି ବୈଠକରେ ଗଙ୍ଗାଧର ମେହେର ସ୍ମୃତି କମିଟିର ସମ୍ପାଦକ ତଥା ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମାଙ୍କ ସହିତ ଗଙ୍ଗାଧର ମେହେର ପ୍ରତିଷ୍ଠାନ, ଉତ୍କଳ ସମ୍ମିଳନୀ, ପଶ୍ଚିମ ଓଡ଼ିଶା ଅଗ୍ରଣୀ ଅନୁଷ୍ଠାନ, ବରଗଡ଼ଅ ଭୁବନେଶ୍ୱର, ଭୁବନେଶ୍ୱର ମେହେର ଭୁଲିଆ ସମାଜ ଓ ଇଣ୍ଟରନ୍ୟାସନାଲ୍ ଥିଏଟର ପକ୍ଷରୁ ସୁଶାନ୍ତ କୁମାର ପ୍ରଧାନ, ଲୋକେଶ କୁମାର ଜଗତ, ଗାନ୍ଧୀ ଦୋରା ପ୍ରମୁଖ ଯୋଗ ଦେଇଥିଲେ।

## ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ଭୁବନେଶ୍ୱର, ୪।୮ (ସମିସ): ୱାର୍ଡ଼ ନମ୍ବର ୬୫ ଅନ୍ତର୍ଗତ ପାତ୍ରପଡ଼ା ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରାଙ୍ଗଣରେ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ସୁଢଳ ଚନ୍ଦ୍ର ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉଭୟ ପାତ୍ରପଡ଼ା, ଭଗବାନପୁର, ତମାଣ୍ଡୋ, କାଶିପୁର ଏବଂ ଆଖପାଖ ଗ୍ରାମର ଶତାଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଶିକ୍ଷକଙ୍କ ଫଟୋରେ ପୁଷ୍ପ ଅର୍ପଣ କରିଥିଲେ। ସ୍ୱର୍ଗତ ପଟ୍ଟନାୟକଙ୍କ ସହକର୍ମୀ ଜଗବନ୍ଧୁ ସାହୁ, ମିହିର କୁମାର ମେହେର, ଭକ୍ତ ଭୂଷଣ ପଟ୍ଟନାୟକ, ଭ୍ରମରବର ପାଲଟାସିଂହ, ପୂର୍ବତନ ଛାତ୍ର ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ସ୍ମୃତି ଚାରଣ କରିଥିଲେ। ନିକଟରେ ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପିଅନ ଦିବଂଗତ ବୃନ୍ଦାବନ ବେହେରାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର, ୪।୮ (ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମଞ୍ଚେଶ୍ୱର ଥାନା ଏନ୍‌ଏସ୍‌ଆଇସି ଅଫିସ୍ ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଅଭିଯୁକ୍ତମାନେ ତାଙ୍କୁ ଏକ ପଥରେ ଛେଚି ମୁଣ୍ଡ ଫଟାଇଦେଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଲକ୍ଷ୍ମୀ ନାରାୟଣ ବିଶ୍ୱାଳ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ସକାଳେ ଲକ୍ଷ୍ମୀ ନାରାୟଣ ଜଳଖିଆ ଖାଇବାକୁ ଏନ୍‌ଏସ୍‌ଆଇସି ଅଫିସ୍ ନିକଟକୁ ଯାଇଥିଲେ। ସେଠାରେ କିଛି ଯୁବକ ମଦ ପିଉଥିଲେ। ଲକ୍ଷ୍ମୀ ନାରାୟଣ ସେମାନଙ୍କୁ କିଛି କହି ନଥିଲେ। ହେଲେ ହଠାତ୍ ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହ ପଥରରେ ଛେଚି ମରଣାନ୍ତକ ଆକ୍ରମଣ କରିଥିଲେ।

## ସ୍ୱାଭିମାନ ଫାଉଣ୍ଡେସନ ପକ୍ଷରୁ ସ୍ୱାଭିମାନ ସମ୍ମାନ ପ୍ରଦାନ



ବାଲିଅନ୍ତା, ୪।୮ (ସମିସ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବାଲକାଟିସ୍ଥିତ ନିର୍ମାଣ ଏଜୁକେସନ ଟ୍ରଷ୍ଟ ଅଡିଟୋରିୟମରେ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ସ୍ୱାଭିମାନ ଫାଉଣ୍ଡେସନ୍ ଟ୍ରଷ୍ଟ ମୁଖ୍ୟ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ 'ସ୍ୱାଭିମାନ ସମ୍ମାନ ୨୦୨୫' ଓ ମା ପାଇଁ ଗଛଟିଏ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରଛାତ୍ରୀମାନେ ଆଗାମୀ ଭବିଷ୍ୟତ ନିଶାମୁକ୍ତ ଓ ସୁସ୍ଥ ସମାଜ ପାଇଁ କାର୍ଯ୍ୟ କରିବା ନେଇ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପରିବେଶବିତ୍ ଦୀନବନ୍ଧୁ ଭୋଇ ତାଙ୍କ ଅଭିଭାଷଣରେ ସମାଜରେ ସମାନତା, ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସମାନତା ସୃଷ୍ଟି ହେଲେ ରାଜ୍ୟ ଓ ଦେଶର ବିକାଶ ଘଟିବ। ଯୁବସମାଜ ସେବୀ ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଗୋ ସେବା ପାଇଁ କାର୍ଯ୍ୟରତ ଯୁବ ସମାଜସେବୀ ଦୀପକ ସ୍ୱାଇଁଙ୍କୁ ସ୍ୱାଭିମାନ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ଶେଷରେ ଯୁବ ସମାଜସେବୀ ଗୋପାଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଗାପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି

ବାଲିପାଟଣା, ୪।୮ (ସମିସ): କୁଶଭଦ୍ରା ସାଂସ୍କୃତିକ ପରିଷଦ, ବନମାଳୀପୁର ଆନୁକୂଲ୍ୟରେ ଗତ ୫୦ ବର୍ଷ ଧରି ମା ଦେବୀ ଦୁର୍ଗାଙ୍କର ଶାରଦୀୟ ପୂଜା ଉତ୍ସବ ସ୍ଥାୟୀ ପୂଜା ମଣ୍ଡପରେ ଆୟୋଜିତ ହୋଇ ଆସୁଛି। ଏଣୁ ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଲକ୍ଷ୍ମଣ କୁମାର ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ ଅବସରରେ ଏକ ସ୍ମରଣିକା ପ୍ରକାଶନ ସହିତ ସମାଜକୁ ଅବଦାନ ରହିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ମାଆଙ୍କ ବିଧିପୂର୍ବକ ପୂଜନ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜନ ହୋଇ ସମାଜରେ ଶାନ୍ତି, ସଦ୍ଭାବ, ସହଯୋଗୀ ମନୋବୃତ୍ତି ବୃଦ୍ଧି ପାଇବା ଭଳି ପରିବେଶ ସୃଷ୍ଟି କରାଯିବାକୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, ସହ ସମ୍ପାଦକ ପ୍ରତାପ କୁମାର ସାହୁ, କୋଷାଧ୍ୟକ୍ଷ ଶ୍ରୀକାନ୍ତ ସାହୁ, ରବୀନ୍ଦ୍ର ସେନାପତି, ମୂରଲୀଧର ସାହୁ, ଭକ୍ତ ଭୁଷଣ ମହାପାତ୍ର, କୃଷ୍ଣଚନ୍ଦ୍ର ସାହୁ, ଧୀରେନ୍ଦ୍ର ସାହୁ, ରଘୁନାଥ ଲେଙ୍କା ଉପସ୍ଥିତ ଥିଲେ।

## ଇନ୍‌ଷ୍ଟଲେସନ୍ ସାମାରୋହ ଓ ଥିମାଟିକ୍ ଟକ୍





ଭୁବନେଶ୍ୱର, ୪।୮ (ସମିସ): ରୋଟାରୀ କ୍ଲବ ଭୁବନେଶ୍ୱର କଳିଙ୍ଗା ଦ୍ୱାରା ଅନୁଷ୍ଠିତ ଇନ୍‌ଷ୍ଟଲେସନ୍ ସାମାରୋହ ଓ ଥିମାଟିକ୍ ଟକ୍। ଏହି ଅବସରରେ ଅତିଥି, ରୋଟାରିଆନ୍ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ନୂତନ ଅଧ୍ୟକ୍ଷ ଆଗାମୀ ବର୍ଷ ୨୦୨୪-୨୫ ପାଇଁ ସଭା ଆରମ୍ଭ କରିଥିଲେ। ଇନ୍‌ଷ୍ଟଲେସନ୍ ଚେୟାରମ୍ୟାନ୍ ଆଶୋକ କୁମାର ମହାପାତ୍ରଙ୍କ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ସେକ୍ରେଟାରୀ ଶିବ ନାରାୟଣ ମହାପାତ୍ର ଓ ସାରତ କୁମାର ଲେଙ୍କା ପୁରସ୍କାର ବିବରଣୀ କରିଥିଲେ। ଡ଼ା. ମନୋରଞ୍ଜନ ପୁଠାଲଙ୍କୁ ନୂତନ ଅଧ୍ୟକ୍ଷ ଭାବରେ ନିଯୁକ୍ତି ଦିଆଯାଇଥିଲା। ନୂତନ ସେକ୍ରେଟାରୀ ଡ଼ା. ଅଦର୍ଶ ରଥ, ବୋର୍ଡ ଅଫ୍ ଡାଇରେକ୍ଟର୍ସ ଓ ବିଭିନ୍ନ ଭର୍ଟିକାଲ୍ ମୁଖ୍ୟମାନେ ଉପସ୍ଥିତ ଥିଲେ। ଥିମାଟିକ୍ ଟକ୍ ଅବସରରେ ପ୍ରମୁଖ ବକ୍ତା ସ୍ୱାମୀ ସୁଧାନନ୍ଦଜୀଙ୍କ ଉପସ୍ଥିତି ଦେଖିବାକୁ ମିଳିଲା। ଡ଼ା. ସୁମନ ଦାସ, ପ୍ରମୁଖ ଅତିଥି ପ୍ରଫେସର ଡ଼ା. କୁମାରବର ଦାସ ଓ ରୋଟାରିଆନ୍ ମନିନ୍ଦ୍ର ପଣିଗାହୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସୁଭେନିର ବିମୋଚନ ହେଇଥିଲା।

## କଳ୍ପନା ୟୁପିଏଚସିକୁ ମିଳିଲା ଏନ୍‌କ୍ୟୁଏଏସ୍ ମାନ୍ୟତା

ଭୁବନେଶ୍ୱର, ୪।୮ (ସମିସ): ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚସି) କଳ୍ପନାକୁ ମିଳିଲା ଜାତୀୟ ଗୁଣବତ୍ତା ଆଶ୍ୱାସନା ମାନକ(ଏନ୍‌କ୍ୟୁଏଏସ୍) ସାର୍ଟିଫିକେଟ। ଚିକିତ୍ସା କ୍ଷେତ୍ରରେ ଉଚ୍ଚମାନର ଗୁଣବତ୍ତା ବଜାୟ ରଖିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବିଏମ୍‌ସି ଦ୍ୱାରା ପରିଚାଳିତ କଳ୍ପନାସ୍ଥିତ ୟୁପିଏଚସି ପାରାମିଟର ପରୀକ୍ଷାରେ ୯୭.୬୧ ପ୍ରତିଶତ ମାର୍କ ହାସଲ କରି ଏନ୍‌କ୍ୟୁଏଏସ୍ ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ସାର୍ଟିଫିକେଟ୍ ଜାରି ହେବା ପୂର୍ବରୁ ଏକ ଜାତୀୟ ମୂଲ୍ୟାଙ୍କନ ଦଳ ଜୁଲାଇ ୧୧ ଏବଂ ୧୨ରେ ମୂଲ୍ୟାଙ୍କନ ପାଇଁ ଏହି ୟୁପିଏଚ୍ କେନ୍ଦ୍ରକୁ ଯାଞ୍ଚ କରିଥିଲେ। ଜନସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସର୍ବୋଚ୍ଚ ମାନର ପାଳନ, ବିଶେଷ କରି ପ୍ରତିଷେଧକ ଏବଂ ଆରୋଗ୍ୟ ସେବା, ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ସେବା ପ୍ରଦାନ, ଉପକରଣ ଓ ଭିତ୍ତିଭୂମିର ରକ୍ଷଣାବେକ୍ଷଣ, ନିଦାନ ସେବା, ନବଜାତ ଏବଂ ଶିଶୁ ଯତ୍ନ, ଟୀକାକରଣ, କର୍ମଚାରୀଙ୍କ ପାଇଁ ସ୍ୱଚ୍ଛତା ଏବଂ ଆସେପ୍ସିସ୍, ବର୍ଜ୍ୟ ପରିଚାଳନା ଇତ୍ୟାଦି ପାଇଁ ଏହି ମାନ୍ୟତା ପାଇଛି। ଏପରି ସାର୍ଟିଫିକେସନ ଉପରେ ବିଚାର କରିବା ପାଇଁ ଆଉଟ୍ ରିଚ୍ କାର୍ଯ୍ୟକଳାପ ମଧ୍ୟ ଏକ ପ୍ରମୁଖ ସୂଚକ। ଭୁବନେଶ୍ୱର ସହରରେ ଏନ୍‌କ୍ୟୁଏଏସ୍ ସାର୍ଟିଫିକେଟ୍ ପାଇବାରେ ଏହା ହେଉଛି ଅଷ୍ଟମ ୟୁପିଏଚ୍‌ସି। ପୂର୍ବରୁ ଆଇଆରସି ଭିଲେଜ୍, ଘାଟିକିଆ, ପୋଖରୀପୁଟ, ୟୁନିଟ୍-୩, ସତ୍ୟନଗର, ନୀଳାଦ୍ରି ବିହାର ଏବଂ ୟୁନିଟ୍-୯ ଏହି ମାନ୍ୟତା ପାଇ ହାସଲ କରିଛନ୍ତି। ଜଣେ ରୋଗୀ ପାଇଥିବା ଯତ୍ନର ଗୁଣବତ୍ତା କେବଳ ତାଙ୍କ ସ୍ୱାସ୍ଥ୍ୟ ଫଳାଫଳ ଉପରେ ନିର୍ଭର କରେ ନାହିଁ-ଏହା ସାମଗ୍ରିକ ଅଭିଜ୍ଞତା ଉପରେ ନିର୍ଭର କରେ। ସୁରକ୍ଷା, ପ୍ରଭାବଶୀଳତା, ରୋଗୀ-କୈନ୍ଦ୍ରିକତା, ସମୟାନୁବର୍ତ୍ତୀତା, ଦକ୍ଷତା ଏବଂ ସମାନତା ଉପରେ ଧ୍ୟାନ ଦେଇ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ସମ୍ବନ୍ଧୀୟ ଛଅଟି କ୍ଷେତ୍ର ଏକ ସୁବ୍ୟବସ୍ଥିତ ଆଭିମୁଖ୍ୟ ଗ୍ରହଣ କରିଥାଏ। ସାର୍ଟିଫିକେସନ୍ ପାଇଁ ଯୋଗ୍ୟତା ହାସଲ କରିବାକୁ ପରୀକ୍ଷାରେ ସର୍ବନିମ୍ନ ୭୦ଧ ମାର୍କ ଆବଶ୍ୟକ ଏବଂ ଥରେ ସାର୍ଟିଫିକେଟ୍ ହେବା ପରେ ୟୁନିଟ୍ ଏହାକୁ ଭବିଷ୍ୟତ ପାଇଁ ଜାରି ରଖିବା ଆବଶ୍ୟକ ବୋଲି ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୀଳମଣି ସେନାପତି କହିଛନ୍ତି। ଆମେ ଭୁବନେଶ୍ୱରର ଏହିପରି ଅଧିକ ୟୁନିଟକୁ ଏହି ମାନଦଣ୍ଡରେ ଅନ୍ତର୍ଭୁକ୍ତ କରିବୁ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମର ମେୟର ଓ କମିସନରଙ୍କ ସକ୍ରିୟ ସହଯୋଗକୁ ଧନ୍ୟବାଦ ଜଣାଉଛୁ ବୋଲି' ବୋଲି ସେ କହିଛନ୍ତି।

## ଏମ୍‌ସରେ ଐତିହାସିକ ୟୁରୋସ୍କୋପିଆ ୨୦୨୫

ଭୁବନେଶ୍ୱର, ୪।୮ (ସମିସ): ଏମ୍‌ସ ଭୁବନେଶ୍ୱରରେ ଉନ୍ନତ ଲାପାରୋସ୍କୋପିକ୍ ଏବଂ ରେଟ୍ରୋପେରିଟୋନୋସ୍କୋପିକ୍ ୟୁରୋଲୋଜିକାଲ ସର୍ଜରୀ ଉପରେ ଜାତୀୟ ଅସ୍ତ୍ରୋପଚାର କର୍ମଶାଳା ୟୁରୋସ୍କୋପିଆ ୨୦୨୫ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ପୂର୍ବ ଭାରତରେ ପ୍ରଥମ ଥର ପାଇଁ ପ୍ରଚଳିତ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଟୁବିଙ୍ଗେନ୍ ମଡେଲ୍ ବ୍ୟବହାର ମାଧ୍ୟମରେ ବିଶେଷଜ୍ଞମାନେ ଲାଇଭ୍ ଏବଂ ସେମି-ଲାଇଭ୍ ଅସ୍ତ୍ରୋପଚାର ସହିତ ତାଲିମକୁ ମିଶ୍ରଣ କରାଯାଇଥିଲା। ତିନି ଦିନିଆ କାର୍ଯ୍ୟକ୍ରମରେ ଆଡରେନାଲ୍ ଟ୍ୟୁମର, ବୃକକ୍ ଏବଂ ପ୍ରୋଷ୍ଟେଟ୍ କର୍କଟ ପାଇଁ ସର୍ବନିମ୍ନ ଅସ୍ତ୍ର?ପଚାର ପ୍ରକ୍ରିୟା ମାଧ୍ୟମରେ ରୋଗୀକୁ ଅଧିକ ଲାଭ ମିଳିବା ଉପରେ ଧ୍ୟାନ ଦିଆଯାଇଥିଲା। ଏହି ସୃଜନାତ୍ମକ କର୍ମଶାଳାରେ ଉପସ୍ଥିତ ବିଶେଷଜ୍ଞମାନେ ଅତ୍ୟାଧୁନିକ ଶଲ୍ୟଚିକିତ୍ସା କୌଶଳଗୁଡ଼ିକ ଶୀଘ୍ର ଆରୋଗ୍ୟ ଏବଂ ଉନ୍ନତ କ୍ଲିନିକାଲ୍ ଫଳାଫଳ ଆଣିଦେଉଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ଜାତୀୟ ପ୍ରାସଙ୍ଗିକତାର ଏକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଆୟୋଜକ ଦଳକୁ ପ୍ରଶଂସା କରିଥିଲେ। ଆୟୋଜନ କମିଟି ଅଧ୍ୟକ୍ଷ





ତଥା ଏମ୍‌ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ ନାୟକ ଓ ଡ. ସୁବୋଧ ଦାସ ପ୍ରତିନିଧିମାନଙ୍କୁ ସେମାନଙ୍କର ଉତ୍ସାହୀ ଅଂଶଗ୍ରହଣ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ସଂଗଠନ ସମ୍ପାଦକ ଡ. ମନୋଜ ଦାସ ପରବର୍ତ୍ତୀ ପିଢ଼ିର ଦକ୍ଷ ୟୁରୋଲୋଜିଷ୍ଟଙ୍କୁ ଉତ୍ସାହିତ କରିବା ପାଇଁ ବିଭାଗର ପ୍ରତିବଦ୍ଧତାକୁ ପ୍ରତିପାଦିତ କରିଥିଲେ।

# ପଢ଼ାଖର୍ଚ୍ଚ ତୁଲାଇବା ପାଇଁ ରାକ୍ଷୀ ତିଆରି କରୁଛନ୍ତି ପଥପ୍ରାନ୍ତ ପିଲା

ଭୁବନେଶ୍ୱର, ୪।୮ (ସମିସ): ପରିବେଶ ସୁରକ୍ଷା ମଙ୍ଗ ଧରିଛନ୍ତି ବସ୍ତିରେ ରହୁଥିବା ଛାତ୍ରଛାତ୍ରୀମାନେ। ଦିନକୁ ଦିନ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ବଢୁଥିବା ବେଳେ ଆମର ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ବିଭିନ୍ନ ଜିନିଷରେ ସିଧାସଳଖ ପ୍ଲାଷ୍ଟିକ୍‌ର ଅନ୍ତର୍ଭୁକ୍ତୀକରଣ ରହିଛି। ଯାହାକି ପ୍ରତ୍ୟେକ୍ଷ ହେଉ ଅବା ପରୋକ୍ଷ ଭାବେ ପରିବେଶ ଉପରେ ପ୍ରଭାବ ପକାଉଛି। ଏଥିରୁ ନିବୃତ ରହିବାକୁ ନିଆରା ପ୍ରୟାସ କରିଛନ୍ତି ରାଜଧାନୀର ବସ୍ତିରେ ରହୁଥିବା ଛାତ୍ରଛାତ୍ରୀମାନେ। ଆଗକୁ ରାକ୍ଷୀ ପୂର୍ଣ୍ଣିମା ଆସୁଥିବା ବେଳେ ପରିବେଶ ଅନୁକୂଳ ରାକ୍ଷୀ ତିଆରି କରି ସମାଜକୁ ସଚେତନତାର ବଳିଷ୍ଠ ବାର୍ତ୍ତା ପ୍ରଦାନ କରିଛନ୍ତି। ଗୋଟେପଟେ ଭାଇ ହାତରେ ରାକ୍ଷୀ ବାନ୍ଧିବାକୁ ଭଉଣୀମାନେ ବଜାରରେ ଭଲି ମନ ପସନ୍ଦର ରାକ୍ଷୀ କିଣୁଥିବା ବେଳେ ସେହି ବୟସର ପିଲାମାନେ ନିଜ ପଢ଼ାଖର୍ଚ୍ଚ ତୁଲାଇବାକୁ ଇକୋଫ୍ରେଣ୍ଡଲି ରାକ୍ଷୀ ତିଆରି କରି ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଆପାର୍ଟମେଣ୍ଟରେ ଷ୍ଟଲ ମାଧ୍ୟମରେ ବିକ୍ରି କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ସ୍କୁଲରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀରେ ପାଠ ପଢୁଥିବା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ରାକ୍ଷୀ ତିଆରି କରୁଛନ୍ତି। ଇୟରବଡସ୍, ଦିଆସିଲି କାଠି, ଧୂପକାଠି, ଆଇସକ୍ରିମ୍ ସାଙ୍ଗକୁ କର୍ଣ୍ଣଫ୍ଲୋରରେ ପ୍ରସ୍ତୁତ କ୍ଲେ ରେ ନିର୍ମିତ ଏହି ରାକ୍ଷୀ କୌଣସି ଫ୍ୟାଶନ୍ ଡିଜାଇନ୍ ଠାରୁ କମ୍ ନୁହେଁ। ନିଜ ପଢ଼ାଖର୍ଚ୍ଚ ତୁଲାଇବାକୁ ବିଭିନ୍ନ





ପର୍ବପର୍ବାଣୀରେ ଆବଶ୍ୟକୀୟ ଉପକରଣ ତିଆରି କରି କେବଳ ନିଜର ସ୍ୱାଭିମାନର ପରିଚୟ ଦେଇନାହାନ୍ତି ବରଂ ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି ବସ୍ତିର ଏହି ପଥପ୍ରାନ୍ତ ଶିଶୁମାନେ। ରାକ୍ଷୀ ପୂର୍ଣ୍ଣିମରୁ ବ୍ୟବସାୟମାନଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗିତା। ହେଲେ ଏହି ପ୍ରତିଯୋଗିତାଠାରୁ ଦୂରରେ ରହି ବିଭିନ୍ନ ଅଦରକାରୀ ସାମଗ୍ରୀକୁ ନୂଆ ରୂପ ଦେଇ ପରିବେଶ ଅନୁକୂଳ ରାକ୍ଷୀ ପ୍ରସ୍ତୁତ କରୁଛନ୍ତି ବସ୍ତିର ଏହି କୁନି କୁନି ଛାତ୍ରଛାତ୍ରୀମାନେ। ପ୍ରତିଦିନ ସ୍କୁଲରୁ ଫେରିବା ପରେ ଖେଳକୁଦ କରିବା ବଦଳରେ ରାକ୍ଷୀ ପ୍ରସ୍ତୁତିରେ ଲାଗିପଡ଼ନ୍ତି। ପରିବାରର ବୋଝ ନହୋଇ କିଭଳି ନିଜେ ନିଜର ଖର୍ଚ୍ଚ ବହନ କରିବେ ସେଥିପାଇଁ ଏଭଳି ନିଆରା ଉଦ୍ୟମ କରିଛନ୍ତି। ଏମାନଙ୍କୁ ସୁରକ୍ଷା, ଶିକ୍ଷା ଓ ସ୍ୱାଭିମାନର ସହ ବଞ୍ଚିବା ସହ ମୁଖ୍ୟସ୍ରୋତରେ ସାମିଲ କରିବାକୁ ସାମାଜିକ ଅନୁଷ୍ଠାନ ଆଶାଏଁ ପକ୍ଷରୁ ପ୍ରାୟ ୧୧ବର୍ଷ ହେବ ରାଜଧାନୀର ୫ଟି ସ୍ଥାନ ଯଥା ବୁଦ୍ଧନଗର, ମସଜିଦ୍ କଲୋନୀ, ନୀଳପଡ଼ିଆ, ମଣ୍ଡପ ବସ୍ତି, ଡମଣା ଆଦି ବସ୍ତିରେ ବିଦ୍ୟାଳୟ ବା କମ୍ୟୁନିଟି ଲର୍ଣ୍ଣିଂ କେନ୍ଦ୍ର 'ଆମ ପାଠଶାଳା' ରେ ଶିକ୍ଷା ସମେତ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସେହିକ୍ରମରେ ଚଳିତ ବର୍ଷ ରାକ୍ଷୀ ପୂର୍ଣ୍ଣମୀ ଅବସରରେ ସଂଗଠନର ସ୍ୱେଚ୍ଛାସେବୀମାନେ ବିଭିନ୍ନ ବର୍ଯ୍ୟବସ୍ତୁରେ ରାକ୍ଷୀ ପ୍ରସ୍ତୁତି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ରାକ୍ଷୀ ଗୁଡ଼ିକ ପରିବେଶ ଅନୁକୂଳ ହୋଇଥିବାରୁ ବଡ଼ବଡ଼ିଆ ଲୋକ ମଧ୍ୟ ଏହି ରାକ୍ଷୀ କିଣିବାକୁ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଏହି ରାକ୍ଷୀ ଗୁଡ଼ିକ ବିଭିନ୍ନ ହାଉସିଂ କଲୋନୀ, ଶିକ୍ଷାନୁଷ୍ଠାନ ପରିସରରେ ଷ୍ଟଲ ମାଧ୍ୟରେ ବିକ୍ରି କରୁଛନ୍ତି। ଏହି ରାକ୍ଷୀର ଦାମ୍ ୫୦ଟଙ୍କାରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ଏଥିରୁ ମିଳୁଥିବା ଲାଭ ଟଙ୍କା ନିଜ ପାଠପଢ଼ା ଖର୍ଚ୍ଚ ବହନ କରିବା ପାଇଁ ପିଲାମାନେ ସଞ୍ଚୟକରୁଥିବା ଆଶାଏଁର ମୁଖ୍ୟ ରତ୍ନାକର ସାହୁ କହିଛନ୍ତି।

# ଭୁବନେଶ୍ୱର ସିଟି



## ଗଠନ ହୋଇପାରୁନି ହସ୍ତତନ୍ତ, ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ

# ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ଶିଳ୍ପୀ ମହାସଂଘ

ଭୁବନେଶ୍ୱର, ୪।୮ (ସମିସ)



ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡ଼ିଶା ହସ୍ତତନ୍ତ, ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ କାର୍ଯ୍ୟକାରୀ କରିବାକୁ ଦାବିରେ ଆନ୍ଦୋଳନ ଚେତାବନୀ ଦେଇଛି ଓଡ଼ିଶା ଶିଳ୍ପୀ ମହାସଂଘ। ରାଜ୍ୟ ସରକାର ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ମଧ୍ୟ ଗଠନ କରୁନାହାନ୍ତି। ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବାବେଳେ ବୋର୍ଡ ଗଠନ ହୋଇ ନ ଥିବାରୁ ପରିଷଦ ବର୍ଷେ ହେବ ନିଷ୍କ୍ରିୟ ହୋଇ ପଡ଼ିରହିଛି।

**■ କାର୍ଯ୍ୟକାରୀ ହେଉନି ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା**

ସୂଚନା ଅନୁଯାୟୀ, ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫ଶହରୁ ପାଖାପାଖି ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ହେଲେ ପରିତାପର ବିଷୟ ଏଯାଏଁ ଜଣେ ହେଲେବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ଯୋଜନାରେ କିନ୍ତୁ କଳାକାରଙ୍କ ଭଳି ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି। ନୂଆ ସରକାରକୁ ବର୍ଷେ ପୁରି ସାରିଥିଲେ ବି ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟୁ ସାଜିଛି। ଓଡ଼ିଶା ଶିଳ୍ପୀ ମହାସଂଘର ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି। ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ ଆସନ୍ତା ଅଗଷ୍ଟ ୬ ତାରିଖରୁ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡ଼ିଶା ଶିଳ୍ପୀ ମହାସଂଘ ନିଷ୍ପତ୍ତି ନେଇଛି। ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଓ ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବ। ଗତ ୨୭ ତାରିଖରେ ଭୁବନେଶ୍ୱରସ୍ଥିତ ସୁଦର୍ଶନ କ୍ରାଫ୍ଟ ଭିଲେଜ ପରିସରରେ ଆୟୋଜିତ ମହାସଂଘର ରାଜ୍ୟ କାର୍ଯ୍ୟକାରୀ ସମିତି ବୈଠକର ଏହି ନିଷ୍ପତି ନିଆଯାଇଛି। ପୂର୍ବ ସରକାର ସମୟରୁ ଲାଗୁ କରାଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ, ଯୋଗ୍ୟ ଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା ଏବଂ ମାସିକ ସହାୟତା ରାଶିକୁ ଦୁଇ ହଜାରରୁ ବୃଦ୍ଧି କରି ୫ ହଜାର କରିବା, ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ଗଠନ ପୂର୍ବକ ଏହାକୁ ସକ୍ରିୟ କରାଇବା ହିଁ ସଂଘର ମୁଖ୍ୟ ଦାବି ରହିଛି।

**● ଗାଡ଼କଣରେ ବିଏମ୍‌ସିର ଅଳିଆଗଦା ପ୍ରସଙ୍ଗ**

# ଏକ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୪।୮(ସମିସ): ଭୁବନେଶ୍ୱର ସୈନିକ ସ୍କୁଲ ପ୍ରାଚୀର ଦକ୍ଷିଣ ପାର୍ଶ୍ୱରେ ଥିବା ଗାଡ଼କଣ ଠାରେ ବିଏମସି (ଭୁବନେଶ୍ୱର ମହାନଗର ନିଗମ) ପକ୍ଷରୁ ବେଆଇନ ଭାବେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି)ର ଅନୁମତି ନ ଥାଇ ଅଳିଆଗଦା ବା ଡମ୍ପୟାର୍ଡ ଚାଲି ଆସୁଥିବା ଅଭିଯୋଗରେ ରୁଜୁ ମାମଲାର ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାର ଶୁଣାଣି କରି ଭୁବନେଶ୍ୱର ମହାନଗର ନିଗମ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆସନ୍ତା ଏକ ସପ୍ତାହ ଭିତରେ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଭୁବନେଶ୍ୱର ଉନ୍ନୟନ ପରିଷଦ ତରଫରୁ ଏହାର ସଭାପତି ବାସୁଦେବ ଭଟ୍ଟ ଦ୍ୱାରା ଆଗତ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ଅଗଷ୍ଟ ୧୮ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ। ମାମଲାର ଶୁଣାଣି ବେଳେ ପ୍ରତିପକ୍ଷ ବିଏମସି ପକ୍ଷରୁ ଆଇନଜୀବୀ ମନୋଜ ମିଶ୍ର ଉପସ୍ଥିତ ରହି ଉପରୋକ୍ତ ସ୍ଥାନରେ କୌଣସି ମାଟି ସମତୁଲ କାମ ହେଉ ନ ଥିବା ଦର୍ଶାଇଥିଲେ ଯାହା ଆବେଦନରେ ଅଭିଯୋଗ କରାଯାଇଥିଲା। ସେହିଭଳି ଏଠାରେ ଏକ ପ୍ରକ୍ରିୟାକରଣ କେନ୍ଦ୍ର କାର୍ଯ୍ୟ କରୁଥିବା ନେଇ ସେ ଦର୍ଶାଇଥିଲେ। ଏହି ଅଳିଆଗଦା ଯୋଗୁଁ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ହେବା ସହିତ ଓ ଏହାର ଆଖପାଖରେ ରହୁଥିବା ବାସିନ୍ଦାମାନଙ୍କର ସ୍ୱାସ୍ଥ୍ୟପ୍ରତି ଘୋର ବିପଦ ସୃଷ୍ଟି ହେଇଛି। ବାରମ୍ବାର ଆନ୍ଦୋଳନ ଓ ଦାବିପତ୍ରକୁ ଉଭୟ ପୌର କର୍ତ୍ତୃପକ୍ଷ ଓ ସରକାର ଅଣଦେଖା କରିଛନ୍ତି। ସରକାର ଅସ୍ଥାୟୀ ଆବର୍ଜନା ପରିଚାଳନା କେନ୍ଦ୍ର ନାମ ଦେଇ ବିଭିନ୍ନ ନିୟମ ଉଲଘଂନ କରିଥିବା ଅଭିଯୋଗ ହୋଇଛି। ଏହି ଅଳିଆଗଦା ବନ୍ଦ ହେଲେ ସୈନିକ ସ୍କୁଲ, ଉତ୍କଳ ବିଶ୍ୱବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନ ଓ କଲୋନୀରେ ଛାତ୍ରଛାତ୍ରୀ ଓ ଲୋକମାନେ ଆଶ୍ୱସ୍ତି ଲାଭ କରିବେ ବୋଲି ଦର୍ଶାଯାଇଛି।

**ବିଏମ୍‌ସି ଓ ଓଏସ୍‌ପିସିବି ଦେବେ ସତ୍ୟପାଠ**

## ଡେଲିଭରି ବୟ-୨ର ଅଡିଓ ରିଲିଜ୍




ଭୁବନେଶ୍ୱର, ୪।୮ (ସମିସ): ଓଡ଼ିଆ ଫିଲ 'ଡେଲିଭରି ବୟ' ର ସଫଳତା ପରେ 'ଡେଲିଭରି ବୟ-୨' ନେଇ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ସୋମବାର ଡେଲିଭରି ବୟ-୨ ର ଅଡିଓ ରିଲିଜ୍ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଯୋଜକ ଜ୍ୟୋତିରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ଅଶ୍ୱିନ ତ୍ରିପାଠୀ, ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ଅସୀମା ପଣ୍ଡା, ଚିରାଗଦୀପ, ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି, ଶ୍ରୀତମ ଦାସ, ଭୂପିନ୍ଦର ସିଂହ, ଶୈଳେନ୍ଦ୍ର ସାମନ୍ତରାୟ, ସୁଶାନ୍ତ ଦାଶ ମହାପାତ୍ର, ଅଭିନେତ୍ରୀ ଅର୍ଚ୍ଚିତା, ଭୂମିକା ଦାଶ, ପ୍ରିୟମ୍ବଦା ପ୍ରମୁଖ ଯୋଗଦେଇଥିଲେ। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜକ ଓ କାହାଣୀ ଲେଖିଛନ୍ତି ଜେଆରଏମ୍। ସେହିପରି ସିନେମାରେ ମୁଖ୍ୟ ଭୂମିକାରେ ଅର୍ଚ୍ଚିତା, ଶୈଳେନ୍ଦ୍ର ସାମନ୍ତରାୟ, ବୁଦ୍ଧାଦିତ୍ୟ ମହାନ୍ତି, ରହିଥିବା ବେଳେ ପ୍ରିୟମ୍ବଦା, ଶ୍ରୀତମ ଦାସ, ଭୁପିନ୍ଦର, ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଡ. ନିର୍ମଳ ନାୟକ ଓ ଅରୁଣ ମନ୍ତ୍ରୀଙ୍କ ଗୀତଗୁଡିକୁ ସଙ୍ଗୀତରେ ସଜାଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ ଓ କଣ୍ଠ ଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଅନନ୍ୟା ଶ୍ରୀତମ ନନ୍ଦ, ଅନ୍ତରା ଓ ମଣ୍ଟୁ ଛୁରିଆ। ନୂଆ ଓ ଭିନ୍ନ କାହାଣୀ ସହିତ ଦର୍ଶକଙ୍କୁ ବାନ୍ଧି ରଖିବାରେ ଫିଲ୍ମ ଟି ସଫଳ ହେବ ବୋଲି କ୍ରିଏଟିଭ ହେଡ ପ୍ରଣୟ ଜେଠୀ କହିଛନ୍ତି।

## ୬ରୁ ଶ୍ରମ କାର୍ଯ୍ୟାଳୟ ଆଗରେ ଧାରଣା

ଭୁବନେଶ୍ୱର, ୪।୮ (ସମିସ): ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କିତ ଅଭିଯୋଗ ରାଜ୍ୟର ଅନେକ ଶ୍ରମ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି ପଡ଼ିରହିଥିଲେ ବି ସମସ୍ୟାର ସମାଧାନ ହୋଇ ପାରୁନାହିଁ। ଗତ ଗତ ଜୁଲାଇ୨୨ତାରିଖରେ ଶ୍ରମ କମିଶନରଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଯାଇଥିଲେ ବି ଆଜି ପର୍ଯ୍ୟନ୍ତ ସମାଧାନର କୌଣସି ରାସ୍ତା ବାହାରିଲା ନାହିଁ। ତେଣୁ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଅଗଷ୍ଟ ୬ ତାରିଖରେ ରାଜ୍ୟ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିଏମ୍‌ଏସ୍ ଅନିର୍ଦ୍ଦିଷ୍ଟ କାଳ ଧାରଣା ପ୍ରଦର୍ଶନ କରିବ ବୋଲି ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଶାନ୍ତନୁ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ଆସନ୍ତା ଅଗଷ୍ଟ ୬ ତାରିଖରେ ରାଜ୍ୟ ଦାବୀ ଗୁଡିକ ମଧ୍ୟରେ, ପ୍ରାୟ ବର୍ଷେରୁ ଊର୍ଦ୍ଧ୍ୱ ହେବ ଅଲ୍ ଓଡ଼ିଶା ହସ୍ପିଟାଲସ କର୍ମଚାରୀ ସଂଘ ପଞ୍ଜିକରଣ ପାଇଁ ଆବେଦନ କରିଥିଲେ ବି ଏଯାଏ ପଞ୍ଜିକରଣ ହୋଇପାରିଲା ନାହିଁ, କେନ୍ଦୁଝର ଜିଲ୍ଲାରେ ଥିବା ଏସାର ମାଇନିଙ୍ଗ୍ ରେ ଆଦିବାସୀ ମହିଳା ଶ୍ରମିକମାନଙ୍କୁ ଛଟେଇ କରିବା ଏବଂ ଶ୍ରମିକ ମାନଙ୍କର ନାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାନଯିବା, ଏମଏସପି ସ୍ପଞ୍ଜ ଆଇରନରେ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତା ମାନଙ୍କୁ ବେଆଇନ ଭାବରେ ବହିଷ୍କାର କରିବା ସହ କୁସୁମ ପାୱାରରେ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ସହ ପ୍ରଦାନ କରିବା, କଟକ ବିକେ ଷ୍ଟିଲ୍ ରେ ପୂର୍ବ ଶ୍ରମିକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବା ପାଇଁ ଏକ ଚୁକ୍ତିନାମା ସଂଗଠନ ସହ ହୋଇଥିଲା। ହେଲେ ଏହା ଆଜିପର୍ଯ୍ୟନ୍ତ ବାସ୍ତବ ରୂପ ନେଇପାରିଲା ନାହିଁ। ତେଣୁ ଆସନ୍ତା ୬ତାରିଖରେ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣାରେ ବସିବାକୁ ସଂଘ ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ମଜଦୁର ସଂଘର ଜିଲ୍ଲା ଓ ରାଜ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ଆନ୍ଦୋଳନ



ଭୁବନେଶ୍ୱର, ୪।୮ (ସମିସ): ୟୁନିଟ-୧ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ବଡପଣ୍ଡାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ମାମଲା କରାଯାଇଥିବା ଅଭିଯୋଗ କରି ଧାରଣା ଦେଇଛନ୍ତି ଛାତ୍ରୀ। ସେମାନଙ୍କ ପ୍ରଧାନ ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ସୋମବାର ସକାଳ ୯ ଟାରୁ ମଧ୍ୟାହ୍ନ ଯାଏଁ ଆନ୍ଦୋଳନ କରିଥିଲେ। ଘଠଣା ସମ୍ପର୍କରେ ସୂଚନା ପାଇବା ପରେ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ବ୍ରହ୍ମାନନ୍ଦ ରାଉତ ବିଦ୍ୟାଳୟରେ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଦେହ ଅସୁସ୍ଥ କାରଣରୁ ଶିକ୍ଷକ ବିଦ୍ୟାଳୟକୁ ଆସୁ ନଥିବା କହିବା ସହ ଭଲ ହେଲେ ବିଦ୍ୟାଳୟକୁ ଆସି ଶିକ୍ଷାଦାନ କରିବେ ବୋଲି ଛାତ୍ରୀଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନରୁ ଓହରିଛନ୍ତି। ସୂଚନାଯୋଗ୍ୟ, ବିଦ୍ୟାଳୟର ପ୍ରାଧାନ ଶିକ୍ଷକ ଶ୍ରୀ ବଡପଣ୍ଡାଙ୍କ ବିରୋଧରେ ଗତ ଜୁଲାଇ ୧୯ ତାରିଖରେ ୯ ଜଣ ଶିକ୍ଷୟିତ୍ରୀ ନିର୍ଯ୍ୟାତନା ଅଭିଯୋଗ ଆଣିଥିଲେ। ଏନେଇ ମହିଳାଥାନାରେ ଅଭିଯୋଗ ପରେ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ଜାମିନ ମିଳିସାରିଥିବା ମଧ ଜଣା ପଡ଼ିଛି।

## 'ନବୋଦୟ' ଆଲୋଚନାଚକ୍ରରେ ୯ ଯୁବ ଲେଖକ



ଭୁବନେଶ୍ୱର, ୪।୮ (ସମିସ): ଇଙ୍କଡିଉର ସ୍ୱନକ୍ଷତ୍ର ଉତ୍ସବ 'ଅଭ୍ୟୁଦୟ' ଓ ପୁସ୍ତକ ଲୋକାର୍ପଣ ଉତ୍ସବ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଯୁବ ଲେଖକ ଅବିନାଶ ସାହୁଙ୍କ ସଂଯୋଜନାରେ ୯ ଜଣ ଯୁବ ଲେଖକଙ୍କୁ ନେଇ ଆଲୋଚନାଚକ୍ର 'ନବୋଦୟ' ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବେ କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ଯୋଗ ଦେଇଥିଲେ। ଇଙ୍କଡିଉର ମୁଖ୍ୟ ଉପଦେଷ୍ଟା ବୁଲୁ ହୋତା ଓ ପ୍ରତିଷ୍ଠାତା ଡା. ମନୋଜ କୁମାର ନାୟକ ମଞ୍ଚାସୀନ ଥିବାବେଳେ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ ଶିବାନନ୍ଦ ବାରିକ। ଉତ୍ସବ ଅବସରରେ ଇଙ୍କଡିଉର ସର୍ବୋଚ୍ଚ ସମ୍ମାନ ପ୍ରଥମ 'ଅଭ୍ୟୁଦୟ ସମ୍ମାନ ୨୦୨୫' ସାହିତ୍ୟିକ ତଥା ସଂଗଠକ କେଦାର ପୃଷ୍ଟିଙ୍କୁ ପ୍ରଦାନ କରାଯାଇଥିଲା ଏବଂ ଇଙ୍କଡିଉ ପ୍ରକାଶିତ ୧୬ଟି ନୂତନ ପୁସ୍ତକ ଉନ୍ମୋଚିତ ହୋଇଥିଲା।

## 'ଓଡିଏମ୍ ମଡେଲ୍ ୟୁନାଇଟେଡ୍ ନେସନ୍' ଉଦ୍‌ଯାପିତ




ଭୁବନେଶ୍ୱର, ୪।୮ (ସମିସ)

ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍ ପକ୍ଷରୁ 'ଓଡିଏମ୍ ମଡେଲ୍ ୟୁନାଇଟେଡ୍ ନେସନ୍ (ଓଡିଏମ୍ ମୁନ୍)' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଆନ୍ତର୍ଜାତିକ ସଂସ୍କୃତି, କୂଟନୀତି ଏବଂ ଯୁବନେତୃତ୍ୱ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଗ୍ଲୋବାଲ୍ ଭିଲେଜ୍ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ପାରମ୍ପରିକ ପୋଷାକ ପରିଧାନ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଆନ୍ତର୍ଜାତୀୟତା ଏବଂ ବିବିଧତାର ଏହି ଉତ୍ସବ ବେସ୍ ଜୀବନ୍ତ ମନେ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଶିକ୍ଷାବିତ୍ ତଥା ଉଗାଣ୍ଡାର ସେକେଣ୍ଡାରୀ ସ୍କୁଲ୍‌ସ୍ ବୋର୍ଡ ଅଫ୍ ଗଭର୍ଣ୍ଣସ୍‌ର ଅଧ୍ୟକ୍ଷ ମୁଲିଦ୍ରା ସାମି ମୁକାସା, ମେବିକୋର ପ୍ରତିନିଧି ତଥା ବିଓଣ୍ଡ ବର୍ଡର୍ସ ଫାଉଣ୍ଡେସନର ମୁଖ୍ୟ ଆର୍ଥିକ ଅଧିକାରୀରବେର୍ଟ ସାଦା ଗାର୍ଜା, ଜାପାନର ଲାଭରୁସ୍ ଇଣ୍ଟରନ୍ୟାସନାଲ ସ୍କୁଲ ଅଫ୍ ସାଇନ୍ସର ଉପାଧ୍ୟକ୍ଷ ଚିହୋ ନାକାଗାୱା ପ୍ରମୁଖ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବର୍ତ୍ତନର ଶକ୍ତି ଏବଂ ବିଶ୍ୱବ୍ୟାପୀ ବନ୍ଧୁତ୍ୱର ମହତ୍ୱକୁ ଉଜାଗର କରିଥିଲେ। ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଆୟୋଜକ କମିଟିକୁ ପ୍ରଶଂସା କରିଛନ୍ତି। ଲୁବିରୀ ସେକେଣ୍ଡାରୀ ସ୍କୁଲ, ମେଙ୍ଗୋ ସିନିୟର ସ୍କୁଲ ଏବଂ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ଛାତ୍ରଛାତ୍ରୀମାନେ ମିଳିତ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ସମ୍ମିଳନୀର ଉପ-ସମ୍ପାଦିକା ଅମିଶା କୌର ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜେଲ୍‌ଗଲେ ୪ ଲୁଟ୍ ଅଭିଯୁକ୍ତ

ବାଲିଅନ୍ତା, ୪।୮ (ସମିସ): ବାଲିଅନ୍ତା ଥାନା ପୁଲିସ ଅଲାରପୁରରେ ଏକ ନିର୍ମାଣାଧୀନ ଘରୁ ବିଭିନ୍ନ ସାମଗ୍ରୀ ଲୁଟ ମାମଲାରେ ୪ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ବାଲିଅନ୍ତା ଥାନା ଅଧୀନ ଅଲାରପୁର ଗ୍ରାମର ପ୍ରଦୀପ ଭୋଳ (୨୪), ମୟୂରଭଞ୍ଜ ଜିଲ୍ଲା ବଡ଼ବଜାର ଥାନା ମଧୁବନ ଗ୍ରାମର ଦେବେନ୍ଦ୍ର ସିଂହ (୩୭), ଶଙ୍କର ସିଂହ (୪୧) ଓ ଟଙ୍କପାଣି ରୋଡ ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗର ଝିନୁକ ମଣ୍ଡଳ(୨୧)। ତେବେ କୋର୍ଟରେ ସମସ୍ତଙ୍କ ଜାମିନ ଖାରଜ ହୋଇଯିବାରୁ ଝାରପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କ ନିକଟରୁ ଗୋଟିଏ କଟର ମେସିନ ୧୧ଟି ଲୁହାଛଡ଼ ଜବତ କରାଯାଇଛି। ଏସମ୍ପର୍କରେ ଧଉଳି ଥାନା ଅଧୀନ ରେବତୀନଗର ବଡ଼ଧନପୁର ଅଞ୍ଚଳର ଅମରେଶ ସାହୁ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ମୁଖ୍ୟ ଅଭିଯୁକ୍ତ ପ୍ରଦୀପ, ଦେବେନ୍ଦ୍ର ଓ ଶଙ୍କର ଅମରେଶଙ୍କ ଅଲାରପୁର ନିର୍ମାଣାଧୀନ ଘରେ ପଶି କଟର ମେସିନ, ଗୋଟିଏ ରଙ୍ଗ ଗାଇଡିଂ ମେସିନ, ରଙ୍ଗ ବାଲତି ଓ ୧୧ ଖଣ୍ଡ ଲୁହାଛଡ଼ ଚୋରି କରି ନେଇଥିଲେ। ଚୋରି କଟର ମେସିନ ଓ ୧୧ ଖଣ୍ଡ ଲୁହାଛଡ ଗଡ଼ଶ୍ରୀରାମପୁର ଅଞ୍ଚଳରେ ରହୁଥିବା ଝିନୁକଙ୍କୁ ବିକ୍ରି କରିଥିଲେ।

## ହାଇଟେକ୍ ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର



ଭୁବନେଶ୍ୱର ,୪।୮ (ସମିସ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭାରତରେ ପ୍ରଥମ ଥର ପାଇଁ ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ବଲାଙ୍ଗୀରର ୩୮ ବର୍ଷିୟ ଭିକାରୀ ଚରଣ ନାୟକଙ୍କ ଡାହାଣପଟ ଗୋଡ ବୁଢା ଆଙ୍ଗୁଠିରେ ଏହି ଅସ୍ତ୍ରୋପଚାର ହୋଇଛି। ହାଇଟେକ୍ ମେଡିକାଲ କଲେଜର ସିଟିଭିଏସ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଡ. ସ୍ମୃତି ପ୍ରକାଶ ସାହୁଙ୍କର ଅଦମ୍ୟ ଚେଷ୍ଟା ଓ ସଫଳ ଅସ୍ତ୍ରୋପଚାର ଫଳରେ ୧୦୦% କଷ୍ଟବାଧିତ ହୋଇ ତାଙ୍କର ପୂର୍ବ ଆଙ୍ଗୁଠିରେ ସର୍ଜରୀ କରାଯାଇଛି। ସଠିକ୍ ସମୟରେ ସତର୍କତା ଓ ସୁଦକ୍ଷ ଚିକିତ୍ସାବିତ୍‌ମାନଙ୍କ ଦ୍ୱାରା ଆଧୁନିକ ଜ୍ଞାନକୌଶଳରେ କ୍ଷତ ଅଞ୍ଚଳକୁ ପୁନର୍ବାର ରକ୍ତ ପ୍ରବାହ କରାଯାଇପାରିବ ବୋଲି ବିଶିଷ୍ଟ ଚିକିତ୍ସକ ଡ. ସ୍ମୃତି ପ୍ରକାଶ ସାହୁ ଜଣାଇଛନ୍ତି। ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଏବଂ ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଡ. ସ୍ମୃତି ପ୍ରକାଶ ସାହୁଙ୍କର ଅଦମ୍ୟ ଉତ୍ସାହ, ସାହାସ ଏବଂ କୃତବିଦ୍ୟ ଚିକିତ୍ସକ ଭାବରେ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ସମସ୍ତ ଜନସାଧାରଣ ଏଥିପ୍ରତି ସଚେତନ ହୋଇ ସଠିକ୍ ସମୟରେ ଦକ୍ଷ ଚିକିତ୍ସକମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ଦୀର୍ଘ ନିରାମୟ ଜୀବନ ଅତିବାହିତ କରିପାରିବେ ବୋଲି ଦର୍ଶାଇଛନ୍ତି।

**ଆମ ରାଜଧାନୀ ଆମ ଐତିହ୍ୟ**

**ହଜାରେ ବର୍ଷର ପୁରୁଣା**

# ଲବଣଗିରି ପାହାଡ଼ରେ ଜଗନ୍ନାଥ ମନ୍ଦିର




ଭୁବନେଶ୍ୱର, ୪।୮ (ସମିସ): ସହର ଭିତରେ ଓ ବାହାରେ ଘେରି ରହିଛି ଅନେକ ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଏହା କେବଳ ଐତିହ୍ୟ କୀର୍ତ୍ତିରାଜିର ମୁକ ସାକ୍ଷୀ ନୁହେଁ ବରଂ ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ମଧ୍ୟ ଜଡ଼ିତ। ଓଡ଼ିଶା ଇତିହାସର ଏପରି ଅନେକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି ଏହି ସହର।

ସେହିପରି ସହରଠୁ ୧୪ କିଲୋମିଟର ଦୂରରେ ଉପକଣ୍ଠରେ ରହିଛି ଐତିହ୍ୟସମ୍ପନ୍ନ ପୁରାତନ ମନ୍ଦିରଗୁଡ଼ିକ ମଧ୍ୟରୁ ଅନ୍ୟତମ ଲବଣଗିରି ପାହାଡ଼ରେ ଅବସ୍ଥିତ ଜଗନ୍ନାଥ ମନ୍ଦିର। ଏହି ମନ୍ଦିରଟି ପାହାଡର ୫୦୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ। ଏହି ପାହାଡରେ ପ୍ରଭୁ ଜଗନ୍ନାଥ ଏବଂ ମହାଦେବ ଉଭୟ ପୂଜା ପାଆନ୍ତି। ଏଥିସହିତ ମନ୍ଦିର ପରିସର ମଧ୍ୟରେ ମା ଲକ୍ଷ୍ମୀ, ମା ବିମଳା ଏବଂ ହନୁମାନଙ୍କ ଛୋଟ ଛୋଟ ମନ୍ଦିର ରହିଛି। ପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ମା ସୁଭଦ୍ରାଙ୍କ ମୂର୍ତ୍ତି ନିକଟବର୍ତ୍ତୀ ଗ୍ରାମରୁ ଅଣାଯାଇଥିବା କାଠରେ ଏବଂ ମା ଲକ୍ଷ୍ମୀ, ମା ବିମଳା ଏବଂ ପ୍ରଭୁ ହନୁମାନଙ୍କ ମୂର୍ତ୍ତି ଖିଚିଂରୁ ଅଣାଯାଇଥିବା କଳା ଗ୍ରାନାଇଟ୍ ପଥରରେ ତିଆରି ହୋଇଥିବା ସ୍ଥାନୀୟ ଲୋକଙ୍କଠୁ ଜଣାଯାଏ। ଏଠାରେ ସବୁଠୁ ବଡ଼ ପର୍ବ ଭାବେ ରଥଯାତ୍ରାକୁ ପାଳନ କରାଯାଏ। ମନ୍ଦିର ପୂଜକଙ୍କ କହିବା ଅନୁଯାୟୀ, ଏହି ମନ୍ଦିର ୧୦୦୦ ବର୍ଷରୁ ଅଧିକ ପୁରାତନ। ଅଶୋକଙ୍କ ଯୁଦ୍ଧ ସମୟରେ ଏହି ପାହାଡ଼ ଉପରେ ରାଜା ପଦ୍ମନାଭଙ୍କ ବିଶ୍ରାମ ସ୍ଥାନ ଥିଲା। ସେହି ସମୟରେ ଏହି ମନ୍ଦିର ନିର୍ମାଣ ହୋଇଥିବା ବିଶ୍ୱାସ ରହିଛି। ୨୩ ବର୍ଷ ପୂର୍ବେ ଗ୍ରାମବାସୀ ଏହି ପାହାଡ଼ ଉପରେ ଏକ ଆଶ୍ରମ ନିର୍ମାଣ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଲବଣଗିରି ପାହାଡ଼ରେ ପୂଜା ପାଉଥିବା ମହାଦେବଙ୍କୁ ବହୁତ ବର୍ଷ ପୁର୍ବେ ପର୍ବତ ଭିତରେ ପୋତି ହୋଇଯାଇଥିଲେ। ୨୦୦୨ ମସିହାରେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଶିବ ଲିଙ୍ଗ ଖନନ ହୋଇ ମିଳିଥିଲେ। ସେବେଠାରୁ ମହାଦେବଙ୍କୁ ପାତାଳ ଫୁଟା ଭାବେ ପୂଜା କରାଯାଇଥାଏ।

### ଏବେ କେମିତି ରହିଛି

ଏହି ପୁରାତନ ମନ୍ଦିରର କିଛି ବର୍ଷ ପୂର୍ବେ ପାହାଡରେ ଉନ୍ନତୀକରଣ କାର୍ଯ୍ୟ ହୋଇଛି। ସେଥିପାଇଁ ମନ୍ଦିର ପରିସରରେ ପର୍ଯ୍ୟଟକଙ୍କ ପାଇଁ ପିଇବା ପାଣିଠୁ ବସିବାର ସୁବିଧା ରହିଛି। ବର୍ତ୍ତମାନ ମନ୍ଦିରକୁ ଯିବାକୁ ଥିବା ରାସ୍ତାରେ ଉନ୍ନତୀକରଣ କାର୍ଯ୍ୟ ଚାଲୁରହିଛି। ସ୍ଥାନୀୟ ଲୋକଙ୍କ ଦ୍ୱାରା ମନ୍ଦିରର ମଧ ଉନ୍ନତୀକରଣ କାର୍ଯ୍ୟ ହୋଇଥିବାରୁ ମନ୍ଦିରର ସ୍ଥିତି ଭଲ ରହିଛି।



# ନାରୀ ନିର୍ଯାତନା ବିରୋଧରେ ବିଜେଡିର ବିକ୍ଷୋଭ

ବୌଦ୍ଧ, ୪।୮(ସମିସ): ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶାରେ ବିଜେପି କ୍ଷମତାକୁ ଆସିଲା ପରେ ଦିନକୁ ଦିନ ମହିଳା ନିର୍ଯାତନା ବଢ଼ି ଚାଲିଛି। ନିର୍ଯାତନା ଏତେ ମାତ୍ରାରେ ବଢ଼ିଚାଲିଛି ଯେ ବର୍ତ୍ତମାନ ଛାତ୍ରୀ ଓ ମହିଳା ଘରୁ ବାହାରିବାକୁ ଡରିଲେଣି। ଅନ୍ୟ ପକ୍ଷରେ ଗୃହ ବିଭାଗର ମନ୍ତ୍ରୀ ଖୋଦ ମୁଖ୍ୟମନ୍ତ୍ରୀ ଥିବା ବେଳେ ଏ ବିଭାଗକୁ ଧୀରେ ଧୀରେ ପଙ୍ଗୁ ଆଡ଼କୁ ଗତି କରୁଛି। ଅପରାଧୀଙ୍କର ଆଇନ କାନୁନକୁ ଭୟ ସୁଦ୍ଧା ନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏ ସବୁ ଘଟଣା ପଛରେ ଶାସକ ଦଳର ନେତାଙ୍କ ହାତ ଥିବା ବାଲେଶ୍ୱର ଏଫଏମ୍ କଲେଜ ଘଟଣାରେ ଗିରଫ ଦୁଇଜଣ ଏବିଭିପି କାର୍ଯ୍ୟକର୍ତ୍ତା ଘଟଣାରୁ ପ୍ରମାଣିତ। ଏଥିପାଇଁ ବୋଧହୁଏ ଏ ଯାବତ ବଲଙ୍ଗା ପୀଡିତା ଘଟଣାରେ କାହାକୁ ଗିରଫ କରିବାର ସାହସ କରିପାରୁନି ପୁଲିସ। ଏହା ପ୍ରତିବାଦରେ ବିଜୁ ଯୁବ ଛାତ୍ର ଜନତାଦଳ ପକ୍ଷରୁ ରାଜ୍ୟବ୍ୟାପୀ ଅଗଷ୍ଟ ୧ରୁ ୧୪ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ପ୍ରତିବାଦ ପକ୍ଷ ଅବସରରେ ସୋମବାର ବୌଦ୍ଧ ବିଜୁ ଯୁବ ଛାତ୍ର ଜନତା ପକ୍ଷରୁ ଯୁବ ଜନତା ସଭାପତି ତଥା ଏନ୍ଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଛାତ୍ରନେତା ଉଦିତ ପ୍ରତାପ ଭୋଇ ଆୟୁଷ ସ୍ୱାଇଁଙ୍କ ନେତୃତ୍ୱରେ ବିଶାଳ ଯୁବ ଛାତ୍ର ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀ ଛକ ଠାରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ପ୍ରଦୀପ କୁମାର ଅମାତ, ଅଶୋକ ସାହୁ, ଧୂରୀଣ ଦେହୁରୀ, ଅବକାଶ ସାହୁ, ସୁବାସ ସାହୁ, ଜିଲ୍ଲାପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ସୁବୋଧ ପ୍ରଧାନ, ସୀତାଂଶୁ ମହାକୁଳ, ସନ୍ତୋଷ ନାଏକ, ଅନିକେତ ଦାନୀ, ଧର୍ମେନ୍ଦ୍ର ମେହେର, ଅଶୋକ ମେଣ୍ଡୁଲି, ମାନସ ପୁରୋହିତ, କୈଳାଶ ବେହେରା, ପୁପୁନ ଦଲାଲ ପ୍ରମୁଖ ନେତୃବୃନ୍ଦଙ୍କ ସହ ଶତାଧିକ କର୍ମୀ ଯୋଗ ଦେଇଥିଲେ। ପରେ ଏସ୍ପିଙ୍କ ଜରିଆରେ ପୁଲିସ ଡିଜିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୁଦିପ୍ତା ଶୁଭଦର୍ଶନୀ ମେହେର, ସୁନିତା ମେହେର, ରେଖା ପ୍ରଧାନ, ସ୍ନେହଲତା ବେହେରା ସମସ୍ତେ ଯୋଗଦାନ କରିଥିଲେ।



## ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟଣା

# ସ୍ଥିତି ଅନୁଧ୍ୟାନ କଲେ ଏଡିଜି; ସୁରକ୍ଷା ବଢ଼ାଇବାକୁ ନିର୍ଦ୍ଦେଶ

ରାଉରକେଲା, ୪।୮ (ସମିସ):

ମାଓ ସହିଦ ସପ୍ତାହ ପାଳନର ଅନ୍ତିମ ଦିନରେ ଓଡିଶା-ଝାଡ଼ଖଣ୍ଡ ସୀମାନ୍ତ କରମପଦା ନିକଟରେ ୨୪ ଘଣ୍ଟାରେ ମାଓବାଦୀଙ୍କ ତିନି ତିନୋଟି ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣ ଘଟଣା ପରେ ରାଜ୍ୟ ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୀମାନ୍ତବର୍ତ୍ତୀ ଇଲାକାରେ ମାଓବାଦୀ କାର୍ଯ୍ୟକଳାପର ପୁନଃ ଅଭ୍ୟୁଦୟ ରାଜ୍ୟ ପୁଲିସର ଚିନ୍ତା ବଢ଼ାଇଛି। ଅନ୍ୟପଟରେ ସୋମବାର ରାଜ୍ୟ ଆଣ୍ଟି ନକ୍ସଲ ଅପରେସନ ତଥା ଏସ୍ଆଇଡବ୍ଲ୍ୟୁ ଏଡିଜି ସଂଜୀବ ପଣ୍ଡା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଟୋପାଡିହ ସ୍ଥିତ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିବା ଘଟଣା ସ୍ଥଳ ପରିଦର୍ଶନ କରି ସରଜମିନ ଅନୁଧ୍ୟାନ କରିଛନ୍ତି। ତାଙ୍କ ସହ ଅପରେସନ୍ ଆଇଜି ଡ. ଦୀପକ କୁମାର, ଅପରେସନ୍ ଡିଆଇଜି ଅଖିଳେଶ୍ୱର ସିଂ, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ, ଏସ୍ପି ନିତେଶ ୱାଧୱାନୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା - ଝାଡଖଣ୍ଡ ସୀମାନ୍ତରେ ମାଓ ଉପଦୃତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରିବାକୁ ଏଡିଜି ସଂଜୀବ ପଣ୍ଡା ବିଭାଗୀୟ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଖୁବଶୀଘ୍ର ସୁରକ୍ଷା ବ୍ୟବସ୍ଥାକୁ ପୂର୍ବାପେକ୍ଷା ଆହୁରି ସୁଦୃଢ଼ କରାଯିବ ବୋଲି ଏଡିଜି ସଂଜୀବ ପଣ୍ଡା କହିଛନ୍ତି। ଅନ୍ୟପଟରେ ୩୬ ଘଣ୍ଟା ପରେ ବି ବିମଳାଗଡ - କରମପଦା ରେଳଧାରଣାରେ ରେଳ ଚଳାଚଳ ସ୍ୱାଭାବିକ ହୋଇପାରିନି। ସୂଚନାଯୋଗ୍ୟ, ଗତ ୨୮ ତାରିଖରୁ ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବୀ ରିଜିଓନାଲ ବ୍ୟୁରୋ ମାଓ ସଂଗଠନ ପକ୍ଷରୁ ସହିଦ ସପ୍ତାହ ପାଳନ ପାଇଁ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର ଲଗାଯାଇ ଚେତାବନୀ ଦିଆଯାଇଥିଲା। ରବିବାର ସହିଦ ସପ୍ତାହ ପାଳନର ଅନ୍ତିମ ଦିବସ ଥିବା ବେଳେ ଶନିବାର ରାତିରେ ଓଡିଶା-ଝାଡ଼ଖଣ୍ଡ ସୀମାନ୍ତ ବିମଳାଗଡ଼ - କିରିବୁରୁ ସେକ୍ସନ୍ର ରାଞ୍ଜଡା ରେଳ ଷ୍ଟେସନରୁ ୩ କିଲୋମିଟର ଦୂରରେ ରେଳଧାରଣା ଖୁଣ୍ଟ ନମ୍ବର ୪୭୧/୧ ନିକଟରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ରେଲୱେ କର୍ମଚାରୀ ବୁଦ୍ଧୁରାମ ମୁଣ୍ଡା ଗୁରୁତର ଆହତ ହୋଇଥିଲେ। ପୁନର୍ବାର ରବିବାର ସକାଳ ୯ ଟା ୧୧ ମିନିଟରେ ସେହି ଟ୍ରାକ୍ର ଖୁଣ୍ଟ ନମ୍ବର ୪୭୭/୩୪-୩୫ ନିକଟରେ ମାଓବାଦୀମାନେ ଖଞ୍ଜିଥିବା ଆଉ ଏକ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଜଣେ ଗ୍ୟାଙ୍ଗ ମ୍ୟାନ୍ ଏତୁଆ ଓରାମଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଏହାପରେ ପୁଣି ରବିବାର ବିଳମ୍ବିତ ରାତ୍ରିରେ ଉକ୍ତ ଲାଇନ୍ରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଉ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା।

- ବିମଳାଗଡ଼-କରମପଦା ରେଲଲାଇନ୍ରେ ରେଳ ଚଳାଚଳ ଠପ୍

# ଜିଲ୍ଲାପାଳ, ଏସ୍ପିଙ୍କ ଯୁଗ୍ମ ଜନଶୁଣାଣି



କୁତ୍ରା,୪।୮(ସମିସ): ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର କୁତ୍ରା ବ୍ଲକ୍ରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶୁଭାଙ୍କର ମହାପାତ୍ର,ଓ ଏସ୍ପି ପ୍ରତ୍ୟୁଷ ଦିବାକର ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୮୯ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୬ଟି ଅଭିଯୋଗର ଜନଶୁଣାଣି ସ୍ଥଳରେ ହିଁ ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗଗୁଡିକର ବିଚାରକରି ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଜିଲ୍ଲାପାଳ ଉପସ୍ଥିତ ଥିବା ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୁତ୍ରା ବ୍ଲକ୍ର ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ଲୋକମାନେ। ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସେଥିମଧ୍ୟରେ ଜମିଜମା ସଂକ୍ରାନ୍ତୀୟ, ନିଯୁକ୍ତି, ପୋଖରୀ ମରାମତି ଓ ନୂତନ ପୋଖରୀ ଖନନ, ରାସ୍ତା ମରାମତି, ନୂତନ ରାସ୍ତା ନିର୍ମାଣ, ପ୍ରଦୁଷଣ ନିୟନ୍ତ୍ରଣ, କୁତ୍ରା ବସ୍ଷ୍ଟାଣ୍ଡରେ ଟ୍ରାଫିକ ସମସ୍ୟା ଓ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା ଆଦି ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜଗାଙ୍ଗପୁର ବିଧାୟକ ଡଃ ସିଏସ୍ ରାଜନ ଏକ୍କା, ପ୍ରୋବେସନର ଆଇଏଏସ୍ ଫବି ରସିଦ, ସିଡିଓ ସୁରଞ୍ଜନ ସାହୁ, କୁତ୍ରା ତହସିଲଦାର ପ୍ରମୋଦ କୁମାର ବାସ୍କେ, କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ ପ୍ରମୁଖଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଲୋକଙ୍କୁ ଭତ୍ତା ବଣ୍ଟନ, ଭିନ୍ନକ୍ଷମ ବାହାଘର ସହାୟତା ରାଶି ପ୍ରଦାନ ଓ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

# ଶିବ ମନ୍ଦିରରେ ଅନ୍ନଭୋଗ ବଣ୍ଟନ

କୁତ୍ରା,୪।୮(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ କଲୋନୀଠାରେ ଥିବା ଶିବ ମନ୍ଦିରରେ ସୋମବାର ଅନ୍ନଭୋଗ ବଣ୍ଟନ କରାଯାଇଥିଲା। ଏହା ବ୍ୟତିତ ଗୋମାରଡିହି, ଲକ୍ଷ୍ମୀପୋଷ, ପଞ୍ଚରା, ଧରଡା, ଲାଞ୍ଜିବେର୍ଣ୍ଣା, ଝିରପାଣି, ଛୁରିଛକା ଓ କୁତ୍ରା ଭଳି ବିଭିନ୍ନ ସ୍ଥାନରେ ଥିବା ଶୈବପୀଠରେ ଲମ୍ବା ଧାଡ଼ିରେ ରହି ଭକ୍ତମାନେ ଜଳାଭିଷେକ କରିଥିଲେ। କୁତ୍ରା ବ୍ଲକ୍ କଲୋନୀରେ ଥିବା ବାବା ଆଶୁତୋଷଙ୍କ ଶୈବପୀଠରେ ମଧ୍ୟ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। କିଛି ଭକ୍ତଙ୍କ ଦ୍ୱାରା ବାବା ଆଶୁତୋଷଙ୍କ ପୀଠରେ ଅନ୍ନଭୋଗ ଲାଗି କରାଯାଇଥିଲା। ପରେ ୫ ଶହରୁ ଉର୍ଦ୍ଧ୍ୱ ଭକ୍ତ ଉକ୍ତ ପ୍ରସାଦ ସେବନ କରିଥିଲେ। ଏହାଛଡା ଶିବାଳୟଗୁଡିକରେ ଭଜନ କୀର୍ତ୍ତନର ଆୟୋଜନ କରାଯାଇଥିଲା।

# ଆର୍ଏସ୍ପି ପକ୍ଷରୁ ପାର୍ଶ୍ୱାଞ୍ଚଳ ଛାତ୍ରଛାତ୍ରୀଙ୍କୁ ଏମ୍ଓପିପି ତାଲିମ୍

ରାଉରକେଲା, ୪।୮(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଏସଆର କାର୍ଯ୍ୟକ୍ରମ ଅଧୀନରେ ପାର୍ଶ୍ୱାଞ୍ଚଳ ଗ୍ରାମର ଛାତ୍ରଛାତ୍ରୀଙ୍କୁ ମେସିନ୍ ଅପରେଟରର ପ୍ଲାଷ୍ଟିକ୍ ପ୍ରକ୍ରିୟାକରଣ(ଏମ୍ଓପିପି) ତାଲିମ ପ୍ରଦାନ କରାଯାଇଛି। ତାଲିମପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ସୋମବାର ଅର୍ଏସ୍ପି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ସୋମବାର ସେକ୍ଟର-୨୦ ସ୍ଥିତ ପାଶ୍ୱରାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟି.ଜି. କାନେକର ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଲିମପ୍ରାପ୍ତ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟକ୍ରମ ସମାପ୍ତି ପ୍ରମାଣପତ୍ର ବିତରଣ କରିଥିଲେ। ଏହି ଅବସରରେ ସିଏସ୍ଆର୍ ବିଭାଗର ଜିଏମ ବିଭାବସୁ ମଲିକ୍, ଡିଜିଏମ ଟି.ବି. ଟପ୍ପୋ ଏବଂ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ତାଲିମ ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ପେଟ୍ରୋକେମିକାଲ୍ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ସିପେଟ୍)ରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ କାନେକର ଏପରି ଦକ୍ଷତା ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ସୁଗମ କରିବା ପାଇଁ ସିଏସ୍ଆର୍ ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରାର୍ଥୀମାନଙ୍କୁ ଏକ ସ୍ଥାୟୀ ଜୀବିକା ଗଠନ ପାଇଁ ତାଲିମକୁ ବ୍ୟବହାର କରିବାକୁ ପ୍ରେରଣା ଦେଇଥିଲେ। ଶ୍ରୀ ମଲିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ପାଶ୍ୱର୍ବର୍ତ୍ତୀ ଅଞ୍ଚଳର ଯୁବବର୍ଗଙ୍କ ନିଯୁକ୍ତି କ୍ଷମତା ବୃଦ୍ଧି କରିବା ଏହି ତାଲିମର ମୂଳ ଲକ୍ଷ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ ପ୍ରାର୍ଥୀମାନେ ଅତିଥିଙ୍କ ସହ ଭାବ ବିନିମୟ କରିବା ସହିତ ସେମାନଙ୍କର ଶିକ୍ଷଣ ଅଭିଜ୍ଞତା ସହଭାଗ କରିବାର ସୁଯୋଗ ପାଇଥିଲେ। ଏହି ଛଅ ମାସିଆ ତାଲିମ କାର୍ଯ୍ୟକ୍ରମ ଫେବୃଆରୀ ୧ ତାରିଖରେ ଆରମ୍ଭ ହୋଇ ଜୁଲାଇ ୩୧ ତାରିଖରେ ସମାପ୍ତ ହୋଇଥିଲା। ଏଥିନିମନ୍ତେ ମୋଟ ୩୧.୯୦ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ଟି.ବି. ଟପ୍ପୋ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ସିନିୟର ଫିଲ୍ଡ ଅଫିସର ବେନେଡିକ୍ଟ ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର




ରାଉରକେଲା,୪।୮(ସମିସ): ସୁନ୍ଦରଗଡ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାର ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର ରବିବାର ସଂଧ୍ୟାରେ ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। 'ଗଙ୍ଗାଧର ମେହେର ସାହିତ୍ୟରେ ଜାତୀୟତା ବୋଧ' ଶୀର୍ଷକ ଆଲୋଚନାଚକ୍ରର ପ୍ରଥମାର୍ଦ୍ଧରେ ସଭାପତି ବିଶିଷ୍ଟ ସାହିତ୍ୟି ଓ କଥାକାର ଭୂପେନ ମହାପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟଅତିଥି ଭାବରେ ଗୀତି କବି ସମାଜର ସଭାପତି ତାରିଣୀ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ଅଭୟ କୁମାର ଦାସ, ସମାଜସେବୀ ପଶୁପତି ନାଥ ଚାଟାର୍ଜି, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ସନାତନ ପ୍ରଧାନ ଯୋଗଦେଇ ମେହେର ସାହିତ୍ୟରେ ଜାତୀୟତା ବୋଧର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମଧୁସୂଦନ ପାଠାଗାରର ସାଧାରଣ ସମ୍ପାଦକ ବିଜୟ କୁମାର ବରାଳଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଆସରରେ ସୁସାହିତ୍ୟିକା ମଞ୍ଜୁଳା କୁମାରୀ ରଥ ଗଳ୍ପ ପଠନ କରିଥିଲେ। କବି ସୁଶାନ୍ତ କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ ସହ ଅତିଥି ପରିଚୟ ପ୍ରାଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମନୋଜ କୁମାର ନନ୍ଦ ସଭାପତିତ୍ୱ କରିଥିବା ବେଳେ କବି ବିଭୂପ୍ରସାଦ ନାଏକ ଓ କବି ବସନ୍ତ ବିଶ୍ୱକର୍ମା ପାଠୋତ୍ସବକୁ ସଂଯୋଜନା କରିଥିଲେ। କବି ବ୍ରଜନ୍ଦ୍ର ଦାଶ, ପ୍ରତାପ ପଣ୍ଡା, ଉପେନ୍ଦ୍ର ବସ୍ତିଆ, ଅର୍ଚ୍ଚନା ପାତ୍ର, ବ୍ରହ୍ମାନନ୍ଦ ପାଢୀ, ନିକୁଞ୍ଜ ବିହାରୀ ଦାଶ, ବଳରାମ ଦାଶ, ସୁନିତା ସାହୁ, କନକ ଲତା ମିଶ୍ର, ନିରୁପମା ନାୟକ, ସାଗର ମହାନ୍ତି, ଜ୍ଞାନ ରଞ୍ଜନ ମିଶ୍ର ଆଦି ୨୨ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଗୀତାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ରାଉତ, ବିକ୍ରମ ଆଚାର୍ଯ୍ୟ ବ୍ରଜକିଶୋର ପାଣି, ସୂର୍ଯ୍ୟମଣୀ ପଣ୍ଡା ସହ ସହରର ବହୁ ବୁଦ୍ଧିଜୀବୀ ଅଂଶ ଗ୍ରହଣ କରିଥିଲେ।

# ପଲଶାଗୋରା କଲେଜରେ ଚାରାରୋପଣ




ପଲଶାଗୋରା, ୪।୮(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଅଧିକାରୀଣୀ ପ୍ରଜ୍ଞାପରିମିତା ମିଶ୍ର ଓ ଯୁବ ରେଡକ୍ରସ ପରାମର୍ଶଦାତା ନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ବିଶେଶ୍ୱର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣର ଶୁଭାରମ୍ଭ କରିଥିଲେ।

# ନାରାୟଣ କୁଷ୍ଠାଶ୍ରମରେ ବନ୍ଧୁତ୍ୱ ଦିବସ

ସୋନପୁର, ୪।୮(ସମିସ): ସୁବର୍ଣ୍ଣପୁରର ନୂତନ ଜିଲ୍ଲାପାଳ ଡ. ନୃପରାଜ ସାହୁ ନିଆରା ଢଙ୍ଗରେ ଫ୍ରେଣ୍ଡସିପ୍ ଡେ ପାଳନ କରି ଚର୍ଚ୍ଚା ସାଉଁଟିଛନ୍ତି। ସେ ସୁବର୍ଣ୍ଣମେରୁ ମନ୍ଦିର ନିକଟରେ ଥିବା ନାରାୟଣ କୁଷ୍ଠାଶ୍ରମକୁ ସକାଳୁ ପହଞ୍ଚି ଅନ୍ତେବାସୀଙ୍କ ଗହଣରେ ଫ୍ରେଣ୍ଡସିପ୍ ଡେ ପାଳନ କରିଛନ୍ତି। ଅନ୍ତେବାସୀଙ୍କ ସୁଖଦୁଃଖ ବୁଝିବା ସହ କୁଷ୍ଠ କଲୋନୀର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଠାରେ ଥିବା ବିଭିନ୍ନ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ସର୍ବୋଚ୍ଚ ଅଧିକାରୀଙ୍କୁ ଅତି ନିକଟରେ ପାଇ କୁଷ୍ଠ କଲୋନୀର ଅନ୍ତେବାସୀ ଅତି ଆନନ୍ଦିତ ହୋଇଥିଲେ। ସେହିପରି ପ୍ରତ୍ୟହ ସେ ତୃଣମୂଳସ୍ତରକୁ ଯାଇ ଲୋକଙ୍କ ସମସ୍ୟା ବୁଝୁଛନ୍ତି। କିଛି ଦିନ ତଳେ ବ୍ଲକଛକ ନିକଟରେ ରାସ୍ତା କଡରେ ପନିପରିବା ବିକ୍ରି କରୁଥିବା ବ୍ୟବସାୟୀମାନଙ୍କ ସହ ଆଲୋଚନା କରି ତାଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନକୁ ଯାଇ ଦୋକାନ ଖୋଲିବା ପାଇଁ ବୁଝାଇଥିଲେ। ପୁଣି ସୁବର୍ଣ୍ଣମେରୁ ମନ୍ଦିର, ରାମେଶ୍ୱର ମନ୍ଦିର ସମେତ ମା' ଭଗବତୀ ମନ୍ଦିର ପରିଦର୍ଶନ କରି ମନ୍ଦିରକୁ ସଂଯୋଗୀକରଣ ରାସ୍ତା ଓ ମନ୍ଦିରର ସମସ୍ୟା ସମ୍ପର୍କରେ ପୂଜକ ଓ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଭଗବତୀ ମନ୍ଦିର ସମ୍ମୁଖ ରାସ୍ତା ସମସ୍ୟା ବିଷୟରେ ନିଜେ ସ୍ଥିତି ଅନୁଧ୍ୟାନ କରି ବିଭାଗୀୟ ଯନ୍ତ୍ରୀ ଓ ପୌର ଅଧିକାରୀଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।



# ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ର୍ୟାଙ୍କିଂ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ






ବୌଦ୍ଧ, ୪।୮ (ସମିସ)

ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ସହଯୋଗରେ ବୌଦ୍ଧଜିଲା ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ବୌଦ୍ଧଜିଲା ଇନଡୋର ଷ୍ଟାଡିୟମଠାରେ ତିନିଦିନ ଧରି ଆୟୋଜିତ ରାଜ୍ୟ ବ୍ୟାଡମିଣ୍ଟନ ର୍ୟାଙ୍କିଂ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ଏସ୍ପି ରାହୁଲ ଗୋଏଲ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ ଓ ଜିଲ୍ଲା ଟ୍ରକ ମାଲିକ ସଂଘ ସଭାପତି ଶିବ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟର ମିକ୍ସ ଡବଲସରେ ଅନୁଗୋଳର ଆୟୁଷ ଦାଶ ଓ ସମ୍ବଲପୁରର ପୂର୍ବା ପ୍ରତ୍ୟାଷା ଚାମ୍ପିଅନ ହୋଇଛନ୍ତି। ଅନୁଗୋଳର ତନ୍ମୟ ସାହୁ ଓ ଖୋର୍ଦ୍ଧାର ହର୍ଷିତା ରାଉତ ରନର୍ସ ହୋଇଛନ୍ତି। ସେହିପରି ପୁରୁଷ ବର୍ଗରେ ବାଲେଶ୍ୱରର ଆର୍ଯ୍ୟ ମାଝି ଚାମ୍ପିଅନ ହୋଇଥିବାବେଳେ ଖୋର୍ଦ୍ଧାର ପାରଶ ମାଥୁର ରନର୍ସ ହୋଇଛନ୍ତି। ମହିଳା ବିଭାଗରେ ଖୋର୍ଦ୍ଧାର ହର୍ଷିତା ରାଉତ ଚାମ୍ପିଅନ ହୋଇଥିବାବେଳେ ଗୀତାଶ୍ରୀ ଦେ ରନର୍ସ ହୋଇଛନ୍ତି। ମହିଳା ଡବଲସରେ ଖୋର୍ଦ୍ଧାର ହର୍ଷିତା ରାଉତ ଓ ସମ୍ବଲପୁରର ପୂର୍ବା ପ୍ରତ୍ୟାଷା ଚାମ୍ପିଅନ ହୋଇଛନ୍ତି। ଖୋର୍ଦ୍ଧାର ଆଦ୍ୟା ପାଢ଼ୀ ଓ ରାୟଗଡ଼ାର ସ୍ୱିଟି ପ୍ରିୟା ପ୍ରଧାନ ରନର୍ସ ହୋଇଛନ୍ତି। ପୁରୁଷ ଡବଲସରେ ଖୋର୍ଦ୍ଧାର ଅନିର୍ବାଣ ମଣ୍ଡଳ ଓ ପାରଶ ମାଥୁର ଚାମ୍ପିଅନ ହୋଇଥିବାବେଳେ ଖୋର୍ଦ୍ଧାର ଅଭିଜିତ ମହାରଣା ଓ ଅନୁଗୋଳର ତନ୍ମୟ ସାହୁ ରନର୍ସ ହୋଇଛନ୍ତି।

ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବଛା ବଛା ୧୭ ଜଣ ମହିଳା ଖେଳାଳିଙ୍କ ସହିତ ସମୁଦାୟ ୧୨୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଭାବରେ ଶିବମ ଅଗ୍ରୱାଲା, ପର୍ଯ୍ୟବେକ୍ଷକ ଭାବରେ ମନୋରଞ୍ଜନ ଦାଶ ଓ ଦୀପକ ମହାନ୍ତି, ସହକାରୀ ପର୍ଯ୍ୟବେକ୍ଷକ ସମୀର ସାହୁ, ସଂଗଠନ ସମ୍ପାଦକ ସୁନ୍ଦର ପ୍ରକାଶ ଅଗ୍ରୱାଲା ଓ ମୁଖ୍ୟ ରେଫରୀ ଭାବରେ ବିଜୟ ବାଗ୍ ଦାୟିତ୍ୱ ନିର୍ବାହ କରିଥିଲେ। ରାଜ୍ୟ ବ୍ୟାଡମିଣ୍ଟନ ଏସୋସିଏସନ ଓ ଯୋନିକ୍ସ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ୨୫ ଜଣିଆଁ ବୈଷୟିକ ସହାୟକ ଅଧିକାରୀ ଦଳ ସହ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଥିଲା। ଜିଲ୍ଲା ବ୍ୟାଡମିଣ୍ଟନ ଏସୋସିଏସନର ସଭାପତି ପ୍ରଦୋଷ ମହାରଣାଙ୍କ ନେତୃତ୍ୱରେ କୋଷାଧକ୍ଷ ଶିବାନନ୍ଦ ସାହୁ, ପରାମର୍ଶଦାତା ଜୁଲିୟସସିଜର ମହାକୁଳ, ଆଲୋକ ରଥ, ପରେଶ ବେହେରା, ଗଣେଶ ମହାପାତ୍ର, ବିଭୁଦତ୍ତ ପଣ୍ଡା, ଶମ୍ଭୁ ପ୍ରସାଦ ଅଗ୍ରୱାଲା, ସନ୍ତୋଷ ମହାନ୍ତି, ଜିତୁ ସରାଫଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଝୁଲନ୍ତା ମୃତଦେହ ଉଦ୍ଧାର

ମନମୁଣ୍ଡା, ୪।୮(ସମିସ): ମନମୁଣ୍ଡା ଥାନା ପଲସାଗୋରା ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କଣ୍ଟାମାଳ ଥାନା ରୁଣ୍ଡିମହୁଲ ଗ୍ରାମର ପ୍ରଦୀପ ବାରିକଙ୍କ ପୁଅ ପିକୁନ ବାରିକ (୨୨)। ସେ ନିଜ ଘରେ ବେକରେ ଲୁଗା ଦେଇ ଝୁଲନ୍ତା ଅବସ୍ଥାରେ ଥିବା ପରିବାର ବର୍ଗ ଦେଖିବାକୁ ପାଇଥିଲେ। ଏହାପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବ ଜବତ କରିଥିଲା। ପ୍ରାଥମିକ ତଦନ୍ତରୁ ତାହା ଆତ୍ମହତ୍ୟା ବୋଲି ପୁଲିସ ଜାଣିବାକୁ ପାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମନମୁଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର ହୋଇଛି।

# କୌତୁକପୋଷାକ ପ୍ରତିଯୋଗିତା



ବୌଦ୍ଧ, ୪।୮(ସମିସ): ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ମହାନଦୀ ଆଳତୀ ଘାଟ ପରିସରରେ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଓ ପ୍ରାଣାୟାମ ପ୍ରଦର୍ଶନ କରିଥିଲେ। ସବ ଜୁନିଅରରେ କେନ୍ଦ୍ରୀୟ ବିଦ୍ୟାଳୟର ଅଭିପ୍ସା ପ୍ରିୟଦର୍ଶନୀ ପ୍ରଥମ, ଯୋଗିନ୍ଦ୍ର ଦେବ ବିଦ୍ୟାଳୟର ଅମ୍ରିତ ବେହେରା ଦ୍ୱିତୀୟ, ଜବାହର ନବୋଦୟ ବିଦ୍ୟାଳୟର ଯାଜ୍ଞଶ୍ରୀ ଜଗଦଲା ତୃତୀୟ ହୋଇଛନ୍ତି। ଜୁନିଅରରେ ଜବାହର ନବୋଦୟ ବିଦ୍ୟାଳୟର ଶ୍ରାବଣୀ ସେଠୀ ପ୍ରଥମ, ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର ଶୁଭଶ୍ରୀ ମେହେର ଦ୍ୱିତୀୟ, କେନ୍ଦ୍ରୀୟ ବିଦ୍ୟାଳୟର ଦୁର୍ଲଭ ଚୌଧୁରୀ ତୃତୀୟ, ସିନିୟରସ୍ତରରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ମିନତୀ ମହାରଣା ପ୍ରଥମ, ମଡେଲ ଡିଗ୍ରୀ ମହାବିଦ୍ୟାଳୟର ସାଇ ପ୍ରତୀକ ବେହେରା ଦ୍ୱିତୀୟ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଦେବାଶିଷ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଚାରକ ଭାବେ ନଟବର ଅଗ୍ରୱାଲା, ଦିଲ୍ଲୀପ ଚୌଧୁରୀ, ସୂର୍ଯ୍ୟନାରାୟଣ ପଣ୍ଡା, ବିକାଶ ଅଗ୍ରୱାଲା, ଦେବାଶିଷ ପୁରୋହିତ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂ ଓ ଅକ୍ଷୟ ମହାକୁଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି କୌତୁକ ବେଶ ପୋଷାକ ଅନୁଷ୍ଠିତ ହୋଇଥିଲା।

## ମହୁଲି ମଦ ସହ ପୋଚ ନଷ୍ଟ

ରାମଚନ୍ଦ୍ରପୁର,୪।୮ (ସମିସ): ରାମଚନ୍ଦ୍ରପୁର ଥାନା ଗଁପୁର ପଞ୍ଚାୟତ ବରାଙ୍ଗ ଆଦିବାସୀ ବସ୍ତିରେ ପୁଲିସ ଚଢ଼ଉ କରି ୬୦ ଲିଟର ମହୁଲି ମଦ ସହ ୪ କୁଇଣ୍ଟାଲରୁ ଅଧିକ ପୋଚ ନଷ୍ଟ କରିଛି। ଥାନାଧିକାରୀ ମନୋଜ ସ୍ୱାଇଁଙ୍କ ନେତୃତ୍ୱରେ ଚଢ଼ଉରେ ମାଫିଆମାନେ ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳରୁ ପ୍ରାୟ ୪ କୁଇଣ୍ଟାଲ ପୋଚ ସହ ରନ୍ଧା ସାମଗ୍ରୀ ନଷ୍ଟ କରାଯାଇଛି। ବରାଙ୍ଗରେ ଦୀର୍ଘଦିନ ହେଲା ବେଆଇନ ଭାବେ ମହୁଲି ମଦ ପ୍ରସ୍ତୁତି କରାଯାଉଥିବା ବେଳେ ଗତ ସପ୍ତାହରେ କେନ୍ଦୁଝର ଅବକାରୀ ପୁଲିସ ବ୍ୟାପକ ମଦ ସହ ପୋଚ ନଷ୍ଟ କରିଥିଲା।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ୨ ଗୁରୁତର

ଡୁରୁମୁଙ୍ଗା,୪।୮ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ସାହାରପଡା-ମାଛଗଡ ରାସ୍ତାର ପଇତାମଜା ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ୨ ଜଣ ଗୁରୁତର ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ଗୋରାସ୍ ହାଟରୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆହତ ଏବଂ ଗୁରୁତରଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଓ ଆହତଙ୍କ ପରିଚୟ ମିଳି ପାରିନାହିଁ।

## ମଦ ସହିତ ଓ ବେପାରୀ ଗିରଫ

ଆନନ୍ଦପୁର/ବେଲବାହାଲି,୪।୮ (ସମିସ): ସ୍ଥାନୀୟ କେଶଦୁରପାଳ ଅଞ୍ଚଳରେ ବିଦେଶୀ ମଦ ଚୋରା କାରବାର କରୁଥିବା ଅଭିଯୋଗରେ ପୁଲିସ ବ୍ୟବସାୟୀ କଳାକାର ସାହୁଙ୍କୁ ଗିରଫ କରିବା ସହିତ ୧୧୫ ବୋତଲ ବିଦେଶୀ ମଦ ଜବତ କରଛି। କେଶଦୁରାପାଳ ଅଞ୍ଚଳରେ ବିଦେଶୀ ମଦ ଚୋରା କାରବାର ହେଉଥିବାର ଖବର ପାଇ ଘଷିପୁରା ଥାନା ଅଧିକାରୀ ମାନସ କୁମାର ବାରିକଙ୍କ ତତ୍ତ୍ୱାବଧାନର ପୁଲିସ ଟିମ ଚଢ଼ଉ କରିଥିଲେ। ୧୧୫ ବୋତଲ ବିଦେଶୀ ମଦ ଜବତ କରିବା ସହିତ କାରବାରରେ ସଂପୃକ୍ତ ଥିବା ବ୍ୟବସାୟୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ



ବେଲବାହାଲି,୪।୮ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅଧୀନ ବେଲବାହାଲି ଗ୍ରାମର ଚନ୍ଦ୍ରଶେଖର ସାହୁ(୩୦)ଙ୍କ ମୃତ୍ୟୁ ଘଟିଛି। ଦୀର୍ଘ ୪ମାସ ତଳେ ବେଲବାହାଲି କୁଣ୍ଡୁଳାଇ ନିକଟରେ ଏକ ବାଇକସହ ଚନ୍ଦ୍ରଶେଖରଙ୍କ ଦୁର୍ଘଟଣା ଘଟିଥିଲା। ପ୍ରଥମେ ଆନନ୍ଦପୁର ମେଡିକାଲ ପରେ ଗୁରୁତର ହେବାରୁ କଟକର ଏକ ଘରୋଇ ମେଡିକାଲରେ ସେ ଚିକିତ୍ସିତ ହେଉଥିଲେ। ଟିକେ ସୁଧାର ଆସିବାରୁ ଘରେ ରହି ସେ ଚିକିତ୍ସା ହେଉଥିଲେ। ସୋମବାର ସକାଳୁ ଅସୁସ୍ଥ ଅନୁଭବ କରିଥିଲେ ଏବଂ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ଦିବ୍ୟାଙ୍ଗ ଯୁବକ ହୋଇଥିଲେ ମଧ୍ୟ ସମାଜ ପ୍ରତି ତାଙ୍କର ସେବା ଅତୁଳନୀୟ ଥିଲା। ତାଙ୍କର ବିୟୋଗ ଖବର ପାଇ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଗ୍ରାମସ୍ଥିତ କୁଶେଇ ନଦୀ କୂଳରେ ଅନ୍ତିମ ସତ୍କାର ହୋଇଥିଲା।

## ଆନନ୍ଦପୁର ପାଲା କମିଟି ସଭାପତିଙ୍କ ପରଲୋକ



ଆନନ୍ଦପୁର,୪।୮ (ସମିସ): ଆନନ୍ଦପୁର ସାର୍ବଜନୀନ ପାଲା କମିଟିର ସଭାପତି ତଥା ପୂର୍ବତନ ଶିକ୍ଷକ ଅନନ୍ତ ଚରଣ ଶା(୯୧)ଙ୍କ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ସକାଳେ ସେ ଅସୁସ୍ଥ ହୋଇପଡିବା ପରେ ତାଙ୍କର ପରଲୋକ ଘଟିଛି। ଖବର ପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ବିଜେଡି ଯୁବନେତା ଦେବାଶିଷ ପାତ୍ର, ବିଜେପି ନେତା ରାମଚନ୍ଦ୍ର ସାହୁ, ନୃସିଂହ ନାରାୟଣ ରାସପାର୍ଟିର ଉପଦେଷ୍ଟା ନାରାୟଣ ଶା, ପାଲା କମିଟିର କର୍ମକର୍ତ୍ତା ଶାନ୍ତନୁ ମିଶ୍ର, ବାବୁନା ପଟନାୟକ, ମଦନ ପାଣି, ସତ୍ୟସାଇ ସେବା ସଂଗଠନର କର୍ମକର୍ତ୍ତା, ଦୁର୍ଗାପୂଜା କମିଟିର କର୍ମକର୍ତ୍ତା, ବ୍ରାହ୍ମଣ ସମାଜର କର୍ମକର୍ତ୍ତାମାନେ ଆନନ୍ଦପୁର ସ୍ଥିତ ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଜଣେ ଆଧ୍ୟାତ୍ମିକ ବ୍ୟକ୍ତି ଭାବେ ଆନନ୍ଦପୁରର ବହୁ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ଉଦ୍ୟମରେ ଦୀର୍ଘ ୫୦ବର୍ଷରୁ ଅଧିକ କାଳ ପାଲା ଅନୁଷ୍ଠାନ ହୋଇଆସୁଥିଲା।

## ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖାର ଆନ୍ଦୋଳନ ପ୍ରସ୍ତୁତି ବୈଠକ




କେନ୍ଦୁଝର,୪।୮ (ସମିସ): କଲେକ୍ଟରୋଟ କଲ୍‌ଚରାଲ କ୍ଲବ୍‌ଠାରେ ରାଜସ୍ୱ ଅମଲା ସଂଘ, କେନ୍ଦୁଝର ଶାଖାର ସାଧାରଣ ପରିଷଦ ବୈଠକ ସଭାପତି ଜିତେନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ପ୍ରଭାତେନ୍ଦୁ ନାୟକ ୧୧ରୁ ହେବାକୁ ଥିବା ଆନ୍ଦୋଳନ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ସଚିନ ପଣ୍ଡା, ଉପସଭାପତି ମିନତୀ ସାହୁ, ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମହାନ୍ତି, ଉପଦେଷ୍ଟା କୈଳାସଚନ୍ଦ୍ର ମଲ୍ଲିକ, ସରୋଜ ସାହୁ, ଭୁବନେଶ୍ୱର ମହାପାତ୍ର, ମିଡିଆ ସଂଯୋଜକ ପିତବାସ ମହାନ୍ତ ଏବଂ ପ୍ରତାପ ବୈଠା ଆଲୋଚନାରେ ସାମିଲ ଥିଲେ। ମାନସ ଜେନା, ଦେବବ୍ରତ ବେହେରା, ଶିବାନୀ ନାଏକ, ପାର୍ଥସାରଥୀ ନାୟକ, ଛବିଳ ପାତ୍ର, ଜନ୍ମେଜୟ ଶତପଥୀ, ସନ୍ତୋଷ ରଣା, ପ୍ରସନ୍ନରାମ, ସୁରେଶରଣା, ପ୍ରଭାତିପ୍ରଧାନ, ଭୀମସେନଜେନା, ପଙ୍କଜିନୀସେଠୀ, ସତ୍ୟବତୀ ଲାଗୁରୀ, ବବିତା ସାହୁ, ମିତାଲି ଦାସ, ଦିଲ୍ଲୀପ ଜେନା, ଦୀପକ ପାତ୍ର, ଅଞ୍ଜଳି ସାହୁଙ୍କ ସମେତ ଶତାଧିକ କର୍ମଚାରୀ ୧୦ ଦଫା ଦାବି ଉପରେ ଆଲୋଚନା କରିଥିଲେ।

# ଶ୍ରାବଣର ଶେଷ ସୋମବାର: ଜିଲ୍ଲାର ବିଭିନ୍ନ ଶୈବପୀଠରେ କାଉଡ଼ିଆ ଭକ୍ତଙ୍କ ଭିଡ଼

## ଖଣ୍ଡାଧାର ଶିବମନ୍ଦିରରେ ଜଳାଭିଷେକ ପାଇଁ କାଉଡ଼ିଆଙ୍କ ଲମ୍ବା ଲାଇନ



କେନ୍ଦୁଝର,୪।୮ (ସମିସ): ପବିତ୍ର ଶ୍ରାବଣ ମାସର ଶେଷ ସୋମବାରରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଶୈବପୀଠଗୁଡ଼ିକ ଗୌରୀକମୟ ହୋଇଉଠିଛି। ଜିଲ୍ଲାର ଅନ୍ୟତମ ପ୍ରଶିଦ୍ଧ ଶୈବପୀଠ ଖଣ୍ଡାଧାର ନୀଳକଣ୍ଠେଶ୍ୱର ମନ୍ଦିରରେ କାଉଡ଼ିଆମାନଙ୍କର ଲମ୍ବା ଲାଇନ ପରିଲକ୍ଷିତ ହୋଇଥିଲା। ପୂଣ୍ୟତୋୟା ବୈତରଣୀର ଉତ୍ପତ୍ତିସ୍ଥଳ ଗୋନାସିକାଠାରୁ ଆରମ୍ଭ କରି ଜିଲ୍ଲାର ଅନ୍ୟତମ ସୀମାନ୍ତ ହାବଳେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ଶୈବାଳୟରେ ଶ୍ରାବଣ ସୋମବାରରେ କାଉଡିଆ ଭକ୍ତମାନେ ଶୁଦ୍ଧପୂତ ଭାବରେ ଅତି ନିଷ୍ଠାର ସହ ଦେବଦେବ ମହାଦେବଙ୍କୁ ଜଳାଭିଷେକ କରିଥିଲେ। ବହୁ ଭକ୍ତଙ୍କ ଗହଣରେ ପବିତ୍ର ଶିବମନ୍ଦିରଗୁଡିକରେ ଭିଡ଼ ପରିଲକ୍ଷିତ ହୋଇଛି। ଗୋନାସିକାର ବ୍ରହ୍ମେଶ୍ୱର ମନ୍ଦିର, ଦେଓଗାଁର କୁଶଳେଶ୍ୱର ମନ୍ଦିର, ସିଦ୍ଧମଠର ଧବଳେଶ୍ୱର, ଶ୍ରୀ ବଳଦେବଜୀଉ ମନ୍ଦିରରେ ଥିବା ପ୍ରଭୁ ବାଞ୍ଛେଶ୍ୱର, ମୁର୍ଗା ମହାଦେବଠାରେ ଥିବା ଶ୍ରୀ ଗିରିଶ୍ୱର, ପାଟଣାର ପ୍ରଭୁ ପରମେଶ୍ୱର ଓ ଆନନ୍ଦେଶ୍ୱର, ବୋଦାପଳସାରେ ଥିବା ଶ୍ରୀ ଚନ୍ଦ୍ରଶେଖର, ବଡ଼ଶାସନରେ ଥିବା ପ୍ରଭୁ ବାଲୁଙ୍କେଶ୍ୱର, ଧୂର୍ପଦାର ଶ୍ରୀ ଆଖଣ୍ଡଳମଣୀ, ପୁରୁଣା ସହରର ମୁକ୍ତେଶ୍ୱର, ଟୁକୁଣାର କୁଣ୍ଡେଶ୍ୱର, ବାର୍ହାଟିପୁରାରେ ଥିବା ଶ୍ରୀନୀଳକଣ୍ଠେଶ୍ୱର, ଘଟଗାଁଠାରେ ଥିବା ଶ୍ରୀ ଘଟକେଶ୍ୱର, କେନ୍ଦୁଝର-ଅନୁଗୁଳ ସୀମାନ୍ତବର୍ତ୍ତୀ ଖୁଲୁଡିରେ ଥିବା ଶ୍ରୀ ଗିରିଶ୍ୱର, ଶୁଆକାଟୀର ପ୍ରଭୁ ପାଟେଶ୍ୱର, ଏକାମ୍ର ବନବିହାରୀଠାରେ ଥିବା ପ୍ରଭୁ ମହାଦେବ, ଗୁଆବାଡିଠାରେ ଥିବା ଗୁଆ ମାଳିଶ୍ୱର, ଲକ୍ଷ୍ମୀପାଦଠାରେ ଥିବା ବାବା ଚନ୍ଦ୍ରଶେଖର, ରାଙ୍କିଠାରେ ଥିବା ପ୍ରଭୁ ସ୍ୱପ୍ନେଶ୍ୱର, ନରଣପୁର ଘଡଘଡି ମନ୍ଦିର ପ୍ରଭୁ ମହାଦେବ, ଡୁରୁମୁଙ୍ଗାରେ ଥିବା ପ୍ରଭୁ ଗିରିଜାଶଙ୍କର, ଢେଙ୍କାପୁରରେ ଥିବା ପ୍ରଭୁ ବିଶେଶ୍ୱର, ରାଇସୁଆଁର ବାବା ବାଞ୍ଛେଶ୍ୱର ଆଦି ଶୈବପୀଠରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଗତ ଶନିବାର ଓ ରବିବାରଠାରୁ କାଉଡିଆ ଭକ୍ତମାନେ ବିଭିନ୍ନ ନଦୀରୁ ଜଳ ଉଠାଇ ଦୀର୍ଘ ରାସ୍ତା ଅତିକ୍ରମ କରି ବିଭିନ୍ନ ଶିବାଳୟରେ ଲମ୍ବାଧାଡ଼ିରେ ମହାଦେବଙ୍କୁ ଜଳାଭିଷେକ କରାଇବା ସହ ପ୍ରସାଦ ସେବନ କରିଛନ୍ତି। ବିଭିନ୍ନ ଶୈବପୀଠମାନଙ୍କରେ ଦାତବ୍ୟ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମାଗଣା ପ୍ରସାଦ ବିତରଣର ବ୍ୟବସ୍ଥା କରାଯାଇଥିଲା।

## ଶିବ ମନ୍ଦିରରେ ଜଳଲାଗି କଲେ କୁନି କାଉଡ଼ିଆ

ରାମଚନ୍ଦ୍ରପୁର,୪।୮ (ସମିସ): କୋମଳମତୀ ଶିଶୁଙ୍କୁ ଭଗବତ ପରାୟଣ କରିବା ନିମନ୍ତେ ଅଳତି ଶିଶୁମନ୍ଦିର ପକ୍ଷରୁ ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶ୍ରାବଣର ଶେଷ ସୋମବାରରେ ପ୍ରତ୍ୟକ ଶିବାଳୟରେ ଲାଗିଛି ପ୍ରବଳ ଭିଡ଼। ବୋଲବମ୍ ହରହର ବମ୍ ଧ୍ୱନିରେ ପ୍ରମ୍ପିତ ହେଉଛି ମନ୍ଦିର ପରିସର। ଶିଶୁ ମନ୍ଦିର ଅଳତି ପକ୍ଷରୁ କୁନିକୁନି ଶିଶୁ ଭାଇଭଉଣୀଙ୍କୁ ନେଇ କାଉଡି ଯାତ୍ରା ଅନୁଷ୍ଠିତ ହୋଇଛି। ଗାଁ ପୁଷ୍କରିଣୀ କୂଳରେ ପୂଜାର୍ଚ୍ଚନା ପରେ ନିକଟସ୍ଥ ଚନ୍ଦ୍ରଶେଖରେ ମନ୍ଦିରେ ସାମୂହିକ ଜଳ ଲାଗି କରାଯାଇଛି। ଶିଶୁ ମନ୍ଦିରର ବାଟିକା ପ୍ରମୁଖ ଗିରିଜା ସାମଲଙ୍କ ସଂଯୋଜନାରେ ଗୁରୁମା ଅନୁପମା ସାମଲ, ମଧୁସ୍ମିତା ବେହେରା, ପ୍ରିୟଦର୍ଶିନୀ ସ୍ୱାଇଁ, ସେଲି ସାହୁ, ପ୍ରତ୍ୟାଶା ସାହୁ, ଆଦିତ୍ୟ ନାୟକ କୁନି କାଉଡିଆମାନଙ୍କୁ ମନ୍ଦିର ନିକଟକୁ ପାଛୋଟି ନେଇଥିଲେ। ଭାରତୀୟ ସଂସ୍କୃତି ଏବଂ ପରମ୍ପରାକୁ ଉଜ୍ଜିବୀତ ରଖିବାକୁ ଶିଶୁ ବାଟିକା ପକ୍ଷରୁ ନିଆଯାଇଥିବା ଏଭଳି ନିଆରା ପ୍ରୟାସକୁ ସବୁଠି ପ୍ରଶଂସା କରାଯାଇଛି।



## ଶିକ୍ଷକ ଡେପୁଟେସନ ଓ ନିଯୁକ୍ତିକୁ ନେଇ ଅବିଭାବକ ମହଲରେ ଅସନ୍ତୋଷ

ହାଟଡ଼ିହୀ,୪।୮ (ସମିସ): ହାଟଡ଼ିହୀ ବ୍ଲକରେ ଶିକ୍ଷକ ଡେପୁଟେସନ ଓ ନିଯୁକ୍ତିକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ବ୍ଲକରେ ଛାତ୍ରଛାତ୍ରୀଙ୍କ ଅନୁପାତ ଅନୁଯାୟୀ ଅଧିକ ଶିକ୍ଷକ ନିଯୁକ୍ତି ଥିଲେ ବି ବେନିୟମ ଭାବେ ଡେପୁଟେସନ କରାଯିବା ଯୋଗୁଁ ଏବେ ଅନେକ ବିଦ୍ୟାଳୟର ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କେଉଁଠି କମ୍ ଶିକ୍ଷକ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ତ ଆଉ କେଉଁଠି ମେଞ୍ଚାଏ ଶିକ୍ଷକ ବସି ବସି ଘରକୁ ଫେରୁଛନ୍ତି। କିଛିଦିନ ତଳେ କେନ୍ଦୁଝର ଜିଲ୍ଲାରେ ୭୯ଜଣ ନୂତନ ସିଆରସିସିଙ୍କୁ ନିଯୁକ୍ତି ଦିଆଗଲା। ଏହିକ୍ରମରେ ହାଟଡିହୀ ବ୍ଲକରେ ୧୧ ଜଣ ନୂତନ ସିଆରସିସି ୧୧ଟି ସ୍ଥାନରେ ଯୋଗଦେଲେ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁରୁଣା ସିଆରସିସିମାନେ ସେମାନଙ୍କ ପ୍ୟାରେଣ୍ଟ ସ୍କୁଲକୁ ଫେରିବା ନିୟମ ରହିଛି। କିନ୍ତୁ ବ୍ଲକରେ ତାହାକୁ କାର୍ଯ୍ୟକାରି କରା ନଯାଇ ଭିନ୍ନ ସ୍କୁଲକୁ ଡେପୁଟେସନ କରାଗଲା। ଯାହାକୁ ନେଇ କିଛି ବିଦ୍ୟାଳୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଜୟକୁମାର ସା ସଡ଼ଙ୍ଗ ସିଆରସିସି ଭାବେ କାର୍ଯ୍ୟ କରୁଥିଲେ। ସିଆରସିସି କାର୍ଯ୍ୟକାଳ ପୂରିବା ପରେ ତାଙ୍କୁ ତାଙ୍କ ପ୍ୟାରେଣ୍ଟ ସ୍କୁଲ ତାମ୍ପଳାକୁ ଫେରାଇ ଦିଆ ନଯାଇ ନନ୍ଦିପଦା ସ୍କୁଲକୁ ଡେପୁଟେସନ କରାଯିବାରୁ ତାମ୍ପଳା ସ୍କୁଲରେ ଶିକ୍ଷକ ଅଭାବ ଦେଖାଦେଇଛି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୮ଟି ଶ୍ରେଣୀ ଥିବାବେଳେ ଶିକ୍ଷକ ନଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାରୁ ଗତ ଶନିବାର ସ୍କୁଲ ପରିଚାଳନା କମିଟିର ସଭାପତି, ସରପଞ୍ଚଙ୍କ ପ୍ରତିନିଧି ଓ ଗ୍ରାମବାସୀ ଆସି ବିଇଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଉକ୍ତ ଶିକ୍ଷକଙ୍କୁ ତାଙ୍କ ପ୍ୟାରେଣ୍ଟ ସ୍କୁଲ ତାମ୍ପଳାକୁ ଫେରାଇ ଦିଆଯାଉ ବୋଲି ଦାବି କରିଛନ୍ତି। ସେହିପରି ଢ଼େଙ୍କା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ୯୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୩ଜଣ ଶିକ୍ଷକ ନିଯୁକ୍ତ ଥିଲେ। କିନ୍ତୁ ବ୍ଲକ ଶିକ୍ଷା ଅଧିକାରୀ ଏଠାର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀଙ୍କୁ ଡେପୁଟେସନ୍‌ରେ ମୋଟରାଗଡ଼ିଆ ସ୍କୁଲକୁ ନେଇଯାଇଛନ୍ତି। ଗେଡ଼ମା କ୍ଲଷ୍ଟର ଜଳସରପୁର ସ୍କୁଲରୁ ଅନ୍ୟ ଜଣେ କନିଷ୍ଠ ଶିକ୍ଷୟତ୍ରୀଙ୍କୁ ଡେପୁଟେସନ୍‌ରେ ଆଣି ଢେଙ୍କା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି କରିଛନ୍ତି। ଯାହାକି ସମ୍ପୂର୍ଣ୍ଣ ବେଆଇନ ବୋଲି କିଛି ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ଢେଙ୍କା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ପୂର୍ବରୁ ଥିବା ଜଣେ ଅସୁସ୍ଥ ଶିକ୍ଷୟିତ୍ରୀ ସସ୍ମିତା ଜେନାଙ୍କୁ ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱ ନେବାକୁ ବାଧ କରାଯାଉଛି। ସେ ଅସୁସ୍ଥତା କାରଣରୁ ପ୍ରଧାନଶିକ୍ଷୟିତ୍ରୀ ପଦବୀ ନେବାକୁ ସମ୍ପୂର୍ଣ୍ଣ ଅରାଜି ଥିବାବେଳେ ତାଙ୍କୁ ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱ ନିର୍ବାହ ପାଇଁ ବାଧ କରାଯାଉଥିବା ସେ କାନ୍ଦି କାନ୍ଦି ଅଭିଯୋଗ କରିଛନ୍ତି। ଏପରି ବାଧ କଲେ ସେ ଚାକିରୀରୁ ଇସ୍ତଫା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେ ଏହି ଫେରି ଆସିଥିବା ସିଆରସିସିଙ୍କ ମଧ୍ୟରୁ ଜଣକୁ ମୋଟରାଗଡ଼ିଆ ସ୍କୁଲକୁ ଦିଆ ନଯାଇ ଏତେ ଏପଟ ସେପଟ କରିବାର କାରଣ କଣ ବୋଲି ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶ୍ନ କରିଛନ୍ତି। ଏସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ରାଜୀବ ଦଳେଇଙ୍କୁ ପଚାରିବାରେ ସେ କହିଛନ୍ତି ଯେ କିଛି ସ୍ଥାନରେ ଆବଶ୍ୟକତାକୁ ଦେଖି ଏପରି କରାଯାଇଛି। ଯଦି କିଛି ପରିବର୍ତ୍ତନ ଆବଶ୍ୟକ ଥିବ ତେବେ ଦେଖାଯିବ ବୋଲି କହିଛନ୍ତି।

## ହାତୀପଲଙ୍କ ଉତ୍ପାତ: ଭାଙ୍ଗିଲେ ୪ଘର, ଖାଇଲେ ଧାନ ଚାଉଳ



ଡୁରୁମୁଙ୍ଗା,୪।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତୋଣ୍ଡ ବିଟ୍ ବଣ ମହୁଲଡିହା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ୩୧ଟିକିଆ ହାତୀପଲ ୪ଟି ଘର ଭାଙ୍ଗି ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଏଥିସହ ପନିପରିବା, ଓ ଧାନ ଫସଲ ଉଜାଡ଼ି ଦେଇଛନ୍ତି। ହାତୀପଲ ବଣ ମହୁଲଡିହା ପାତ୍ର ସହିର ସୂର୍ଯ୍ୟମଣି ମୁଣ୍ଡା, ଦାଶରଥି ମୁଣ୍ଡା, ସାହେବ ମୁଣ୍ଡା ଏବଂ ରବି ମୁଣ୍ଡାଙ୍କ ଘର ଭାଙ୍ଗିବା ସହ ସାହିବା ଓ ରବିଙ୍କ ୨ବସ୍ତା ଚାଉଳ ଖାଇ ଯାଇଛନ୍ତି। ହାତୀପଲ ସୋମବାର ସନ୍ଧ୍ୟାରେ ବଣମହୁଲଡିହା ଜଙ୍ଗଲରେ ଡେରା ପକାଇଛନ୍ତି। ଗତ ମାସେ ଧରି ହାତୀପଲ ଏହି ଅଞ୍ଚଳରେ ଆତଙ୍କ ଖେଳାଇ ୬୦ ଅଧିକ ଘର ଭାଙ୍ଗି ନଷ୍ଟ କରୁଥିଲେ ମଧ୍ୟ ବନ ବିଭାଗ ହାତୀପଲଙ୍କୁ ଘଉଡାଇବାରେ ବିଫଳ ହୋଇଥିବା ଲୋକେ ଅଭିଯୋଗ ଆଣି ଅସନ୍ତୋଷ ପ୍ରକାଶ କରିଛନ୍ତି।

## ନିଶାଡ଼ିଙ୍କ କବ୍‌ଜାରେ ଯାତ୍ରୀ ପ୍ରତୀକ୍ଷାଳୟ

ଯୋଡ଼ା,୪।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବସଷ୍ଟାଣ୍ଡରେ ନିର୍ମାଣ ହୋଇଥିବା ଯାତ୍ରୀ ପ୍ରତୀକ୍ଷାଳୟ ଏବେ ନିଶାଡ଼ିମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଦିନରାତି ପର୍ଯ୍ୟନ୍ତ ନିଶାଡ଼ିମାନେ ପ୍ରତୀକ୍ଷାଳୟଟିରେ ଆସର ଜମାଉଥିବା ବେଳେ ଅପେକ୍ଷାରତ ଯାତ୍ରୀ ସୁରକ୍ଷିତ ନ ମଣି ନିକଟରେ ଥିବା ଦୋକାନ ବାରଣ୍ଡାରେ ଛିଡ଼ାହୋଇ ବସକୁ ଅପେକ୍ଷା କରୁଛନ୍ତି। ଏଠାରୁ ବସ ଜିଲ୍ଲା ଏବଂ ରାଜ୍ୟ ବାହାରକୁ ଚଳାଚଳ କରୁଥିବା ନେଇ ବସଷ୍ଟାଣ୍ଡଟିରେ ଯାତ୍ରୀ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ପୂର୍ବ ସରକାର ସମୟରେ




୨୦୨୩ରେ ଏହି ଯାତ୍ରୀ ପ୍ରତୀକ୍ଷାଳୟଟି ନିର୍ମାଣ କରାଯାଇଥିଲା। ପାନୀୟଜଳ, ଶୌଚାଳୟ ଆଦିର ବ୍ୟବସ୍ଥା ରହିଥିବା ବେଳେ ଏହା ଏବେ ନିଶାଡ଼ିଙ୍କ କବ୍‌ଜାରେ ରହିଛି। ସକାଳ ହେବା ମାତ୍ରେ ଯାତ୍ରୀ ଗୃହଟିକୁ ମାଡି ବସି ସେଠାରେ ବିଭିନ୍ନ ନିଶା ସେବନ କରୁଛନ୍ତି। ରାତି ହେଲେ ବିଭିନ୍ନ ଅପରାଧିକ କାର୍ଯ୍ୟ ପାଇଁ ବାହାରୁଛନ୍ତି। ଏମାନଙ୍କୁ ବସଷ୍ଟାଣ୍ଡ ଅଞ୍ଚଳରେ ଡେଣ୍ଡରାଇଡ ଗୋଷ୍ଠୀ ଭାବେ ଜାଣନ୍ତି। ଦିନବେଳେ ନିଶା ଖାଇ ପ୍ରତୀକ୍ଷାଳୟଟିରେ ପଡିରହୁଥିବା ବେଳେ ରାତି ହେଲେ ଦୋକାନ ବଜାର ବନ୍ଦ ପରେ ଚୋରି ଏବଂ ସକାଳେ ଗାଳିଗୁଲଜ କରୁଛନ୍ତି। ଲୋକଙ୍କ ଛାତ ଉପରେ ଥିବା ଜିନିଷ, ପରିତ୍ୟକ୍ତ ଘର, ଛିଡା ହୋଇଥିବା ଗାଡ଼ିଗୁଡ଼ିକର ଯନ୍ତ୍ରାଂଶ ଉପରେ ଏମାନେ ନଜର ରହୁଛି। ଦୁଇଦିନ ତଳେ ବସଷ୍ଟାଣ୍ଡ ନିକଟରେ ଥିବା କିଛି ଦୋକାନ ଘରେ ଲାଗିଥିବା ସିସିଟିଭିର କପର ତାରଗୁଡିକୁ ଛିଣ୍ଡାଇ ନେଇଯାଇଥିବା ନେଇ ସ୍ଥାନୀୟ ଲୋକ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

## ଜିଲ୍ଲାସ୍ତରୀୟ ଏଚ୍‌ଆଇଭି କୁଇଜ ପ୍ରତିଯୋଗିତା




କେନ୍ଦୁଝର,୪।୮ (ସମିସ): କେନ୍ଦୁଝର ସଦରମହକୁମାସ୍ଥ ପିଏମଶ୍ରୀ ସରକାରୀ ବାଳିକା ହାଇସ୍କୁଲ୍‌ରେ ଜିଲ୍ଲାସ୍ତରୀୟ ଏଚଆଇଭି ଏଡ୍‌ସ ସମ୍ପର୍କିତ କୁଇଜ ପ୍ରତିଯୋଗିତା ଓସାକ୍ସ ଏବଂ ଜୁନିଅର ରେଡକ୍ରସ ପକ୍ଷରୁ ଆୟୋଜିତ ହୋଇଛି। କୃତୀ ଛାତ୍ର ମୋତି ରାଇସେନ ହେମ୍ବ୍ରମ, ଓଏଭି ସାହାରପଡା, ଖାଲିଆମେଣ୍ଟା ଧନେଇ ନୋଡାଲ ହାଇସ୍କୁଲ୍‌ର ଛାତ୍ରୀ ଅଭିଲିପ୍ସା ଦାସ ଶ୍ରେଷ୍ଠ ସ୍ଥାନ ବଜାୟ ରଖି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏଡିଏମଓ ଡ଼ଃ ଲକ୍ଷ୍ମୀକାନ୍ତ ମହାନ୍ତ, ଏପିଡିଏଚଓ ଡ଼ଃ ନିଲମ ମହାନ୍ତି, ରେଡ଼କ୍ରସ ଜିଲ୍ଲା ଯୁଗ୍ମ ସମ୍ପାଦକ ଏଆର ଖାନ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ପ୍ରଧାନଶିକ୍ଷକ ଜୟପ୍ରକାଶ ରାଉତ, ଜୁନିଅର ରେଡ଼କ୍ରସ ଅଫିସର ପ୍ରଶାନ୍ତ ପରିଡା, ଆଇସିଟିସି ସୁପରଭାଇଜର ବ୍ରହ୍ମାନନ୍ଦ ସାହୁ ଏଡ଼ସର ଭୟାବହତା, ପ୍ରତିକାର ଓ ସଚେତନତା ସମ୍ପର୍କରେ ଜ୍ଞାତବ୍ୟ ତଥ୍ୟ ପ୍ରଦାନ କରିଥିଲେ। ବୃନ୍ଦାବନ ସାହୁ ଧନ୍ୟବାଦ ଦେଇଥିଲେ।

## କେଶଦୁରପାଳରେ ଅଗ୍ନିଶମକେନ୍ଦ୍ର ଓ ଫାଣ୍ଡି ପାଇଁ ଦାବିପତ୍ର

ଆନନ୍ଦପୁର,୪।୮ (ସମିସ): କେନ୍ଦୁଝର ଜିଲ୍ଲାର ଘଷିପୁରା ବ୍ଲକ ଅଧୀନ କେଶଦୁରପାଳରେ ଅଗ୍ନିଶମ କେନ୍ଦ୍ର ଓ ପୁଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ଆବଶ୍ୟକତା ଅନୁଭୂତ ହୋଇଥିଲେ ମଧ ପ୍ରଶାସନିକ ତତ୍ପରତା ପ୍ରକାଶ ପାଉନଥିବା ପରିତାପର ବିଷୟ। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିବା ବେଳେ ଆଜି କେତେକ ସଚେତନ ଯୁବକ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଘସିପୁରା ଥାନା ଓ ଅଗ୍ନିଶମ କେନ୍ଦ୍ରଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ଥିବା କେଶଦୁରପାଳ ଆଖ ପାଖ ୬ଟି ପଞ୍ଚାୟତର କେନ୍ଦ୍ରସ୍ଥଳ। ଦୂରତା ଦୃଷ୍ଟିରୁ ଏହି ଅଞ୍ଚଳର ଲୋକମାନେ ବିଭିନ୍ନ ସମସ୍ୟା ର ସମୁଖୀନ ହେଉଛନ୍ତି ଦୈବୀଦୁର୍ବିପାକ ଓ ନିଆଁ ଲାଗିବା ଭଳି କୌଣସି ଅଘଟଣ ହେଲେ ଘଷିପୁରାରୁ କେଶଦୁରପାଳ ଯିବାକୁ ଏକ ଘଣ୍ଟା ସମୟ ଲାଗିଥାଏ। ଯାହାକି ତତ୍କାଳ ଜରୁରୀ ସେବା ପାଇବା ସମ୍ଭବ ହୁଏନାହିଁ, ୬ଟି ପଞ୍ଚାୟତର ଲୋକମାନେ ଧନଜୀବନ ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କେଶଦୁରପାଳରେ ଏକ ଅଗ୍ନିଶମ କେନ୍ଦ୍ର ଓ ପୁଲିସ ଫାଣ୍ଡିପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସାମ୍ବାଦିକ ଅବିନାଶ ଶତପଥୀ ଦାବିପତ୍ର ପ୍ରଦାନ କରିଥିଲେ।



## ଉଭୟଚର ଜଗତର ଅନନ୍ୟ ପ୍ରାଣୀ ଗେଣ୍ଡା

### ଗ୍ରାମାଞ୍ଚଳରେ ଏବେ ବି ରହିଛି ଆଦର

ଆନନ୍ଦପୁର,୪।୮ (ସମିସ)

ଖରାଦିନେ ଜଳାଶୟ, ଖାଲପାଟିଆ, ଜଳପୁଟ ଆଦି ସ୍ଥାନରେ ଜଳସ୍ତର ଶୁଖିଯିବା ପରେ ଯେଉଁଠି ପାଣି ମୁହାଏ ଥାଏ ସେଠାରେ ଛୋଟ ଛୋଟ ଶାମୁକା, କୁଜି ଗେଣ୍ଡା ଦେଖିବାକୁ ମିଳନ୍ତି। ବିଭିନ୍ନ ପ୍ରଜାତିର ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଆସି ଏହାକୁ ଖାଇଥାନ୍ତି। ମଣିଷ ପକ୍ଷୀମାନଙ୍କ ଖାଦ୍ୟକୁ ଏବେ ସହଜରେ ଗ୍ରହଣ କରିନେଲେଣି। କାରଣ ଏହି କୁଜି ଗେଣ୍ଡା ଓ ଶାମୁକାରେ ପ୍ରଚୁର ପରିମାଣରେ ଭିଟାମିନ୍ ରହିଛି। ପକ୍ଷୀମାନେ ସିଧାସଳଖ ଖାଦ୍ୟରୂପେ ଗ୍ରହଣ କରି ନିରୋଗ ରହୁଛନ୍ତି। ଆନନ୍ଦପୁର ଉପାନ୍ତ ଅଞ୍ଚଳରେ କେତେକ ଜନଜାତି ସମ୍ପ୍ରଦାୟର ଲୋକମାନେ ଏହାକୁ ନେଇ ପ୍ରଥମେ ଗରମ ପାଣିରେ ପକାଇ ଖୋଳପା ବାହାର କରି ତା' ଭିତର ମାଂସକୁ ତରକାରୀ କରି ଖାଉଛନ୍ତି। କଙ୍କଡ଼ା, ଗେଣ୍ଡା, ଶାମୁକା ଶରୀର ପାଇଁ ଖୁବ୍ ଉପଯୋଗୀ କୁହାଯାଉଥିବା ବେଳେ ଜନଜାତି ସମ୍ପ୍ରଦାୟ ଯୁବକମାନେ ଖରାବେଳେ ନିକଟ ଗାଡ଼ିଆ, ପୋଖରୀରୁ କୁଜି ଗେଣ୍ଡା, ଶାମୁକା



ସଂଗ୍ରହ କରିଥାନ୍ତି। କେତେଜଣ ଲୋକ ଏହାକୁ ନିଜେ ଖାଇବା ସହ ପଡ଼ୋଶୀ ଜିଲ୍ଲାକୁ ବିକ୍ରି କରିବାକୁ ନେଇଥାନ୍ତି। କୁଜି ଗେଣ୍ଡା ଓ ଶାମୁକା କିଲୋ ପ୍ରତି ୩୦-୪୦ ଟଙ୍କାରେ ବିକ୍ରି କରାଯାଇଥାଏ। ବର୍ଷାଦିନ ଆରମ୍ଭରୁ ବଡ଼ ଗେଣ୍ଡା, ଶାମୁକାଗୁଡ଼ିକ ଡିମ୍ବ ଦେବା ପୂର୍ବରୁ ଏହାକୁ ଖାଦ୍ୟ ରୂପେ ଗ୍ରହଣ କରାଯାଏ। ଗେଣ୍ଡା, ଶାମୁକା ମାଂସକୁ ଖାଦ୍ୟ ରୂପେ ଗ୍ରହଣ କଲେ ଶରୀରରେ ଭିଟାମିନ୍ ଏ' ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହ ଆଇରନ୍ ବା ଲୌହସାର ଏବଂ କ୍ୟାଲସିୟମ ମିଳିଥାଏ। ଶରୀରରେ ଚର୍ବିଅଂଶ ହ୍ରାସ କରିବା ସହ ଲୋ ଫ୍ୟାଟ୍ ରଖିଥାଏ। ଏଥିଯୋଗୁଁ ହୃଦ୍‌ଘାତ ଆଶଙ୍କା ହ୍ରାସ ପାଇବା ସହ ଶରୀର ପାଇଁ ଖୁବ୍ ଉପଯୋଗୀ ବୋଲି ଜଣେ ଜନଜାତି ସମ୍ପ୍ରଦାୟର ବୁଦ୍ଧିଜୀବୀଙ୍କ ସହ ଆଲୋଚନରୁ ଜଣାଯାଇଛି।

## ଆନନ୍ଦପୁରରେ ନାହିଁ ଶବଦାହ ଗୃହ

### ରାସ୍ତାପାର୍ଶ୍ୱରେ ହେଉଛି ସଂସ୍କାର

ଆନନ୍ଦପୁର,୪।୮ (ସମିସ): ଆନନ୍ଦପୁର ଓ ଏହାର ଆଖପାଖ ଅଞ୍ଚଳରେ ଶବସଂସ୍କାର ପାଇଁ କୋଣସି ସୁବିଧା ନଥିବାରୁ ରାସ୍ତାକଡ଼ରେ ଶବଦାହ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୫ଟି ୱାର୍ଡ ବିଶିଷ୍ଟ ଆନନ୍ଦପୁର ସହରରେ କୌଣସି ସ୍ଥାନରେ ଶବଦାହର ସୁବିଧା ନଥିବାରୁ ବୈତରଣୀ ନଦୀକୁଳରେ ସଂସ୍କାର କାର୍ଯ୍ୟ ହୋଇଥାଏ। ହେଲେ ବର୍ଷା ଦିନରେ ବିଶେଷ ଅସୁବିଧା ହେଉଥିବା ବେଳେ ନଦୀରେ ବନ୍ୟାଜଳ ଆସିଲେ ଶବଦାହ କଷ୍ଟକର ହୋଇପଡ଼େ। ପୌରପରିଷଦ ପକ୍ଷରୁ ଶବଦାହ ଗୃହ ନିର୍ମାଣ ପ୍ରସ୍ତାବ ଶୀତଳ ଭଣ୍ଡାରରେ ପଡ଼ିଛି ବୋଲି ଅଭିଯୋଗ ହେଉଛି। ଏପରି ଅସୁବିଧା ଯୋଗୁଁ ୫୩ନଂ ରାଜ୍ୟ ରାଜପଥର ମେଗା ଜଳ ପ୍ରକଳ୍ପ ନିକଟସ୍ଥ ରାସ୍ତାପାଶ୍ୱର୍ରେ ଶବଦାହ କରାଯାଉଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପରିବେଶର ସୁରକ୍ଷା ପାଇଁ ବିବିଧ ଯୋଜନା ଓ ଜନସଚେତନତା ସୃଷ୍ଟି କରାଯାଉଥିବା ବେଳେ ରାସ୍ତାପାଶ୍ୱର୍ରେ ଏପରି ଶବଦାହ ପରିବେଶକୁ ଦୂଷିତ କରୁଛି। ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କୁ ଶବଦାହ ଗୃହରେ ସତ୍କାର ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ ହେଉଥିବା ବେଳେ ଆନନ୍ଦପୁର ପୌରପରିଷଦରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ସେହିପରି ଦୁଇ ୱାର୍ଡ ବିଶିଷ୍ଟ ପଦ୍ମପୁର ଗ୍ରାମରେ ଶବଦାହ ପାଇଁ ସୁବିଧା ନଥିବାରୁ ମୃତବ୍ୟକ୍ତିଙ୍କୁ ୫୩ନଂ ରାଜ୍ୟ ରାଜପଥର କଡ଼ରେ ଦାହ କରୁଥିବାରୁ ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଲୋକେ ଭୟଭୀତ ହେଉଥିବା ଆଲୋଚନାରୁ ଜଣାଯାଇଛି। ପୌରପରିଷଦରେ ଶବଦାହ ଗୃହ ନିର୍ମାଣ



ପାଇଁ ଲକ୍ଷ ଲକ୍ଷ ଟଙ୍କା ଥିବାବେଳେ ଦୀର୍ଘ ୩ବର୍ଷ ଧରି ପୌରପରିଷଦର ୨ନଂ ୱାଡର୍‌ରୁ ୭ନଂ ୱାଡର୍ ମଧ୍ୟରେ ଗୋଟିଏ ବି ଶବଦାହ ଗୃହ ହୋଇପାରୁ ନ ଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ବିଭିନ୍ନ ୱାର୍ଡରେ ଶବଦାହ ଗୃହ ନିର୍ମାଣ ଦିଗରେ ଉଚିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇଛି।

## ଶୈବପୀଠରେ କାଉଡ଼ିଆଙ୍କ ଭିଡ଼



ତାଳଚେର,୪।୮(ସମିସ): ଶ୍ରାବଣ ମାସ ଶେଷ ସୋମବାର ତାଳଚେର ଅଞ୍ଚଳର ସମସ୍ତ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ପ୍ରାତଃ ସମୟରୁ ଠାକୁରଙ୍କ ପୂଜାର୍ଚ୍ଚନା ପରେ ମନ୍ଦିରଗୁଡ଼ିକର ଦ୍ୱାର ଫିଟାଯାଇଥିଲା। କାଉଡ଼ିଆମାନେ ଶାନ୍ତିଶୃଙ୍ଖଳାରେ ଧାଡ଼ିରେ ଯାଇ ମହାଦେବଙ୍କ ମସ୍ତକରେ ଜଳାଭିଷେକ କରିଥିଲେ। ବୋଲବମ୍ ହରହର ବମ୍ ଧ୍ୱନିରେ ଧାମଗୁଡ଼ିକ ପ୍ରକମ୍ପିତ ହୋଇଥିଲା। ଶାନ୍ତିଶୃଙ୍ଖଳାର ସହ ଜଳାଭିଷେକ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅଞ୍ଚଳର ପଶ୍ଚିମେଶ୍ୱର, ଧରମପୁର, ଆଖଣ୍ଡଳମଣି, ପଞ୍ଚମୁଖୀ, ଚକ୍ରଶିଳା ଆଦି ପୀଠରେ ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

## ବଜ୍ରପାତରେ ଚାଷୀ ମୃତ

ଛେଣ୍ଡିପଦା,୪।୮(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଚାଙ୍ଗୁଡ଼ିଆ ପଞ୍ଚାୟତ ସନ୍ତରାବନ୍ଧ ଗ୍ରାମରେ ସୋମବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସନ୍ତରାବନ୍ଧ ଗ୍ରାମର କରୁଣାକର ସାହୁ (୫୮)। ଅପରାହ୍ନରେ କରୁଣାକର ବାଡ଼ିପଟେ କାର୍ଯ୍ୟ କରୁଥିବାବେଳେ ବଜ୍ରପାତ ହେବାରୁ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ତଦନ୍ତ ଜାରି ରଖିଛି। ତୁରନ୍ତ ତାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଓସ୍ୱାପାଲ୍ଲୀ ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୪।୮(ସମିସ): କିଶୋରନଗର ବ୍ଲକ ଓସ୍ୱାପାଲ୍ଲୀ ପଞ୍ଚାୟତରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ସରପଞ୍ଚ ବିଜୟିନୀ ସାହୁ, ନାଏବ ସରପଞ୍ଚ ପ୍ରମୋଦ ସାହୁ, ଜିପିଡିଓ ସତ୍ୟପ୍ରିୟ ସାହୁ, ଏବିଇଓ ଲକ୍ଷ୍ମଣ କୁମାର ଦେହୁରୀ, ଆରଡବ୍ଲୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ସନ୍ଧ୍ୟାରାଣୀ ପଲେଇ, ବ୍ଲକ ଯୋଗାଣ ଅଧିକାରୀ ଋଷଭ ଚନ୍ଦ୍ର ନାୟକ, ବିଏସଏସଓ ଝସକେତନ ସାହୁଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।

## ସମ୍ଭାଗସ୍ତରୀୟ ଶୈକ୍ଷିକ ପ୍ରମୁଖ କାର୍ଯ୍ୟଶାଳା

ବଇଣ୍ଡା,୪।୮(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ୩ ଦିନ ଧରି ଶିକ୍ଷା ବିକାଶ ସମିତି ଓଡ଼ିଶା, ମଧ୍ୟ ସମ୍ଭାଗର ସମ୍ଭାଗସ୍ତରୀୟ ଶୈକ୍ଷିକ ପ୍ରମୁଖ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଛି। କାର୍ଯ୍ୟଶାଳାରେ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ପ୍ରାୟ ୭୬ ବିଦ୍ୟାଳୟରୁ ୧୧୫ ଜଣ ଶୈକ୍ଷିକ ପ୍ରମୁଖ ଆଚାର୍ଯ୍ୟ, ଆଚାର୍ଯ୍ୟା ଯୋଗଦେଇଥିଲେ। ପ୍ରାନ୍ତ ନିରୀକ୍ଷକ ଅଶ୍ୱିନୀ କୁମାର ନାୟକ, ମଧ୍ୟ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ, ଅନୁଗୋଳ ଜିଲ୍ଲ ନିରୀକ୍ଷକ ବିରଞ୍ଚିନାରାୟଣ ମହାପାତ୍ର ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ନୂତନ ଶିକ୍ଷାନୀତି ତଥା ଆଇସିଟି ମାଧ୍ୟମରେ ଶ୍ରେଣୀ କାର୍ଯ୍ୟ ପରିଚାଳନା ପାଇଁ ସୁଶାନ୍ତ କୁମାର ତ୍ରିପାଠୀ, କୀର୍ତ୍ତିମୟୀ ଦାସ, ସ୍ମୃତଲିପା ମିଶ୍ର ବିଭିନ୍ନ କାଳାଂଶ ନେଇ ଗୁରୁଜୀଗୁରୁମାଙ୍କ ଶଙ୍କା ମୋଚନ କରିଥିଲେ। କାର୍ଯ୍ୟଶାଳାରେ ବଇଣ୍ଡା ସଙ୍କୁଳ ପ୍ରମୁଖ ରଜିତ ବିଶ୍ୱାଳ, ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଓ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନା ଅତିଥି ପରିଚୟ କରାଇଥିଲେ। ସହ-ପ୍ରଧାନ ଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଶ୍ରାବଣର ଶେଷ ସୋମବାର

# କପିଳାସରେ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

ଗଁଦିଆ,୪।୮(ସମିସ)



ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦ୍ରଶେଖରଙ୍କ ବିଜେ କପିଳାସ ପୀଠରେ ଶ୍ରାବଣର ଶେଷ ସୋମବାର ୫୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳାଭିଷେକ କରିଛନ୍ତି। ତୃତୀୟ ପାଳିରେ ପ୍ରଶାସନର ଆକଳନକୁ ଭୁଲ ପ୍ରମାଣିତ ରବିବାର ସକାଳୁ ମଧ୍ୟରାତ୍ର ପର୍ଯ୍ୟନ୍ତ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗିଥିଲା। ଏଥିନିମନ୍ତେ ଶେଷପାଳିରେ ରବିବାରଠାରୁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ପୂରା କଡ଼ାକଡ଼ି କରାଯିବା ସହ ସମସ୍ତ ଆନୁଷଙ୍ଗିଗ ବ୍ୟବସ୍ଥା ହୋଇଥିଲା। କାଉଡ଼ିଆମାନେ ବିଭିନ୍ନ ନଦୀରୁ ଜଳଭାର ଉଠାଇ କାନ୍ଧରେ ଧରି ଦୀର୍ଘପଥ ଖାଲି ପାଦରେ ଚାଲି ଆସି ବାବା ଚନ୍ଦ୍ରଶେଖରଙ୍କ ମସ୍ତକରେ ଜଳାଭିଷେକ କରିଥିଲେ। ପୁରୁଷ, ମହିଳା ସମେତ ଛୋଟ ପିଲାମାନେ ଆସିଥିବା ଦେଖିବାକୁ ମିଳିଥିଲା। ଏହି ପୀଠକୁ ସ୍ଥାନୀୟ ଢେଙ୍କାନାଳ ଜିଲ୍ଲା ସମେତ ପଡ଼ୋଶୀ ଯାଜପୁର, କଟକ, କେନ୍ଦୁଝର, ଭଦ୍ରକ, ଅନୁଗୋଳ, ପୁରୀ, ଜଗତସିଂହପୁର ତଥା ରାଜଧାନୀ ଭୁବନେଶ୍ୱର ଆଦି ସ୍ଥାନରୁ ଶ୍ରଦ୍ଧାଳୁ ଆସିଥିଲେ। ପୀଠକୁ ୩ଟି ସଂଯୋଗୀକରଣ ରାସ୍ତା ଯଥା ଢେଙ୍କାନାଳ, ଟାଙ୍ଗୀ ଓ ଗଁଦିଆ ପଟରୁ ଶନିବାରଠାରୁ ରବିବାର ମଧ୍ୟରାତ୍ରି ପର୍ଯ୍ୟନ୍ତ କାଉଡ଼ିଆଙ୍କ ଧାଡ଼ି ଲାଗିଥିବା ଦେଖିବାକୁ ମିଳିଥିଲା। ଦେବୋତ୍ତର ବିଭାଗ ପକ୍ଷରୁ ପୂର୍ବପରି ଅସ୍ଥାୟୀ ଟେଣ୍ଟ ଓ ବୋତଲରେ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ପୀଠରେ ଥିବା ପାଣି ଟାଙ୍କିଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ସେହିପରି କାଉଡ଼ିଆମାନେ ରାତି ସମୟରେ ଯେପରି ସୁବିଧାରେ କାନ୍ଧରେ ପାଣିଭାର ନେଇ ଉପରକୁ ଯିବେ ସେଥିପାଇଁ ବାରବାଙ୍କ ଓ ପାହାଚ ପଥରେ ଦେବୋତ୍ତର ବିଭାଗ ପକ୍ଷରୁ ଆଲୋକ ବ୍ୟବସ୍ଥା କରାଯାଇଥିଲା। ମଧ୍ୟରାତ୍ରରୁ ବୃଷଭଙ୍କଠାରୁ ଆରମ୍ଭ କରି ଶିବ ପାର୍ବତୀ ଓ ଶ୍ରାବଣୀ ଲିଙ୍ଗରେ ଜଳାଭିଷେକ ଆରମ୍ଭ ହୋଇଥିଲା। ପ୍ରାତଃ ସମୟରୁ ଠାକୁରଙ୍କ ରୀତିନୀତି ଅନୁଯାୟୀ ମଙ୍ଗଳ ଆଳତି, ମଇଲମ, ସୂର୍ଯ୍ୟପୂଜା ଆଦି ନୀତିକାନ୍ତି ସମ୍ପନ୍ନ ପରେ ମନ୍ଦିର ମୁଖ୍ୟ ଦ୍ୱାରା ଖୋଲାଯାଇଥିଲା ଓ ଭକ୍ତମାନେ ସିଂହଦ୍ୱାରାଠାରୁ ଲମ୍ବା ଧାଡ଼ିରେ ଠିଆହୋଇ ଠାକୁରଙ୍କ ଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗଁଦିଆ ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି, ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

ଶ୍ରାବଣର ଶେଷ ସୋମବାର

## ଜଳାଭିଷେକ କଲେ ଗମ୍ଭାରୀମଳିହା ଶ୍ରଦ୍ଧାଳୁ



କିଶୋରନଗର,୪।୮(ସମିସ): ଶ୍ରାବଣ ଶେଷ ସମୋବାର ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ସଞ୍ଜାମୁରା ପଞ୍ଚାୟତ ଗମ୍ଭାରୀମଳିହା କାଉଡ଼ିଆମାନେ ରବିବାର ଭାରଥୀପୁର ନାଳରେ ପୂଜାର୍ଚ୍ଚନା କରି ସଞ୍ଜାମୁରା ଶିବମନ୍ଦିରରେ ଜଳାଭିଷେକ କରିଛନ୍ତି। ଦୀର୍ଘ ୯ ବର୍ଷ ହେଲା ଗମ୍ଭାରୀମଳିହାର ଶ୍ରଦ୍ଧାଳୁମାନେ କାଉଡ଼ି ଯାତ୍ରାରେ ଯାଉଛନ୍ତି। ଆଜି ଗମ୍ଭାରୀମାଳିହାସ୍ଥିତ କଟଙ୍ଗନାଳି ମଠରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏଥିରେ ୯ ଜଣ କାଉଡ଼ିଆ ପ୍ରସାଦ ସେବନ କରିଥିଲେ। ଗମ୍ଭାରୀମାଳିହା ବୋଲବମ କମିଟିର ଅନିଲ ନାୟକ, ଗଗନ ପାତ୍ର, ସୁରେଶ ଚନ୍ଦ୍ର ନାୟକ, ଅଗସ୍ତି ନାୟକ, ମାନସ ନାୟକ, ରଞ୍ଜନ ନାୟକ, ଯତୀନ୍ଦ୍ର ନାୟକ, କାହ୍ନା ସାହୁ, ଅକ୍ଷୟ ଦାଶ, କରୁଣାକର ମାଝୀ ଓ ସ୍ୱାଧୀନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## କ୍ୟାମ୍ପସ୍ ଚୟନରେ କ୍ରିଏଟିଭ୍ ଟେକ୍ନୋ କଲେଜର ସଫଳତା

ଅନୁଗୋଳ,୪।୮(ସମିସ): ଅନୁଗୋଳ ବାଲୁଆକଟାସ୍ଥିତ କ୍ରିଏଟିଭ୍ ଟେକ୍ନୋ କଲେଜ ଛାତ୍ରଛାତ୍ରୀମାନେ ୨୦୨୫ ଶିକ୍ଷାବର୍ଷ କ୍ୟାମ୍ପସ୍ ଚୟନରେ ଅଭୂତପୂର୍ବ ସଫଳତା ଅର୍ଜନ କରିଛନ୍ତି। ବିଭିନ୍ନ ଅନ୍ତର୍ଜାତୀୟ କମ୍ପାନୀର ଚୟନ ପ୍ରକ୍ରିୟାରେ ଭାଗନେଇଥିବା କଲେଜର ବିବିଏ, ବିସିଏ ଏବଂ ବିଏସ୍‌ସି କମ୍ପ୍ୟୁଟର ସାଇନ୍ସର ଛାତ୍ରଛାତ୍ରୀମାନେ କଲେଜ ପାଇଁ ଗୌରବ ଆଣିଛନ୍ତି। ୱିପ୍ରୋ ଏବଂ ଟିସିଏସ ଭଳି ନାମୀ ଅନ୍ତର୍ଜାତୀୟ କମ୍ପାନୀରେ ୩୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସଫଳତା ଲାଭ କରିଛନ୍ତି। ୱିପ୍ରୋ କମ୍ପାନୀରେ ଅନିଶ ଅଶୁତୋଷ ନାୟକ, ଆଦ୍ୟାଶା ସାହୁ, ଚନ୍ଦନ ସ୍ୱାଇଁ, ପ୍ରୀତିପ୍ରଜ୍ଞା ବେହେରା, ଚନ୍ଦ୍ରକାନ୍ତ ମୁଦୁଲି, ପ୍ରୀତମ କୁମାର ବେହେରା, ସଙ୍ଗୀତା ପ୍ରଧାନ, ଦେବାଶିଷ ପ୍ରଧାନ, ମୋନାଲିସା ସାହୁ, ରେଶ୍ମାସ୍ମିତା ପ୍ରିୟଦର୍ଶିନୀ, ସ୍ମିତା ସ୍ୱାଇଁ, କରଣ କୁମାର ନାୟକ, ଅଭିଷେକ କୁମାର ରାଏ ଏବଂ ଟିସିଏସ୍‌ରେ ଇପ୍ସିତା ସାହୁ, ଋତୁପର୍ଣ୍ଣା ଦେବୀ, ନେନ୍ସି ବିଶ୍ୱାଳ, ଭବାନୀ ଶଙ୍କର ଦାଶ, ସଙ୍ଗୀତା ପ୍ରଧାନ, ପାୟଲ ସାହୁ, ବିଶାଳ ତିୱାରି, ଲକ୍ଷ୍ମୀପ୍ରିୟା ସାହୁ, ନମିତାରାଣୀ ସାହୁ, ଅନିଶ ଅଶୁତୋଷ ନାୟକ, ଅଦ୍ୟାଶା ସାହୁ, ଅର୍ଚ୍ଚିତା ଧର, ଅଶୁତୋଷ ସାହୁ, ଅଭିଲିପ୍ସା ପ୍ରଧାନ, ସ୍ୱପ୍ନଜିତ ସାହୁ, ସାନିଆ ନାୟକ, ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ଚୟନ ହୋଇଛନ୍ତି। ଏଥିସହ ଅନ୍ୟାନ୍ୟ ଅନ୍ତର୍ଜାତୀୟ କମ୍ପାନୀ ଯଥା ଏଲ୍‌ଟି ମାଇଣ୍ଡଟ୍ରି, କଗନିଜେଣ୍ଟ, କ୍ୟାପ୍ ଜେମନି ପ୍ରଭୃତିର ଚୟନ ପ୍ରକ୍ରିୟା ଚାଲୁ ରହିଛି।

କଲେଜର ସ୍ୱତନ୍ତ୍ର ପାଠପଢ଼ା ଶୈଳୀ ସହ ନିଯୁକ୍ତିଭିତ୍ତିକ ତାଲିମ, ବିଭିନ୍ନ ଶିକ୍ଷାଭିତ୍ତିକ କାର୍ମଶାଳା ଏବଂ ଶିଳ୍ପ ବିଶେଷଜ୍ଞମାନଙ୍କ ଦ୍ୱାରା ସେମିନାର୍ କ୍ୟାମ୍ପସ୍ ଚୟନରେ ସାହାଯ୍ୟ କରିଥାଏ ବୋଲି କଲେଜ ଚେୟାରମ୍ୟାନ ଜ୍ଞାନେନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ ସାହୁ କଲେଜର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ନିଯୁକ୍ତି ଅଧିକାରୀ ଭବାନୀ ଶଙ୍କର ସାହୁ, ଅଧ୍ୟକ୍ଷ କୃଷ୍ଣାଶିଷ ମିଶ୍ର, ଏକାଡେମିକ୍ ଡିନ୍ ଇଂ ମନୋଜ କୁମାର ଦାସ ଏବଂ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଶ୍ରେୟ ଦେଇଛନ୍ତି।

## ତୁଳସୀପାଳରେ ଇନ୍ଦ୍ରଦେବତାଙ୍କ ବାର୍ଷିକ ପୂଜା



ବଅଁରପାଳ,୪।୮(ସମିସ): ବଅଁରପାଳ ବ୍ଲକ ତୁଳସୀପାଳ ଗ୍ରାମ ଆଲୁଆମୁଣ୍ଡା ରଗଡ଼ାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଇନ୍ଦ୍ର ଦେବତାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ହୋମଯଜ୍ଞ ଆୟୋଜନ କରାଯାଇଥିଲା। ସ୍ୱଳ୍ପବୃଷ୍ଟିରୁ ଚାଷୀକୁଳକୁ ଉଦ୍ଧାର କରିବା ପାଇଁ ପ୍ରତ୍ୟେକ ବର୍ଷ ଏହି ପର୍ବକୁ ଗ୍ରାମବାସୀ ପାଳନ କରି ଆସୁଛନ୍ତି। ପୂର୍ବାହ୍ନ ୮ଟାରେ ଗ୍ରାମ ରାଜଧାନୀ ସାହିସ୍ଥିତ ରାଧାକୃଷ୍ଣ ମନ୍ଦିରରେ ପୂଜାପାଠ କରି ସେଠାରେ ପୂଜା ପାଉଥିବା ଭାଗବତ ଗ୍ରନ୍ଥକୁ ନାମ ସଂକୀର୍ତ୍ତନ ଓ ଢୋଲବାଦ୍ୟ ସହ ଶୋଭାଯାତ୍ରାରେ ଗ୍ରାମ ନିକଟ ଆଲୁଆମୁଣ୍ଡା ରଗଡ଼ାରେ ଥିବା ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଦୁଇ କାଠର ଘର୍ଷଣରେ ଉତ୍ପନ୍ନ ହେଉଥିବା ଅଗ୍ନିରେ ଯଜ୍ଞକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପଣ୍ଡିତ ଅଭିମନ୍ୟୁ ଶତପଥୀଙ୍କ ତତ୍ତ୍ୱାବଧାନରେ ବ୍ରାହ୍ମଣମାନେ ହୋମଯଜ୍ଞ ପରିଚାଳନା କରିଥିଲେ। ନିକଟସ୍ଥ ଲଙ୍ଗୁଳିଆବେଡ଼ା, ଗଡ଼ସନ୍ତ୍ରୀ, କଙ୍କିନାଳୀ, ଅରହାଟ ଓ ପୁରିକିଆ ଗ୍ରାମବାସୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଯୁବ ବିଜେଡି ନେତା ଅରୁଣାଭ ସିଂହ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ।

## ୫ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆଙ୍କ ଜଳଲାଗି



ଆଠମଲ୍ଲିକ,୪।୮(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକସ୍ଥିତ ପ୍ରସିଦ୍ଧ ଶୈବପୀଠ ଦେଉଳଝରୀଠାରେ ଶ୍ରାବଣ ଶେଷ ସୋମବାର ଉପଲକ୍ଷେ ୫ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଥିବା ଜଣାଯାଇଛି। କାଉଡ଼ିଆମାନେ ଶୃଙ୍ଖଳିତ ଭାବେ ଜଳଲାଗି କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ ହୋଇଥିବା ବେଳେ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଷ୍ଟଲ ନିର୍ମାଣ କରାଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ଦେଉଳଝରୀ ପୂଜା କମିଟି ସଭାପତି ଧାର୍ମିକ ପରିଛା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦେହୁରୀ ଓ ସମସ୍ତ ପୂଜକ କାଉଡ଼ିଆମାନଙ୍କୁ ଜଳଲାଗି କରାଇ ଦର୍ଶନ କରାଇଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦେଉଳଝରୀ ମନ୍ଦିର ପରିସରରେ କାଉଡ଼ିଆମାନଙ୍କୁ ଖାଦ୍ୟ ପରିବେଷଣ କରାଯାଇଥିଲା।

## ଗାଁ ଦାଣ୍ଡରେ ଆଇନଜୀବୀଙ୍କୁ ଛୁରାମାଡ଼

ହିନ୍ଦୋଳ,୪।୮(ସମିସ): ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ବେଡ଼ାପଡ଼ା ଗ୍ରାମର ଆଇନଜୀବୀ ତଥା ହିନ୍ଦୋଳ ଓକିଲ ସଂଘ ସଭାପତି ସୁଶୀଲ ଗଡ଼ନାୟକଙ୍କୁ ଗାଁ ଦାଣ୍ଡରେ ଜଣେ ଯୁବକ ଛୁରାମାଡ଼ କରିଥିବା ଜଣାପଡ଼ିଛି। ବେଡ଼ାପଡା ଗ୍ରାମର ସୁଶୀଲ ସରକାରୀ ଓକିଲ ଭାବେ ହିନ୍ଦୋଳ କୋର୍ଟରେ କାର୍ଯ୍ୟ କରୁଥିବା ବେଳେ ସୋମବାର ସନ୍ଧ୍ୟାରେ ଘରପାଖ ଏକ ଦୋକାନରେ ବସିଥିଲେ। ଅଚାନକ ସେହି ଗ୍ରାମର ଗୋପବନ୍ଧୁ ସାମଲଙ୍କ ପୁଅ ପୁଟି ସାମଲ ଏକ ଛୁରୀ ସାହାଯ୍ୟରେ ସୁଶୀଲଙ୍କ ପେଟକୁ ଥରେ ଓ ପିଠିକୁ ୨ ଭୁସିଦେଇଥିଲେ। ସୁଶୀଲଙ୍କ ଚିତ୍କାର ଶୁଣି ଗ୍ରାମବାସୀ ପଳାଇ ଆସିବାରୁ ପୁଟି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପରିବାର ଲୋକେ ତୁରନ୍ତ ସୁଶୀଲଙ୍କୁ ଉଦ୍ଧାର କରି ଢେଙ୍କାନାଳ ଡାକ୍ତରଖାନା ନେଇଥିଲେ।

**ଗୁରୁତର ଅବସ୍ଥାରେ କଟକ ଡାକ୍ତରଖାନା ସ୍ଥାନାନ୍ତର**

ତେବେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଛନ୍ତି। ପୁଲିସ ଗ୍ରାମରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଛି। ତେବେ ଛୁରାମାଡ଼ର କାରଣ ଜଣାପଡ଼ିନାହିଁ।

ବାର୍‌ହା ଶିକାର ପାଇଁ ପକେଟରେ ନେଉଥିଲେ ଗୋଳାବାରୁଦ

## ବିସ୍ଫୋରଣରେ ଯୁବକ ଗୁରୁତର

କଣିହାଁ,୪।୮(ସମିସ): ଅନୁଗୋଳ ଜିଲ୍ଲା ସମଲ ଥାନା ଅଞ୍ଚଳରେ ସୋମବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ବାର୍‌ହା ଶିକାର ପାଇଁ ପକେଟରେ ଗୋଳାବାରୁଦ ନେଇ ଯାଉଥିବା ବେଳେ ବିସ୍ଫୋରଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସମଲ ଗ୍ରାମର ହଗୁରୁ ସାମଲ (୨୭)। ସୋମବାର ପୂର୍ବାହ୍ନ ୧୦ଟା ବେଳେ ହଗୁରୁ ବାର୍‌ହା ଶିକାର ପାଇଁ ପକେଟରେ ଗୋଳାବାରୁଦ ଧରି କୁଲେଇ ଅଞ୍ଚଳକୁ ଯାଇଥିଲେ। ତେବେ ଭାରସାମ୍ୟ ହରାଇ ପଡ଼ିଯିବାରୁ ପକେଟରେ ଥିବା ଗୋଳାବାରୁଦ ବିସ୍ଫୋରଣ ହୋଇଥିଲା। ଫଳରେ ହଗୁରୁଙ୍କ ଜଙ୍ଘ ଫାଟି ଦୁଇଫାଳ ହୋଇଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ଡାକ୍ତରଖାନା ପଠାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏ ନେଇ ପୁଲିସ ତଦନ୍ତ ଜାରି ରଖିଛି।

## ଆଇଆଇଏମ୍‌ସି ଆନୁକୂଲ୍ୟରେ ଓଡ଼ିଆ ସାମ୍ବାଦିକତା ଦିବସ

ଢେଙ୍କାନାଳ,୪।୮(ସମିସ)




ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି), ଢେଙ୍କାନାଳର ଆନୁକୂଲ୍ୟରେ ସୋମବାର ୧୫୯ତମ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଛି। ଓଡ଼ିଆ ସାମ୍ବାଦିକତା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଶିକ୍ଷକ, ଅଣଶିକ୍ଷକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଓଡ଼ିଆ ସାମ୍ବାଦିକତା ବିଭାଗର ସହକାରୀ ପ୍ରଫେସର ଡ. ଚିରସ୍ରୋତା ଜେନା ପ୍ରାରମ୍ଭିକ ବକ୍ତବ୍ୟ ରଖିବା ସହ ଓଡ଼ିଆ ସାମ୍ବାଦିକତାର ଇତିହାସ ଏବଂ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସ୍ୱର୍ଗତ ଗୌରୀଶଙ୍କର ରାୟଙ୍କ ସମ୍ପାଦନା ଓ ପ୍ରକାଶନ ତଥା ବିଚିତ୍ରାନନ୍ଦ ଦାସଙ୍କ ସହଯୋଗରେ ୧୮୬୬ ଅଗଷ୍ଟ ୪ରେ ଓଡ଼ିଶାର ପ୍ରଥମ ସାପ୍ତାହିକ ଖବରକାଗଜ ଉତ୍କଳ ଦୀପିକା ପ୍ରକାଶ ପାଏ। ପରେ ଓଡ଼ିଆ ସାମ୍ବାଦିକତାର ଧାରା ସୃଷ୍ଟି ହୁଏ। ଏଥିପାଇଁ ଅଗଷ୍ଟ ୪ରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କରାଯାଉଥିବା ସେ କହିଥିଲେ। ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ବିରଞ୍ଚିନାରାୟଣ ସେଠ ବର୍ତ୍ତମାନ ଓଡ଼ିଆ ସାମ୍ବାଦିକତାରେ ଆଧୁନିକ ଧାରା ବିଷୟରେ କହିଥିଲେ। ଡିଜିଟାଲ ଯୁଗରେ ନୈତିକତା ଓ ନିରପେକ୍ଷତାକୁ ଗୁରୁତ୍ୱ ଦେବା ସହ ସାମାଜିକ ଗଣମାଧ୍ୟମର ମିଥ୍ୟା ଖବରଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଲାଇବ୍ରେରିଆନ ଶୁଭଙ୍କରୀ ଦାସ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆଇଆଇଏମସିରେ ୨୦୦୦ମସିହାରୁ ଓଡ଼ିଆ ସାମ୍ବାଦିକତା ବିଭାଗ ଖୋଲିବା ଏବଂ ସମ୍ପୃକ୍ତ ଅନୁଷ୍ଠାନର ପ୍ରଚେଷ୍ଟାରେ କେଉଁଭଳି ଭାବେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା ସେ ନେଇ ଆଲୋଚନା ହୋଇଥିଲା। ଅନୁଷ୍ଠାନର ଏକାଡେମିକ ସଂଯୋଜକ ଜିତେନ୍ଦ୍ର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଓଡ଼ିଆ ସାମ୍ବାଦିକତା ବିଭାଗର ଏକାଡେମିକ ତଥା ଟିଚିଂ ଆସୋସିଏଟ ହରେକୃଷ୍ଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

କଣିହାଁ,୪।୮(ସମିସ): ଚୋରା ବାଲି ଚାଲାଣ ଅଭିଯୋଗରେ କଣିହାଁ ବ୍ଲକ୍ ଏନଟିପିସି ଥାନା ପୁଲିସ ସୋମବାର ଏକ ଟ୍ରାକ୍ଟର ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଚାଳକ ହେଲେ କଣିହାଁ ଥାନା ସାନତ୍ରିବିଡ଼ା ଗ୍ରାମର ସିଲୁ ବେହେରା (୨୫)। ରବିବାର ସନ୍ଧ୍ୟାରେ ଟ୍ରାକ୍ଟରରେ ଚୋରା ବାଲି ଚାଲାଣ ହେଉଥିବା ସୂଚନା ମିଳିବା ପରେ ପୁଲିସ ତେଲିସିଂହା ପାଣି ପମ୍ପ ହାଉସ ରାସ୍ତାରେ ଚଢ଼ଉ କରିଥିଲା। ବାଲି ବୋଝେଇ ଟ୍ରାକ୍ଟରର କାଗଜପତ୍ର ଯାଞ୍ଚ ପରେ ପୁଲିସ ତାହାକୁ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସାନତ୍ରିବିଡ଼ା ଢେଙ୍କାନାଳରୁ ଏହି ବାଲି ଚାଲାଣ ହେଉଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

**ଚାଳକ ଗିରଫ**

## 'ବରିଷ୍ଠ ସାମ୍ବାଦିକଙ୍କୁ ମାସିକ ୧୦ହଜାର ଟଙ୍କା ପେନସନ ମିଳୁ'

ଢେଙ୍କାନାଳ,୪।୮(ସମିସ): ଢେଙ୍କାନାଳ ଜିଲ୍ଲା ବରିଷ୍ଠ ସାମ୍ବାଦିକ ସଂଘର ଜିଲ୍ଲା ସମ୍ମିଳନୀ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଓଡ଼ିଆ ସାମ୍ବାଦିକତା ଦିବସ ଅବସରରେ ଅନୁଷ୍ଠିତ ହୋଇଛି। ଏଥିରେ ସଂଘ ସଭାପତି ପ୍ରଦ୍ୟୁମ୍ନ ରଥ ଅଧ୍ୟକ୍ଷତା କରି ବରିଷ୍ଠ ସାମ୍ବାଦିକଙ୍କ ପେନସନ ଯୋଜନା ଉପରେ ଆଲୋଚନା କରିଥିଲେ। ବରିଷ୍ଠ ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନୀ ପ୍ରତିଶ୍ରୁତିକୁ ରାଜ୍ୟର ନୂତନ ବିଜେପି ସରକାର ଅବିଳମ୍ବେ କାର୍ଯ୍ୟକାରୀ କରିବା କଥା। କିନ୍ତୁ ଏ ଭିତରେ ସରକାର ଗଠନକୁ ୧୫ ମାସ ବିତିଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ୬୦ବର୍ଷରୁ ଉଦ୍ଧ୍ୱର୍ ବୟସ୍କ ତଥା ୨୦ ବର୍ଷରୁ ଅଧିକ ସମୟ ଧରି ସାମ୍ବାଦିକତା କରିଆସିଥିବା ରାଜ୍ୟର ସାମ୍ବାଦିକଙ୍କୁ ଅନ୍ୟୂନ ମାସିକ ୧୦ ହଜାର ଟଙ୍କା ପେନ୍‌ସନ୍ ଦିଆଯିବାକୁ ବୈଠକରେ ଦାବି କରାଯାଇଥିଲା। ସଂଘର ମୁଖ୍ୟ ଉପଦେଷ୍ଟା ପୂର୍ବତନ ସାଂସଦ ତଥା ଦୈନିକ 'ଆଗେଇବା'ର ସମ୍ପାଦକ ମହେଶ ସାହୁ, ସମ୍ପାଦକ ଅମ୍ବିକା ପ୍ରସାଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ରତନ ନାୟାର, ଉପସଭାପତି ଅଥୟ ସାହୁ, ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ କୃଷ୍ଣକୁମାର ମିଶ୍ର, ସଦାଶିବ ମହାପାତ୍ର, ଦୁଷ୍ମନ୍ତ ମହାନ୍ତି, ଦୀପକ ପ୍ରସାଦ ପଟ୍ଟନାୟକ, କାମାକ୍ଷାପ୍ରସାଦ ମିଶ୍ର ଓ ସୁକାନ୍ତ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଅଲ୍ ଓଡିଶା ସିନିୟର୍ ରାଙ୍କିଂ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ**

## ବାଲେଶ୍ୱର ଖେଳାଳି ଆର୍ଯ୍ୟଙ୍କ ସଫଳତା

ବାଲେଶ୍ୱର,୪।୮ (ସମିସ): ବୌଦ୍ଧର ଅଲ୍ ଓଡ଼ିଶା ଓଏସବିଏ ସିନିୟର ଷ୍ଟେଟ୍ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟର ସିନିୟର ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ବାଲେଶ୍ୱରର ବ୍ୟାଡମିଣ୍ଟନ ଖେଳାଳୀ ଆର୍ଯ୍ୟ ମାଝୀ ଜିତିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟଟି ବୌଦ୍ଧ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆ ସୋ ସି ଏ ସ ନ ସହଯୋଗରେ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ୧୫୦ ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ଖେଳାଳି ଆର୍ଯ୍ୟ ମାଝୀ ଫାଇନାଲ ଖେଳରେ ଭୁବନେଶ୍ୱରର ପାରସ ମାଥୁରଙ୍କୁ ପରାସ୍ତ କରିଥିଲେ। ଜାମସେଦପୁରରେ ଅନୁଷ୍ଠିତ ହେବାକୁ ଥିବା ପୂର୍ବ ଜୋନ୍ ଚାମ୍ପିଅନସିପ୍ ପାଇଁ ସମ୍ଭାବ୍ୟ ତାଲିକାରେ ଆର୍ଯ୍ୟଙ୍କୁ ମନୋନୀତ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ବୌଦ୍ଧ ଜିଲ୍ଲା କଲେକ୍ଟର ଆଇଏଏସ୍ ବିଭୂତି ଭୂଷଣ ନାୟକ, ପୁଲିସ ଅଧିକ୍ଷକ ଆଇପିଏସ୍ ରାହୁଲ ଗୋଏଲ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ ଏବଂ ଜିଲ୍ଲା ବ୍ୟାଡମିଣ୍ଟନ ସମ୍ପାଦକ ଶିବ ପ୍ରସାଦ ମିଶ୍ର ସମସ୍ତ ଫାଇନାଲିଷ୍ଟଙ୍କୁ ଟ୍ରଫି, ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରିଥିଲେ।



## ଏବିଭିପି ଷଡ଼ଯନ୍ତ୍ର କରି ସୌମ୍ୟାଶ୍ରୀଙ୍କୁ ମାରିଦେଇଛି: କଂଗ୍ରେସ

ବାଲେଶ୍ୱର, ୪।୮ (ସମିସ)

ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପଛରେ ଏବିଭିପିର ହାତ ରହିଛି। ଘଟଣା ଘଟିବାର କିଛି ଦିନ ପରେ ଏବିଭିପି ଛାତ୍ର କଂଗ୍ରେସ ଉପରେ ଦୋଷ ଲଦିଥିଲା। ହେଲେ ଗତକାଲି କ୍ରାଇମବ୍ରାଂଚ କଲେଜର ଦୁଇ ଛାତ୍ରକୁ ଗିରଫ କରିବା ପରେ ସେମାନେ ଏବିଭିପିର ସକ୍ରିୟ ସଦସ୍ୟ ରହିଥିବା ଜଣାପଡିବା ପରେ ଏବେ ଅସଲ ମୁଖା ଖୋଲିଯାଇଛି। ଏଣୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପଛରେ ଏବିଭିପିର ହାତ ରହିଛି ବୋଲି ଆଜି ଛାତ୍ର କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।




ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସର ଉପସଭାପତି ଗୌତମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ଏବିଭିପିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏବିଭିପି ଷଡଯନ୍ତ୍ର କରି ସୌମ୍ୟାଶ୍ରୀଙ୍କୁ ମାରିଦେଇଥିବା ବେଳେ ଛାତ୍ର କଂଗ୍ରେସ ଉପରେ ଯେଉଁ ଦୋଷ ଲଦି ଥିଲା ତାହା ଆଜି ଭୁଲ ପ୍ରମାଣିତ ହୋଇଛି। ଏହାଫଳରେ ଏବିଭିପିର ଅସଲ ମୁଖା ଏବେ ଖୋଲି ଯାଇଛି । ତେବେ ଅତ୍ୟନ୍ତ ଦୁଃଖ ଓ ଲଜ୍ଜାଜନକ ଘଟଣା ହେଉଛି ଯେ, ଯେଉଁମାନେ କିଛି ଦିନ ତଳେ ସୌମ୍ୟାଶ୍ରୀ ପାଇଁ ନ୍ୟାୟମାଗି ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରୁଥିଲେ ସେମାନେ ଏବେ ନିଜେ ଏହି ଅପରାଧରେ ଜଡିତ। ଏମାନେ ଏବିଭିପିର ସଦସ୍ୟ ତଥା ଭାରତୀୟ ଜନତା ପାର୍ଟିର ଶିଶୁ ସଙ୍ଗଠନ। ଏଣୁ ଏହି ଘଟଣାରେ ସ୍ଥାନୀୟ ବିଧାୟକ ଚୁପ ବସିଥିବା ବେଳେ ସାଂସଦ ମଧ୍ୟ ନିରବ ରହିଛନ୍ତି। ଏଣୁ ଏବିଭିପି ସଂଯୁକ୍ତ ଅଭିଯୁକ୍ତମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଘଟଣାରେ ଜଡିତ ସମସ୍ତ ଦଳୀୟ ଜବାବ ସହ ତଦନ୍ତ ଦାବି କରିଛି କଂଗ୍ରେସ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏନଏସୟୁଆଇ ସଭାପତି ଜଗନ୍ନାଥ ମହାପାତ୍ର, ପୂର୍ବତନ ସାଧାରଣ ସମ୍ପାଦକ ରାଧାକାନ୍ତ ସାହୁ, ବାଲେଶ୍ୱର ଯୁଥ ସଭାପତି ରଞ୍ଜନ ଦାସ, ଟାଉନ ଯୁବ ସଭାପତି ଜୀବନ ମହାପାତ୍ର, ଏନଏସୟୁଆଇର ପୂର୍ବତନ ସାଧାରଣ ସମ୍ପାଦକ ନବପ୍ରସାଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ଗରମ ମସଲା ନାଁରେ ଚାଲିଥିଲା ଗଞ୍ଜେଇ କାରବାର

ବାଲେଶ୍ୱର,୪।୮ (ସମିସ): ବାଲେଶ୍ୱର ଜିଲ୍ଲା ଶିମ୍ବାଳିଆ ଥାନା ଅର୍ନ୍ତଗତ ସମଲପୁର ଅଞ୍ଚଳରେ ଏକ ଭଡା ଘରେ ଗରମ ମସଲା କହି ଅବାଧରେ ଚାଲିଥିଲା ଗଞ୍ଜେଇ କାରବାର। ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଉକ୍ତ ଭଡାଘରେ ଚଢ଼ାଉ କରି ୧୧୨କେଜିରୁ ଅଧିକ ଗଞ୍ଜେଇ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ବେପାରୀକୁ ଗିରଫ କରାଯାଇଥିବା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ସୂଚନା ଦେଇଛନ୍ତି। ଗିରଫ ବ୍ୟବସାୟୀ ଜଣକ ହେଉଛନ୍ତି ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ହରିପୁର ଅଞ୍ଚଳର ମହେଶ୍ୱର ଦାସ (୩୬)।

ଏସ୍‌ପିଙ୍କ ସୂଚନା ଅନୁସାରେ, ଶିମ୍ବାଳିଆ ଥାନା ଅର୍ନ୍ତଗତ ସମଲପୁର ଅଞ୍ଚଳର ଏକ ଭଡା ଘରେ ଦୀର୍ଘଦିନ ହେବ ଗଞ୍ଜେଇ କାରବାର ହେଉଥିବା ନେଇ ଖବର ମିଳିଥିଲା। ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଉକ୍ତ ଘର ଉପରେ ଚଢ଼ଉ କରାଯାଇଥିଲା। ସହଦେବଖୁଂଟା ଥାନା ଅର୍ନ୍ତଗତ ହରିପୁର ଗ୍ରାମର ମହେଶ୍ୱର ଦୀର୍ଘ ତିନିମାସ ହେବ ସମଲପୁର ଅଂଚଳର ଦୟାନିଧି ମହାପାତ୍ରଙ୍କ ଘର ଭଡା ନେଇଥିଲା। ଘରମାଲିକଙ୍କୁ





**ଭଡ଼ା ଘରୁ ଜବତ ହେଲା ୧୧୨କେଜି ଗଞ୍ଜେଇ, ଜଣେ ଗିରଫ**

ସେ ଗରମ ମସଲା ବ୍ୟବସାୟ କରୁଛନ୍ତି ବୋଲି କହି ଘର ନେଇଥିଲେ। ତେବେ ଦୀର୍ଘ ତିନିମାସ ହେବ ସେ ସେଠାରେ ଭଡାରେ ରହି ଗରମମସଲା ବ୍ୟବସାୟ କରିବା ପରିବର୍ତ୍ତେ ଗଞ୍ଜେଇ କାରବାର ହେଉଥିଲା। ସେ ପଲିଥିନ ବ୍ୟାଗ ହେଉ କିମ୍ବା ଏୟାରବ୍ୟାଗ ହେଉ ସେ ସେଥିରେ ଗଞ୍ଜେଇ ଭର୍ତି କରି ଭଡାଘରକୁ ନେଉଥିଲେ। ସେ ବାଲେଶ୍ୱର ଜିଲ୍ଲାର ପାଖାପାଖି ଅନ୍ୟାନ୍ୟ ଜିଲ୍ଲାରୁ ଏହି ଗଞ୍ଜେଇ ଆଣି ସେହି ଭଡା ଘରେ ଅଖାବସ୍ତାରେ ଭର୍ତ୍ତି କରି ରଖୁଥିଲେ। ପରେ ପ୍ୟାକିଂ କରି ବାଲେଶ୍ୱର ଜିଲ୍ଲା ସମେତ ନିକଟସ୍ଥ ଜିଲ୍ଲାରେ ବ୍ୟବସାୟ କରୁଥିଲେ। ପୁଲିସର ଚଢ଼ଉବେଳେ ଘର ମଧ୍ୟରୁ ୧୧୨କେଜି ଶହେ ଗ୍ରାମର ଗଞ୍ଜେଇ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ପାଖାପାଖି ୧୦ଲକ୍ଷରୁ ଅଧିକ ହେବ ବୋଲି ଜଣାଯାଇଛି। ଏହାଛଡା ମହେଶ୍ୱର ଠାରୁ ଦୁଇଟି ମୋବାଇଲ ଫୋନ ମଧ୍ୟ ଜବତ କରିଛି। ଏ ନେଇ ଶିମ୍ବାଳିଆ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ମହେଶ୍ୱରକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ପି ଶ୍ରୀ ପ୍ରସାଦ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଶିମ୍ବାଳିଆ ଥାନା ଅଧିକାରୀ ଶ୍ୟାମଘନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର

ବାଲେଶ୍ୱର, ୪।୮ (ସମିସ): ପୂର୍ବତନ ଲୋକସଭା ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଜନ୍ମ ଦିବସ ଉପଲକ୍ଷେ ତାଙ୍କର ଶୁଭେଚ୍ଛୁ ମାନଙ୍କ ପକ୍ଷରୁ ସୋମବାର ଦିନ ସ୍ଥାନୀୟ ଷ୍ଟେସନ କ୍ଲବ୍ ଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିରକୁ ୮ ବର୍ଷୀୟ ଥାଲାସେମିଆ ରୋଗରେ ପୀଡ଼ିତ ଝିଅ ଜୟଶ୍ରୀ ନାୟକ ଉଦଘାଟନ କରିଥିଲେ। ଏହି ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅସିତ ଦାସ, ତାପସ ପରିଡ଼ା, ଜୟରାମ ଦାସ, ତାପସ ପାଣିଗ୍ରାହୀ, ଗଣେଶ ମହାପାତ୍ର, ହେମନ୍ତ ମହାନ୍ତି, ସଞ୍ଜୀବ ଦାସ, ଗୌର ମଲ୍ଲିକ, ଶୁଭମ୍ ସାଇ ମହାପାତ୍ର, ନିରଞ୍ଜନ ମହାନ୍ତି, ପ୍ରାଣକୃଷ୍ଣ ମହାପାତ୍ର, ଓମ୍ ପ୍ରକାଶ ମହାପାତ୍ର ଓ ସୁଶୀଲ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଅତିଥି ଭାବରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ, ବ୍ଲଡ ବ୍ୟାଙ୍କ୍ ଅଫିସର ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଲ ଚକ୍ରବର୍ତ୍ତୀ, ସମ୍ପାଦକ ହୃଷୀକେଶ ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।

## ସୌମ୍ୟାଶ୍ରୀଙ୍କ ସ୍ମୃତିରେ ନାରୀ ସୁରକ୍ଷା ପାଇଁ ବାଲେଶ୍ୱରରୁ ପଦଯାତ୍ରା




ବାଲେଶ୍ୱର,୪।୮ (ସମିସ): ଆଜି ସୌମ୍ୟାଶ୍ରୀଙ୍କ ସ୍ମୃତିରେ ନାରୀ ସୁରକ୍ଷା ପାଇଁ ବାଲେଶ୍ୱରରୁ ଭୁବନେଶ୍ୱର ପଦଯାତ୍ରା ଏଫ୍. ଏମ୍ କଲେଜରୁ ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ଆରମ୍ଭ ହୋଇଯାଇଛି। ଯୁବଛାତ୍ର ସଂଗଠନ ରାଜ୍ୟ ସଂଯୋଜକ ଏମ୍. ଡି. ମନଓ୍ୱର ଅଲ୍ଲୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇଥିଲେ। ଯୁବଛାତ୍ର ସଂଗଠନର ପ୍ରାଣ ପ୍ରତିଷ୍ଠାତା ଅକ୍ଷୟ କୁମାର ଯୋଗଦେଇ କହିଛନ୍ତି ଯେ, ଏ ଦେଶକୁ ତିଆରି କରିବାରେ ଯୁବଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ଯୁବଛାତ୍ରମାନଙ୍କ ରାଜନୀତିରେ ସ୍ଥାଣୁତା ଏ ସମସ୍ୟାକୁ ଡାକି ଆଣିଛି। ଯୁବଛାତ୍ରଙ୍କ ଉପରେ କଲେଜ କ୍ୟାମ୍ପସରେ ଅତ୍ୟାଚାର ହେଉଛି। ସୌମ୍ୟାଶ୍ରୀ ଯେଭଳି ରାଜନୈତିକ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି। ତାଙ୍କ ସ୍ମୃତିରେ ସାରା ଓଡ଼ିଶାରେ ଏହି ଛାତ୍ର ଜାଗୃତି ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ମୂଳ ଲକ୍ଷ୍ୟ ରହିଛି, ବାଲେଶ୍ୱର ଠାରୁ ବଳଙ୍ଗା ଯେଭଳି ଅଭାବନୀୟ ଘଟଣା ଘଟିଛି ତା"ର କିଭଳି ପୁନଃରାବୃତ୍ତି ନହେବ, ଛାତ୍ରଛାତ୍ରୀମାନେ କ୍ୟାମ୍ପସରେ ସୁରକ୍ଷିତ ରହିବେ, ଅଧ୍ୟାପକ, ଅଧ୍ୟକ୍ଷ ଯେଉଁମାନେ ଛାତ୍ରମାନଙ୍କ କାରୀଗର ହୋଇ ନିର୍ମାଣ କରିବା କଥା, ସେମାନେ ରକ୍ଷକ ହୋଇ ଭକ୍ଷକ ହୋଇଛନ୍ତି, ସେଥିପାଇଁ ଏହାର ପ୍ରତିବାଦରେ ଆଜିଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରାରେ ଯୁବଛାତ୍ର ସଂଗଠନର ସଂଯୋଜକ ମନଓ୍ୱର ଅଲ୍ଲୀ ଛାତ୍ରମାନେ ଆହ୍ୱାନ ଦେଇ କହିଥିଲେ ଯେ, ଓଡ଼ିଶା ଏବେ ଅପରାଧୀ ମାନଙ୍କ ସାମ୍ରାଜ୍ୟ ପାଲଟି ଯାଇଛି। ଆଇନ୍ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଶିକ୍ଷାର ମନ୍ଦିରରେ ଛାତ୍ର ଛାତ୍ରୀ ମାନେ ଆଉ ସୁରକ୍ଷିତ ନାହାନ୍ତି। ଏହାରି ବିରୁଦ୍ଧରେ ସତ୍ୟାଗ୍ରହ। ଆସନ୍ତା ୧୮ ତାରିଖରେ ଏହି ପଦଯାତ୍ରା ଭୁବନେଶ୍ୱର ପହଞ୍ଚି ବିଶାଳ ସମାବେଶ କରିବ। ଏହି ପଦଯାତ୍ରାରେ ଡ଼ା କୁଳମଣୀ, ଭଦ୍ରକ ଜିଲ୍ଲା ପ୍ରଭାରୀ ଜାହିର ଖାନ୍, ବିୟୁଟିପାର୍ଲର ଆସୋସିଏସନ୍ ର ସଭାପତି ନିବେଦିତା ପ୍ରଧାନ, ସିଭିଲ୍ ସୋସାଇଟ ମୁଖ୍ୟ ମନୋଜ ନାୟକ, ଜ୍ୟୋତ୍ସ୍ନା ମହାନ୍ତି, ସରସ୍ୱତୀ ଦାସ, ରୂପାଲି ସିହ୍ନା, ଗୌରାଙ୍ଗ ପାଣିଗ୍ରାହି, ଏସ୍. କେ. ଅଜଗର, ନାରଣ ପଖାଳ, ଗଜପତି ଜିଲ୍ଲା ପ୍ରଭାରୀ ରଣଜିତ୍ ପଟ୍ଟନାୟକ, ମୟୁରଭଞ୍ଜ ଜିଲ୍ଲା ପ୍ରଭାରୀ ଦିନେଶ ଦାସ, ଢେଙ୍କାନାଳ ପ୍ରଭାରୀ ଅଶ୍ୱିନୀ ଜେନା, ନିରଞ୍ଜନ ପ୍ରଧାନ, ଭାଗବତ ମଲ୍ଲିକ, ପ୍ରଭାତ ମହାଳିକ, ପୁରୁଷୋତ୍ତମ ସାହୁ, ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଚିକିତ୍ସାଳୟରୁ ମେଡିକାଲ କଲେଜ ପର୍ଯ୍ୟନ୍ତ ସରକାରୀ ବସ୍ ଚଳାଚଳ ଦାବି

ବାଲେଶ୍ୱର,୪।୮ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ଯିବା ପାଇଁ ରୋଗୀମାନେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜାଗ୍ରତ ନାରୀ ସଙ୍ଗଠନ ପକ୍ଷରୁ ସରକାରୀ ବସ୍ ଚଳାଚଳ କରିବା ପାଇଁ ଦାବି କରାଯାଇଛି। ରେମୁଣାଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାରି ମଧ୍ୟରେ ସେଠାକୁ ବହୁ ବିଭାଗ ସେଠାକୁ ମଧ୍ୟ ଉଠିଯାଇଛି। ଫଳରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରୁ ମେଡିକାଲ କଲେଜ ଯିବା ପାଇଁ ରୋଗୀମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ରେମୁଣାକୁ କେତେକ ଟାଉନ ବସ ଚଳାଚଳ କରୁଥିବା ବେଳେ ହସପିଟାଲ ମଧକୁ ଯାଉନଥିବାରୁ ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନେ ମୁଖ୍ୟତଃ ଟେମ୍ପୋ ଉପରେ ଭରସା କରୁଛନ୍ତି। ଏପରିକି ଟେମ୍ପୋର ଦର ମଧ୍ୟ ନିର୍ଦ୍ଧାରଣ ହୋଇ ନାହିଁ। ଏପରିକି ସନ୍ଧ୍ୟା ପରେ କୌଣସି ସୁବିଧା ମଧ୍ୟ ନାହିଁ। ଏଣୁ ସଙ୍ଗଠନର ଏକ ଜରୁରୀ ବୈଠକରେ ରୋଗୀମାନଙ୍କ ସମସ୍ୟାର ସମାଧାନ ପାଇଁ ତୁରନ୍ତ ସେଠାକୁ ଏକ ସରକାରୀ ବସ ଚଳାଚଳ କରିବା ପାଇଁ ଦାବି କରାଯାଇଛି। ଏପରିକି ଚଳିତ ମାସ ୧୫ତାରିଖ ପୂର୍ବରୁ ସେଠାକୁ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବ୍ୟବସ୍ଥା କରାଯିବା ଦାବି କରାଯାଇଛି। ଯଦି ଏହା ନହୁଏ ତେବେ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

## ଓୟୁଜେ ପାଳିଲା ଓଡ଼ିଆ ସାମ୍ବାଦିକତା ଦିବସ




ବାଲେଶ୍ୱର,୪।୮ (ସମିସ): ଓଡିଆ ଭାଷାରେ ସାମ୍ବାଦିକତା ସୃଷ୍ଟି ପାଇଁ କର୍ମବୀର ଗୌରୀଶଙ୍କର ରାୟଙ୍କ ଉତ୍କଳ ଦୀପିକା ସାପ୍ତାହିକ ସମ୍ବାଦପତ୍ର ଏକ ମାଇଲ ଖୁଣ୍ଟ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଆଜି ଓଡିଶା ସାମ୍ବାଦିକ ୟୁନିଅନ ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସ ପରିସରରେ ଆୟୋଜିତ ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କାର୍ଯ୍ୟକ୍ରମରେ ଓଡ଼ିଆ ସାମ୍ବାଦିକତାର ଗତି ଓ ବିଧି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଧ୍ୱନି ପ୍ରତିଧ୍ୱନି' ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା କହିଲେ ଯେ, ଓଡ଼ିଆରେ ସାମ୍ବାଦିକତା କରିବା ଓ କରାଇବା ପାଇଁ ଗୌରୀ ଶଙ୍କର ରାୟ ଯେଉଁ ନିଷ୍ପତ୍ତି ନେଇଥିଲେ ଆଜି ତାର ପ୍ରଭାବ ଆମେ ମର୍ମେ ମର୍ମେ ଅନୁଭବ କରୁଛେ। ମୁଖ୍ୟବକ୍ତା ଭାବେ କବି ତଥା ସାହିତ୍ୟିକ କାଳୀପଦ ପଣ୍ଡା ଯୋଗଦେଇ ଓଡ଼ିଶାରୁ ପ୍ରକାଶ ପାଉଥିବା ବିଭିନ୍ନ ସମ୍ବାଦ ପତ୍ର ଓ ପତ୍ରିକାର ସମୟ ଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲେ। ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଏବେ ସାମ୍ବାଦିକଙ୍କ ନିୟନ୍ତ୍ରଣରେ ନ ରହି ବରଂ ରାଜନୈତିକ ବା ପୁଞ୍ଜିପତିଙ୍କ ଇଚ୍ଛା ଶକ୍ତି ଉପରେ ନିର୍ଭର କରୁଛି। ଏହା ଗଣତନ୍ତ୍ର ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ସେ ଆଶଙ୍କା ପ୍ରକାଶ କରିଥିଲେ। ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ସଦସ୍ୟ ରାମ ନାରାୟଣ ଶତପଥୀ, ଶିଶିର କୁମାର ଦାସ, ଅନାମ ଚରଣ ପଣ୍ଡା, ବିବେକାନନ୍ଦ ଦାସ, ସୁରେଶ ଚନ୍ଦ୍ର ଦାସ, ଉତ୍କଳବନ୍ଧୁ ପଣ୍ଡା, ମହେଶ୍ୱର ପ୍ରଧାନ, କହ୍ନେଇ ଚରଣ ପ୍ରଧାନ, ଆଜିମ ବାଲେଶ୍ୱରୀ, ଜନ୍ମେଜୟ ମିଶ୍ର, ରମାକାନ୍ତ ପଣ୍ଡା, ଶ୍ରିଲେଖା ସାହୁ, ସୁଶାନ୍ତ କୁମାର ବେହେରା, ନନ୍ଦକିଶୋର ସାହୁ, ଲକ୍ଷ୍ମୀଧର ଗାନ, ସାମ୍ବାଦିକ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ସେବା ଦିବସ

ବାଲେଶ୍ୱର,୪।୮ (ସମିସ): ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଜନ୍ମ ଦିବସରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସେବା ଦିବସ ଭାବେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଜେଡିର ଯୁବ ନେତା ତଥା ବାଲେଶ୍ୱର ପୌର ପରିଷଦ ୯ ନମ୍ବର ୱାର୍ଡ କାଉନସିଲର ସଂଜୀବ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁବ ଛାତ୍ର ବିଜେଡି କର୍ମୀମାନେ ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ଆଗାମୀ ଦିନରେ ଇଂ. ଶ୍ରୀ ଜେନା ବାଲେଶ୍?ରର ଉନ୍ନତି ପାଇଁ ଦେଖିଥିବା ସ୍ୱପ୍ନକୁ ପୂରଣ ଏବଂ ଜିଲ୍ଲାର ଉନ୍ନତି ଲାଗି ସାରଥୀ ସାଜିବେ ବୋଲି କର୍ମୀମାନେ ଆଶା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ରାଜ୍ୟ ଛାତ୍ର



ନିମନ୍ତେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରିଛନ୍ତି। ଏହି ଅବସରରେ ଅନ୍ତେବାସୀ ମାନଙ୍କ ସହ ବିଜେଡିର ଛାମୁଆ ନେତା ମାନେ କେକ୍ କାଟି ଏହି ଦିବସକୁ ପାଳନ କରିଛନ୍ତି। ନେତା ତାପସ ପାଣିଗ୍ରାହୀ, ଯୁବ ଜୋନାଲ ସଭାପତି ନେପୁ ଦାସ, ଯୁବ ନେତା ଅସିତ ଦାସ, ବିଦ୍ୟାଳୟ ଅଧ୍ୟକ୍ଷ ଦିବାକର ସଙ୍ଗ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ।

**ଜିଲ୍ଲା ମୁଖ୍ୟାଳୟରେ ମିଳିତ ଜନଶୁଣାଣି**

## ୧୬୪ ଅଭିଯୋଗରୁ ୧୮ ଟିର ତତ୍କାଳ ଫଇସଲା

ବାଲେଶ୍ୱର, ୪।୮ (ସମିସ)

ଚଳିତ ମାସର ପ୍ରଥମ ସୋମବାର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦଙ୍କ ତତ୍ତ୍ୱାବଧାନରେ ଏହି ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କ ଠାରୁ ଆସୁଥିବା ଅଭିଯୋଗ ଉପରେ ଶୁଣାଣୀ କରିଥିଲେ। ବିଶେଷ କରି ଏହି ଶିବିରରେ ମୋଟ ୧୬୪ଟି ଅଭିଯୋଗ ଗ୍ରହଣ କରାଯାଇ ତା ଉପରେ ଶୁଣାଣୀ କରାଯାଇଥିଲା। ଏହି ୧୬୪ଟି ଅଭିଯୋଗ ମଧ୍ୟରୁ୧୪୭ଟି ମାମଲା ବ୍ୟକ୍ତିଗତ ରହିଥିବା ବେଳେ ୯ଟି ସାମୁହିକ ସମସ୍ୟା ଉପରେ ରହିଥିଲା। ଏହାବ୍ୟତିତ ୮ଟି ମାମଲା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ଆବେଦନ ହୋଇଥିଲା। ୧୮ଟି ମାମଲାକୁ ତତକ୍ଷଣାତ ଫଇସଲା କରାଯାଇଥିଲା। ଏହି ଶିବିରରେ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଶିବିର ମଧ୍ୟରେ ଆସିଥିବା ସମସ୍ତ ସମସ୍ୟାକୁ ବିଭାଗକୁ ପଠାଯାଇଛି। ଏହି ଶିବିରରେ ବିଶେଷ କରି ଆଜି ଆର୍ଥିକ ସହାୟତା ହେଉ, ନୂତନ ବାର୍ଦ୍ଧକ୍ୟ ଭତା ପାଇଁ ୮୦ପ୍ରତିଶତ ହେଉନଥିବା ଭିନ୍ନକ୍ଷମଲୋକେ ସେମାନଙ୍କୁ ୮୦ପ୍ରତିଶତ କରି ନୂତନ ଭତା ପ୍ରଦାନ କରିବା ସହ ଅନ୍ୟାନ୍ୟ ସମସ୍ୟା ଉପରେ ଅଭିଯୋଗ ହୋଇଥିଲା।



**ଭିନ୍ନକ୍ଷମ ପୁଅର ଉନ୍ନତ ଚିକିତ୍ସା ଓ ମାସିକ ଭତ୍ତା ଦାବି:** ରେମୁଣା ବ୍ଲକ ଅଧିନ ଶ୍ରୀଜଙ୍ଗ ଗ୍ରାମ ପଂଚାୟତର ମହମ୍ମଦାବାଦ ଗ୍ରାମର ଦମୟନ୍ତୀ ସ୍ୱାଇଁ ତାଙ୍କ ଭିନ୍ନକ୍ଷମ ପୁଅର ଚିକିତ୍ସା ଓ ମାସିକ ଭତ୍ତା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କଠାରେ ନିବେଦନ କରଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ତାଙ୍କ ପୁଅ ମନୋଜ ଦୀର୍ଘ ଦିନ ଧରି ଶର୍ଯ୍ୟାଶାୟୀ ଓ ବିକଳାଙ୍ଗ ଅଟନ୍ତି।



ପୂର୍ବରୁ ସେ ଭତ୍ତା ପାଉଥିଲେ। ହେଲେ ଦୀର୍ଘ ୬ମାସ ହେବ ଭତା ପାଇପାରୁ ନାହାନ୍ତି। ସେ ବିକଳାଙ୍ଗ ହୋଇଥିବାରୁ ଫିଙ୍ଗର ପ୍ରିଂଟ କିମ୍ବା ଆଖି ସ୍କାନ ହୋଇପାରୁ ନାହିଁ। ଯାହାଫଳରେ ତାଙ୍କର ଆଧାରକାର୍ଡ ହୋଇପାରୁ ନାହିଁ। ତାଙ୍କର ୯୫ପ୍ରତିଶତ ଭିନ୍ନକ୍ଷମ ଥିବା ସତ୍ତ୍ୱେ ବର୍ଦ୍ଧିତ ଭତ୍ତା ଭାବେ ୩୫ଶହ ଟଙ୍କା ପାଇପାରୁ ନାହାନ୍ତି। ଏଣୁ ତାଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ତାଙ୍କୁ ଭତ୍ତା ପ୍ରଦାନ କରାଯିବା ସହ ଅଧିକ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ନିବେଦନ କରିଛନ୍ତି।

**ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ବ୍ୟାଟେରୀ ଚାଳିତ ଗାଡ଼ି ଯୋଗାଇବା ଦାବି:** ସ୍ଥାନୀୟ ମାଣିଖମ୍ବ ଅଂଚଳର ସନ୍ଦୀପ ବାରିକ(୨୩) ଜଣେ ଭିନ୍ନକ୍ଷମ ବିଦ୍ୟାର୍ଥି ଅଟନ୍ତି। ତାଙ୍କ ଘରର ପରିବାର ସଂଖ୍ୟା ୩ଜଣ ଅଟନ୍ତି। ତାଙ୍କ ବାପାଙ୍କର କୌଣସି ରୋଜଗାର ନଥିବା ବେଳେ ସେ ୬୦ପ୍ରତିଶତ ବିକଳାଙ୍ଗ ହୋଇଥିବା ବେଳେ ଚୂନଭାଟି ସ୍ଥିତ ଶ୍ରୀନିକ୍ସ କଲେଜରେ ଇଂଜିନିୟରିଂ ପାଠ ପଢ଼ନ୍ତି। କଲେଜ ଯିବା ଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଣୁ ତାଙ୍କର ଯିବା ଆସିବା ପାଇଁ ଏକ ବ୍ୟାଟେରୀ ଚାଳିତ ଗାଡି ତାଙ୍କୁ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି।

## ଭୀମେଶ୍ୱର ମହାଦେବଙ୍କ ବାର୍ଷିକ ଯଜ୍ଞ

ବାଲେଶ୍ୱର, ୪।୮ (ସମିସ): ରେମୁଣା ବ୍ଲକ ପତ୍ରିପାଳ ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଶୈବ ପୀଠ ବାବା ଭୀମେଶ୍ୱର ମହାଦେବଙ୍କର ବାର୍ଷିକ ଜାଗ (ଯଜ୍ଞ) ଅନୁଷ୍ଠିତ ହୋଇଯାଇଛି। ଅନାବୃଷ୍ଟି ଦୂର ପାଇଁ ମହାଦେବଙ୍କ ପୀଠରେ ପାରମ୍ପରିକ ରୀତି ନୀତି ଅନୁସାରେ ଏହି ଯଜ୍ଞ ଅନୁଷ୍ଠିତ ହୋଇଥାଏ। ଭୀମେଶ୍ୱର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଯଜ୍ଞରେ ଘଟ ପୂଜା, ଚଣ୍ଡୀ ପାଠ, ରୁଦ୍ରାଭିଷେକ, ରୁଦ୍ର ଚଣ୍ଡୀ ପାଠ, ଆଦ୍ୟ କାଣ୍ଡ ରାମାୟଣ, ଶିବଙ୍କର ୧୦୦୮ ଜଳାଭିଷେକ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶିବ ପୂଜକ ଭାବେ ଦୀନବନ୍ଧୁ ପାଣିଗ୍ରାହୀ, ପ୍ରବୀର କୁମାର ପାଣିଗ୍ରାହୀ ସହାୟକ,



ପୁସ୍ତକଚାର୍ଯ୍ୟ ବଂଶୀଧର ରଥ, ଯଜ୍ଞାଚାର୍ଯ୍ୟ କୀର୍ତ୍ତିରଞ୍ଜନ ଦ୍ୱିବେଦୀ, ଯଜ୍ଞାପୁସ୍ତାକାଚାର୍ଯ୍ୟ ଚିନ୍ମୟ ରଥ, ଚଣ୍ଡୀପାଠକ ଅକ୍ଷୟ ପଣ୍ଡା, ଆଦ୍ୟାକାଣ୍ଡପାଠକ ଜୟନ୍ତ କୁମାର ପାଣିଗ୍ରାହୀ, ଜଳଜାପକ ଭୃଗୁରାମ ପଣ୍ଡା, ସ୍ତବସ୍ତୋତ୍ରପାଠକ ଭାବେ ହୃଷିକେଶ ଦ୍ୱିବେଦୀ ଥିଲେ। ଯଜ୍ଞ କର୍ତ୍ତା ଦାୟିତ୍ୱ ଶଶୀକାନ୍ତ ମହାନ୍ତି ଓ ମଞ୍ଜୁଲତା ମହାନ୍ତି ନିର୍ବାହ କରିଥିଲେ। ଏହି ଅବସରରେ ପୀଠରେ ସାହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହାଦେବଙ୍କ ଉପରେ ଜଳାଭିଷେକ କରିବାକୁ ଭୋରରୁ ଭକ୍ତଙ୍କ ଧାଡି ଲାଗିଥିଲା। ଅମୁଲ୍ୟ କୁମାର ଦାସ, ରମେଶ ଚନ୍ଦ୍ର ସାମଲ, ଜୟକୃଷ୍ଣ ଜେନା, ତୁଳସୀ ପଟ୍ଟନାୟକ, ଗୀତାଞ୍ଜଳି ଦ୍ୱିବେଦୀ ଅତୁଲ କୁମାର ଦାସ, ତ୍ରିଲୋଚନ ପ୍ରଧାନ, ଧନଞ୍ଜୟ ଷଡ଼ଙ୍ଗୀ, ଉପେନ୍ଦ୍ର ଜେନା, ଗୋବିନ୍ଦ ଚନ୍ଦ୍ର ଦାସ ଓ କେଶବ ଚନ୍ଦ୍ର ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା।

### ସ୍ଥାନାନ୍ତର ହେଲା ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ଗେଲପୁର ନୂଆ କୋଠାରେ ରୋଗୀ ସେବା ଆରମ୍ଭ

## ପୁରୁଣା କ୍ୟାମ୍ପସ୍‌ରେ ଡାଇଲିସିସ, ସିଟି ସ୍କାନ, ଏକ୍ସ-ରେ ୟୁନିଟ୍ ଓ ବ୍ଲଡ ବ୍ୟାଙ୍କ

ଭଦ୍ରକ,୪।୮ (ସମିସ)



ସୋମବାର ଭଦ୍ରକ ନୂଆବଜାର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହର ଉପକଣ୍ଠ ଗେଲପୁରଠାରେ ନିର୍ମିତ ହୋଇଥିବା ନୂତନ ବିଲଡିଂକୁ ସ୍ଥାନାନ୍ତର କରାଯାଇଚି। ଫଳରେ ଦୀର୍ଘ ୩୧ ବର୍ଷ ହେବ ସେବା ଯୋଗାଇ ଆସୁଥିବା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୋମବାରଠାରୁ ରୋଗୀ ଚିକିତ୍ସା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଭଦ୍ରକରେ ୧୮୬୨ରେ ଏକ ଡିସପେନସରି ଭାବେ ନୂଆବଜାରଠାରେ ପ୍ରଥମେ ଡାକ୍ତରଖାନାର ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସ୍ୱାଧୀନତା ପରେ ଏହା ଏସଡିଏଚ୍ ବା ସବ୍‌ଡିଭିଜନାଲ ହସ୍ପିଟାଲ ମାନ୍ୟତା ପାଇଲା। ପରେ ୧୯୯୩ ମସିହାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବା ଡିଏଚ୍‌ଏଚ୍ ମାନ୍ୟତା ପାଇ ନିରବଚ୍ଛିନ୍ନ ଭାବେ ରୋଗୀ ସେବା ଜାରି ରହିଥିଲା। ତେବେ ସଂକୀର୍ଣ୍ଣ ପରିସର ଓ ଅତ୍ୟଧିକ ରୋଗୀ ସଂଖ୍ୟା ବୃଦ୍ଧି ତଥା ଟ୍ରାଫିକ ସମସ୍ୟା ନେଇ ସେବା ବିପର୍ଯ୍ୟସ୍ତ ହୋଇପଡିଥିଲା। ଏପରିସ୍ଥଳେ ପ୍ରାକ୍ତନ ଭଦ୍ରକ ବିଧାୟକ ତଥା ବର୍ତ୍ତମାନର ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଉଦ୍ୟମକ୍ରମେ ପୂର୍ବ ସରକାର ଅମଳରେ ୧୪୬ କୋଟି ଟଙ୍କା ବ୍ୟୟରେ ସହର ଉପକଣ୍ଠ ଗେଲପୁରଠାରେ ୩ଶହ ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦେଢବର୍ଷ ତଳୁ ନିର୍ମିତ ହୋଇଥିଲା। ହେଲେ ନିର୍ବାଚନ ଯୋଗୁ ହସ୍‌ପିଟାଲର ଶୁଭାରମ୍ଭ ହୋଇପାରିନଥିଲା। ଆଜି ନୂଆବଜାରରୁ ଗେଲପୁରକୁ ନୂତନ ଡିଏଚ୍‌ଏଚ୍ ସ୍ଥାନାନ୍ତର କରାଯାଇ ରୋଗୀ ସେବା ଆରମ୍ଭ ହୋଇଛି। ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପୂର୍ବବତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ ଏଣ୍ଡ ପିଏଚ୍‌ଓ)ଙ୍କ କାର୍ଯ୍ୟାଳୟ ସହ ଡିପିଏମ, ଏନଏଚ୍‌ଏମ୍‌ଙ୍କ କାର୍ଯ୍ୟାଳୟ ରହିଛି। ଅନ୍ୟପକ୍ଷରେ ଆଜି ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମରଜେନ୍ସିର ୩୦ଟି ଶଯ୍ୟା, କାଜୁଆଲିଟି ସେବା ଆରମ୍ଭ ହୋଇଥିବା ବେଳେ ନୂତନ ଡିଏଚ୍‌ଏଚ୍‌ରେ ୨୫୨ଜଣ ଇନ୍‌ଡୋର ରୋଗୀଙ୍କୁ ଦାଖଲ କରାଯାଇ ସେମାନଙ୍କ ଚିକିତ୍ସା ଜାରି ରହିଥିବା ହସ୍ପିଟାଲ ମ୍ୟାନେଜର ସମୀର ମହାପାତ୍ର ସୂଚନା ଦେଇଛନ୍ତି। ତେବେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଟି ସ୍କାନ, ବ୍ଲଡ ବ୍ୟାଙ୍କ, ଏକ୍ସ-ରେ ୟୁନିଟ୍ ଓ ଡାଇଲିସିସ୍ ୱାର୍ଡ ରହିଥିବା ସୂଚନା ମିଳିଛି।

# ପୁରୁଣା ଜିଲ୍ଲା ମୁଖ୍ୟ ଡାକ୍ତଖାନାକୁ ସିଟି ହସ୍ପିଟାଲ ପ୍ରତିଷ୍ଠା ଦାବିରେ ଧାରଣା



ଭଦ୍ରକ,୪।୮ (ସମିସ): ସୋମବାର ଭଦ୍ରକ ନୂଆବଜାର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଟି ସହର ଉପକଣ୍ଠ ଗେଲପୁରଠାରେ ନିର୍ମିତ ହୋଇଥିବା ବିଲଡିଂକୁ ସ୍ଥାନାନ୍ତର ହୋଇଛି। ତେବେ ପୁରୁଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସିଟି ହସ୍ପିଟାଲ ଘୋଷଣା କରିବାକୁ ଆଜି ଦଳମତ ନିର୍ବିଶେଷରେ ସହରବାସୀ ଦାବି କରି ଧାରଣା ଦେଇଥିଲେ। ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମୁଖ୍ୟ ଫାଟକ ସମ୍ମୁଖରେ ସର୍ବଦଳୀୟ ନେତା, ବିଶିଷ୍ଟ ନାଗରିକମାନେ ଏକତ୍ରିତ ହୋଇ ଏଠାରେ ଏକ ସିଟି ହସ୍ପିଟାଲ ଖୋଲାଗଲେ ଏହା ସହରବାସୀଙ୍କ ସ୍ୱାସ୍ଥ୍ୟସେବାରେ ବିଶେଷ ସହାୟକ ହେବ। ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବୃଦ୍ଧି ପାଉଥିବା ଭିଡ ହ୍ରାସ ପାଇବା ସହ ବରିଷ୍ଠ ନାଗରିକ, ଶିଶୁ, ମହିଳା ଓ ଭିନ୍ନକ୍ଷମ ରୋଗୀମାନଙ୍କୁ ୫କିମି ଦୂରରେ ଥିବା ଜିଲ୍ଲା ଚିକିତ୍ସାଳୟକୁ ଯାତାୟତ ଜନିତ ଦୁର୍ଦ୍ଦଶା ଭୋଗିବାକୁ ପଡିବ ନାହିଁ କହିଛନ୍ତି। ତେଣୁ ସିଟି ହସ୍ପିଟାଲ ପ୍ରତିଷ୍ଠା ହେବା ଯାଏଁ ପୂର୍ବଭଳି ଆଉଟ୍‌ଡୋର ସେବା ଜାରି ରଖିବାକୁ ଦାବି କରିଛନ୍ତି ଧାରଣାକାରୀମାନେ। ଆଜିର ଏହି ଧାରଣାରେ ପ୍ରାକ୍ତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ପ୍ରଫୁଲ୍ଲ ସାମଲ, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧକ୍ଷା ଗୁଲ୍‌ମକ୍କୀ ଦଲାୱାଜି ହବିବ, ଶ୍ରମିକନେତା ଦିବ୍ୟସିଂହ ନାୟକ, ତାରାକାନ୍ତ ମହାପାତ୍ର, ହାଜି ଅବଦୁଲ ମୁକିତ ଖାନ, ସୁଧାକର ରାଉତ, ମହମ୍ମଦ ଜ଼କାଉଲ୍ଲା, ଅନୱାର ହୁସେନ, ହେମନ୍ତ ସାହୁ, ଶେଖ ଅନୱର (ବାବୁ), କଂଗ୍ରେସ ନେତା ଅସିତ ପଟ୍ଟନାୟକ, ଦେବରୂପ ମହାନ୍ତି, ନଳିନୀକାନ୍ତ ମହାନ୍ତି, ଗୋକୁଳାନନ୍ଦ ମହାନ୍ତି, ସନ୍ତୋଷ ନାୟକ, ବଳରାମ ରାଉତ, ସୁଶାନ୍ତ ରାଉତ, ଅମିତାବାଳା ଆଚାର୍ଯ୍ୟ, ପଙ୍କଜ ବଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ପରେ ଏହି ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଂଜନ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଜିଲ୍ଲାପାଳ ଦିଲୀପ ରାଉତରାଏ ଭଦ୍ରକ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ୟାମ୍ପସରେ ପୂର୍ବଭଳି ଆଉଡଡୋର ସେବା ଚାଲିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

# ବାବାମଣିଙ୍କୁ ଜଳଲାଗି କଲେ ୨୦ ହଜାର କାଉଡ଼ିଆ





ଭଦ୍ରକ/ଆରଡି,୪।୮ (ସମିସ): ଶ୍ରାବଣ ମାସର ଚତୁର୍ଥ ସୋମବାରରେ ଆରଡିପୀଠର ବାବା ଆଖଣ୍ଡଳମଣିଙ୍କୁ ଜଳାଲାଗି କରିବା ପାଇଁ ୨୦ ହଜାରରୁ ଊର୍ଦ୍ଧ୍ୱ କାଉଡିଆଙ୍କ ଭିଡ ଲାଗିଥିଲା। ପୀଠରେ ପ୍ରଚଳିତ ବିରଜା ପଞ୍ଜିକା ଅନୁଯାୟୀ ଆସନ୍ତା ସୋମବାର ଶେଷ ପାଳି ଭାବେ ପାଳନ କରାଯିବ; ହେଲେ ପୂର୍ଣ୍ଣିମା ଅନୁଯାୟୀ ଚଳିତ ସୋମବାର ଶେଷ ପାଳି ହୋଇଥିବାରୁ ରବିବାର ମଧ୍ୟରାତ୍ରରୁ ସୋମବାର ସଂଧ୍ୟା ଯାଏଁ ଧାଡ଼ିରେ ଯାଇ ହଜାର ହଜାର କାଉଡ଼ିଆ ଭକ୍ତ ବାବାଙ୍କ ନିକଟରେ ଜଳଲାଗି କରିଥିଲେ। ଅଗଣିତ କାଉଡିଆଙ୍କ ଭିଡକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ରବିବାରଠାରୁ ପୀଠରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଭଦ୍ରକ ଏସପି ମନୋଜ କୁମାର ରାଉତ ସ୍ଥିତି ପରିଖିଥିଲେ। ସେହିପରି ପୀଠରେ ଥିବା ୩ଟି ନଦୀଘାଟରେ ଯେପରି ସୁରକ୍ଷିତ ଭାବେ କାଉଡିଆମାନେ ନଦୀପାର ହୋଇ ଆସିବେ ସେଥିପାଇଁ ନଦୀଘାଟର ଉଭୟ ପାର୍ଶ୍ୱରେ ଓଡ୍ରାଫଟିମ ଓ ଅଗ୍ନିଶମ ବାହିନୀଙ୍କୁ ନିୟୋଜିତ କରାଯାଇଥିଲା। ଡଙ୍ଗାରେ ଅଧିକ ସଂଖ୍ୟକ କାଉଡିଆ ପାରି ନକରିବାକୁ ୬ଜଣ ଅଧିକାରୀଙ୍କ ସହ ୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

### ଭିଡକୁ ଦୃଷ୍ଟିରେ ରଖି ପୀଠରେ କଡ଼ା ସୁରକ୍ଷା





# କୋଠାର ଛକରେ କାଉଡ଼ିଆଙ୍କ ସେବାକଲେ ମନ୍ତ୍ରୀ



ଅସୁରାଳି,୪।୮ (ସମିସ): ଆରଡ଼ି ପୀଠରେ ବାବା ଆଖଣ୍ଡଳମଣିଙ୍କ ଆଶୀର୍ବାଦ ପ୍ରାପ୍ତି ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା କାଉଡ଼ିଆ ଭକ୍ତି ଓ ଶ୍ରଦ୍ଧାରେ ଲିନ ହୋଇଥିଲେ। ପ୍ରତିବର୍ଷ ଭଳି କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ରହି ଭଦ୍ରକ-ଆରଡ଼ି ରାସ୍ତାର କୋଠାର ଛକରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରିବା ସହିତ ସେବା କରିଥିଲେ। ଦୂରଦୂରାନ୍ତରୁ ଚାଲି ଚାଲି ଆସିଥିବା କାଉଡ଼ିଆଙ୍କ ପାଦ ଧୋଇଥିଲେ ମନ୍ତ୍ରୀ। ଏହାଛଡ଼ା ବିଭିନ୍ନ ପ୍ରକାର ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଆଗକୁ କାଉଡ଼ିଆ ଯାତ୍ରା କିପରି ଆହୁରି ସୁଗମ୍ୟ ହୋଇପାରିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବାବା ଆଖଣ୍ଡଳମଣିଙ୍କ ଆଶୀର୍ବାଦରେ ଏହି ଉତ୍ସବ ଭକ୍ତି, ସମର୍ପଣ ଓ ସାମୂହିକ ଏକତାର ଉଦାହରଣ ହୋଇ ରହିଛି ବୋଲି ସେ କହିଥିଲେ। ଉନ୍ନୟନ କାର୍ଯ୍ୟ ରୂପକ ଗାନ୍ଧୀଘାଟ ଜଳସେଚନ ବିଭାଗର ଆଇ ବି କ୍ଷେତ୍ରରେ ଏକ ନୂତନ ଡିଜେଲ ଜେନେରେଟର ସ୍ଥାପନ କରାଯାଇଛି; ଯାହା ଆରଡ଼ି ପୀଠର ବିଦ୍ୟୁତ ଆବଶ୍ୟକତା ପୂରଣ କରିବା ସହ ଭକ୍ତଙ୍କ ସୁବିଧା ହେବାରେ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ, ବରିଷ୍ଠ ବିଜେପି ନେତା ମନୋଜ ମଲ୍ଲିକ, ବରିଷ୍ଠ ବିଜେପି ବିଜେପି ନେତା ଚତୁର୍ଭୁଜ ନାୟକ, ଧୁଷୁରି ସରପଂଚ ଅନ୍ତର୍ଯ୍ୟାମୀ ପତି, ଅବସରପ୍ରାପ୍ତ ଏସଡିଓ କିଶୋର ଦାସ, ଯନ୍ତ୍ରୀ ବିମଳ ବେହେରା, ଯନ୍ତ୍ରୀ ନାରାୟଣ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶୈବ ପୀଠରେ କାଉଡ଼ିଆଙ୍କ ଜଳାଭିଷେକ



ବାରିକପୁର,୪।୮ (ସମିସ): ଜଗନ୍ନାଥ ପଞ୍ଜିକା ଅନୁସାରେ ଆଜି ଶ୍ରାବଣ ମାସର ଶେଷ ସୋମବାର ହୋଇଥିବା ବେଳେ ୍ୱିରଜା ପାଞ୍ଜି ଅନୁଯାୟୀ ଅନୁଯାୟୀ ଜଳାଭିଷେକ ପାଇଁ ଆହୁରି ଗୋଟିଏ ସୋମବାର ବାକି ରହିଛି। ସେ ଯାହାବି ହେଉ ଶ୍ରାବଣ ମାସର ଆଜି ପବିତ୍ର ସୋମବାରରେ ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ପୀଠ ସମେତ ଅନ୍ୟାନ୍ୟ ଗ୍ରାମୀଣ ଶୈବ କ୍ଷେତ୍ରରେ ଜଳାଭିଷେକ ହୋଇଛି। ହଜାର ହଜାର କାଉଡିଆ ଭକ୍ତ ପୂର୍ଣ୍ଣତୃୟା ବୈତରଣୀ ସମେତ ଗେଙ୍ଗୁଟି, ସାଳନ୍ଦୀ,ରେବ ଓ କପାଳୀ ପ୍ରମୁଖ ନଦୀରୁ ଜଳ ନେଇ ମହାଦେବଙ୍କ ମସ୍ତକରେ ଅର୍ପଣ କରିଥାନ୍ତି। ଏହି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡ, ଉତରବାଡ, ତୁଳସୀପୁର, ଚନ୍ଦ୍ରଭାନପୁର, ପାଳଦା, ରହଣିଆ, ରାଢୋ,ମାଳଦା, ମଞ୍ଜୁରୀ ରୋଡ, ନାଆମୀ, ରାଜେନ୍ଦ୍ରପୁର, ବିଷ୍ଣୁପୁର, ଜଳମଣ୍ଡୁଆ, ବାରିକପୁର ପ୍ରମୁଖ ଅଞ୍ଚଳର ଶହଶହ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଆଜି ଆରଡି ପୀଠରେ ମହାଦେବଙ୍କୁ ଜଳାଭିଷେକ କରିବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଛନ୍ତି। ଏହାଛଡା ଅନେକ ଗ୍ରାମାଞ୍ଚଳରେ ଥିବା ଶିବ ମନ୍ଦିରରେ ମଧ ସ୍ଥାନୀୟ ଭକ୍ତ ପୂଜାର୍ଚ୍ଚନା କରି ମହେଦେବଙ୍କୁ ଜଳାଭିଷେକ କରିଛନ୍ତି।

# ଜନଶୁଣାଣି ଶିବିରରେ ୧୬୭ ଅଭିଯୋଗ



ଭଦ୍ରକ,୪।୮ (ସମିସ): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭା ଗୃହରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ବିନାରାୟଣ ସାହୁ (ରାଜସ୍ୱ) ସହିତ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ମୁଖ୍ୟ ଚିକିତ୍ସା ଅଧିକାରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜ୍ଞାନରଂଜନ ସାହୁ, ଭଦ୍ରକ ବିଡିଓ ରଶ୍ମିରଂଜନ ମଲ୍ଲିକ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଭଦ୍ରକ ଓ ଅନ୍ୟ ବିଭାଗର ଅଧିକାରୀ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଶିବିରରେ ମୋଟ ୧୬୭ ଆବେଦନପତ୍ର ଦାଖଲ ହୋଇଥିଲା। ସେଥିରୁ ୧୪୦ଟି ବ୍ୟକ୍ତିଗତ ଥିବାବେଳେ ୨୨ଟି ସାମୂହିକ ଥିଲା ଏବଂ ୪୫ଟି ସମାଧାନ ସଙ୍ଗେ ସଙ୍ଗେ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଜଣଙ୍କୁ ୫୦୦୦ ଟଙ୍କା ଓ ରେଡକ୍ରସରୁ ୪ ଜଣଙ୍କୁ ୧୪୦୦୦ ଟଙ୍କା ମୋଟ ୧୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ସ୍ଥଗିତ ରଖିବାକୁ ଶିକ୍ଷକ ସଂଘର ଦାବି

ତିହିଡି,୪।୮ (ସମିସ): ଗଣଶିକ୍ଷା ବିଭାଗ ଲାଗୁ କରିଥିବା ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ)କୁ ସ୍ଥଗିତ କରିବା ଦାବିରେ ତିହିଡି ବ୍ଲକର ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ଏକାଠି ହୋଇଥିଲେ। "ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ'ର ରାଜ୍ୟ ଓ ଜିଲ୍ଲା ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ମୁତାବକ ତିହିଡି ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସୋମବାର ଅପରାହ୍ନରେ ଗୋଷ୍ଠୀ ଶିକ୍ଷାଧିକାରୀ ତିହିଡିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ଗୁଡ଼ିକରେ "ୟୁଏଏସ' ପ୍ରଚଳନ ନ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ୍ ଶିକ୍ଷକ ସଂଘର ସମ୍ପାଦକ ରମାକାନ୍ତ ଦାସ ଏବଂ ଜିଲ୍ଲା ସଂଗଠନ ସମ୍ପାଦକ ରୂପେଶ କୁମାର ସାହୁ ଗଣମାଧ୍ୟମକୁ ଦେଇଥିବା ବିବୃତ୍ତିରେ ପ୍ରକାଶ କରିଛନ୍ତି ଯେ ସରକାର ବର୍ତ୍ତମାନ ଶିକ୍ଷକଙ୍କ ଉପରେ ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟକୁ ଲଦି ଦେଉଛନ୍ତି। ଯଦ୍ୱାରା ଗୁଣାତ୍ମକ ଶିକ୍ଷାର ମାନ ହ୍ରାସ ହେଉଛି। ଅଧିକାଂଶ ବିଦ୍ୟାଳୟ ଦୁଇରୁ ତିନି ଜଣ ଶିକ୍ଷକରେ ଚାଲୁଛି। ଏବେ ପୁଣି ଶିଶୁ ବାଟିକା ନାମରେ ନୂତନ ଶ୍ରେଣୀଟିଏ ବିଦ୍ୟାଳୟ ସହିତ ଯୋଡି ଦିଆଯାଇଛି କିନ୍ତୁ ସେଥିପାଇଁ ଆବଶ୍ୟକୀୟ ଶିକ୍ଷକ ବ୍ୟବସ୍ଥା କରାଯାଇନାହିଁ। ଏତେସବୁ ସମସ୍ୟା ଥିବା ସତ୍ତ୍ୱେ ବିଭାଗ ତରଫରୁ ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ) କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶନାମା ଆସିଛି। ଉକ୍ତ ବ୍ୟବସ୍ଥା ପ୍ରଚଳିତ ହେଲେ ଏହାକୁ କାର୍ଯ୍ୟକାରୀ କରିବାକୁ ଶ୍ରେଣୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଦିନ ତମାମ ଉକ୍ତ କାର୍ଯ୍ୟରେ ନିୟୋଜିତ ରହିବେ। ଏଭଳି ପରିସ୍ଥିତିରେ ଶିକ୍ଷାଦାନ କାର୍ଯ୍ୟ ନିଶ୍ଚିତ ବାଧାପ୍ରାପ୍ତ ହେବ। ଏଥିସହିତ ଅଧିକାଂଶ ସ୍ଥାନରେ ମୋବାଇଲ ନେଟୱର୍କ ନ ଥିବାରୁ ଅଧିକାଂଶ ବିଦ୍ୟାଳୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିବ ନାହିଁ। ତେଣୁ ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ) ପ୍ରଚଳନ ପୂର୍ବରୁ ସରକାର ପ୍ରଥମେ ଶ୍ରେଣୀ ୱାରୀ ଶିକ୍ଷକ ଓ ବିଷୟ ଭିତିକ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରନ୍ତୁ ଏବଂ ଶିକ୍ଷକଙ୍କର ବହୁ ଦିନର ନ୍ୟାଯ୍ୟ ଦାବି ଯଥା ପଦୋନ୍ନତି, ପ୍ରାରମ୍ଭିକ ସ୍ତର ଗ୍ରେଡ-ପେ' ବୃଦ୍ଧି, କ୍ୟାଡ଼ର ସଂଶୋଧନ, ବଦଳି ନିୟମ ପରିବର୍ତ୍ତନ, ପୁରୁଣା ପେନସନ ପ୍ରଚଳନ, ଆନ୍ତଃଜିଲ୍ଲା ବଦଳି ଏବଂ ଶିକ୍ଷକଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ ଭଳି ଦାବିଗୁଡ଼ିକୁ ତୁରନ୍ତ ପୂରଣ କରନ୍ତୁ ଏବଂ ତାପରେ ଏହି ବ୍ୟବସ୍ଥା ଲାଗୁ କରନ୍ତୁ ବୋଲି ସଂଘ ତରଫରୁ ଦାବି କରାଯାଇଛି। ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷକ ସଂଘ ଭବନରୁ ବ୍ଲକ୍ କାର୍ଯ୍ୟାଳୟ ଏବଂ ସେଠାରୁ ଶିକ୍ଷା ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲି କରି ଆସିବା ପରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ବ୍ଲକ୍ ସଂଘ ସଭାପତି ମାୟାଧର ସାହୁ, ଗିରିଧାରୀ ଚାନ୍ଦ, ଦେବବ୍ରତ ଶତପଥୀ, ତ୍ରିନାଥ ସେଠୀ, ରବୀନ୍ଦ୍ର ମଲ୍ଲିକ, ଲକ୍ଷ୍ମୀକାନ୍ତ ପରିଡ଼ା, ପ୍ରମୋଦ ମହାପାତ୍ର, ରେବତୀ ପଲେଇ, କାର୍ଯ୍ୟକାରୀ ସମ୍ପାଦକ ବଂଶୀଧର ଦାସ, ସସ୍ମିତା ମଞ୍ଜରୀ ନାୟକ, ଶ୍ରୀନାଥ ମଲ୍ଲିକ, ମନ୍ମଥ ଦାସ, ଗୋପାଳ ଦାସ, ସଞ୍ଜୟ ମହାଳିକ, ରାଜେନ୍ଦ୍ର ବାରିକ, ଶୁଭେନ୍ଦୁ କୁମାର ସାହୁ, ମଧୁସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




### ସ୍ପ୍ରେ ମାରି ଲୁଟିନେଲେ ଟଙ୍କା, ସୁନା

ବାରିକପୁର,୪।୮ (ସମିସ): ଭଣ୍ଡାରିପୋଖରୀ ଥାନା ଷୋଳମପୁର ପଞ୍ଚାୟତ ଦାଣ୍ଡକୂଳ ଗ୍ରାମରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡିଛି। ରାତି ପ୍ରାୟ ୨ଟା ବେଳେ ଗ୍ରାମର ଅଦ୍ୱୈତ ମହାନ୍ତିଙ୍କ ଘର ଝରକା ଭାଙ୍ଗି ଚୋରମାନେ ସଦସ୍ୟଙ୍କୁ କାବୁ କରିବା ଭଳି କିଛି ରାସାୟନିକ ସ୍ପ୍ରେ ମାରି ସୁନା ରୂପା ଓ ନଗଦ ଟଙ୍କା ଲୁଟିଥିବା ଗୃହସ୍ଥ ଅଭିଯୋଗ କରିଛନ୍ତି। ଘରେ ଥିବା ନଗଦ ୨୦ ହଜାରରୁ ଅଧିକ ଟଙ୍କା, ମଙ୍ଗଳସୂତ୍ର, ସୁନା ଚେନ, ମୁଦି, କାନଫୁଲ ରୂପା ଅଳଙ୍କାର ସହିତ ଆବଶ୍ୟକ କାଗଜପତ୍ର ଚୋରି ହୋଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଟ୍ରଙ୍କଟିକୁ ସ୍ଥାନୀୟ ଗେଙ୍ଗୁଟି ନଦୀରେ ଚୋରମାନେ ଭସାଇ ଦେଇଥିବା ଜଣାଯାଇଛି। ଗୃହସ୍ଥ ଶ୍ରୀ ମହାନ୍ତି ଏ ନେଇ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ କମଳାକାନ୍ତ ଦାଶଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଅଧିକାରୀ ଉଦୟଭାନୁ ପାତ୍ର, ସୁଦର୍ଶନ ସେନ, ଦେବକୀରାଣୀ ରାଉତ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।





**ମଦ୍ୟପାନ କରି ଦୁର୍ବ୍ୟବହାର ଘଟଣା**

# ଟ୍ରାଫିକ୍ କନେଷ୍ଟବଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

**ଗତକାଲି ଥାନାରେ ଅଟକଥିଲେ ଅଭିଯୁକ୍ତ**

**କଟକ, ୪।୮ (ସମିସ):** ମଦ୍ୟପାନ କରି ଗାଡି ଚଳାଇବା ଏବଂ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଘଟଣାରେ ଟ୍ରାଫିକ କନଷ୍ଟେବଳ ସୁରଜ ବିଶ୍ୱାଳଙ୍କ ଅଡୁଆ ବଢ଼ିଛି। ଟ୍ରାଫିକ କାର୍ଯ୍ୟାଳୟ ପକ୍ଷରୁ ସୁରଜଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଡିସିପିଙ୍କୁ ସୁପାରିଶ କରାଯାଇଛି। ତଦନ୍ତ ରିପୋର୍ଟ ଆଧାରରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଗତକାଲି ଅଭିଯୁକ୍ତଙ୍କୁ ଚାଉଳିଆଗଞ୍ଜ ଥାନାରେ ଅଟକ ରଖାଯାଇଥିଲା।

ପୁଲିସ ସୂଚନା ଅନୁଯାୟୀ, ଶିଖରପୁର ଅଞ୍ଚଳର ଆଇନଜୀବୀ ସରସ୍ୱତୀ ପଣ୍ଡା ରବିବାର ଅପରାହ୍ନରେ ସ୍ୱାମୀ ଓ ଝିଅଙ୍କ ସହିତ ଏକ କାରରେ ମହାନଦୀ ଗିଂବନ୍ଧ ଦେଇ ଘରକୁ ଫେରୁଥିଲେ। ସେହି ରାସ୍ତାରେ ଏକ କାରରେ ସୁରଜ ଯାଉଥିଲେ। ତେବେ ନୌବାଣିଜ୍ୟ ସଂଗ୍ରହାଳୟ ନିକଟରେ ଶ୍ରୀମତି ପଣ୍ଡାଙ୍କ କାର ଓଭରଟେକ କରିବାକୁ ଉଦ୍ୟମ କଲାବେଳେ ସୁରଜ ସାଇଡ୍ ଦେଇ ନ ଥିଲା। ଏହିପରି ଭାବେ ଶିଖରପୁର ପର୍ଯ୍ୟନ୍ତ ସୁରଜ ତାଙ୍କ ଗାଡିକୁ ଆଗକୁ ଛାଡି ନ ଥିଲା। ଶନିମନ୍ଦିର ନିକଟରେ ସେ କୌଶଳକ୍ରମେ ଓଭରଟେକ କରି ସୁରଜର ଗାଡି ଆଗରେ ନିଜ ଗାଡିକୁ ରଖି ଦେଇଥିଲେ। ସେଠାରେ ସାଇଡ ନ ଦେବାର କାରଣ ପଚାରିବାରୁ ସୁରଜ ଉତକ୍ଷିପ୍ତ ହୋଇ ଆଇନଜୀବୀ ଓ ତାଙ୍କ ସ୍ୱାମୀଙ୍କୁ ଗାଳିଗୁଲଜ କରିଥିଲା। ପ୍ରତିବାଦ କରିବାରୁ ସୁରଜ ପୁଲିସର ଭୟ ଦେଖାଇଥିଲା। ଖବର ପାଇ ଚାଉଳିଆଗଞ୍ଜ ଥାନା ପୁଲିସ ପହଞ୍ଚି ତାକୁ କାବୁ କରିଥିଲା। ଥାନାରେ ପରୀକ୍ଷା ପରେ ସୁରଜ ମାତ୍ରାଧିକ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ରବିବାର ଛୁଟି ଥିବାରୁ ଟ୍ରାଫିକ କନଷ୍ଟେବଳ ସୁରଜ ସାଙ୍ଗମାନଙ୍କ ସହ ମଦ୍ୟପାନ କରି ଶିଖରପୁର ସ୍ଥିତ ଘରକୁ ଫେରୁଥିବା ଜଣାପଡ଼ିଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରି ସୁରଜର ଗାଡିକୁ ଜବତ କରିଥିଲା। ପଥଚାରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଟ୍ରାଫିକ କର୍ମଚାରୀଙ୍କ ଏଭଳି ବିଶୃଙ୍ଖଳା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୋମବାର ବିଭାଗ ପକ୍ଷରୁ ଡିସିପିଙ୍କୁ ଚିଠି କରାଯାଇଛି।

**ଏସ୍‌ସିବି ଟ୍ରମା କାଜୁଆଲଟି ଓ ଅର୍ଥୋପେଡିକ୍ ବିଭାଗରେ ଅବ୍ୟବସ୍ଥା**

# ୧୫ଟି ଏସି ଅଚଳ; ରୋଗୀ ହନ୍ତସନ୍ତ

କଟକ, ୪।୮ (ସମିସ)

ଏସ୍‌ସିବିର ଟ୍ରମା କାଜୁଆଲଟି ସମେତ ଅର୍ଥୋପେଡ଼ିକ ବିଭାଗରେ ସାଂଘାତିକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଟ୍ରମା କାଜୁଆଲଟି ୱାର୍ଡରେ ଲାଗିଥିବା ୧୫ଟି ଏସି ଆଜି ଖରାପ ହେବା ଯୋଗୁଁ ଅଚଳ ହୋଇଯାଇଛି। ଫଳରେ ଦୁର୍ଘଟଣାର ଶିକାର ହୋଇ ଆସିଥିବା ଗୁରୁତର ରୋଗୀ ଅସହ୍ୟ ଗୁଳୁଗୁଳି ଓ ଗରମରେ ଛଟପଟ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଅର୍ଥୋପେଡ଼ିକ ବିଭାଗରେ ପାଣି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। କୌଣସି ଟ୍ୟାପ୍‌ରେ ପାଣି ଆସୁନି। ଫଳରେ ପାଣି ପାଇଁ ରୋଗୀ ଓ ସମ୍ପର୍କୀୟ ହଇରାଣ ହୋଇଥିଲେ। ଏଠାରେ ଥିବା ଡ୍ରେନେର ପାଇପଟି ଫାଟି ଯିବାରୁ ଆବର୍ଜନା ପାଣି ଗୁଡିକ ବିଭାଗ ନିକଟରେ ପଡୁଛି। ତେବେ ମେଡିକାଲରେ ଏଭଳି ସମସ୍ୟା ଦେଖାଦେବା ପରେ ଘଟଣା ପ୍ରଘଟ ହେବାରୁ ମେଡିକାଲ କର୍ତ୍ତୃପକ୍ଷ ତତ୍ପରତା ଦେଖାଇ ଟ୍ରମା କାଜୁଆଲଟିର ୱାର୍ଡରେ ଏସି ମରାମତି କରିଥିଲେ।



ମେଡିକାଲରେ ଟ୍ରମା କାଜୁଆଲଟିକୁ ଦୁର୍ଘଟଣା ସମେତ ପୋଡି ହୋଇଥିବା ଗୁରୁତର ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଏଠାରେ ଏସି ଚାଲିବା ବାଧ୍ୟତାମୂଳକ। ୧୫ଟି ଏସି ମଧ୍ୟରୁ ୯ଟି ୱିଣ୍ଡୋ ଓ ୬ଟି ସ୍ପ୍ଲିଟ୍ ଏସି ଲଗାଯାଇଥିଲା। ହେଲେ ଗୋଟେ ପରେ ଗୋଟେ ଏସି ଖରାପ ହେବାରୁ ତାକୁ ସଜଡା ଯାଇ ନଥିଲା। ଫଳରେ ଆଜି ସବୁ ଏସି ଅଚଳ ହୋଇପଡ଼ିଥିଲା। ଅନ୍ୟପକ୍ଷରେ ଅର୍ଥୋପେଡ଼ିକ ବିଭାଗର ପାଣି ପାଇପରେ ୩ଦିନ ହେବ ପାଣି ଆସୁନାହିଁ। ଫଳରେ ରୋଗୀ ପାଣି ପାଇ ନାହିଁ ନଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ କହିଛନ୍ତି, ଏଭଳି ଘଟଣା ସାମ୍ନାକୁ ଆସିବାରୁ ତୁରନ୍ତ ଏସିଗୁଡିକୁ ଠିକ୍ କରାଯାଇଛି। ଏବେ କାଜୁଆଲଟିରେ ଏସି କାର୍ଯ୍ୟ କରୁଛି। ଏହାସହ ଅର୍ଥୋପେଡ଼ିକ ବିଭାଗରେ ଥିବା ସମସ୍ୟା ଗୁଡ଼ିକ ତୁରନ୍ତ ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ପ୍ରଫୁଲ୍ଲ ସିଂହ କଟକ ଜିଲ୍ଲା ବିଜେଡି ସଭାପତି



**କଟକ/କନ୍ଦରପୁର, ୪।୮ (ସମିସ):** ଦୀର୍ଘଦିନର ପ୍ରତୀକ୍ଷା ଓ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ କଟକ ଜିଲ୍ଲା ବିଜୁ ଜନତା ଦଳର ସଭାପତି ଭାବେ ପ୍ରଫୁଲ୍ଲ ସିଂହଙ୍କୁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ସୋମବାର ଦିନ ନିଯୁକ୍ତି ପ୍ରଦାନ କରିଛନ୍ତି। ପ୍ରଫୁଲ୍ଲ ସିଂହ ଜନତା ଦଳ ଓ ପରେ ବିଜୁ ଜନତା ଦଳରେ ରହି ବିଭିନ୍ନ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦରେ ନିଷ୍ଠାର ସହିତ କାର୍ଯ୍ୟ କରିଥିବା ନଜିର ରହିଛି। ଏହା ଜଣାପଡ଼ିବା ପରେ କଟକ ଜିଲ୍ଲା ସମେତ ନିଜ ନିର୍ବାଚନମଣ୍ଡଳୀ କଟକ ସଦର ଅନ୍ତର୍ଗତ ପରମହଂସ ପଞ୍ଚାୟତ ବିଜେଡ଼ି ମହଲରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ଶ୍ରୀ ସିଂହ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ତାଙ୍କ ନିକଟକୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ଗତ ସାଧାରଣ ନିର୍ବାଚନ ପରଠାରୁ କଟକ ଜିଲ୍ଲା ସମେତ କଟକ ସଦରରେ ବିଜେଡ଼ି ସଂଗଠନ ଏକ ପ୍ରକାର ସ୍ଥାଣୁ ହୋଇପଡ଼ିଥିବା ବେଳେ ପ୍ରଫୁଲ୍ଲଙ୍କ ନିଯୁକ୍ତି କର୍ମୀ ମହଲରେ ନୂତନ ଆଶା ସଞ୍ଚାର କରିଛି।

# ଇସ୍‌କଫ କଟକ ଜିଲ୍ଲା ସମ୍ମିଳନୀ

**କଟକ, ୪।୮ (ସମିସ):** ଗତକାଲି ଇସକଫ କଟକ ଜିଲ୍ଲା ସମ୍ମିଳନୀ ବାରବାଟୀ ଷ୍ଟାଡ଼ିୟମ ଇସକଫ ହଲରେ ଅନୁଷ୍ଠିତ ହୋଇଥିଲା। ଜଷ୍ଟିସ ମନୋରଞ୍ଜନ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଇସକଫ ସାଧାରଣ ସମ୍ପାଦକ ବିଜୟ କୁମାର ପଡ଼ିହାରୀ, ଜାନକୀ ବଲ୍ଲଭ ମହାନ୍ତି, ସଞ୍ଜୟ ପରିଡା, ନିଶିଥିନି ଦାଶ, ସୁବାସ ବୋଷ, ଭ୍ରମରବର ସାହୁ, ପ୍ରସନ୍ନ ମହାପାତ୍ର, ଅମରେନ୍ଦୁ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କ୍ଷୀରୋଦ କୁମାର ବିଶ୍ୱାଳଙ୍କୁ ସଭାପତି ଓ ସୁବାସ ବୋଷଙ୍କୁ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। କାଶୀନାଥ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



# ରାଜପଥରେ କଣ୍ଟେନର୍ ଖରାପ

**ଗାଡ଼ି ଚଳାଚଳ ପ୍ରଭାବିତ**

**କଟକ, ୪।୮ (ସମିସ):** ଏକ କଣ୍ଟେନର ହଠାତ ଖରାପ ହୋଇଯିବାରୁ ରାଜପଥରେ ଗାଡି ଚଳାଚଳ ପ୍ରଭାବିତ ହୋଇଥିଲା। ଦୀର୍ଘ ସମୟ ଧରି ଜାମ ଲାଗି ରହିଥିଲା। କ୍ରେନ ଯୋଗେ କଣ୍ଟେନରକୁ ରାସ୍ତା ଉପରୁ ହଟାଇବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

ସୋମବାର ପ୍ରାୟ ୨ଟାରେ ଏକ କଣ୍ଟେନର (ଏନଏଲ-୦୩-ଏ-୩୭୪୦) କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଗାଡିଟି ଓଏମପି ପଟୁ ରାଜପଥ ଦେଇ ମଧୁପାଟଣା ଛକ ଆଡକୁ ଆସୁଥିଲା। ତେବେ ଫ୍ଲାଏଓଭର ଚଢିବା ପୂର୍ବରୁ ସମ୍ରାଟ ସିନେମା ହଲ ସମ୍ମୁଖ ରେଳବାଇ ବ୍ରିଜ ନିକଟରେ ହଠାତ ଗାଡିଟି ବନ୍ଦ ହୋଇଗଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଚାଳକଙ୍କ ବହୁ ଉଦ୍ୟମ ସତ୍ତ୍ୱେ ଗାଡିଟି ଷ୍ଟାର୍ଟ ହୋଇନଥିଲା। ଅନ୍ୟପଟେ ରାଜପଥ ଉପରେ ଏହି ବିଶାଳ କଣ୍ଟେନର ଅଟକି ରହିବାରୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସଙ୍କୁଚିତ ରାସ୍ତାରେ ଅନ୍ୟ କୌଣସି ବଡ ଗାଡି ସହଜରେ ପାସ କରିପାରିନଥିଲା। ଫଳରେ ଘଟଣାସ୍ଥଳ ଠାରୁ ଶିଖରପୁର ପର୍ଯ୍ୟନ୍ତ ରାସ୍ତାରେ ସଂଖ୍ୟାଧିକ ଗାଡି ପଛକୁ ପଛ ଅଟକି ରହିଥିଲା। ଏହି ସୂଚନା ପାଇ ଟ୍ରାଫିକ ଓ ମଧୁପାଟଣା ଥାନା ପୁଲିସ ସେଠାରେ ପହଞ୍ଚିଥିଲେ। ପୁଲିସ ଦ୍ୱାରା ଭିଡ ନିୟନ୍ତ୍ରଣ କରାଯିବା ସହ ମେକାନିକ ଡକାଇ ଗାଡି ମରାମତି ପାଇଁ ଉଦ୍ୟମ କରାଯାଇଥିଲା। ହେଲେ ଗାଡି ଷ୍ଟାର୍ଟ ହୋଇ ନଥିଲା। ଶେଷରେ ମଧୁପାଟଣା ପୁଲିସ ଘଟଣା ସମ୍ପର୍କରେ ଏନଏଚଏଆଇ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲା। ଏହାପରେ ଏନଏଚଏଆଇ କର୍ମଚାରୀ ଏକ କ୍ରେନ ଆଣି ଖରାପ କଣ୍ଟେନରକୁ ରାସ୍ତା ଉପରୁ ହଟାଇଥିଲେ। ଗାଡିଟିକୁ ଟେକି ପ୍ରେସ ଛକ ନିକଟ ଏକ ଖୋଲା ସ୍ଥାନକୁ ନିଆଯାଇଥିଲା। ସେଠାରେ ମେକାନିକ ଆସି ଗାଡିର ମରାମତି କାର୍ଯ୍ୟ କରୁଥିବା ଜଣାପଡ଼ିଛି। ୧ ଘଣ୍ଟା ପରେ କଣ୍ଟେନର ହଟିବାରୁ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।



# ଯୋବ୍ରାରେ ୨ ଗୋଷ୍ଠୀ ମାର୍‌ପିଟ୍



**କଟକ, ୪।୮ (ସମିସ):** ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ବୋଟିଂ କ୍ଲବ ନିକଟରେ ଆଜି ରାତିରେ ବଡ ଧରଣର ଗଣ୍ଡଗୋଳ ହୋଇଛି। ଗହଳିପୂର୍ଣ୍ଣ ରାସ୍ତା ଉପରେ ଦୁଇ ଯୁବଗୋଷ୍ଠୀ ମାରପିଟ ହୋଇଛନ୍ତି। ପ୍ରତ୍ୟେକ୍ଷଦର୍ଶୀଙ୍କ ସୂଚନାନୁସାରେ, ରାତି ପ୍ରାୟ ସାଢେ ୮ଟାରେ ବାଇକରେ କିଛି ଯୁବକ ଆସି ବୋଟିଂ କ୍ଲବ ସମ୍ମୁଖ ରାସ୍ତାରେ ଅନ୍ୟ ଦୁଇ ଯୁବକଙ୍କୁ ଅଟକାଇଥିଲେ। ସେଠାରେ କୌଣସି କଥାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ପରେ ସେମାନେ ପରସ୍ପରକୁ ଗାଳିଗୁଲଜ କରିବା ସହିତ ହାତାହାତି ହୋଇଥିଲେ। ପ୍ରାୟ ୮ରୁ ୧୦ ଜଣ ଯୁବକ ବ୍ୟସ୍ତବହୁଳ ରାସ୍ତା ମଝିରେ ପରସ୍ପର ଭିତରେ ମାଡପିଟ ହୋଇଥିଲେ। ଏଥିଯୋଗୁଁ ସେଠାରେ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ କିଛି ସମୟ ଭିତରେ ମାଲଗୋଦାମ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା; ମାତ୍ର ପୁଲିସକୁ ଦେଖି ଗଣ୍ଡଗୋଳକାରୀ ଯୁବକମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ଏହି ମାରପିଟ କରୁଥିବା ଯୁବକମାନେ କଲେଜ ଛାତ୍ର ହୋଇଥିବା ଆଶଙ୍କା କରାଯାଉଛି। ତେବେ ରାତି ୧୦ଟା ପର୍ଯ୍ୟନ୍ତ ଘଟଣା ସମ୍ପର୍କରେ କେହି ଥାନାରେ ଏତଲା ଦେଇନଥିବା ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି।

**ଅବକାରୀ ଗୁଇନ୍ଦା ବିଭାଗର ଚଢ଼ଉ**

# ୧୭୦ ବୋତଲ କଫ୍ ସିରପ୍ ଜବତ; ମାଷ୍ଟରମାଇଣ୍ଡ ଗିରଫ

କଟକ, ୪।୮ (ସମିସ)



ମାରାତ୍ମକ କଫ ସିରପ ବିକ୍ରି କରୁଥିବା କୁଳମଣି ମିଶ୍ର ପୁଣିଥରେ ଗିରଫ ହୋଇଛି। ଚୌଦ୍ୱାର ମୁଣ୍ଡମାଳ ଗ୍ରାମର କୁଳମଣି(୪୫) ପାଖରୁ ୧୭୦ ବୋତଲ କଫ ସିରପ ଅବକାରୀ ଗୁଇନ୍ଦା ବିଭାଗ ଜବତ କରିଛି। ଏଭଳି ସମାନ ଅଭିଯୋଗରେ ପୂର୍ବରୁ କୁଳମଣିକୁ ମର୍କତନଗର ଥାନା ପୁଲିସ ଗିରଫ କରିଥିଲା। ମର୍କତନଗର ସେକ୍ଟର-୧୧ ଅଞ୍ଚଳରେ ନିଷିଦ୍ଧ କଫ ସିରପ କାରବାର ସମ୍ପର୍କରେ ଅବକାରୀ ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହାପରଠୁ ବେଆଇନ ବେପାରୀକୁ ଧରିବା ପାଇଁ ଅବକାରୀ ଟିମ ଉଦ୍ୟମ ଜାରି ରଖିଥିଲା। ସୋମବାର ସୂଚନା ମିଳିଲାକି, ମଧୁସୂଦନ ସେତୁ ପାଖରେ କିଛି ଦୋକାନିଙ୍କୁ ବେଆଇନ କଫ ସିରପ ବିକ୍ରି କରାଯାଉଛି। ଏହାପରେ ଅବକାରୀ ଟିମ ତୁରନ୍ତ ସେଠାରେ ପହଞ୍ଚି କୁଳମଣିକୁ ଧରିବା ସହ ତା' ପାଖରୁ ଗୋଟିଏ ପେଟି କଫ ସିରପ ଜବତ କରିଥିଲା। ତାକୁ ଧରିନେଇ ଜେରା କରିବାରୁ ସେ ଗୁରୁଡ଼ିଝାଟିଆ ଏବଂ ସେକ୍ଟର ୧୧ ସ୍ଥିତ ସମ୍ପର୍କୀୟଙ୍କ ଘରେ କିଛି କଫ ସିରପ ଲୁଚାଇ ରଖିଥିବା ସୂଚନା ଦେଲା। ଉକ୍ତ ଦୁଇ ଅଞ୍ଚଳରେ ଚଢଉ ପରେ ଆଉ କିଛି କଫ ସିରପ ମିଳିଥିଲା। ଏଭଳି ଭାବେ ତା' ଠାରୁ ମୋଟ ୧୭୦ ବୋତଲ କଫ ସିରପ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩୫ ହଜାର ଟଙ୍କା ହେବ। କୋଡାଇନ ମିଶ୍ରିତ ଏହି ଏସ୍‌କଫ କଫ ସିରପକୁ ସେ କୋଲକତାରୁ ବସ ଏବଂ କୋରିଅର ଯୋଗେ ଆମଦାନୀ କରୁଥିଲା। ଧରାପଡ଼ିଯିବା ଭୟରେ ଓଏମପି ଛକରୁ ବସରୁ ସଂଗ୍ରହ କରିନେଉଥିଲା। ଏହି କଫ ସିରପକୁ ସେ କଟକ, ଭୁବନେଶ୍ୱର, ପୁରୀ ସମେତ ପଶ୍ଚିମଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ଚାଲାଣ କରୁଥିଲା। ଏହି କଫ ସିରପ ବୋତଲ ପିଛା ୨୦୦ ଟଙ୍କାରେ ବିକ୍ରି ହେଉଥିଲା। ଗିରଫଦାରୀ ବେଳେ ତା' ପାଖରୁ ଗୋଟିଏ ବାଇକ ମଧ୍ୟ ଜବତ ହୋଇଛି।

ମୁଖ୍ୟ କଥା ହେଉଛି, କିଛି ବର୍ଷ ପୂର୍ବେ ମର୍କତନଗର ଅଞ୍ଚଳରେ ଏଭଳି କଫ ସିରପ ବିକ୍ରି କରିବା ଲିଙ୍କରେ ସ୍ଥାନୀୟ ପୁଲିସ କୁଳମଣିକୁ ଗିରଫ କରିଥିଲା। ତାର ସୂଚନା ଆଧାରରେ ଚୌଦ୍ୱାରର ତଳ ବଜାର ଅଞ୍ଚଳର ଏକ ପରିତ୍ୟକ୍ତ ଘରେ ଚଢଉ କରି ଏକ ଟାଟା ଏସିଇ ଗାଡି ଭର୍ତ୍ତି କଫ ସିରପକୁ ପୁଲିସ ଜବତ କରିଥିଲା। ତେବେ କମ ଦାମରେ ଆସୁଥିବା ଏହି କଫ ସିରପରେ ଅଧିକ ପରିମାଣର ଲାଭ ରହୁଥିବାରୁ କୁଳମଣି ଜେଲରୁ ବାହାରିବା ପରେ ପୁଣି ସେହି କାରବାର କରୁଥିବା ତଦନ୍ତରୁ ଜଣାପଡ଼ିଛି।

# କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସହ ଯୌନ ଉତ୍ପୀଡ଼ନ ନିବାରଣ ସଚେତନତା

**କଟକ, ୪।୮ (ସମିସ):** ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସହ ଯୌନ ଉତ୍ପୀଡ଼ନ ନିବାରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟରେ ନୂଆ କରି ନାମଲେଖାଇଥିବା ନବାଗନ୍ତୁକ ବିଦ୍ୟାର୍ଥୀମାନଙ୍କୁ ପ୍ରିଭେନସନ୍ ଅଫ୍ ସେକ୍ସୁଆଲ ହାରାସମେଣ୍ଟ'/ପୋସ୍ ଆକ୍ଟ -୨୦୧୩ ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାକୁ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଏବଂ ରୋଭର୍-ରେଞ୍ଜର ୟୁନିଟ୍ ଆୟୋଜନ କରିଥିଲେ। ୟୁଜିସି ନିୟମାବଳୀ-୨୦୧୫ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ନିବାରଣ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ସଚେତନ କରିବା ସହ କ୍ୟାମ୍ପସରେ କିଭଳି ଏକ ନିରାପଦ ଓ ସକାରାତ୍ମକ ପରିବେଶ ସୃଷ୍ଟି ହୋଇପାରିବ, ସେ ସମ୍ପର୍କରେ ସୂଚାଇ ଦିଆଯାଇଥିଲା। ଏହି ଅବସରରେ କମିଶନରେଟ୍ ପୁଲିସ ପକ୍ଷରୁ ଆଇଟି ଏବଂ ସୋସିଆଲ ମିଡିଆ ସେଲ୍‌ଫ ଦାୟିତ୍ୱରେ ଥିବା ଏସିପି ସୁଚିସ୍ମିତା ଦାସ ଅତିଥି ଭାବରେ ଯୋଗଦେଇଥିଲେ। ଭୁବନେଶ୍ୱରସ୍ଥିତ ଟାଟା ଷ୍ଟିଲ୍ ଲିମିଟେଡର ଆଇନ ପରାମର୍ଶଦାତା ରାଜଶ୍ରୀ କାନୁନଗୋ "ପୋସ୍ ଆକ୍ଟ -୨୦୧୩" ସମ୍ପର୍କରେ ନୂଆ କରି ବିଶ୍ୱବିଦ୍ୟାଳୟରେ ପାଦ ଥାପିଥିବା ବିଦ୍ୟାର୍ଥୀମାନଙ୍କୁ ବିଶଦ ଭାବରେ ବୁଝାଇଥିଲେ। ପ୍ରଫେସର ଅନିଶା ଆଝାରୁନ୍ନିସା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧ୍ୟକ୍ଷା ରହିଥିବା ବେଳେ ଫାକଲ୍ଟି ସଦସ୍ୟ ଭାବରେ ଡ. ଜୟଦୀପ ସାହୁ, ଡ. ପ୍ରଯୁକ୍ତା କାଡୁ କଦମ, ଡ. ଜସ୍ମିନ୍ ଭୂୟାଁ, ଅଣଶିକ୍ଷକ କର୍ମଚାରୀ ସଦସ୍ୟ ଭାବରେ ଆଦର୍ଶ ଭାଟେ, ସୌଭାଗ୍ୟଲକ୍ଷ୍ମୀ ସାହୁ, ଅଖିଳା ଭି, ଏନଜିଓ ସଦସ୍ୟା ଭାବରେ ପ୍ରମିଳା ନାଥ ଏବଂ ବିଦ୍ୟାର୍ଥୀ ସଦସ୍ୟ/ସଦସ୍ୟା ଭାବରେ ଗର୍ବ ଆନନ୍ଦ, ଜ୍ୟୋତି କ୍ରିଷ୍ଣାମୋହନ ଏବଂ ବୈଷ୍ଣବୀ ଗଜାନନ ପାୱାର ରହିଛନ୍ତି। ପୋସ୍ ଆକ୍ଟ -୨୦୧୩କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମଟି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡ.) ତେଜପ୍ରତାପ, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଧ୍ୟକ୍ଷା ପ୍ରଫେସର ଅନିଶା ଆଝାରୁନ୍ନିସା ଏବଂ ରୋଭର ଲିଡର ଡ. ସନ୍ଦୀପ ରାଉତଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା।




**ଭୁବନେଶ୍ୱର ଗାଡ଼କଣରେ ବିଏମ୍‌ସିର ବେଆଇନ ଅଳିଆଗଦା ପ୍ରସଙ୍ଗ**

# ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ବିଏମ୍‌ସି ଓ ଓଏସ୍‌ପିସିବି ଦେବେ ସତ୍ୟପାଠ**

**କଟକ, ୪।୮ (ସମିସ):** ଭୁବନେଶ୍ୱର ସୈନିକ ସ୍କୁଲ ପ୍ରାଚୀର ଦକ୍ଷିଣ ପାର୍ଶ୍ୱରେ ଥିବା ଗାଡ଼କଣ ଠାରେ ବିଏମସି (ଭୁବନେଶ୍ୱର ମହାନଗର ନିଗମ) ପକ୍ଷରୁ ବେଆଇନ ଭାବେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି)ର ଅନୁମତି ନ ଥାଇ ଅଳିଆଗଦା ବା ଡମ୍ପୟାର୍ଡ ଚାଲି ଆସୁଥିବା ଅଭିଯୋଗରେ ରୁଜୁ ମାମଲାର ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାର ଶୁଣାଣି କରି ଭୁବନେଶ୍ୱର ମହାନଗର ନିଗମ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆସନ୍ତା ଏକ ସପ୍ତାହ ଭିତରେ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଭୁବନେଶ୍ୱର ଉନ୍ନୟନ ପରିଷଦ ତରଫରୁ ଏହାର ସଭାପତି ବାସୁଦେବ ଭଟ୍ଟ ଦ୍ୱାରା ଆଗତ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ଅଗଷ୍ଟ ୧୮ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ। ମାମଲାର ଶୁଣାଣି ବେଳେ ପ୍ରତିପକ୍ଷ ବିଏମସି ପକ୍ଷରୁ ଆଇନଜୀବୀ ମନୋଜ ମିଶ୍ର ଉପସ୍ଥିତ ରହି ଉପରୋକ୍ତ ସ୍ଥାନରେ କୌଣସି ମାଟି ସମତୁଲ କାମ ହେଉ ନ ଥିବା ଦର୍ଶାଇଥିଲେ ଯାହା ଆବେଦନରେ ଅଭିଯୋଗ କରାଯାଇଥିଲା। ସେହିଭଳି ଏଠାରେ ଏକ ପ୍ରକ୍ରିୟାକରଣ କେନ୍ଦ୍ର କାର୍ଯ୍ୟ କରୁଥିବା ନେଇ ସେ ଦର୍ଶାଇଥିଲେ। ଏହି ଅଳିଆଗଦା ଯୋଗୁଁ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ହେବା ସହିତ ଓ ଏହାର ଆଖପାଖରେ ରହୁଥିବା ବାସିନ୍ଦାମାନଙ୍କର ସ୍ୱାସ୍ଥ୍ୟପ୍ରତି ଘୋର ବିପଦ ସୃଷ୍ଟି ହେଉଛି। ବାରମ୍ବାର ଆନ୍ଦୋଳନ ଓ ଦାବିପତ୍ରକୁ ଉଭୟ ପୌର କର୍ତ୍ତୃପକ୍ଷ ଓ ସରକାର ଅଣଦେଖା କରିଛନ୍ତି। ସରକାର ଅସ୍ଥାୟୀ ଆବର୍ଜନା ପରିଚାଳନା କେନ୍ଦ୍ର ନାମ ଦେଇ ବିଭିନ୍ନ ନିୟମ ଉଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଏହି ଅଳିଆଗଦା ବନ୍ଦ ହେଲେ ସୈନିକ ସ୍କୁଲ, ଉତ୍କଳ ବିଶ୍ୱବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନ ଓ କଲୋନୀରେ ଛାତ୍ରଛାତ୍ରୀ ଓ ଲୋକମାନେ ଆଶ୍ୱସ୍ତି ଲାଭ କରିବେ ବୋଲି ଦର୍ଶାଯାଇଛି।






# ଶ୍ରାବଣ ଶେଷ ସୋମବାର, କାଉଡ଼ିଆଙ୍କ ଭିଡ଼



ଜୟପୁର,୪।୮ (ସମିସ): ଶ୍ରାବଣ ମାସ ଶେଷ ସୋମବାର ଜୟପୁର ସହରର ଏବଂ ଆଖପାଖ ଗ୍ରାମାଞ୍ଚଳର ବିଭିନ୍ନ ଶୈବପୀଠରେ ଭକ୍ତ, ଶ୍ରଦ୍ଧାଳୁଙ୍କ ସମେତ କାଉଡ଼ିଆ ମାନଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଭୋରରୁ ସ୍ଥାନୀୟ ସତି ନଦୀରୁ ଢାଳରେ ଜଳ ପୂର୍ଣ୍ଣ କରି କୁନିକୁନି ପିଲା, ମହିଳା କାଉଡିଆ ମାନେ ପଞ୍ଚାନନ ମନ୍ଦିର ଠାରେ ପହଞ୍ଚି ଜଳାଭିଷେକ କରିଥିଲେ। ସେହିପରି ପୁରୁଣାଗଡ଼ନୀଳକଣ୍ଠେଶ୍ୱର ମନ୍ଦିରକୁ ସହରର ବିଭିନ୍ନ ଅଞ୍ଚଳର ଭକ୍ତ ଓ କାଉଡିଆ ମାନେ ଜଳନେଇ ଜଳାଭିଷେକ କରିଥିଲେ। ଫଳରେ ଶୈବପୀଠରେ ଭୀଡ଼ ଯୋଗୁଁ ଲମ୍ବାଧାଡି ଲାଗିରହିଥିଲା। ସେହିପରି ସହର ଏବଂ ଆଖାପାଖ ଗ୍ରାମାଞ୍ଚଳର ମନ୍ଦିର କପିଳେଶ୍ୱର, ଭୂତନାଥ, ଝାଡେଶ୍ୱର, ବୈଦ୍ୟନାଥ, ପାତାଳେଶ୍ୱର, ଶକ୍ତିଶ୍ୱର, ସିଦ୍ଧେଶ୍ୱର, ରାମେଶ୍ୱର, ବାଲୁଙ୍କେଶ୍ୱର, ବୈଦେନାଥ ହଟିକେଶ୍ୱର ଲୋକେଶ୍ୱର, ଅର୍ଦ୍ଧନାରୀଶ୍ୱର ଆଦି ସମସ୍ତ ଶୈବପୀଠରେ ଜଳାଭିଷେକ କରିଥିଲେ। ସହର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ କାଉଡିଆଙ୍କୁ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରଦାନ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ବିଭିନ୍ନ ଶୈବପୀଠରେ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

**ରାଇଘର :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ବିଭିନ୍ନ ଶୈବପୀଠରେ ଶ୍ରାବଣ ମାସ ଚତୁର୍ଥ ସୋମବାର ଉପଲକ୍ଷେ ବୋଲବମ୍ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସଦର ମହକୁମା ସ୍ଥିତ ଡିଏନକେ ଥିବା ଧବଳେଶ୍ୱର ଶୈବପୀଠ, ଗାଁ ଭିତରେ ଥିବା ଶୈବପୀଠ, ପାରୁଆଠାରେ ଥିବା ସର୍ବ ପୁରାତନ ଶୈବପୀଠ ଆଦି ଶୈବ ପୀଠରେ ସକାଳୁ ସକାଳୁ କାଉଡିଆଙ୍କ ପ୍ରବଳ ଭିଡ଼ ଜମିଥିଲା। କାଉଡିଆ ମାନେ ଜଳାଭିଷେକ ସକାଶେ ଧାଡି ବାନ୍ଧି ଲାଇନ୍‌ରେ ଯାଇ ଜଳାଭିଷେକ କରି ମହାଦେବଙ୍କୁ ଦର୍ଶନ କରିଥିଲେ। କିଏ ଛତିଶଗଡ଼ରେ ଥିବା ସିଂହାବା ମହାନଦୀରୁ ପାଣି ଆଣିଥିଲେ ତ ଆଉ କିଏ ବେହେଡା ଓ ଧାଡ୍ରାର ବିଡିରୀ ନଦୀରୁ ପାଣି ଆଣିଥିଲେ। କାଉଡ଼ିଆ ମାନଙ୍କୁ ବିଭିନ୍ନ ସ୍ଥାନରେ ଯୁବ ସମାଜ , ସାମାଜିକ କର୍ମୀ ଜଳ ଓ ଖାଦ୍ୟ ଦେଉଥିବା ଦେଖିବାକୁ ମିଳିଥିଲା।

**ଡାବୁଗାଁ:** ଶ୍ରାବଣମାସରଶେଷସୋମବାରରେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ କେଲିଆ ଶୈବ ପୀଠରେ ବୋଲବମ ଭକ୍ତଙ୍କ ଭିଡ ଜମିଥିଲା । ଆଜି ଭୋରରୁ କେଲିଆ ଶୈବ ପୀଠରେ ଭକ୍ତ ମାନେ ପହଞ୍ଚି ଧାଡି ବାନ୍ଧି ଜଣ ପରେ ଜଣେ ବାବା ଝଡେଶ୍ୱର ମହାଦେବଙ୍କ ଉପରେ ଜଳ ଢାଳି ଅଭିଷେକ କରି ପୂଜାର୍ଚ୍ଚନା କରିଥିଲେ। ଶାନ୍ତି ଶୃଙ୍ଖଳାର ସହ କାଉଡିଆ ମାନେ ଶ୍ରୀ ଝଡେଶ୍ୱର ମହାଦେବଙ୍କୁ ଜଳ ଲାଗି କରିବା ସହ ଦର୍ଶନ କରିଥିଲେ। ଏଠାରେ ପ୍ରାୟ ୧୫ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏହା ସହ ଡାବୁଗାଁ, ବିରିସୋଲା, ବାଘବେଡା ଓ କୁନାପାଣି ଶିବ ମନ୍ଦିରରେ ମଧ୍ୟ କାଉଡିଆ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ବିଭିନ୍ନ ଶୈବପୀଠ ମାନଙ୍କରେ ଭକ୍ତ ମାନଙ୍କ ସୁରକ୍ଷା ଓ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଡାବୁଗାଁ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା ।

## ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସମାଗମ



ପଦ୍ମପୁର,୪।୮ (ସମିସ): ରାୟଗଡ଼ା ଜିଲ୍ଲାରପଦ୍ମପୁରରବିଭିନ୍ନଶୈବପୀଠରେ ବୋଲବମ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ପଦ୍ମପୁରରେ ନୀଳକଣ୍ଠେଶ୍ୱର, ଧବଳେଶ୍ୱର, ମଲ୍ଲିକେଶ୍ୱର ଓ ପୁଡୁକେଶ୍ୱର ଶୈବପୀଠରେ ପ୍ରବଳ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଠିକ୍ ସେହିପରି ଗୁମୁଡା, କାରେଣୀ,ଜାଡିଲିର ବିଭିନ୍ନ ଶୈବପୀଠରେ ବୋଲବମ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ୟୁରିଆ ମିଳୁନି, ଜିଲ୍ଲାପାଳଙ୍କୁ ଚାଷୀଙ୍କ ଅଭିଯୋଗ

ମାଲକାନଗିରି, ୪।୮ (ସମିସ): ମାଲକାନଗିରି ଜିଲ୍ଲାରେ ଖରିଫ ଋତୁ ଚାଷ ଆରମ୍ଭ ହୋଇଥିବା ବେଳେ ଚାଷୀ ମାନଙ୍କୁ ଠିକ୍ ସମୟରେ ୟୁରିଆ ମିଳୁ ନଥିବା ଅଭିଯୋଗ ହୋଇଛି। ଆଜି ମାଲକାନଗିରି ଜିଲ୍ଲାର ଚାଷୀ ବୃନ୍ଦ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗପତ୍ର ଦେଇଛନ୍ତି। ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ଚାଷୀ ମାନଙ୍କୁ ପ୍ରତି ସୋମବାର ଦିନ ୟୁରିଆ ଦେବାର ନିୟମ ରହିଥିବା ବେଳେ ଗତ ଦୁଇ ସପ୍ତାହ ଧରି ଚାଷୀ ମାନଙ୍କୁ ୟୁରିଆ ପ୍ରଦାନ କରା ଯାଇନାହିଁ। ଆଜି ମଧ୍ୟ ୟୁରିଆ ପାଇଁ ଯିବାରୁ ଚାଷୀ ମାନଙ୍କୁ ପୁନର୍ବାର ଆସନ୍ତା ସପ୍ତାହକୁ ଆସିବା ପାଇଁ କୁହାଯାଇଛି। ତେବେ ବର୍ତ୍ତମାନ ଚାଷ ନିମନ୍ତେ ୟୁରିଆର ଆବଶ୍ୟକତା ଥିବା ବେଳେ ଯଦି ସମୟାନୁକ୍ରମେ ୟୁରିଆ ସାର ଜମିରେ ସିଂଚନ କରା ନ ଗଲେ ଜମି ନଷ୍ଟ ହେବା ସହ ଫସଲ ମଧ୍ୟ ନଷ୍ଟ ହେବାର ସମ୍ଭାବନା ରହିଛି। ତେଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଯଥାଶୀଘ୍ର ୟୁରିଆ ପ୍ରଦାନ ନିମନ୍ତେ ଆବେଦନ କରିଛନ୍ତି। ଏହି ଆବେଦନ ପତ୍ର ଦେବା ସମୟରେ ମାଲକାନଗିରି ଜିଲ୍ଲାର ଚାଷୀ ପୁରୁଷୋତମ ମାଡି, ଇର୍ମା ମାଡକାମି, ଲଛମନ ମାଡି, ରଘୁରାମ ଡୁରୁକା, ଦେବା କବାସୀ ଓ ଭିମସେନ ପଡିଆମ ପ୍ରମୁଖ ଉପସ୍ଥିତ ଥିଲେ।

## କୋର୍ଟ ମଧ୍ୟରେ ମାନସିକ ରୋଗୀର ଭଙ୍ଗାରୁଜା

ମାଲକାନଗିରି, ୪।୮ (ସମିସ): ଗତକାଲି ରାତିରେ ମାଲକାନଗିରି ଜିଲ୍ଲା ଦୌରା ଜର୍ଜ କୋର୍ଟ ମଧ୍ୟରେ ଜଣେ ମାନସିକ ରୋଗୀ ପ୍ରବେଶ କରି କୋର୍ଟ ଆସବାବପତ୍ରକୁ ଭଙ୍ଗାରୁଜା କରି କୋର୍ଟ ମଧ୍ୟରେ ହୋ ହାଲ୍ଲା କରିଥିବା ଜଣାପଡିଛି। ମାଲକାନଗିରି ଥାନାରେ ଏନେଇ ଏକ ମୋକଦ୍ଦମା ରୁଜୁ କରାଯାଇ ଅଭିଯୁକ୍ତ ଲଖଣ ନାୟକଙ୍କୁ ଗିରଫ କରାଯାଇଛି। ତାଙ୍କ ପରିବାର ପକ୍ଷରୁ ଲଖଣ ଜଣେ ମାନସିକ ରୋଗୀ ବୋଲି କୁହାଯାଉଥିବା ବେଳେ ପୋଲିସ ଏଥିନେଇ ତଦନ୍ତ କରି ଅଭିଯୁକ୍ତ ଲଖଣକୁ ରଖି ପଚରାଉଚୁରା କରୁଛି।

## ସାପକାମୁଡ଼ାରେ ଯୁବକ ଗୁରୁତର

ରାୟଗଡ଼ା/କଲ୍ୟାଣସିଙ୍ଗପୁର, ୪।୮ (ସମିସ): ନାଗ ସାପ କାମଡ଼ାରେ କଲ୍ୟାଣସିଂହପୁର ବ୍ଲକ ସେରିଗୁମା ପଞ୍ଚାୟତ ଅନ୍ତର୍ଗତ ପାର୍ଲାପାଇ ଗ୍ରାମର ସୋମନାଥ ପୀଡିସିକାଙ୍କ ପୁଅ କୀର୍ତି ପୀଡିସିକା (୨୨) ଗୁରୁତର ହୋଇଛନ୍ତି। ସେ ଗତକାଲି ଘର ପରିସରରେ ଥିବା ମକା ବାଡ଼ରେ ଔଷଧ ସିଞ୍ଚନ କରିବାକୁ ଯାଇଥିବା ସମୟରେ ଏକ ନାଗ ସାପ ତାଙ୍କ ପାଦରେ ଚୋଟ ମାରିଥିଲା। ଫଳରେ କାର୍ତିକ ସେଠାରେ ଚେତାଶୂନ୍ୟ ହୋଇଯାଇଥିଲେ। ଗ୍ରାମର କିଛି ବ୍ୟକ୍ତି ମକା ବାଡ଼ରୁ ଘରକୁ ନେଇ ଗ୍ରାମରେ ବେଜୁଣି ବସେଇ ଗୁଣିଆ ଦେଖାଇଥିଲେ। ଝଡ଼ାଫୁଙ୍କାରେ କାର୍ତିକଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ କଲ୍ୟାଣସିଂହପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା କରିବା ପରେ କାର୍ତ୍ତି ଗୁରୁତର ହେବାରୁ ଡାକ୍ତର ପ୍ରମୋଦ କୁମାର ମିଶ୍ର ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଇଥିଲେ। ବର୍ତ୍ତମାନ କାର୍ତ୍ତିର ଚିକିତ୍ସା ଚାଲିଥିବା ଜଣାପଡିଛି

## ଗଞ୍ଜେଇ ଚୋରା ଚାଲାଣରେ ଗିରଫ ଅଭିଯୁକ୍ତ ଫେରାର୍

ଉମରକୋଟ ୪।୮ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ପରଚିପାରା ଠାରେ ଅବକାରୀ ବିଭାଗ ଚଢ଼ାଉ କରି ଦଶ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ପାରଚିପାରା ଗ୍ରାମର ଲଖମୁ ଗଣ୍ଡଙ୍କ ପୁଅ ସିଆଲାଲ ଗଣ୍ଡ ବୋଲି ଜଣାପଡ଼ିଛି। ଅବକାରୀ ଅଧିକାରୀ ରଞ୍ଜୁଲତା ବାରିକଙ୍କ ନେତୃତ୍ୱରେ ଏକ ଟିମ ପରଚିପାରା ଠାରେ ପହଞ୍ଚି ଥିଲେ। ଏକ ବୁଦା ମୂଳେ ଗଞ୍ଜେଇ ଗଛିତ ଥିବା ଦେଖି ତୁରନ୍ତ ସିଆଲାଲକୁ ଗିରଫ କରାଯାଇଛି। ଏହି ଚଢ଼ଉ ସମୟରେ ସବ୍ ଇନ୍ସପେକ୍ଟର ସୁଶୀଲ କୁମାର ଭୋଇ, କନେଷ୍ଟବଳ ଜ୍ୟୋତ୍ସ୍ନା ହରିଜନ , ଅନନ୍ତ ମଲ୍ଲିକ ଏବଂ ଟୁକୁ ଦଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚଢ଼ାଉ ସମୟରେ ରାଇଘର ପୁଲିସ ସହଯୋଗ କରିଥିବା ଜଣାପଡ଼ିଛି । ଗିରଫ ହୋଇଥିବା ସିଆଲାଲକୁ ଉମରକୋଟ ଅବକାରୀ କାର୍ଯ୍ୟାଳୟ କୁ ଅଣାଯାଇଥିଲା। ସେଠାରେ ସନ୍ଧ୍ୟାରେ ସିଆଲାଲ ଗଣ୍ଡ ପରିସ୍ରା ଯିବାକୁ କହି ଚମ୍ପଟ ମାରିଥିଲା। ଯାହାଫଳରେ ଅବକାରୀ ବିଭାଗୀୟ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ ଚମ୍ପଟ ମାରିଥିବା ସିଆଲାଲକୁ ଖୋଜାଖୋଜି ଚଳାଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ସିଆଲାଲ ଅବକାରୀ ବିଭାଗର ହାତରେ ଧରା ପଡି ନଥିବା ଜଣାପଡ଼ିଛି।

## ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ଫେରାର୍ ଯୁବକ ଗିରଫ

ଡାବୁଗାଁ, ୪।୮ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ପୁଲିସ ଯୁବତୀଙ୍କୁ ଧର୍ଷଣ ମାମଲାରେ ଅଭିଯୁକ୍ତ ଯୁବକଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଧୀନ ଚଚରାଗୁଡା ଗ୍ରାମର ଜଣେ ଯୁବତୀଙ୍କ ସହ ୨୦୨୩ ମସିହାରେ ସେହି ଗ୍ରାମର ଯୋଗେଶ୍ୱର ପୂଜାରୀ (୨୮)ଙ୍କ ପ୍ରେମ ସମ୍ପର୍କ ଥିଲା। ଯୁବକ ଜଣଙ୍କ ଯୁବତୀଙ୍କୁ ବିବାହର ପ୍ରତିଶୃତି ଦେଇ ଶାରିରୀକ ସମ୍ପର୍କ ରଖିଥିଲା। ଯୁବତୀ ବିବାହ କରିବାକୁ କହିବାରୁ ଯୁବକ ଜଣଙ୍କ ବିବାହ କରିବାକୁ ମନା କରିଥିଲେ। ପରେ ପୀଡ଼ିତା ଯୁବତୀ ଜଣଙ୍କ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲା କୁ ଭିତ୍ତି କରି ଥାନା କେସ ନଂ ୧୬୧/୨୩ ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ସମ୍ପୃକ୍ତ ଯୁବକ ସେହି ଦିନ ଠାରୁ ଫେରାର ଥିଲେ। ଆଜି ଉକ୍ତ ଯୁବକ ଗ୍ରାମକୁ ଫେରିଥିବା ପୋଲିସ ଖବର ପାଇ ଚଚରାଗୁଡା ଗ୍ରାମରେ ଚଢ଼ଉ କରି ଯୋଗେଶ୍ୱର ପୂଜାରୀଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ପରେ ଯୋଗେଶ୍ୱରର ଡାକ୍ତରୀ ମାଇନା କରାଯାଇ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଥାନା ସବ୍ ଇନ୍ସପେକ୍ଟର ବିକ୍ରମ କିଶୋର ସାହୁ ମାମଲାର ତଦନ୍ତ କରୁଛନ୍ତି।



## ନନ୍ଦପୁର ପ୍ରେସ୍ କ୍ଲବ ପକ୍ଷରୁ ଓଡ଼ିଆ ସାମ୍ବାଦିକ ଦିବସ ପାଳିତ




ନନ୍ଦପୁର, ୪।୮ (ସମିସ): ଓଡ଼ିଆ ସାମ୍ବାଦିକ ମୂଳ ବିନ୍ଧାଣି ଓଡ଼ିଶା ପତ୍ରିକାର ପ୍ରଥମ ସମ୍ପାଦକ, ଓଡ଼ିଶା ସାହିତ୍ୟ, ଭାଷାର ସ୍ୱତନ୍ତ୍ର ପରିଚୟ ଦେଇଥିବା ସ୍ୱର୍ଗତ ସାମ୍ବାଦିକ ଗୌରୀ ଶଙ୍କର ବୋଲି କହି ସେ ଓଡ଼ିଆ ସାମ୍ବାଦିକଙ୍କୁ ଏକ ରାସ୍ତା ଦେଖିବା ଥିବା ମହାନ୍ ପୁରୁଷ ଥିଲେ ବୋଲି ସ୍ମୃତି ଚାରଣ କରିଛନ୍ତି ଅବସରପ୍ରାପ୍ତ ଶିକ୍ଷକ କିରଣ ପ୍ରସାଦ ପଣ୍ଡା ଓ ସାମାଜିକ କର୍ମୀ ମୁନା ଦଳପତି। ନନ୍ଦପୁର ପ୍ରେସ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ଓଡ଼ିଆ ସାମ୍ବାଦିକ ଦିବସ ଅବସରରେ ଅତିଥିମାନେ ଓଡ଼ିଆ ସାମ୍ବାଦିକର ବିନ୍ଧାଣି ସ୍ୱର୍ଗତ ଗୌରୀ ଶଙ୍କର ରାୟଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ୧୮ ଥର ରକ୍ତଦାନ କରି ନିଜକୁ ଧନ୍ୟ ମନେ କରିଥିବା ବ୍ୟକ୍ତିତ୍ୱ ସାମାଜିକ କର୍ମୀ ମୁନା ଦଳପତିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନନ୍ଦପୁର ବରିଷ୍ଠ କଂଗ୍ରେସ ନେତା ବାବୁ ରାଓ ଖରା, ବରିଷ୍ଠ ସାମ୍ବାଦିକ ଶିବ ପ୍ରସାଦ ବେବର୍ତ୍ତା, ଯୁବ ନେତା ଭୁବନ ଆସନଧାରି, ଅରୁଣ ପାଣ୍ଡୀଆ, ଅତାଣ୍ଡ ଗ୍ରାମ ପଞ୍ଚାୟତ ସରପଞ୍ଚ ସହଦେବ ପାଙ୍ଗି, ଯୁବ ସମାଜସେବୀ ସିମାଞ୍ଚଳ ଖିଲ, ଭଗବାନ ଖରା, ଉଗ୍ରସେନ ଗୁଣ୍ଠା, ଶିକ୍ଷକ ଦେବ କୁମାରୀ ପାଡି ପ୍ରମୁଖ ଯୋଗ ଦେଇଥଲେ। କାର୍ଯ୍ୟକ୍ରମକୁ ଉତ୍କଳ ସାମ୍ବାଦିକ ସଂଘର ଉପ ସଭାପତି ତଥା ନନ୍ଦପୁର ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା ପରିଚାଳନା କରିଥିବା ବେଳେ କ୍ଲବ୍‌ର ଉପ ସଭାପତି ବିମଳ ରାଓ ସ୍ମିଥ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଡି ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ରମେଶ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡୁମାଗୁଡ଼ା ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ପୋଡ଼ାଗଡ଼,୪।୮ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ଦୁମାଗୁଡା ପଞ୍ଚାୟତର ସଭାଗୃହ ଠାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଭାବେ ଦଶମନ୍ତପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଳନ କୁମାର ଝଙ୍କାର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏଡିଓ ରାଜକୁମାର ସାରଥୀ । ଉକ୍ତ ଶିବିରରେ ମାତ୍ର ୫ଟି ଅଭିଯୋଗ ଆସିଥିଲା। ମୁଖ୍ୟ ଅଭିଯୋଗଥିଲା ବିହନ ଯୋଗାଣ ବିଭାଗ ବିଷୟରେ। ଧାନ ଫାଉଣ୍ଡେସନ ନାମକ ଏକ ଏନଜିଓ ଦ୍ୱାରା ଧାନବିହନ ଚାଷୀ ମାନଙ୍କୁ ଯୋଗାଇ ଦେଇଛି। କିନ୍ତୁ ତାହା ବ୍ଲକ ସଦମହକୁମାରେ ନଦେଇ ପୋଡ଼ାଗଡ ଉକ୍ତ ଅଫିସ କରି ଦେଉଥିବାରୁ ଆଣିବାକୁ ଯିବା ନିମନ୍ତେ ୩୦କିମି ଦୂର ହେଉଥିବାରୁ ସମସ୍ତ ଚାଷୀ ସେତିକି ଦୂର ଯିବା ପାଇଁ ସକ୍ଷମ ନୁହନ୍ତି ବୋଲି ଅଭିଯୋଗ କରିଥିଲେ। ଉକ୍ତ ଏନ୍‌ଜିଓର ଏକ ଶାଖା ଚିକାମ୍ବ ପଞ୍ଚାୟତରେ ମଧ୍ୟ ଖଲାଯାଇଛି । କିନ୍ତୁ ସେଠାରେ ଧାନ ବିହନ ବାଣ୍ଟୁ ନଥିବା ଅଭିଯୋଗ କରିଥିଲେ। ବ୍ଲକ ମୁଖ୍ୟାଳୟରେ ଉକ୍ତ ବିହନ ଯୋଗାଣ ଶାଖା ନ ଖାଲି କଣ ପାଇଁ ପୋଡ଼ାଗଡ ଓ ଚିକମ୍ବ ଖୋଲାଯାଇଛି ବୋଲି ଚାଷୀ କୃଷି ଅଧିକାରୀଙ୍କୁ ପ୍ରଶ୍ନ କରିଛନ୍ତି। ତୁରନ୍ତ ଉକ୍ତ ଏନ୍‌ଜିଓ ଦଶମନ୍ତପୁରରେ ଖୋଲିବା ପାଇଁ ଅଞ୍ଚଳର ଚାଷୀ ଦାବି କରିଛନ୍ତି। ଉକ୍ତ ଶିବିରରେ ଉପସ୍ଥିତ ଥିଲେ ସ୍ଥାନୀୟ ପଞ୍ଚାୟତ ଅଧିକାରୀ , ସମିତି ସଭ୍ୟ ଦୁଃଖୁ ବେଣିଆ ଓ ବ୍ଲକ ସ୍ତରୀୟ ସମସ୍ତେ ବିଭାଗୀୟ ଅଧିକାରୀ।

## ଗାଡ଼ି ସହ ଗଞ୍ଜେଇ ଜବତ, ଦୁଇ ଗିରଫ

ନନ୍ଦପୁର,୪।୮ (ସମିସ): ଜାନବାଇ, ମାଲିକାନଗିରି ଜିଲ୍ଲାରୁ ଆନ୍ଧ୍ର ପ୍ରଦେଶର ଅରୁକୁକୁ ଗଞ୍ଜେଇ ଚାଲାଣ ବେଳେ ବଡ଼ଦେବତା ମନ୍ଦିର ଛକରେ ମାଡ଼ି ବସିଲା ପାଡୁଆ ପୁଲିସ । ଗାଡି ସହ ଦୁଇ ଜଣଙ୍କୁ ଗିରଫ କରିବା ସହ ୧୨୫ କିଲୋ ଗଞ୍ଜେଇ ଜବତ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ଏସଡିଓ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ଟୁନା ଶବର ଏକ ଟିମ୍ ନେଇ ପାଟ୍ରୋଲିଂ କରୁଥିବା ସମୟରେ ଏକ ୱାଗନର ଗାଡ଼ିରେ ଦୁଇ ବ୍ୟବସାୟୀ ଦ୍ରୁତଗତିରେ ଆସୁଥିବା ବେଳେ ଗାଡିକୁ ଅଟକାଇ ଥିଲେ। ଗାଡିକୁ ଅଟକାଇ ଯାଞ୍ଚ ବେଳେ ଗାଡ଼ିରେ ଗଞ୍ଜେଇ ଥିବା ଜାଣି ପୁଲିସ ଦୁଇ ଜଣଙ୍କୁ ଗିରଫ କରିଥିଲେ। ସ୍ଥାନୀୟ ସହକାରୀ ତହସିଲଦାର ମାଧବ ପାଙ୍ଗିଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ ମାପ କରାଯାଇଥିବା ବେଳେ ମୋଟ ପାଞ୍ଚ ବ୍ୟାଗ୍‌ରେ ୧୨୫କେଜି ଗଞ୍ଜେଇ ରହିଥିବା ଜଣାପଡିଛି। ସେପଟେ ଗିରଫ ଦୁଇ ଜଣ ହେଲେ ମାଲକାନଗିରି ଜିଲ୍ଲାର ଚିନ୍ତେଲ ଚିଲିକା ଥାନା ପେପର୍ ମେଣ୍ଟାଲର ମଧୁ ଖିଲ, ଟଙ୍କଧର ହନ୍ତାଳ ବୋଲି ଜଣାପଡିଛି। ଅଧିକ ତଦନ୍ତ ପାଇଁ ଏସଆଇ ସୁରେନ୍ଦ୍ର ସେଠୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି।

## ମାଲକାନଗିରିରେ ଯୁଗ୍ମ ଜନଶୁଣାଣି




ମାଲକାନଗିରି, ୪।୮ (ସମିସ): ମାଲକାନଗିରି ଜିଲ୍ଲାର ନୂତନ ଜିଲ୍ଲାପାଳ ସମେଶ କୁମାର ଉପାଧ୍ୟାୟ ନିଜର କାର୍ଯ୍ୟଭାର ଗ୍ରହଣ କଲା ପରେ ଆଜି ପ୍ରଥମ ଯୁଗ୍ମ ଶୁଣାଣି କରିଛନ୍ତି। ପ୍ରାୟ ୨୫ଟି ବିଭିନ୍ନ ଅଭିଯୋଗର ଶୁଣାଣି କରି ତୁରନ୍ତ ଏହାର ଫଇସଲା କରିବାକୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୭ଟି ବ୍ଲକରୁ ଆସିଥିବା ଅଭି ଯୋଗକାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଅବଗତ ହୋଇଥିଲେ। ଏହି ଅବସରରେ ମାଲକାନଗିରି ଏସ୍‌ପି. ବିନୋଦ ପାଟିଲ ହେଚ୍, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଜଙ୍ଗଲ ଜମି ପଟ୍ଟା ଦେବାକୁ ଜିଲ୍ଲାପାଳଙ୍କୁ ଗୁହାରି



ରାୟଗଡ଼ା,୪।୮ (ସମିସ): ପୂର୍ବ ପୁରୁଷରୁ ଚାଷ କରି ଆସୁଥିବା ଜଙ୍ଗଲ ଜମିର ପଟ୍ଟା ନିଜ ନାମରେ ଦେବା ପାଇଁ ଜିଲ୍ଲାପାଳଙ୍କୁ ଗୁହାରୀ କରିଛନ୍ତି ରାୟଗଡା ସଦର ବ୍ଲକ ଜେମାଦେଇପେଣ୍ଠ ପଞ୍ଚାୟତ ଅନ୍ତର୍ଗତ ବଡ ରାଇସିଂ ଓ ସାନ ରାଇସିଂର ଗ୍ରାମବାସୀ। ଗ୍ରାମବାସୀଙ୍କ କହିବା ମୁତାବକ ଆଜକୁ ପ୍ରାୟ ୮୦ରୁ ୯୦ ବର୍ଷ ଧରି ଆମ ପୂର୍ବ ପୁରୁଷ ମାନେ ପାହାଡ, ଜଙ୍ଗଲ ଜମିକୁ ସଫାକରି ସେଠାରେ ଚାଷ କାମ କରି ଆସୁଥିଲେ। ପରବର୍ତୀ ସମୟରେ ଗ୍ରାମବାସୀ ମାନେ ମଧ୍ୟ ସେହି ଜମିରେ ଚାଷ କରି ପରିବାର ପୋଷଣ କରି ଆସୁଛନ୍ତି। ଏ ନେଇ ଅନେକ ଥର ରାୟଗଡା ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ତାଙ୍କ ନାମରେ ପଟ୍ଟା କରିବା ପାଇଁ ଲିଖିତ ଆକାରରେ ଅନୁରୋଧ କରାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ପଟ୍ଟ ହୋଇପାରିଲା ନାହିଁ। କିଛି ଦିନ ହେଲା ଦୁଇ ଜଣ ତେଲୁଗୁ ସଂପ୍ରଦାୟର ବ୍ୟକ୍ତି ଆସି ଗ୍ରାମବାସୀ ମାନଙ୍କୁ ଧମକ ଚମକ ଦେବା ସହ ଉକ୍ତ ଜମି ଗୁଡିକ ତାଙ୍କର ଏବଂ ସେହି ଜମି ଉପରେ ସେମାନଙ୍କର କୌଣସି ଅଧିକାର ନାହିଁ ବୋଲି କହିଛନ୍ତି। ପୂର୍ବ ପୁରୁଷର ଆମ୍ଭେ ଚାଷ କରୁଥିବା ଜମିକୁ ନିଜ ଅକ୍ତିଆରରେ ନେବା ପାଇଁ ତେଲୁଗୁ ସଂପ୍ରଦାୟର ଲୋକ ମାନେ ଷଡଯନ୍ତ୍ର କରୁଛନ୍ତି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଏଥିସହ ଥାନାରେ ତାଙ୍କ ନାମରେ ମିଥ୍ୟା କେଶ୍ ରୁଜ୍ଜ କରି ହଇରାଣ ହରକତ କରୁଛନ୍ତି ବୋଲି ଗ୍ରାମର ମିନା ମେଲେକା, ରଜନୀ ହୁଇକା, ଗଣେଶ ଅଟାକା, ମାଝୀ ପିଡିକା ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।




# କୃଷିର ଉନ୍ନତି ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରୟାସ

କୋରାପୁଟ,୪।୮ (ସମିସ)



ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳକୁ ତୃଣମୂଳ ସ୍ତରର କୃଷି ପଦ୍ଧତି ସହିତ ସଂଯୋଗ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର କୃଷି ବିଭାଗର ଛାତ୍ରଛାତ୍ରୀମାନେ କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକର ପାଲିବା ଗ୍ରାମରେ କୃଷକ ବିସୁ ବୈରାଗୀଙ୍କ କ୍ଷେତ ପରିଦର୍ଶନ କରିଥିଲେ। ଖରିଫ ଆଳୁ ଚାଷ କୌଶଳ ପ୍ରଦର୍ଶନ କରିବା ଏବଂ ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରି ଏହାର ସଫଳ ରୂପାୟନ କରିବା ଏହି ପରିଦର୍ଶନର ଉଦ୍ଦେଶ୍ୟ ଥିଲା। ଏହି ପଦକ୍ଷେପ କୋରାପୁଟର କୃଷକ ସମ୍ପ୍ରଦାୟ ସହିତ ସଂଯୋଗ ସ୍ଥାପନ ପାଇଁ ବିଶ୍ୱବିଦ୍ୟାଳୟର କୃଷି ବିଭାଗର କୃଷକଙ୍କ ଆର୍ଥିକ ମାଣଦଣ୍ଡକୁ ବୃଦ୍ଧି କରିବାରେ ସହାୟକ ହେବ ସହ ରାଜ୍ୟରେ ଆଳୁ ସଙ୍କଟ ଦୂର କରିବା ପାଇଁ ଏକ ସଫଳ ପ୍ରୟାସ ହେବ। ଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ପରୀକ୍ଷାଗାରରୁ ଜମିକୁ ସ୍ଥାନାନ୍ତର କରି କୃଷକ ସମ୍ପ୍ରଦାୟର ଉନ୍ନତି ପାଇଁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି ବୋଲି ବିଭାଗର ମୁଖ୍ୟ ଡ଼ଃ ମଞ୍ଜୁଶ୍ରୀ ସିଂ ଗୁରୁତ୍ୱାରୋପ କରି ଥିଲେ। ବିଶ୍ୱବିଦ୍ୟାଳୟ ଭବିଷ୍ୟତରେ କୃଷି ଉତ୍ପାଦକତା ଏବଂ ସ୍ଥାୟୀତ୍ୱ ବୃଦ୍ଧି ଉପରେ କେନ୍ଦ୍ରିତ ଅନେକ ଗବେଷଣା ପଦକ୍ଷେପ ନେବାକୁ ଯୋଜନା କରୁଛି। କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା କୃଷି ବିଭାଗର ଏହି ମହତ୍ୱପୂର୍ଣ୍ଣ ପଦକ୍ଷେପକୁ ପ୍ରଶଂସା କରିବା ଏହି ଅଞ୍ଚଳର ସଫଳ ଓ ପ୍ରଗତିଶୀଳ କୃଷକ ଶରତ କୁମାର ପଟ୍ଟନାୟକ, ପ୍ରତାପ କୁମାର ସ୍ୱାଇଁ, ଖାଗା ହନ୍ତାଳ ଏବଂ ବିସୁ ବୈରାଗୀଙ୍କୁ କୃତଜ୍ଞତା ଜଣାଇଥିଲେ। ଶିକ୍ଷାନୁଷ୍ଠାନ ଏବଂ କୃଷକ ସମ୍ପ୍ରଦାୟ ମଧ୍ୟରେ ଏକ ଦୃଢ଼ ସମ୍ପର୍କ ସ୍ଥାପନ କରିବାରେ ସେମାନଙ୍କର ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ।

